


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-34 ◆MONDAY ◆28 JULY 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୩୪ ◆ସୋମବାର ◆୨୮ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ହରିଦ୍ୱାରର ମନସା ଦେବୀ ମନ୍ଦିରରେ ଦଳାଚକଟା

# ୬ ଶ୍ରଦ୍ଧାଳୁ ମୃତ, ୨୯ ଆହତ




**‘କରେଣ୍ଟ’ ଗୁଜବରୁ ଦୁର୍ଘଟଣା**

■ **ହରିଦ୍ୱାର, ୨୭।୭ (ଏଜେନ୍ସି):** ଶ୍ରାବଣର ତୃତୀୟ ସୋମବାର ପାଇଁ ଉତ୍ତରାଖଣ୍ଡର ପବିତ୍ର ସହର ହରିଦ୍ୱାରରେ ପ୍ରବଳ ଗହଳି ଲାଗିଛି। ଏହା ପୂର୍ବରୁ ଏଠାକାର ମନସା ଦେବୀ ମନ୍ଦିରରେ ରବିବାର ସକାଳ ୯ଟା୧୫ରେ ବଡ଼ ଅଘଟଣ ଘଟିଛି। ପାହାଡ଼ ଉପରେ ଥିବା ମାଆଙ୍କ ମନ୍ଦିରକୁ ଶ୍ରଦ୍ଧାଳୁ ପାହାଚ ଚଢ଼ି ଯାଉଥିବାବେଳେ ଦଳାଚକଟା ହୋଇଛି। ଏହି ଦୁର୍ଘଟଣାରେ ୬ ଜଣଙ୍କ ଅକାଳ ମୃତ୍ୟୁ ହୋଇଛି। ୨୯ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୫ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ନିକଟସ୍ଥ ହସ୍ପିଟାଲରେ ଆହତଙ୍କ ଚିକିତ୍ସା ଚାଲିଛି। ମୃତକଙ୍କ ମଧ୍ୟରେ ଉତ୍ତର ପ୍ରଦେଶର ଆରୁଷ (୧୨), ବିବେକ (୧୮), ୱକିଲ ଏବଂ ଶାନ୍ତି, ଉତ୍ତରାଖଣ୍ଡର ବିପିନ ସାଇନି (୧୮), ବିହାର ସକଲ ଦେବ (୧୮) ସାମିଲ ଅଛନ୍ତି। ଏହି ଦୁର୍ଘଟଣାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କୁ ୫୦ ହଜାର ଲେଖାଏଁ ଅନୁକମ୍ପାମୂଳକ ସହାୟତା ଦେବାକୁ ଘୋଷଣା କରିଛନ୍ତି। ସେ ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସେ ମେଡିକାଲରେ ଆହତଙ୍କୁ ଭେଟିଛନ୍ତି।

ମନସା ଦେବୀଙ୍କ ମନ୍ଦିର ଶିବଲିକ ପର୍ବତ ଶ୍ରେଣୀର ବିଲ୍ୱ ପାହାଡ଼ ଉପରେ ରହିଛି। ଏହା ‘ହର କି ପୌଡି’ରୁ ୩ କିମି ଦୂରରେ ରହିଛି। ଦେଢ଼ କିମି ଚଢ଼ି କିମ୍ବା ରୋପୱେ ମାଧ୍ୟମରେ ଏହି ସ୍ଥାନକୁ ଯାଇହେବ। ଏହି ମନ୍ଦିରକୁ ଯିବା ପାଇଁ ୮୦୦ ପାହାଚ ଚଢ଼ିବାକୁ ପଡ଼ିବ। ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ ମନ୍ଦିରରେ ପହଞ୍ଚିବାକୁ ଆଉ ୨୫ ପାହାଚ ବାକିଥିବାବେଳେ ଦଳାଚକଟା ହୋଇଥିଲା। ଆଜି ପ୍ରବଳ ଭିଡ଼ ଥିଲା। କିଛି ଲୋକ ସେଠାରେ ଥିବା ତାରକୁ ଧରି ଆଗକୁ ବଢୁଥିଲେ। ଏହି ସମୟରେ ତାର ଛିଡ଼ିଯାଇ କରେଣ୍ଟ ଲାଗି ଯାଇଥିଲା। ଏହାକୁ ନେଇ ଧାଁଦୌଡ଼ ସ୍ଥିତି ସୃଷ୍ଟି ହୋଇଥିଲା। କିଛି ଲୋକ ପାହାଚ ଉପରେ ପଡ଼ି ଯାଇଥିଲେ। ପରେ ଅନ୍ୟମାନେ ତାଙ୍କୁ ଜୀବନ ବିକଳରେ ଦଳି ଚାଲି ଯାଇଥିଲେ। ତେଣୁ ଏହି ଲୋକଙ୍କ ମୃତ୍ୟୁ ହୋଇଥିଲା। ତେବେ କରେଣ୍ଟ ଲାଗିବା ଖବରକୁ ହରିଦ୍ୱାର ପୁଲିସ ଗୁଜବ କହିଛି। ଗଢ଼ୱାଲ ଡିଭିଜନର କମିଶନର ବିନୟ ଶଙ୍କର ପାଣ୍ଡେ କହିଛନ୍ତି ଯେ ପ୍ରବଳ ଭିଡ଼ ଯୋଗୁଁ ଦଳାଚକଟା ହୋଇଛି। ସେହିପରି ଆଖଡ଼ା ପରିଷଦର ଅଧ୍ୟକ୍ଷ ରବୀନ୍ଦ୍ର ପୁରି ମନସା ଦେବୀ ମନ୍ଦିରର ମହନ୍ତ ଅଛନ୍ତି। ସେ କହିଛନ୍ତି ଯେ ମନ୍ଦିରକୁ ଯିବାଆସିବା ପାଇଁ ୩ଟି ରାସ୍ତା ରହିଛି। ବର୍ଷା ଯୋଗୁଁ ରାସ୍ତାରେ ସିଉଳି ଲାଗି ଯାଇଥିଲା। ଶ୍ରଦ୍ଧାଳୁ ପଡ଼ି ଯାଉଥିବା ନେଇ ଗୁଜବ ସୃଷ୍ଟି ହେବାରୁ ଦଳାଚକଟା ହୋଇଥିଲା।

# ବନ୍ୟା ଭୟରେ ୬ ଜିଲ୍ଲା

**ପ୍ରଭାବିତ ଜିଲ୍ଲାରେ ନିୟୋଜିତ ଓଡ୍ରାଫ୍ ଓ ଏନ୍ଡିଆରଏଫ୍**

**ସମୀକ୍ଷା କଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ**

**ବନ୍ୟା ପ୍ରଭାବିତ ଅଞ୍ଚଳରେ ଚାଲିଛି ଉଦ୍ଧାର କାର୍ଯ୍ୟ**

## ଉତ୍ତର ଓଡ଼ିଶାରେ ୧୧ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ



■ **ଭୁବନେଶ୍ୱର, ୨୭।୭ (ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଏହିସହିତ ଓଡ଼ିଶାରେ ପ୍ରବାହିତ ହେଉଥିବା ପ୍ରମୁଖ ନଦୀଗୁଡ଼ିକର ଉପରମୁଣ୍ଡରେ ମଧ୍ୟ ଭଲ ବର୍ଷା ହୋଇଛି। ଫଳରେ ବର୍ତ୍ତମାନ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଅପରାହ୍ଣ ସୁଦ୍ଧା ଏହି ଜିଲ୍ଲାଗୁଡ଼ିକରେ ୧୧ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ଆସନ୍ତା କାଲି ସୁଦ୍ଧା ଏହି ସଂଖ୍ୟା ଆହୁରି ବଢ଼ିବାର ଆଶଙ୍କା ରହିଛି। ବର୍ତ୍ତମାନ ମୁଖ୍ୟତଃ ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ଜଳକା ଆଦି ନଦୀରେ ଜଳସ୍ତର ଅଧିକ ରହିଥିବାରୁ ଏହି ଅଞ୍ଚଳ ଲୋକେ ଭୟଭୀତ ଅବସ୍ଥାରେ ରହିଛି। ଅନ୍ୟପଟେ ସୁବର୍ଣ୍ଣରେଖାରେ ବନ୍ୟାଜଳ ବୃଦ୍ଧିକୁ ଆଖିରେ ରଖି ବାଲେଶ୍ୱର ଜିଲ୍ଲାବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ▶ପୃଷ୍ଠା-୭

## ବୈତରଣୀରେ ଭାସିଯାଇ ଯୁବକ ମୃତ

■ **ଦଶରଥପୁର, ୨୭।୭ (ସମିସ):** ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ବୈତରଣୀ ନଦୀ ବନ୍ୟା ପାଣିରେ ଭାସିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦଶରଥପୁର ବ୍ଲକ ଜୟନ୍ତରା ପଞ୍ଚାୟତ ଚାନ୍ଦକୁଡ଼ା ଗ୍ରାମର ମକରଧ୍ୱଜ ଜେନାଙ୍କ ପୁଅ ସନ୍ତୋଷ ଜେନା (୩୦) ବୋଲି ସୂଚନା ମିଳିଛି। ସନ୍ତୋଷ ଆଜି ଅପରାହ୍ଣ ପ୍ରାୟ ୪ଟା ସମୟରେ ନଦୀ ନିକଟକୁ ଶୌଚ ହେବାକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ନଦୀ ପାଣିରେ ଭାସିଯାଇଥିଲେ। ଖବର ପାଇ ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲିକ, ବାବୁ ରାମ ମୁର୍ମୁଙ୍କ ▶ପୃଷ୍ଠା-୭

**ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍**

# ଓଡ଼ିଶାର ମହିଳାଙ୍କୁ ପ୍ରଶଂସା



**ସାନ୍ତାଳୀ ଶାଢ଼ିର ପୁନରୁଦ୍ଧାର, କୀର୍ତ୍ତନ ମାଧ୍ୟମରେ ବନାଗ୍ନି ସଚେତନତାରେ ମୟୂରଭଞ୍ଜ ଓ କେନ୍ଦୁଝର ମହିଳାଙ୍କ ଉଦ୍ୟମ ପ୍ରେରଣାଦାୟୀ: ମୋଦୀ**

■ **ଭୁବନେଶ୍ୱର, ୨୭।୭ (ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ ‘ମନ୍ କୀ ବାତ୍’ର ୧୨୪ତମ ଅଧ୍ୟାୟରେ ଦେଶର ଉଲ୍ଲେଖନୀୟ ଉପଲବ୍ଧ ଏବଂ ସମୃଦ୍ଧ ଲୋକ ପରମ୍ପରା ବିଷୟରେ ଆଲୋଚନା ବେଳେ ଓଡ଼ିଶାର କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାକୁ ପ୍ରଶଂସା କରିଛନ୍ତି। ଦେଶର ସ୍ୱଦେଶୀ ଆନ୍ଦୋଳନ, ସ୍ଥାନୀୟ ଉତ୍ପାଦ ଏବଂ ସମୃଦ୍ଧ ହସ୍ତଶିଳ୍ପ ପରମ୍ପରା ବିଷୟରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ସାନ୍ତାଳୀ ଶାଢ଼ି ବୁଣୁଥିବା ମୟୂରଭଞ୍ଜର ଆଦିବାସୀ ମହିଳାଙ୍କ ଉଦାହରଣ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ମୟୂରଭଞ୍ଜ ଜିଲ୍ଲାର ୬୫୦ରୁ ଅଧିକ ଆଦିବାସୀ ମହିଳା ପାରମ୍ପରିକ ସାନ୍ତାଳୀ ଶାଢ଼ିର ପୁନରୁଦ୍ଧାର କରି ପାରିଛନ୍ତି। ବର୍ତ୍ତମାନ ଏହି ମହିଳାମାନେ ପ୍ରତ୍ୟେକ ମାସରେ ହଜାର ହଜାର ଟଙ୍କା ରୋଜଗାର କରିପାରୁଛନ୍ତି। ସେମାନେ କେବଳ ବସ୍ତ୍ର ତିଆରି କରୁନାହାନ୍ତି; ବରଂ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ବିଶ୍ୱ ପାଇଁ ଚିନ୍ତାଜନକ ସମସ୍ୟା ପାଲଟିଥିବା ବନାଗ୍ନି ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରୟାସ କରୁଥିବା କେନ୍ଦୁଝରର କୀର୍ତ୍ତନମଣ୍ଡଳୀ ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି, ଭାରତର ବିବିଧତାର ସବୁଠାରୁ ସୁନ୍ଦର ଝଲକ ଦେଶର ଲୋକଗୀତ ଏବଂ ପରମ୍ପରାରେ ଦେଖିବାକୁ ମିଳିଥାଏ। ଏହାର ଅଂଶ ହେଉଛି ଆମର ଭଜନ ଓ କୀର୍ତ୍ତନ। କିନ୍ତୁ ବନାଗ୍ନି ସମ୍ପର୍କରେ ଓଡ଼ିଶାର କେନ୍ଦୁଝର ଜିଲ୍ଲାରେ କୀର୍ତ୍ତନ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଇବା ପାଇଁ ଅଭିନବ ପ୍ରୟାସ କରାଯାଇଛି। ଏଠାରେ ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ ନାମକ ଗୋଟିଏ ଦଳ ଅଛି। ଏହି ଦଳ ଆଜି ଭକ୍ତି ସହିତ ପରିବେଶ ସୁରକ୍ଷାର ମନ୍ତ୍ର ମଧ୍ୟ ଜପୁଛି। ପ୍ରମିଳା ▶ପୃଷ୍ଠା-୭

## ୨୦ ହଜାର ଟଙ୍କାରେ ଶିଶୁକନ୍ୟାକୁ ବିକ୍ରି

■ **ବଲାଙ୍ଗିର, ୨୭।୭ (ସମିସ):** ବଲାଙ୍ଗିର ଜିଲ୍ଲାରେ ପୁଣି ସାମ୍ନାକୁ ଆସିଛି ଶିଶୁ ବିକ୍ରି ଅଭିଯୋଗ। ଦାରିଦ୍ର୍ୟତା ଯୋଗୁଁ ମାତ୍ର ୨୦ ହଜାର ଟଙ୍କାରେ ଶିଶୁ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଥିବାବେଳେ ଅନ୍ୟପଟେ ବ୍ୟକ୍ତିଗତ ଭାବେ ଶିଶୁକୁ ଦେଇଥିବା ପରିବାର ଲୋକ କହିଛନ୍ତି। ତେବେ ସତ୍ୟ ଯାହା ହେଉନା କାହିଁକି ପୁଣି ଏହି ଘଟଣା ଜିଲ୍ଲାରେ ଆଲୋଡନ ସୃଷ୍ଟି କରିଛି। ‘ଦାରିଦ୍ର୍ୟତା ପାଇଁ ଶିଶୁକୁ ବିକିବାକୁ ଆମେ ବାଧ୍ୟ ହେଲୁ। ଆମେ ସ୍ୱାମୀ ସ୍ତ୍ରୀ ଦିନ ମଜୁରିଆ ଭାବରେ କାମ କରୁ। ଭଲ ଘର ଟିଏ ନାହିଁ। ନା କିଛି ସୁବିଧା ଅଛି। ଯାହା ମଜୁରି ମିଳେ ସେଥିରେ ଚଳୁ। ସେଥିପାଇଁ ଜନ୍ମ କଲା ଶିଶୁକୁ ବିକ୍ରି କରିଦେଲୁ’। ଏଭଳି ଭାବରେ ସବୁ କଥାକୁ ଗଣମାଧ୍ୟମ ଆଗରେ ବିକ୍ରି ହୋଇଥିବା ଶିଶୁର ବାପା କହିଥିଲେ। ଶିଶୁକନ୍ୟାକୁ ବିକ୍ରିକରିବା ଖବର ସାମ୍ନାକୁ ଆସିବା ପରେ ସବୁ ସତ ମାନିଛନ୍ତି ବାପା ମାଆ। ବଲାଙ୍ଗିର ଟିଟିଲାଗଡ଼ ବ୍ଲକ୍ ଭାଲେଗାଁ ପଞ୍ଚାୟତ ବାଗଡେର ଗାଁ ନୀଳ ରଣା ଆର୍ଥିକ ଅଭାବ ଯୋଗୁଁ ନିଜ ଦ୍ୱିତୀୟ ଶିଶୁକନ୍ୟାକୁ ବିକ୍ରି କରିଦେଇଥିବା ଅଭିଯୋଗ ▶ପୃଷ୍ଠା-୭

# ମାଲକାନଗିରିରେ ପୁଣି ଲଜ୍ଜା

## ଲିଫ୍ଟ ଦେବା ବାହାନାରେ ନାବାଳିକାଙ୍କୁ ଦୁଷ୍କର୍ମ

■ **କୋରୁକୋଣ୍ଡା, ୨୭।୭ (ସମିସ):** ମାଲକାନଗିରି ଜିଲ୍ଲା ଓରକେଲ ଥାନା ଅଞ୍ଚଳରେ ପୁଣି ଜଣେ ନାବାଳିକା ଦୁଷ୍କର୍ମର ଶିକାର ହୋଇଛି। ଲିଫ୍ଟ ଦେବା ବାହାନାରେ ନାବାଳିକାକୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନାନୁଯାୟୀ, ନାବାଳିକା ଜଣକ ଗତ ବର୍ଷ ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମାମୁଁ ଘର କୁଡୁମୁଲୁଗୁମ୍ମା ଫାଣ୍ଡି ଅଞ୍ଚଳରେ ରହୁଥିଲେ। ଗତ ୨୦ ତାରିଖ ଦିନ ନିଜ ଘରକୁ ଆସି ପୁଣି ମାମୁଁ ଘରକୁ ଯାଉଥିବା ବେଳେ ଜଣେ ବାଇକଚାଳକ ତାଙ୍କୁ ଘରେ ଛାଡ଼ି ଦେବାକୁ କହି ଲିଫ୍ଟ ଦେଇଥିଲେ। ସେ ବାଇକ୍‌ରେ ବସିବା ପରେ ବାଇକ୍ ଚାଳକ ତାଙ୍କୁ ମାମୁଁ ଘର ଗ୍ରାମକୁ ନ ନେଇ ଚିତ୍ରକୋଣ୍ଡା ଡ୍ୟାମ୍ ବୁଲାଇବାକୁ କହି ନେଇ ଯାଇଥିଲେ। ସନ୍ଧ୍ୟା ହେବାରୁ ଅନ୍ଧାରର ସୁଯୋଗ ନେଇ ନାବାଳିକାଙ୍କ ସହ ଦୁଷ୍କର୍ମ କରିଥିଲେ। ଏହାପରେ ବାଇକଚାଳକ ରାତିରେ ନାବାଳିକାକୁ ନେଇ ତାଙ୍କ ମାମୁଁ ଘର ଗାଁ ମୁଣ୍ଡରେ ଛାଡି ଚାଲି ଯାଇଥିଲା। ସକାଳେ ନାବାଳିକା ଜଣଙ୍କ ତାଙ୍କୁ ବାଇକଚାଳକ ଦୁଷ୍କର୍ମ କରିଥିବା ▶ପୃଷ୍ଠା-୭



## ଦୁଷ୍କର୍ମ ପୀଡ଼ିତା ନାବାଳିକାଙ୍କ ପ୍ରସବ ପରେ ଶିଶୁ ମୃତ

■ **ଖଇରପୁଟ/କୁଡୁମୁଲୁଗୁମ୍ମା, ୨୭।୭ (ସମିସ):** ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକରେ ଜଣେ ନାବାଳିକାକୁ ଦୁଷ୍କର୍ମ କରି ଗର୍ଭବତୀ କରିଥିବା ଅଭିଯାଗରେ ପୁଲିସ ଜଣକୁ ଗିରଫ କରିଛି।

ସୂଚନା ଅନୁଯାୟୀ, ଜିଲ୍ଲାର ମୁଦୁଲିପଡା ଥାନା ଅଞ୍ଚଳରେ ଜଣେ ନାବାଳିକା ଗର୍ଭବତୀ ଥିବା ନେଇ ତାଙ୍କ ପରିବାର ଲୋକେ ଜାଣିବା ପରେ ତାଙ୍କ ସହ ଦୁଷ୍କର୍ମ ହୋଇଥିବା ପୀଡ଼ିତା ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଗତ ୨୫ ତାରିଖରେ ପୀଡ଼ିତାଙ୍କ ପରିବାର ଓ ଗ୍ରାମବାସୀ ଏବଂ ▶ପୃଷ୍ଠା-୭

**ସରଣ୍ଡା ଜଙ୍ଗଲରେ ଲୁଚାଇ ରଖିଥିଲେ ମାଓବାଦୀ**


## ମାଟି ତଳୁ ୩୫ ଲକ୍ଷ ଟଙ୍କା ଜବତ



ସର୍ଚ୍ଚ ଅପରେସନ ବେଳେ ଉଦ୍ଧାର କଲେ ଯବାନ

■ **ରାଉରକେଲା, ୨୭।୭ (ସମିସ):** ମାଓବାଦୀଙ୍କ ସହିଦ ସପ୍ତାହ ପାଳନ ପୂର୍ବରୁ ସୁରକ୍ଷା ବାହିନୀଙ୍କୁ ମିଳିଲା ବଡ ସଫଳତା। ଓଡିଶା-ଝାଡଖଣ୍ଡ ସୀମାନ୍ତବର୍ତ୍ତୀ ସରଣ୍ଡା ଜଙ୍ଗଲର ଚାଇବାସା ନିକଟରେ ମାଟି ତଳେ ପୋତା ଯାଇଥିବା ଅନ୍ୟୁନ ୩୫ ଲକ୍ଷ ଟଙ୍କାକୁ ଝାଡଖଣ୍ଡ ପୁଲିସ ଜବତ କରିଛି। ବିସ୍ଫୋରକ ସାମଗ୍ରୀ ସହ ମାରଣାସ୍ତ୍ର କିଣିବା ପାଇଁ ଏହି ଟଙ୍କାକୁ ମାଓବାଦୀମାନେ ମାଟି ତଳେ ଲୁଚାଇ ରଖିଥିଲେ ବୋଲି ସନ୍ଦେହ କରିଛି ସୁରକ୍ଷା ବାହିନୀ। ସୂଚନାଯୋଗ୍ୟ, ସୋମବାର ଅର୍ଥାତ୍ ଜୁଲାଇ ୨୮ ତାରିଖରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ମାଓ ସଂଗଠନ ପକ୍ଷରୁ ମାଓ ସହିଦ ସପ୍ତାହ ଦିବସ ପାଳନ କରାଯିବ। ଏହି ସହିଦ ସପ୍ତାହ ପାଳନ ଅବସରରେ ମାଓବାଦୀମାନେ ପ୍ରତିବର୍ଷ କୌଣସି ବଡଧରଣର ଅଘଟଣ ତଥା ମାଓ ହିଂସା ଘଟାଇ ଥାନ୍ତି ଅଥବା ଯୋଜନା କରିଥାନ୍ତି। ତେବେ ମାଓବାଦୀଙ୍କ ଦ୍ୱାରା ଏହି ସହିଦ ସପ୍ତାହ ପାଳନର ଅବ୍ୟବହିତ ପୂର୍ବରୁ ଓଡିଶା- ଝାଡଖଣ୍ଡ ସୀମାନ୍ତବର୍ତ୍ତୀ ସରଣ୍ଡା ଜଙ୍ଗଲର ଚାଇବାସା ନିକଟରେ ମାଟି ତଳେ ପୋତା ଯାଇଥିବା ଅନ୍ୟୁନ ୩୫ ଲକ୍ଷ ଟଙ୍କାକୁ ଝାଡଖଣ୍ଡ ପୁଲିସ ଜବତ କରିଥିବା ଝାଡ଼ଖଣ୍ଡ ଆଇଜି ସୂଚନା ଦେଇଛନ୍ତି। ଆଇଜିଙ୍କ ସୂଚନାନୁଯାୟୀ, ମାଓବାଦୀମାନେ ସରଣ୍ଡା ଜଙ୍ଗଲରେ ମାଟି ତଳେ ▶ପୃଷ୍ଠା-୭

## ମୂଲ ଲାଗି ଫେରୁଥିଲେ; ଦଳିଦେଲା ଦନ୍ତା



■ **ଜି.ଉଦୟଗିରି, ୨୭।୭ (ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଅଞ୍ଚଳରେ ଦୀର୍ଘ ମାସ ହେଲା ହାତୀ ଆତଙ୍କରେ ଜୀବିକା ପ୍ରଭାବିତ ପ୍ରଭାବିତ ହୋଇଥିବା ବେଳେ ଏବେ ଜୀବନ ଯିବା ଆରମ୍ଭ ହୋଇଛି। ହାତୀଙ୍କ ଉପଦ୍ରବ ଯୋଗୁ ସନ୍ଧ୍ୟା ହେଲେ ଲୋକେ ଘରୁ ବାହାରୁ ନ ଥିବା ବେଳେ ଜଙ୍ଗଲ ଯିବା ମଧ୍ୟ ବନ୍ଦ ହୋଇଯାଇଛି। ଏଥିଯୋଗୁ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡ଼ିଛି। ଏଭଳି ସ୍ଥିତିରେ ମୂଲ କାମ ସାରି ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ଜଣକୁ ହାତୀ ଆକ୍ରମଣ କରି ମାରି ଦେଇଛି। ଏନେଇ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି।

ଦେଖିଥିବା ଲୋକଙ୍କ କହିବା ପ୍ରକାରେ ମାଳନସୁଗା ଗାଁର ସଞ୍ଜୟ ଏବଂ ସାମନ୍ତ (ସାରୁ) ପଦାସାହିକୁ ମଜୁରୀ କାମ କରିବାକୁ ଯାଇଥିଲେ। ଅପରାହ୍ଣ ସାଢ଼େ ପାଞ୍ଚଟା ବେଳେ ମାଳନସୁଗାକୁ ପାଜିମାହା ରାସ୍ତା ଦେଇ ଫେରୁଥିଲେ। ହଠାତ ପାଜିମାହା ନିକଟରେ ଗୋଟିଏ ଦନ୍ତା ହାତୀ ବୁଦାରୁ ବାହାରି ଥିଲା। ହାତୀକୁ ଦେଖି ସଞ୍ଜୟ ଦୌଡି ପଳାଇଥିଲେ। କିନ୍ତୁ ସାମନ୍ତ(୫୫) ହାତୀ ହାବୁଡ଼ରେ ପଡିଯାଇଥିଲେ। ତାଙ୍କୁ ହାତୀ ଦଳି କଚାଡ଼ି ଦେଇଥିଲା। ଏଥିରେ ସାମନ୍ତଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇ ଏଣେତେଣେ ପଡ଼ିଥିବା ଦେଖିବାକୁ ମିଳିଛି। ଏମିତି ମାରିବା ଦେଖି ଲୋକେ ହାତୀ ପାଗଳ ହୋଇ ଯାଇଥିବା କହିଛନ୍ତି। ଖବର ପାଇ ଭୁବନେଶ୍ୱରରେ ରହୁଥିବା ସାମନ୍ତଙ୍କ ବଡ଼ ଭାଇ ଶମ୍ଭୁ ଦିଗାଲ ପହଞ୍ଚି କ୍ଷତିପୂରଣ ଦାବି କରିବା ସହିତ ହାତୀ ଆତଙ୍କର ସ୍ଥାୟୀ ସମାଧାନ ଦାବି କରିଛନ୍ତି। ଘଟଣାସ୍ଥଳରେ ବନ ବିଭାଗ ସହିତ ପୁଲିସ ବିଭାଗ ପହଞ୍ଚି ଅଧିକ ତଦନ୍ତ କରିଛନ୍ତି। ପୂର୍ବରୁ ସାଲାଂଶୁଗା ଗାଁରେ ହାତୀ ଘରେ ପଶିବାରୁ ଅଳ୍ପକେ ଏଗାର ▶ପୃଷ୍ଠା-୭

# ମେଟ୍ରୋ: ଆନ୍ଧ୍ରକୁ ସୁଗନ୍ଧ; ଓଡ଼ିଶାକୁ ଦୁର୍ଗନ୍ଧ !



- **ବିଜୟୱାଡ଼ା, ଭାଇଜାଗରେ ମେଟ୍ରୋ ଲାଗି ଆନ୍ଧ୍ରର ପ୍ରସ୍ତୁତି**
- **ବିନା କାରଣରେ ଓଡ଼ିଶା ସରକାର ବାତିଲ କଲେ ପ୍ରକଳ୍ପ**
- **କଳ୍ପନା-ନନ୍ଦନକାନନ ଫ୍ଲାଇଓଭର ପରେ ମେଟ୍ରୋ: ମନ୍ତ୍ରୀ**

■ **ଭୁବନେଶ୍ୱର, ୨୭।୭ (ସମିସ):** ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ କାର୍ଯ୍ୟାଦେଶକୁ ବାତିଲ୍ କରିବା ପରେ ଅଡ଼ୁଆରେ ପଡ଼ିଛନ୍ତି ରାଜ୍ୟ ସରକାର। ମେଟ୍ରୋ ପ୍ରକଳ୍ପକୁ ବାତିଲ ପ୍ରସଙ୍ଗରେ ରାଜନୈତିକ ଦଳଠାରୁ ଆରମ୍ଭ କରି ସାଧାରଣ ନାଗରିକ ବି କ୍ଷୋଭ ପ୍ରକାଶ କରିଛନ୍ତି। ଏହି ସମୟରେ ଡବଲ ଇଞ୍ଜିନ୍ ସରକାରର ସହଯୋଗୀ ଆନ୍ଧ୍ର ଇଞ୍ଜିନ୍ ଭାଇଜାଗ୍ ଓ ବିଜୟୱାଡାରେ ମେଟ୍ରୋ ପ୍ରକଳ୍ପ ପାଇଁ ଅଣ୍ଟା ଭିଡୁଥିବା ଖବର ଆସିବା ପରେ ଓଡ଼ିଶାରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଉଭୟ ଆନ୍ଧ୍ର ଓ ଓଡ଼ିଶାରେ ଗୋଟିଏ ସମୟରେ ସରକାର ଗଠନ ହୋଇଛି। ଓଡ଼ିଶାରେ ବିଜେପି ସରକାର କ୍ଷମତାସୀନ ଓ ଆନ୍ଧ୍ରରେ ବିଜେପି ସହଯୋଗରେ ଟିଡିପି ଶାସନ କରୁଛି। ମାତ୍ର ଆନ୍ଧ୍ର ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼, ଉନ୍ନତ ଏବଂ ବ୍ୟବସ୍ଥିତ କରିବା ଲକ୍ଷ୍ୟ ନେଇ ଆଗକୁ ବଢୁଥିବା ବେଳେ ଓଡ଼ିଶାର ସରକାରଙ୍କ ଆଭିମୁଖ୍ୟ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପୂର୍ବ ବିଜେଡି ସରକାର ମେଟ୍ରୋ ପାଇଁ ଡିପିଆର ପ୍ରସ୍ତୁତ ଠାରୁ ଆରମ୍ଭ କରି ଏଥିପାଇଁ ବଜେଟରେ ଅର୍ଥ ମଧ୍ୟ ବ୍ୟୟବରାଦ କରିଥିଲେ। ପ୍ରଥମ ବର୍ଷ ପାଇଁ ୧ ହଜାର କୋଟି ଟଙ୍କା ବଜେଟରେ ବରାଦ ହୋଇଥିଲା। ଏପରିକି ୨୦୨୭ ମସିହା ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ କରାଯାଇ ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ତ୍ରିଶୁଳିଆରୁ କଟକ ବସ୍‌ଷ୍ଟାଣ୍ଡ ଓ ଭୁବନେଶ୍ୱରରୁ ପୁରୀ ପର୍ଯ୍ୟନ୍ତ ସମ୍ପ୍ରସାରଣ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ପୂର୍ବ ସରକାରଙ୍କ ପ୍ରକଳ୍ପକୁ ଆଗକୁ ବଢ଼ାଇବା ପରିବର୍ତ୍ତେ ଏହି ପ୍ରକଳ୍ପକୁ ସମ୍ପୂର୍ଣ୍ଣ ବାତିଲ କରାଯାଇଛି ।

ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ମେଟ୍ରୋ ପ୍ରକଳ୍ପକୁ ନେଇ ବିଭିନ୍ନ ସମୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ଏପରିକି ମେଟ୍ରୋ ପ୍ରକଳ୍ପ ମାଟି ତଳେ ଯିବ ନା ଉପରେ ଯିବ ସେ ନେଇ ସ୍ପଷ୍ଟ ହୋଇ ପାରି ନ ଥିଲା। ଜଣେ ମନ୍ତ୍ରୀ ଏହା ମାଟି ଉପରେ ▶ପୃଷ୍ଠା-୭

# ଶିବଭକ୍ତ ପାଲଟିଲେ ଜାପାନୀ କୋଟିପତି

**ନୂଆଦିଲ୍ଲୀ,୨୭ ।୭(ଏଜେନ୍ସି):** ଆଧୁନିକ ଯୁଗରେ ଧନ, ପ୍ରତିଷ୍ଠା ଓ ପ୍ରତିପତ୍ତି ସବୁକିଛି ପାଲଟି ଥିବାବେଳେ ଜାପାନର ଜଣେ ଯୁବ ବ୍ୟବସାୟୀ କୋଟି କୋଟି ଟଙ୍କା ସମ୍ପତ୍ତିର ମୋହ ଛାଡି ଶିବଭକ୍ତ ପାଲଟିଛନ୍ତି। ସବୁ କିଛି ତ୍ୟାଗ କରି ଜାପାନରୁ ସେ ଭାରତ ଆସି ଧର୍ମ ଓ ସେବାର ରାସ୍ତାକୁ ବାଛିବା ସହ ଆଜିର ସ୍ୱାର୍ଥସର୍ବସ୍ୱ ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଏହି ବ୍ୟକ୍ତି ହେଉଛନ୍ତି ୪୧ ବର୍ଷୀୟ ହୋଶି ଟାକାୟୁକି। ସେ ଏବେ 'ବାଲା କୁମ୍ଭ ଗୁରୁମଣି' ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି। ଟୋକିଓରେ ୧୫ଟି ସଫଳ ବ୍ୟୁଟି ପ୍ରଡକ୍ଟ ଷ୍ଟୋରର ସେ ମାଲିକ। ୨୦ଜଣ ଜାପାନୀ ଅନୁଗାମୀଙ୍କ ସହ ସେ ଗେରୁଆ ବସ୍ତ୍ର ଧାରଣ କରି ଉତ୍ତରାଖଣ୍ଡରେ ନିଜ ଆତ୍ମାର ଅନ୍ୱେଷଣ ଯାତ୍ରାରେ ନିମଗ୍ନ ରହିଛନ୍ତି। ଏବେ ଶ୍ରାବଣ ମାସରେ ଚାଲିଥିବା କାଉଡି ଯାତ୍ରା ପାଇଁ ସେ ନିଜକୁ ଉତ୍ସର୍ଗ କରିଛନ୍ତି। ଡେରାଡୁନ୍‌ରେ ସେ କାଉଡିଆଙ୍କ ପାଇଁ ଦୁଇଦିନ ଭୋଜନ ଶିବିରର ଆୟୋଜନ କରିଛନ୍ତି। ପୂର୍ବଜନ୍ମରେ ସେ ଉତ୍ତରାଖଣ୍ଡରେ ଜନ୍ମ ଗ୍ରହଣ କରିଥିଲେ ବୋଲି ଜଣେ ଜ୍ୟୋତିଷ ତାଙ୍କୁ କହିଥିଲେ। ଏହାପରେ ସେ ସ୍ୱପ୍ନରେ ଉତ୍ତରାଖଣ୍ଡର ଏକ ଗାଁରେ ନିଜକୁ ଦେଖିଥିଲେ। ସେବେଠାରୁ ତାଙ୍କର ଜୀବନର ଗତିପଥ ବଦଳି ଯାଇଥିଲା। ଦେବଭୂମି ଉତ୍ତରାଖଣ୍ଡ ପ୍ରତି ପ୍ରବଳ ଭଲ ପାଇବା ତାଙ୍କୁ ଭାରତକୁ ଟାଣି ଆଣିଛି। ଏବେ ବି ସେ ଉତ୍ତରାଖଣ୍ଡରେ ନିଜ ଗାଁକୁ ଖୋଜିବାରେ ଲାଗିଛନ୍ତି ବୋଲି କହିଛନ୍ତି। ଶିବଭକ୍ତିରେ ନିଜକୁ ଉତ୍ସର୍ଗ କରିଥିବା ଟାକାୟୁକି ଟୋକିଓସ୍ଥିତ ନିଜ ଘରକୁ ମଧ୍ୟ ଏକ ଶିବ ମନ୍ଦିରରେ ପରିଣତ କରିଛନ୍ତି। ସେ ଜାପାନ୍‌ରେ ଆଉ ଏକ ମନ୍ଦିର ମଧ୍ୟ ନିର୍ମାଣ କରିଛନ୍ତି। ସେହିପରି ସେ ପୁଡୁଚେରୀରେ ୩୫ ଏକର ଜମିରେ ଏକ ବିଶାଳ ଶିବ ମନ୍ଦିର ନିର୍ମାଣ କରିବାକୁ ଯାଉଛନ୍ତି। ଖୁବ୍‌ଶୀଘ୍ର ସେ ଉତ୍ତରାଖଣ୍ଡରେ ମଧ୍ୟ ଏକ ଆଶ୍ରମ ଖୋଲିବେ ବୋଲି କହିଛନ୍ତି।



# ମଦ୍ୟପ ସ୍ୱାମୀ ପାଇଁ ୩ ଝିଅଙ୍କୁ ହତ୍ୟା

**ଥାନେ, ୨୭।୭ (ଏଜେନ୍ସି):** ମହାରାଷ୍ଟ୍ର ଥାନେରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। ମଦ୍ୟପ ସ୍ୱାମୀର ଜୁଲମରେ ଅତିଷ୍ଠ ହୋଇ ପତ୍ନୀ ଚରମ ପଦକ୍ଷେପ ନେଇଛି। ନିଜର ତିନି ନାବାଳିକା ଝିଅଙ୍କୁ ବିଷ ଦେଇ ହତ୍ୟା କରିଛି। ପୁଲିସ ସୂଚନା ଅନୁଯାୟୀ ଅସନୋଲି ଗ୍ରାମର ତାଲେପଡ଼ାର ବାସିନ୍ଦା ସନ୍ଧ୍ୟା ସନ୍ଦୀପ ବେରେ (୨୭) ଗତ ୨୦ ତାରିଖ ରାତିରେ ନିଜର ୫, ୮ ଏବଂ ୧୦ ବର୍ଷର ଝିଅକୁ ଭାତ ଏବଂ ମାଛ ତରକାରୀରେ କୀଟନାଶକ ମିଶାଇ ଖାଇବାକୁ ଦେଇଥିଲେ। ଏହା ପରେ ତିନି ଝିଅଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରେ ଲାଗିଥିଲା। ବାନ୍ତି ଏବଂ ମୁଣ୍ଡ ବୁଲାଇବାରୁ ସମସ୍ତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଅଧିକ ଜଟିଳ ହେବା ପରେ ଗତ ୨୪ ଏବଂ ୨୫ରେ ତିନି ଝିଅଙ୍କ ମୃତ୍ୟୁ ହୋଇଥିଲା। ଖିନାଭିଲ ପୁଲିସ ଏ ନେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆଜି ମାଆଙ୍କୁ ଗିରଫ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ ସ୍ୱାମୀ ମଦୁଆ ହୋଇଥିବାରୁ ସ୍ତ୍ରୀ ଚିନ୍ତିତ ଥିଲେ। ଏଥିପାଇଁ ସ୍ୱାମୀଙ୍କଠାରୁ ଅଲଗା ହୋଇ ରହୁଥିଲେ। ତେବେ ତିନି ଝିଅଙ୍କ ଯତ୍ନ ନେବା ପାଇଁ ସେ ସଂଘର୍ଷ କରୁଥିଲେ। ଏଥିଯୋଗୁଁ ସେ ଝିଅମାନଙ୍କୁ ମାରି ଥିଲେ।




## ୬ ବର୍ଷ ପରେ 'ମାତୋଶ୍ରୀ'ରେ ରାଜ୍



**ମୁମ୍ବଇ,୨୭ ।୭(ଏଜେନ୍ସି):** ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ସୁପ୍ରିମୋ ରାଜ ଠାକ୍‌ରେ ଦୀର୍ଘ ୬ ବର୍ଷ ପରେ ବଡ଼ ଭାଇ ତଥା ଶିବସେନା ୟୁଟିବି ମୁଖ୍ୟ ଉଦ୍ଧବ ଠାକ୍‌ରେଙ୍କ ଘର ମାତୋଶ୍ରୀରେ ପହଞ୍ଚିଛନ୍ତି। ରାଜ୍ ଏହି ଅବସରରେ ଉଦ୍ଧବଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ପରସ୍ପରକୁ ଆଲିଙ୍ଗନ କରିଥିଲେ। ପୂର୍ବରୁ ୬ ବର୍ଷ ତଳେ ୨୦୧୯ରେ ରାଜ ଶେଷଥର ପାଇଁ ମାତୋଶ୍ରୀ ଯାଇଥିଲେ। ପୁଅ ଅମିତର ବାହାଘର ପାଇଁ ଉଦ୍ଧବ ଓ ତାଙ୍କ ପରିବାରକୁ ରାଜ ନିମନ୍ତ୍ରଣ କରିଥିଲେ। ତେବେ ଔପଚାରିକ ଭାବେ ରାଜ ୨୦୧୨ରେ ମାତୋଶ୍ରୀ ଯାଇଥିଲେ ଓ ସେତେବେଳେ ବାଲାସାହେବ ଠାକ୍‌ରେ ରୋଗଶଯ୍ୟାରେ ଥିଲେ। ୨୦ ବର୍ଷ ପରେ ଗତ ୫ ତାରିଖରେ ଦୁଇ ଭାଇ ରାଜାନୀତି ପାଇଁ ମୁମ୍ବଇର ୱର୍ଲି ଡୋମ୍‌ର ଏକ ରାଲିରେ ଏକାଠି ହୋଇଥିଲେ। ଏବେ ଦୁହେଁ ସାଥି ହୋଇ ରାଜନୀତିରେ ଅବତୀର୍ଣ୍ଣ ହେବେ ବୋଲି ଆଶା କରାଯାଉଛି।

## ସାଂସଦଙ୍କୁ ହୁଇପ୍ ଜାରି କଲା କଂଗ୍ରେସ

**ନୂଆଦିଲ୍ଲୀ, ୨୭ ।୭(ଏଜେନ୍ସି):** ଦେଶର ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ତା'ର ଲୋକସଭା ସାଂସଦଙ୍କୁ ୩ ଧାଡିର ହୁଇପ୍ ଜାରି କରିଛି। ସବୁ ସଦସ୍ୟଙ୍କୁ ଲୋକସଭାରେ ଉପସ୍ଥିତ ରହିବାକୁ ଦଳ ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ଗୃହରେ 'ଅପରେସନ ସିନ୍ଦୂର' ନେଇ ଆଲୋଚନା ପାଇଁ କଂଗ୍ରେସର ନୀତିକୁ ସମର୍ଥନ ଓ ଦଳର ସ୍ଥିତିକୁ ମଜଭୁତ କରିବାକୁ ସବୁ ସଦସ୍ୟଙ୍କୁ ଦିନ ୧୧ଟାରୁ ଉପସ୍ଥିତ ରହିବାକୁ କୁହାଯାଇଛି। ଲୋକସଭାରେ କଂଗ୍ରେସର ୯୯ ଜଣ ସାଂସଦ ରହିଛନ୍ତି।

## ରେଭ୍ ପାର୍ଟିରୁ ପୂର୍ବତନ ମନ୍ତ୍ରୀଙ୍କ ଜ୍ୱାଇଁ ଗିରଫ

**ପୁଣେ,୨୭ ।୭(ଏଜେନ୍ସି):** ପୁଣେ ପୁଲିସ ଶନିବାର ଏକ ଆପାର୍ଟମେଣ୍ଟରେ ଚାଲିଥିବା ରେଭ ପାର୍ଟିରେ ଚଢ଼ଉ କରି ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ତଥା ଏନ୍‌ସିପି (ଶରଦ ପାୱାର) ନେତା ଏକନାଥ ଖଡସେଙ୍କ ଜ୍ୱାଇଁ ପ୍ରାଞ୍ଜଲ ଖେବଲକରଙ୍କୁ ଗିରଫ କରିଛି। ଏଠାରୁ ମଦ, ଗଞ୍ଜେଇ ଓ ହୁକ୍କା ଜବତ କରାଯାଇଥିଲା। ପ୍ରାଞ୍ଜଲଙ୍କ ସମେତ ମୋଟ ୭ ଜଣଙ୍କୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରେ ୨ଜଣ ମହିଳା ସାମିଲ ରହିଛନ୍ତି। ଜ୍ୱାଇଁଙ୍କୁ ଗିରଫ ପଛରେ ରାଜନୈତିକ ଷଡ଼ଯନ୍ତ୍ର ରହିଛି ବୋଲି ଏକନାଥ କହିଛନ୍ତି। ପ୍ରାଞ୍ଜଲ ହେଉଛନ୍ତି ଏକନାଥଙ୍କ ଝିଅ ରୋହିଣୀ ଖଡସେଙ୍କ ସ୍ୱାମୀ। ରୋହିଣୀ ଏନ୍‌ସିପିର ମହିଳା ମୋର୍ଚ୍ଚାର ପ୍ରଦେଶ ଅଧ୍ୟକ୍ଷ ଅଛନ୍ତି।

## ଅଷ୍ଟ୍ରେଲିଆରେ ଭାରତୀୟଙ୍କୁ ଆକ୍ରମଣ

**କାନବେରା,୨୭ ।୭(ଏଜେନ୍ସି):** ଅଷ୍ଟ୍ରେଲିଆରେ ଭାରତୀୟଙ୍କ ପ୍ରତି ବେର୍ଣ୍ଣବୈଷମ୍ୟ ଭେଦଭାବ ବଢ଼ିବାରେ ଲାଗିଛି। ଶନିବାର ମେଲବୋର୍ଣ୍ଣର ସେଣ୍ଟ୍ରାଲ ସ୍କୋୟାର ସପିଂ ସେଣ୍ଟର ବାହାରେ ୫ ଜଣ ନାବାଳିକ ଭାରତୀୟ ବଂଶୋଦ୍ଭବ ସୌରଭ ଆନନ୍ଦଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ସେମାନେ ସୌରଭଙ୍କ ହାତର କଚଟିକୁ ହାଣି ଦେଇଛନ୍ତି। ସୌରଭଙ୍କ ମେରୁଦଣ୍ଡ ଓ ମୁଣ୍ଡରେ ମଧ୍ୟ ଆଘାତ ଲାଗିଛି।

## ଜାଲ୍ ଭିସାରେ ବିଦେଶ ଯାଇ ବାହାହେଲେ ସିନୱାରଙ୍କ ପତ୍ନୀ



**ଗାଜା,୨୭ ।୭(ଏଜେନ୍ସି):** ପୂର୍ବତନ ହମାସ ମୁଖ୍ୟ ୟାହା ସିନୱାରଙ୍କ ବିଧବା ପତ୍ନୀ ସାମାର ମୁହମ୍ମାଦ ଅବୁ ଜମାର ଗାଜାରୁ ଲୁଚି ପଳାଇବା ସହ ନକଲି ପାସ୍‌ପୋର୍ଟ ସହ ତୁର୍କୀ ଯାଇ ପୁଣି ଥରେ ବିବାହ କରିଛନ୍ତି। ସାମାର ୨୦୧୧ରେ ସିନୱାରଙ୍କୁ ବିବାହ କରିଥିଲେ। କିନ୍ତୁ ଗତବର୍ଷ ଅକ୍ଟୋବରରେ ସିନୱାର ମୃତ୍ୟୁବରଣ କରିଥିଲେ। ସାମାର ନିଜ ପିଲାଙ୍କ ତୁର୍କୀ ଚାଲିଯାଇଛନ୍ତି।

### ବିହାରରେ ଚାଲିଛି ଜଙ୍ଗଲ ରାଜ୍

# ୭ ମାସରେ ୧୪୩୬ ହତ୍ୟା

**ପାଟନା, ୨୭।୭ (ଏଜେନ୍ସି):**

### ପ୍ରତି ଦୁଇ ଜଣରେ ଜଣଙ୍କୁ ସୁପାରୀ ଦେଇ ହତ୍ୟା



- ଜୁଲାଇରେ ୬୦ ଜଣଙ୍କ ଜୀବନ ନେଲେଣି
- ଚଉଠି ରାତିରେ ସ୍ୱାମୀଙ୍କ ସୁପାରୀ
- ୨ ହଜାର ଟଙ୍କାରେ ନେତାଙ୍କୁ ହତ୍ୟା

ବିହାରକୁ ନେଇ ଏବେ ସାରା ଦେଶରେ ଚର୍ଚ୍ଚା ଜାରି ରହିଛି। ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ଭୋଟର ତାଲିକା ଯାଞ୍ଚ (ଏସଆଇଆର) କୁ ନେଇ ବିରୋଧୀ ନିର୍ବାଚନ କମିଶନ ଏବଂ ସରକାରଙ୍କୁ ନିଶାଣ କରୁଥିବାବେଳେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ମେଣ୍ଟ ସରକାରର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜଙ୍ଗଲ ରାଜ୍‌କୁ ନେଇ ପୂର୍ବତନ ଆରଜେଡି ସରକାରଙ୍କୁ ଦୋଷ ଦେଉଥିବା ମେଣ୍ଟ ସରକାର ଏବେ ଆଇନଶୃଙ୍ଖଳାକୁ ନେଇ ହରଡ଼ଘଣାରେ ପଡ଼ିଛି। ନିର୍ବାଚନ ପୂର୍ବରୁ ଏହା ସରକାରଙ୍କ ମୁଣ୍ଡବିନ୍ଧା ପାଲଟିଛି। ସ୍ଥିତି ଏପରି ହୋଇଛି ଯେ ଦିନ ଦ୍ୱିପହରେ ହତ୍ୟା କରାଯାଉଛି। ହସ୍ପିଟାଲରେ ପଶି ସୁଟର ନିର୍ଦ୍ୱନ୍ଦ୍ୱରେ ହତ୍ୟା କରି ଫେରାର ହୋଇ ଯାଉଛନ୍ତି। ଚଳିତ ବର୍ଷ ଜାନୁଆରୀରୁ ଜୁନ୍ ୩୦ ପର୍ଯ୍ୟନ୍ତ ରାଜ୍ୟରେ ୧୩୭୬ ହତ୍ୟା କରାଗଲାଣି। କେବଳ ଜୁଲାଇ ୧ରୁ ୨୨ ମଧ୍ୟରେ ୬୦ରୁ ଅଧିକ ହତ୍ୟା ହେଲାଣି। ଏଥିରେ ରାଜଧାନୀ ପାଟନାରେ ହୋଇଥିବା ୧୧ ହତ୍ୟା ସାମିଲ ରହିଛି। ଏହା ମଧ୍ୟରୁ ୪ଟି ହତ୍ୟା ସୁପାରୀ ଦେଇ କରାଯାଇଥିଲା। ଏହି ସବୁ ପଛରେ ସୁପାରୀ କାରବାରର କଳ ସାମ୍ରାଜ୍ୟ ରହିଛି। ପତିଆରା ରାଜନୀତି, ପ୍ରେମ ବ୍ୟାପାର ହେଉ କି ଜମି ମାମଲା ସବୁଥିରେ ସୁପାରୀ ଦିଆଯାଉଛି। ଅପରାଧୀ ଜେଲ୍‌ରେ ଥାଉ ଅବା ବାହାରେ ୨ ହଜାର ଟଙ୍କାର ଅଗ୍ରୀମ ଦେଇ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁପାରୀରେ ହତ୍ୟା କରାଯାଉଛି। ଆର୍ଥିକ ସ୍ଥିତିକୁ ଦେଖି ହତ୍ୟାର ମୂଲ୍ୟ ସ୍ଥିର କରାଯାଉଛି।

ବିହାରରେ ସୁପାରୀ ହତ୍ୟା ଉଦ୍ୟୋଗ ଚାଲିଥିବା ସତ୍ତ୍ୱେ ପୁଲିସ ମୁଖ୍ୟାଳୟ ପାଖରେ ଏହାର କୌଣସି ତଥ୍ୟ ନାହିଁ। ୩୮ ଜିଲ୍ଲା, ୨ ପୁଲିସ ଜିଲ୍ଲା ଏବଂ ୪ ରେଳ ଜିଲ୍ଲାରେ ଥିବା ୧୩୮୦ ଥାନାରେ ରୁଜୁ ମାମଲାର ବିଶ୍ଳେଷଣ କରିବାରୁ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ପ୍ରାୟ ୩୦ ପ୍ରତିଶତ ହତ୍ୟା ସୁପାରୀ ଦେଇ କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଗତ ୧୭ ତାରିଖରେ ପତିଆରା ପାଇଁ ମେଡିକାଲ ଭିତରେ ବସି ଗ୍ୟାଙ୍ଗଷ୍ଟର ଚନ୍ଦନ ମିଶ୍ରାକୁ ହତ୍ୟା କରାଯାଇଥିଲା। ଏଥିପାଇଁ ୪ ଲକ୍ଷ ଟଙ୍କା ସୁପାରୀ ଦିଆଯାଇଥିଲା। ଚନ୍ଦନ ବାହାରକୁ ପଳାଇ ଆସିଲେ ଅସ୍ତିତ୍ୱ ସଙ୍କଟରେ ପଡ଼ିଯିବ ବୋଲି ଅନ୍ୟ ଗ୍ୟାଙ୍ଗର ସଦସ୍ୟ ଭାବିଥିଲେ। ସେହିପରି ଗତ ୪ ତାରିଖରେ ଜମି ପାଇଁ ପାଟନାର ଗାନ୍ଧୀ ମୈଦାନ ଅଞ୍ଚଳରେ ବ୍ୟବସାୟୀ ଗୋପାଳ ଖେମକାଙ୍କୁ ହତ୍ୟା କରାଯାଇଥିଲା। ଜୁନ୍ ୨୪ରେ ଔରଙ୍ଗାବାଦର ନବୀନଗରରେ ପ୍ରିୟାଂଶୁଙ୍କୁ ଗୁଳି ମାରି ହତ୍ୟା କରାଯାଇଥିଲା। ଏଥିପାଇଁ ପ୍ରିୟାଂଶୁଙ୍କ ପତ୍ନୀ ଗୁଞ୍ଜା ସିଂହ ଚଉଠି ରାତି ଦିନ ପ୍ରେମିକ ସହ ମିଶି ୫ ଲକ୍ଷରେ ସୁପାରୀ ଦେଇଥିଲେ। ଗତ ୧୨ ତାରିଖରେ ରାଜନୀତି ପାଇଁ ବିଜେପି କର୍ମୀ ସୁରେନ୍ଦ୍ର ପ୍ରସାଦଙ୍କୁ ପାଟନାର ଶେଖପୁରାରେ ହତ୍ୟା କରାଯାଇଥିଲା। ଏହି ହତ୍ୟା ପାଇଁ ୨ ଲକ୍ଷ ଟଙ୍କାରେ ଚୁକ୍ତି ହୋଇଥିଲା। ଏଥିପାଇଁ ଅଗ୍ରୀମ ଭାବେ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

### ନକଲି ଦୂତାବାସ ମାମଲା

## ୧୬୨ ବିଦେଶ ଗସ୍ତ; ୩୦୦ କୋଟିର ଦୁର୍ନୀତି

**ନୂଆଦିଲ୍ଲୀ, ୨୭।୭ (ଏଜେନ୍ସି):** ଗାଜିଆବାଦରୁ ଜାଲ୍ ଦୂତାବାସ ଚଳାଇବା ମାମଲାରେ ହର୍ଷବର୍ଦ୍ଧନ ଜୈନଙ୍କୁ ଗିରଫ କରାଯାଇଛି। ସେ ୮ ବର୍ଷ ହେଲା ଏହି ଗୋରଖ ଧନ୍ଦା ଚଳାଇଥିଲା। ଲୋକଙ୍କୁ ଚାକିରି ଦେବା ନାମରେ ମୋଟା ଅଙ୍କର ଅର୍ଥ ଲୁଟୁ ଥିଲା। ଜେରା ସମୟରେ ସେ ବିସ୍ଫୋରକ ତଥ୍ୟ ଦେଇଛି। ଏହି ଦୂତାବାସ ମାଧ୍ୟମରେ ୩୦୦ କୋଟି ଟଙ୍କାର ଦୁର୍ନୀତି ହୋଇଛି, ୧୦ ବର୍ଷରେ ୧୬୨ ବିଦେଶ ଗସ୍ତ ଏବଂ ବିଦେଶ ବ୍ୟାଙ୍କରେ ଅନେକ ଆକାଉଣ୍ଟ ଥିବା ଜଣାପଡ଼ିଛି। ଜଣେ ଆତ୍ମଘୋଷିତ ବିବାଦୀୟ ବାବା ଚନ୍ଦ୍ରାସ୍ୱାମୀ ଏବଂ ସାଉଦି ଆରବର ଅସ୍ତ୍ରଶସ୍ତ୍ର ବ୍ୟବସାୟୀ ଅଦନାନ ଖସୋଗୀ ସହ ମଧ୍ୟ ଜୈନର ସମ୍ପର୍କ ରହିଥିଲା। ୮୦ ଏବଂ ୯୦ ଦଶକରେ ଚନ୍ଦ୍ରାସ୍ୱାମୀଙ୍କ ପ୍ରଭାବ ରହିଥିଲା। ସେ ତିନି ପୂର୍ବତନ ପ୍ରଧାନମନ୍ତ୍ରୀ ପିଭି ନରସିହ୍ମା ରାଓ, ଚନ୍ଦ୍ର ଶେଖର ଏବଂ ଭିପି ସିଂହଙ୍କ ଆଧ୍ୟାତ୍ମିକ ପରାମର୍ଶଦାତା ଥିଲେ। ଆର୍ଥିକ କାରବାରରେ ଅନିୟମିତତା ମାମଲାରେ ଚନ୍ଦ୍ରାସ୍ୱାମୀଙ୍କୁ ୧୯୯୬ରେ ଗିରଫ କରାଯାଇଥିଲା। ସେ ଦିଂବଗତ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ହତ୍ୟାକାରୀଙ୍କୁ ପାଣ୍ଠି ଦେଇଥିବା ମଧ୍ୟ ଅଭିଯୋଗ ଲାଗିଥିଲା। ଚନ୍ଦ୍ରାସ୍ୱାମୀ ହିଁ ଖସୋଗୀ ଏବଂ ଠକ ଅହସାନ ଅଲି ସୈଦ ସହ ଜୈନକୁ ଭେଟ କରାଇ ଥିଲା।

### ଗାଜାରେ ଖାଦ୍ୟ ସଙ୍କଟ

## ୮୧ ଶିଶୁଙ୍କ ସମେତ ୧୨୪ ମୃତ

**ଗାଜା,୨୭ ।୭(ଏଜେନ୍ସି):** ଇସ୍ରାଏଲ ଓ ହମାସ ମଧ୍ୟରେ ଯୁଦ୍ଧ ଜାରି ରହିଥିବାବେଳେ ଗାଜାରେ ଉତ୍କଟ ଖାଦ୍ୟ ସଙ୍କଟ ସୃଷ୍ଟି ହୋଇଛି। ଲୋକେ ଖାଇବାପିଇବାକୁ ନ ପାଇ ମୃତ୍ୟୁକୁ ଚାହିଁ ରହିଛନ୍ତି। ଖାଦ୍ୟ ପାଇଁ ସଂଘର୍ଷ ହେଉଛି। ଦଳଚକଟାରେ ଅନେକ ଲୋକଙ୍କ ମଧ୍ୟ ଜୀବନ ଯାଉଛି। ଏହି ଯୁଦ୍ଧରେ ଏ ପର୍ଯ୍ୟନ୍ତ ଖାଦ୍ୟାଭାବରୁ ୧୨୪ ଜଣ ପ୍ରାଣ ହରାଇଲେଣି। ଏମାନଙ୍କ ମଧ୍ୟରେ ୮୧ ଶିଶୁ ସାମିଲ ଅଛନ୍ତି। ଚଳିତ ମାସରେ ହିଁ କେବଳ ୪୦ ଜଣ ଭୋକରେ ଜୀବନ ହାରିଛନ୍ତି। ଏମାନଙ୍କ ମଧ୍ୟରେ ୧୬ ଜଣ ଛୋଟ ପିଲା ରହିଛନ୍ତି। ଗାଜାରେ ଏବେ ୫୦ ଗ୍ରାମ୍‌ର ବିସ୍କୁଟ ପ୍ୟାକେଟ୍ ଦାମ୍ ୭୫୦ ଟଙ୍କାରେ ପହଞ୍ଚିଛି। ଏଭଳି ସ୍ଥିତିରେ କୁପୋଷଣ ବୃଦ୍ଧି ପାଇଛି ଓ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି।



ଏହା ମଧ୍ୟରେ ଇସ୍ରାଏଲ ପ୍ରଥମଥର ପାଇଁ ଗାଜାରେ ସାହାଯ୍ୟ ଓ ସହାୟତା ପହଞ୍ଚାଇଛି। ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ଅଟା, ଚିନି, ଔଷଧ ଓ ରେଡିମେଡ୍ ଖାଦ୍ୟ ପ୍ୟାକେଟ୍ ଉଡାଜାହାଜରୁ ପକାଇଥିଲା। ଅନ୍ତରାଷ୍ଟ୍ରୀୟ ସଂଗଠନ ସହ ସାଥିହୋଇ ଇସ୍ରାଏଲ ଏହି ପଦକ୍ଷେପ ନେଇଛି।

## ଅସ୍ତ୍ରବିରତି ପାଇଁ ଥାଇଲାଣ୍ଡ, କାମ୍ବୋଡ଼ିଆ ରାଜି: ଟ୍ରମ୍ପ

**ନୂଆଦିଲ୍ଲୀ, ୨୭ ।୭ (ଏଜେନ୍ସି):** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକ ପରେ ଥାଇଲାଣ୍ଡ ଓ କାମ୍ବୋଡିଆ ଅସ୍ତ୍ରବିରତି ପାଇଁ ସମ୍ମତି ପ୍ରକାଶ କରିଛନ୍ତି। ଦୁଇ ଦେଶ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି ବୋଲି ସ୍କଟଲାଣ୍ଡ ଗସ୍ତରେ ଯାଇଥିବା ଟ୍ରମ୍ପ ସୋସିଆଲ ମିଡିଆ ମାଧ୍ୟମରେ ସୂଚନା ଦେଇଛନ୍ତି। ସେ ଏହାକୁ ନେଇ ପୁଣିଥରେ ଭାରତ-ପାକିସ୍ତାନ ଯୁଦ୍ଧ କଥା ମନେ ପକାଇଦେଇଛନ୍ତି। ଥାଇଲଣ୍ଡ ଓ କାମ୍ବୋଡିଆ ମଧ୍ୟ ଚାଲିଥିବା ଯୁଦ୍ଧକୁ ସଫଳତାର ସହ ରୋକିବାକୁ ଆମେ ସକ୍ଷମ ହୋଇଛୁ ବୋଲି ସେ ଉଲ୍ଲେଖ କରିଛନ୍ତି। ଗତ ୩ ଦିନଧରି ଏହି ଯୁଦ୍ଧ ଜାରି ରହିଥିଲା। ଯଦି ଯୁଦ୍ଧ ବନ୍ଦ ନ ହୁଏ ତେବେ ଆମେରିକା ଏହି ଦୁଇ ଦେଶ ସହ କୌଣସି ବାଣିଜ୍ୟ ତଥା ବ୍ୟବସାୟିକ ଚୁକ୍ତି କରିବ ନାହିଁ ବୋଲି କହିଥିଲା। ଏହିକ୍ରମରେ ଡୋନାଲ୍ଡ ଟ୍ରମ୍ପ ଥାଇଲାଣ୍ଡ କାମଚଳା ପ୍ରଧାନମନ୍ତ୍ରୀ ଫୁମ୍‌ଥାମ ୱେଚାୟାଚାଇ ଓ କାମ୍ବୋଡିଆ ପ୍ରଧାନମନ୍ତ୍ରୀ ହୁନ୍ ମାନେଟ୍‌ଙ୍କ ପୃଥକ ଭାବେ କଥା ହୋଇଥିଲେ। ଅସ୍ତ୍ରବିରତି ପାଇଁ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଟ୍ରମ୍ପଙ୍କୁ ଧନ୍ୟବାଦ ଦେବାସହ କାମ୍ବୋଡିଆକୁ ଏ ନେଇ ଗୁରୁତ୍ୱ ଦେବାକୁ ହେବ ବୋଲି କହିଛନ୍ତି।

### ବିହାର ଏସଆଇଆର୍ ତଥ୍ୟ ଜାରି

## ଭୋଟର ତାଲିକାରୁ ହଟିଲା ୬୫ ଲକ୍ଷ ନାମ

**ପାଟନା, ୨୭।୭ (ଏଜେନ୍ସି):** ନିର୍ବାଚନ କମିଶନ ରବିବାର ବିହାର ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର)ର ପ୍ରଥମ ପର୍ଯ୍ୟାୟ ତଥ୍ୟ ଜାରି କରିଛନ୍ତି। ଏବେ ବିହାରରେ ୭.୨୪ କୋଟି ଭୋଟର ଅଛନ୍ତି ବୋଲି ଏଥିରେ କୁହାଯାଉଛି। ପୂର୍ବରୁ ଏହା ୭.୮୯ କୋଟି ଥିଲା। ଭୋଟର ତାଲିକା ଯାଞ୍ଚ ପରେ ୬୫ ଲକ୍ଷ ନାମକୁ ତାଲିକାରୁ ହଟାଇ ଦିଆଯାଇଛି। ହଟା ଯାଇଥିବା ନାମ ମଧ୍ୟରେ ପ୍ରାଣ ହରାଇଥିବା ଏବଂ ଅନ୍ୟ ସ୍ଥାନର ସ୍ଥାୟୀ ବାସିନ୍ଦା ହୋଇ ଯାଇଥିବା କିମ୍ବା ଦୁଇ ଥର ତାଲିକାରେ ନାମ ଥିବା ଲୋକ ସାମିଲ ଅଛନ୍ତି। ଏମାନଙ୍କ ମଧ୍ୟରୁ ୨୨ ଲକ୍ଷଙ୍କ ମୃତ୍ୟୁ ହୋଇଗଲାଣି। ୩୬ ଲକ୍ଷ ଭୋଟର ଅନ୍ୟ ସ୍ଥାନକୁ ଚାଲି ଯାଇଛନ୍ତି ଏବଂ ୭ ଲକ୍ଷ ଲୋକ ଅନ୍ୟ କୌଣସି କ୍ଷେତ୍ରର ସ୍ଥାୟୀ ବାସିନ୍ଦା ହୋଇ ସାରିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ସବୁ ଯୋଗ୍ୟ ଭୋଟରକୁ ଏହି ତାଲିକାରେ ସାମିଲ କରାଯିବ।

**ବାଦ୍ ପଡ଼ିଲେ ୨୨ ଲକ୍ଷ ମୃତ ଭୋଟର**

ଅନ୍ୟପକ୍ଷରେ ବିରୋଧୀ ଦଳଗୁଡିକ ଏସଆଇଆରକୁ ସଂସ୍ଥାଗତ ଅହଙ୍କାର କହିଛନ୍ତି। ଏହା ମଧ୍ୟରେ ଏଡିଆର ଏବଂ ଆରଜେଡି ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ ଦାଏର କରି କୁହାଯାଇଛି ଯେ ଏସଆଇଆର ପ୍ରକ୍ରିୟାରେ ଭୋଟରଙ୍କୁ ଠକାଯାଉଛି। ଅନେକ ସ୍ଥାନରେ ବିଏଲଓ ନିଜେ ଫର୍ମ ପୂରଣ କରୁଛନ୍ତି। ମୃତବ୍ୟକ୍ତିଙ୍କ ନାମରେ ଏହା ଜମା କରୁଛନ୍ତି। ସେହିପରି ଅନ୍ୟ ରାଜ୍ୟରେ ରହୁଥିବା ବିହାରର ସିଂହଭାଗ ପ୍ରବାସୀ ଶ୍ରମିକ ଏସଆଇଆର ବିଷୟରେ ଜାଣିନାହାନ୍ତି ବୋଲି 'ସ୍ୱାନ୍' ପକ୍ଷରୁ ହୋଇଥିବା ସର୍ଭେରୁ ଜଣାପଡ଼ିଛି।

### ଆମେରିକାରେ ବୋଇଂ ବିମାନ ଦୁର୍ଘଟଣାଗ୍ରସ୍ତ

# ଅଳ୍ପକେ ବର୍ତ୍ତିଲା ୧୭୯ ଜଣଙ୍କ ଜୀବନ

**ଡେନଭର, ୨୭।୭ (ଏଜେନ୍ସି):**

### ଲ୍ୟାଣ୍ଡିଂ ଗିୟର ଫେଲ୍; ବିମାନରେ ଲାଗିଗଲା ନିଆଁ



- ଏମର୍ଜେନ୍ସି ସ୍ଲାଇଡରରେ ବାହାରିଲେ ଯାତ୍ରୀ
- ଅହମଦାବାଦ ଦୁର୍ଘଟଣାରେ ଯାଇଥିଲା ୨୭୦ ଜୀବନ
- ଏପର୍ଯ୍ୟନ୍ତ ବୋଇଂ ବିମାନ ନେଲାଣି ୯ ହଜାର ଜୀବନ

ଜୁନ୍ ୧୨ରେ ଅହମଦାବାଦରେ ଏୟାର ଇଣ୍ଡିଆର ବୋଇଂ ବିମାନ (୭୮୭-୮) ଦୁର୍ଘଟଣାଗ୍ରସ୍ତ ହୋଇ ମେଡିକାଲ କଲେଜ ଉପରେ ଖସି ପଡ଼ିଥିଲା। ଏଥିରେ ବିମାନର ଜଣେ ଯାତ୍ରୀଙ୍କୁ ଛାଡ଼ି ଅନ୍ୟ ସମସ୍ତଙ୍କ ସମେତ ୨୭୦ ଜଣଙ୍କ ମୃତ୍ୟୁ ହୋଇଥିଲା। ବିଶ୍ୱକୁ ଥରାଇ ଦେଇଥିବା ଏହି ହୃଦୟ ବିଦାରକ ଦୁର୍ଘଟଣା ମନରୁ ଯାଇ ନ ଥିବାବେଳେ ଏବେ ଆମେରିକାର ଡେନଭର ବିମାନବନ୍ଦରରେ ବଡ଼ ଅଘଟଣ ଘଟିଛି। ଅହମଦାବାଦ ଦୁର୍ଘଟଣାର ଚୂଡ଼ାନ୍ତ ରିପୋର୍ଟ ଆସିବା ପୂର୍ବରୁ ବିଦେଶୀ ଗଣମାଧ୍ୟମ ପାଇଲଟ୍‌ଙ୍କୁ ଦୋଷ ଦେଇ କମ୍ପାନୀଙ୍କୁ ଘଣ୍ଟ ଘୋଡ଼ାଇବାକୁ ଚେଷ୍ଟା କରୁଥିବାବେଳେ ଶନିବାର ଅପରାହ୍ଣରେ ଆମେରିକାନ ଏୟାରଲାଇନ୍ସର 'ବୋଇଂ ୭୮୭ ମାକ୍ସ ୮ ବିମାନ' ଦୁର୍ଘଟଣାଗ୍ରସ୍ତ ହୋଇଛି। ଲ୍ୟାଣ୍ଡିଂ ଗିୟର ଫେଲ୍ ହୋଇଯିବା ଯୋଗୁଁ ଏହି ବିମାନର ପଛ ଭାଗରେ ନିଆଁ ଲାଗିଯାଇଛି। ଏଥିଯୋଗୁଁ ରନୱେ ଧୂଆଁମୟ ହୋଇଯାଇଥିଲା। ଏହା ଚାରିଆଡେ ବ୍ୟାପି ଯାଇଥିଲା। ଏହା ଦେଖିବା ପରେ ଯାତ୍ରୀଙ୍କ ମଧ୍ୟରେ ଛନକା ପଶିଥିଲା। ସମସ୍ତେ ଭୟରେ ଥରହର ହୋଇଥିଲେ। ପାଇଲଟ ବିମାନକୁ ଅଟକାଇ ଏମର୍ଜେନ୍ସି ଗେଟ୍ ଖୋଲିଥିଲେ। ଏହି ସ୍ଲାଇଡର ଦେଇ ଯାତ୍ରୀ ଭୟରେ ଦୌଡ଼ି ଦୌଡ଼ି ଜଣକ ପରେ ଜଣେ ବାହାରକୁ ଆସିଥିଲେ। ଏହାର ଭିଡିଓ ଖୁବ୍ ଭାଇରାଲ ହେଉଛି। ଅଳ୍ପକେ ୧୭୩ ଯାତ୍ରୀ ଏବଂ ୬ କ୍ରୁ ସଦସ୍ୟଙ୍କ ଜୀବନ ଅଳ୍ପକେ ବର୍ତ୍ତି ଯାଇଥିଲା। ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। କେବଳ ୬ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଥିଲେ। ଏବେ ପୁଣି ବୋଇଂ ବିମାନର ସୁରକ୍ଷା ବୈଶିଷ୍ଟ୍ୟକୁ ନେଇ ପ୍ରଶ୍ନ ଉଠିଛି। ଅହମଦାବାଦ ଦୁର୍ଘଟଣାକୁ ନେଇ ବୋଇଂ କମ୍ପାନୀ ବଞ୍ଚାଇବାକୁ ପ୍ରୟାସ କରୁଥିବା ଆମେରିକା ଗଣମାଧ୍ୟମ ଏବେ ଚେତିବ ବୋଲି କୁହାଯାଉଛି।

ଆମେରିକା ଏୟାରଲାଇନ୍ସର ଏହି ବିମାନ ମିଆମି ଅଭିମୁଖେ ବାହାରି ଥିଲା। ମାତ୍ର ଉଡ଼ାଣ ଆରମ୍ଭ ହେବା ପୂର୍ବରୁ ଭାରତୀୟ ସମୟ ଶନିବାର ରାତି ୨ଟା ୧୫ରେ ଏହି ଅଘଟଣ ଘଟିଥିଲା। ଏବେ ବିମାନକୁ ସେବାରୁ ବାଦ୍ ଦିଆଯାଇଛି। ଏଥିରେ ଯାନ୍ତ୍ରିକ ତ୍ରୁଟି ଥିଲା। ବିମାନର ଟାୟାର ଖରାପ ହୋଇ ଯାଇଥିଲା ବୋଲି ଏୟାରଲାଇନ୍ସ ପକ୍ଷରୁ କୁହାଯାଉଛି। ଫେଡେରାଲ ଆଭିଏନସ ଆଡମିନିଷ୍ଟ୍ରେସନ (ଏଫଏଏ) ଏବଂ ଏୟାରଲାନ୍ସ ପକ୍ଷରୁ ମାମଲାର ଯାଞ୍ଚ ଆରମ୍ଭ କରାଯାଇଛି। ସେହିପରି ଅନ୍ୟ ଏକ ବିମାନରେ ଯାତ୍ରୀଙ୍କୁ ମିଆମି ନିଆଯାଇଛି। ଏହି ଦୁର୍ଘଟଣା ଯୋଗୁଁ ୮୭ ଉଡ଼ାଣ ପ୍ରଭାବିତ ହୋଇଛି। ଏହା ପୂର୍ବରୁ ଗତ ମାର୍ଚ୍ଚରେ ଏହି ବିମାନବନ୍ଦରରେ ଆମେରିକା ଏୟାରଲାଇନ୍ସର ବୋଇଂ ୭୮୭-୮୦୦ ବିମାନରେ ନିଆଁ ଲାଗି ଯାଇଥିଲା। ଅନ୍ୟପକ୍ଷରେ ଦୁର୍ଘଟଣାଗ୍ରସ୍ତ ବୋଇଂ ବିମାନରୁ ଓହ୍ଲାଇବା ବେଳେ ନିଜ ପିଲାଙ୍କ ବଦଳରେ ଜିନିଷପତ୍ର ବାହାର କରିବାକୁ ପ୍ରାଧାନ୍ୟ ଦେଇଥିବାରୁ ଜଣେ ଯାତ୍ରୀଙ୍କୁ ସମାଲୋଚନାର ଶିକାର ହେବାକୁ ପଡିଛି।


ବୋଇଂ ବିମାନକୁ ଉଡ଼ନ୍ତା କଫିନ କୁହାଯାଏ। ଏ ପର୍ଯ୍ୟନ୍ତ ସାରା ବିଶ୍ୱରେ ଏହି ବିମାନ ୬ ହଜାର ଥର ଦୁର୍ଘଟଣାଗ୍ରସ୍ତ ହେଲାଣି। ଏଥିରୁ ୪୧୫ଟି ଭୟଙ୍କର ଦୁର୍ଘଟଣା ଥିଲା। ଏହି ଦୁର୍ଘଟଣାରେ ୯ ହଜାର ଜୀବନ ନେଲାଣି। କେବଳ ବୋଇଂ ୭୩୭ ବିମାନ ୫୨୯ ଥର ଦୁର୍ଘଟଣାର ଶିକାର ହେଲାଣି। ଏହା ୫,୭୭୯ ଜଣଙ୍କ ମୃତ୍ୟୁର କାରଣ ପାଲଟିଛି।



ଶ୍ରାବଣ ତୃତୀୟ ସୋମବାର: ଶୈବପୀଠରେ ଜଳଲାଗି ପାଇଁ କଟକଠାରେ ମହାନଦୀର ଗଡ଼ଗଡ଼ିଆ ଘାଟରେ କାଉଡ଼ିଆଙ୍କ ଭିଡ଼ (ଫଟୋ: ବିକାଶ)

# ଫୁଲୁଛି ହୀରାକୁଦ; ୨୦ ଗେଟ୍‌ରେ ବନ୍ୟାଜଳ ନିଷ୍କାସିତ

ସମ୍ବଲପୁର,୨୭।୭(ସମିସ): ଉପରମୁଣ୍ଡରେ ବର୍ଷାର ପରିମାଣ ଟିକେ କମିଛି। କିନ୍ତୁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର କମିନାହିଁ। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୬.୯୯ ମିମି ଏବଂ ତଳମୁଣ୍ଡରେ ୬.୧୯ ମିମି ବର୍ଷା ହୋଇଥିବା ଜଣାପଡ଼ିଛି। ମିଳିଥିବା ରିପୋର୍ଟ ଅନୁସାରେ ରବିବାର ସନ୍ଧ୍ୟା ସୁଦ୍ଧା ହୀରାକୁଦ ଜଳସ୍ତର ୬୧୪.୯୫ ଫୁଟ୍ ପହଞ୍ଚିଥିବା ବେଳେ ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ନଦୀବନ୍ଧର ବାମପଟର ୧୩ଟି ଓ ଡାହାଣପଟର ୭ଟି ମୋଟ ୨୦ଟି ସ୍ଲୁଇସ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି।



ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୪, ୧୭, ୯୦୭ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩, ୪୫,୮୮୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୩, ୦୫, ୧୮୦ ଘନଫୁଟ, ପାୱାର ଚେନାଲ ଦେଇ ୩୬, ୪୯୬ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୩,୭୭୬ ଘନଫୁଟ ଜଳ ନିଷ୍କାସିତ ହେଉଛି। ତଳମୁଣ୍ଡରେ ପଥର୍ଲାଠାରେ ୫୮୩୧୧ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ଖଇରମାଳଠାରେ ୪୭୨୦୦୦ କ୍ୟୁସେକ୍, ବାରମୁଲଠାରେ ୪୪୮୦୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୪୮୫୪୩୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ସୂଚନା ରହିଛି।

## ଆଜିଠୁ କମିବ ବର୍ଷା

ଭୁବନେଶ୍ୱର,୨୭।୭(ସମିସ): ଓଡ଼ିଶାଠାରୁ ଦୂରେଇ ଯାଉଛି ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ। ବର୍ତ୍ତମା ଏହା ଦୁର୍ବଳ ହୋଇ ସଦୃଶ ଲଘୁଚାପ ଅବସ୍ଥାରେ ମଧ୍ୟପ୍ରଦେଶ ଉପରେ ରହିଛି। ତେଣୁ ଆସନ୍ତାକାଲିଠାରୁ ଅବପାତ ଓ ଲଘୁଚାପଜନିତ ବର୍ଷାର ପରିମାଣ କମିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ତେବେ ବର୍ତ୍ତମାନ ବାୟୁମଣ୍ଡଳରେ ପ୍ରଚୁର ଜଳୀୟବାଷ୍ପ ରହୁଥିବାରୁ ଦିନବେଳା ଖରା ଓ ଅପରାହ୍ଣରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ପାଇଁ ପାଗ ଅନୁକୂଳ ରହୁଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ଉତ୍ତର ବଙ୍ଗୋପସାଗର, ଓଡ଼ିଶା ଉପକୂଳ ଏବଂ ଏହାର ଆଖପାଖ ଅଞ୍ଚଳକୁ ନ ଯିବାକୁ ପାଣିପାଗ ବିଭାଗ ପରାମର୍ଶ ଦେଇଛି। ସୋମବାର ରାଜ୍ୟର କିଛି ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ସହ ବଜ୍ରପାତ ପାଇଁ ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଭଦ୍ରକ, ଯାଜପୁର, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# ଟିଜିଟି ଶିକ୍ଷକ ନିଯୁକ୍ତିରେ ଓଡ଼ିଆ ଭାଷାକୁ ଉପେକ୍ଷା

- ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପତ୍ରରେ ନାହିଁ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ପଦ
- ଏଲ୍‌ଟିଆର୍‌ରେ ୩୩ ପ୍ରତିଶତ ବଦଳରେ ମିଳିଥିଲା ୨୫% ସଂରକ୍ଷଣ
- ହାଇସ୍କୁଲରେ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ନିଯୁକ୍ତି ଦାବିକଲେ ଭାଷାବିତ୍

ଭୁବନେଶ୍ୱର, ୨୭।୭(ସମିସ): ହାଇସ୍କୁଲ ପାଇଁ ପ୍ରଶିକ୍ଷିତ ସ୍ନାତକ ଶିକ୍ଷକ (ଟିଜିଟି) ନିଯୁକ୍ତିରେ ଓଡ଼ିଆ ଭାଷାକୁ ଉପେକ୍ଷା କରାଯାଇଛି। ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ନିଯୁକ୍ତି କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଭୁଲିଯାଇଛି। ଲିଭ୍ ଟ୍ରେନିଂ ଟିଚର୍ (ଏଲ୍‌ଟିଆର୍) ନିଯୁକ୍ତି ବେଳେ ପ୍ରଥମଥର ପାଇଁ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ନିଯୁକ୍ତ କରାଯାଇଥିଲା। ହେଲେ ସମ୍ପ୍ରତି ହେବାକୁ ଯାଉଥିବା ଟିଜିଟି ଶିକ୍ଷକ ନିଯୁକ୍ତିରେ ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି ପାଇଁ କୌଣସି ସ୍ୱତନ୍ତ୍ର ପ୍ରାବଧାନ ନାହିଁ। ଫଳରେ ସରକାରଙ୍କ ଓଡ଼ିଆ ଅସ୍ମିତା ନାରା ଓ ଭାଷାପ୍ରେମ ନେଇ ଭାଷାବିତ୍ ଓ ଶିକ୍ଷାବିତ୍‌ମାନେ ପ୍ରଶ୍ନ ଉଠାଇଛନ୍ତି।

ଉଚ୍ଚ ବିଦ୍ୟାଳୟରେ ଖାଲିଥିବା ଟିଜିଟି ପଦ ପୂରଣ ପାଇଁ ପଦକ୍ଷେପ ନେବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ଗତ ୨୪ ତାରିଖରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତହିଁରେ ଟିଜିଟି କଳା, ଟିଜିଟି ପିସିଏମ୍ ଓ ସିବିଜେଡ୍, ହିନ୍ଦୀ, ସଂସ୍କୃତ, ପିଇଟି ଏବଂ ଉର୍ଦ୍ଦୁ ଶିକ୍ଷକ ପଦ ପୂରଣ କରିବାକୁ କୁହାଯାଇଛି; ହେଲେ ଓଡ଼ିଆ ଭାଷା ପାଇଁ ସ୍ୱତନ୍ତ୍ର ଶିକ୍ଷକ ପାଇଁ କୌଣସି ପ୍ରାବଧାନ ନାହିଁ। ଏହା ପୂର୍ବରୁ ଲିଭ୍ ଟ୍ରେନିଂ ଟିଚର୍ (ଏଲ୍‌ଟିଆର୍) ନିଯୁକ୍ତି ପାଇଁ ପ୍ରକାଶିତ ମୂଳ ବିଜ୍ଞପ୍ତିରେ ମଧ୍ୟ ସ୍ୱତନ୍ତ୍ର ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି ପାଇଁ ପ୍ରାବଧାନ ନଥିଲା। ଏହାକୁ ପରିବର୍ତ୍ତନ କରି ପ୍ରଥମ ଥର ପାଇଁ ଓଡ଼ିଆ ଭାଷା ଶିକ୍ଷକ ପଦ ସୃଷ୍ଟି କରାଗଲା। ଟିଜିଟି କଳା ପାଇଁ ଉଦ୍ଦିଷ୍ଟ ଥିବା ମୋଟ୍ ପଦ ମଧ୍ୟରୁ ୨୫ ପ୍ରତିଶତ ପଦକୁ ଓଡ଼ିଆ ଭାଷା ଶିକ୍ଷକ ଭାବେ ସଂରକ୍ଷଣ ଦିଆଯାଇଥିଲା। ଓଡ଼ିଆ ଅସ୍ମିତାକୁ ପ୍ରାଧାନ୍ୟ ଦେଇ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ନିଯୁକ୍ତ ପାଇଁ ପଦକ୍ଷେପ ନିଆଯାଇଥିବା ସରକାର କହିଥିଲେ। ହେଲେ ଟିଜିଟି ଶିକ୍ଷକ ନିଯୁକ୍ତ କରିବାକୁ ଆରମ୍ଭ ହେଉଥିବା ପ୍ରକ୍ରିୟାରୁ ସରକାର ସ୍ୱତନ୍ତ୍ର ଓଡ଼ିଆ ଭାଷା ଶିକ୍ଷକ ପଦକୁ କିପରି ଭୁଲିଗଲେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅପରପକ୍ଷରେ ଏଲ୍‌ଟିଆର୍ ପରି ଟିଜିଟି କଳା ପାଇଁ ଉଦ୍ଦିଷ୍ଟ ମୋଟ୍ ପଦ ମଧ୍ୟରୁ ୨୫ ପ୍ରତିଶତ ପଦକୁ ଓଡ଼ିଆ ଭାଷା ଶିକ୍ଷକ ଭାବେ ସଂରକ୍ଷଣ ନ ଦେଇ ସ୍ୱତନ୍ତ୍ର ପଦ ସୃଷ୍ଟି କରିବାକୁ ଦାବି ହୋଇଛି। କାରଣ ହିନ୍ଦୀ ଓ ସଂସ୍କୃତ ପରି ଭାଷା ପାଇଁ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତ ହେଉଛନ୍ତି। ଓଡ଼ିଆ ଅସ୍ମିତା କଥା କହୁଥିବା ସରକାର ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ପଦ କାହିଁକି ସୃଷ୍ଟି କରୁନାହାନ୍ତି ବୋଲି ଭାଷାବିତ୍‌ମାନେ ପ୍ରଶ୍ନ କରିଛନ୍ତି। ଓଡ଼ିଆ ଭାଷାକୁ ଲୋକପ୍ରିୟ ଓ ଦୀର୍ଘସ୍ଥାୟୀ କରିବାକୁ ଉଚ୍ଚ ବିଦ୍ୟାଳୟରେ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ନିଯୁକ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଯଦି ସରକାର ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ନିଯୁକ୍ତି ଦେବାରେ ଅସଫଳ ହୁଅନ୍ତି, ତାହେଲେ ଟିଜିଟି କଳା ପାଇଁ ଉଦ୍ଦିଷ୍ଟ ଥିବା ମୋଟ୍ ପଦ ମଧ୍ୟରୁ ୩୩ ପ୍ରତିଶତ ପଦରେ ଓଡ଼ିଆ ଶିକ୍ଷକ ନିଯୁକ୍ତି ଦେବାକୁ ମଧ୍ୟ ସେମାନେ ଦାବି କରିଛନ୍ତି। କାରଣ ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ, ସଂସ୍କୃତ ଏବଂ ସ୍ଥଳ ବିଶେଷରେ ଉର୍ଦ୍ଦୁ, ବଙ୍ଗଳା, ତେଲୁଗୁ ଆଦି ଭାଷା ଭିତ୍ତିକ ବିଷୟକୁ ବାଦ୍ ଦେଲେ କେବଳ ଟିଜିଟି କଳାରେ ମୋଟ୍ ତିନିଟି ବିଷୟ ରହିଛି। ଓଡ଼ିଆ, ଇଂରାଜୀ ଓ ସାମାଜିକ ବିଜ୍ଞାନ (ଇତିହାସ ଓ ଭୂଗୋଳ)। ତିନିଟି ବିଷୟ ପାଇଁ ଶହେ ମାର୍କ ଲେଖାଏଁ ମୋଟ୍ ତିନି ଶହ ମାର୍କ ରହିଛି। ତେଣୁ ଟିଜିଟି କଳା ପଦରୁ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ପଦ ସୃଷ୍ଟି କଲାବେଳେ ଟିଜିଟି କଳା ପଦର ଏକତୃତୀୟାଂଶ ବା ୩୩ ପ୍ରତିଶତ ପଦ ସଂରକ୍ଷିତ ରହିବା ନ୍ୟାୟସଂଗତ। ଏଲ୍‌ଟିଆର୍ ନିଯୁକ୍ତି ବେଳେ ସାମାଜିକ ବିଜ୍ଞାନକୁ ଦୁଇଟି ବିଷୟ ଯଥା ଇତିହାସ ଓ ଭୂଗୋଳ ବିଚାର କରି ଓଡ଼ିଆ ଭାଷାକୁ ୨୫ ପ୍ରତିଶତ ସଂରକ୍ଷଣ ଦିଆଯାଇଥିଲା। ଏଣୁ ଏହାର ପୁନରାବୃତ୍ତି ନ କରି ଓଡ଼ିଆ ଭାଷାକୁ ସମ୍ମାନ ଦେଇ ଶାସ୍ତ୍ରୀୟ ଓଡ଼ିଆ ଭାଷା ପାଇଁ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି କରିବାକୁ ଶିକ୍ଷାବିତ୍ ଓ ଓଡ଼ିଆ ଭାଷାପ୍ରେମୀମାନେ ଦାବି କରିଛନ୍ତି।

■ ବଲାଙ୍ଗୀ ନାବାଳିକା ପୋଡ଼ି ଘଟଣା

## ପୁଣି ଦିଲ୍ଲୀ ଏମ୍ସ ଗଲେ ପୁଲିସ ଓ କ୍ରାଇମ୍‌ବ୍ରାଞ୍ଚ ଟିମ୍

ବଲାଙ୍ଗା,୨୭।୭(ସମିସ): ବଲାଙ୍ଗା ନାବାଳିକା ପୋଡ଼ି ଘଟଣାକୁ ୯ ଦିନ ପୂରିଥିବାବେଳେ ଏବେ ବି ପୁଲିସ ହାତ ଖାଲି ଥିବା ଦେଖିବାକୁ ମିଳିଛି। ରବିବାର ସକାଳେ ବଲାଙ୍ଗା ଥାନାର ଜଣେ ଅଧିକାରୀ ଓ ପୁରୀ ହେଡ୍ କ୍ୱାର୍ଟର ଏସ୍‌ଡିପିଓଙ୍କ ସହ କ୍ରାଇମ୍‌ବ୍ରାଞ୍ଚ ଟିମ୍ ପୀଡ଼ିତାଙ୍କଠାରୁ ପୁନର୍ବାର ବୟାନ ଗ୍ରହଣ କରିବା ପାଇଁ ଦିଲ୍ଲୀ ଏମ୍ସକୁ ଯାଇଛନ୍ତି। ସୋମବାର ସେଠାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରିପାରନ୍ତି ଏହି ଟିମ୍। ଘଟଣା କିପରି ଘଟିଲା ଓ କିଏ ଅଭିଯୁକ୍ତ ବର୍ତ୍ତମାନ ସୁଦ୍ଧା ରହସ୍ୟ ଘେରରେ ଥିବାବେଳେ ପୁଲିସ, କ୍ରାଇମ୍‌ବ୍ରାଞ୍ଚ, ସ୍ପେସାଲ ଟିମ୍‌କୁ ନାକେଦମ୍ ହେବାକୁ ପଡ଼ିଲାଣି। ଶନିବାର ୪ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ ନିମାପଡ଼ା କୋର୍ଟରେ ହୋଇଥିଲା।

୮୬ତମ ଜୟନ୍ତୀରେ ସଙ୍ଗୀତଜ୍ଞ ସିକନ୍ଦର୍ ଆଲାମ୍‌ଙ୍କୁ ବିଜେଡିର ଶ୍ରଦ୍ଧାଞ୍ଜଳି

# ଓଡିଶାର ସାଂସ୍କୃତିକ ଜଗତକୁ ଅବଦାନ ପାଇଁ ସିକନ୍ଦର ଚିର ଅମର: ନବୀନ

ଭୁବନେଶ୍ୱର,୨୭।୭(ସମିସ): ଓଡ଼ିଶାର ସାଂସ୍କୃତିକ ଜଗତକୁ ଅବଦାନ ପାଇଁ ଯଶସ୍ୱୀ ସଙ୍ଗୀତଜ୍ଞ ସିକନ୍ଦର ଆଲାମ ଚିରଅମର ହୋଇ ରହିଛନ୍ତି ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ସ୍ୱର୍ଗତ ସିକନ୍ଦରଙ୍କ ୮୬ତମ ଜୟନ୍ତୀ ଅବସରରେ ସ୍ମୃତିଚାରଣ କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସ୍ୱର୍ଗତ ସିକନ୍ଦର ଆଲାମ ସ୍ୱକୀୟ ପ୍ରତିଭା ପାଇଁ ଦେଶବିଦେଶରେ ସୁପରିଚିତ ଥିଲେ। ଭକ୍ତିସଂଗୀତଠାରୁ ଆରମ୍ଭ କରି ଶାସ୍ତ୍ରୀୟ, ପଲ୍ଲୀ ଓ ସୁଗମ ସଙ୍ଗୀତ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସେ ଏକ ନିଜସ୍ୱ ପରିଚୟ ସୃଷ୍ଟି କରିଥିଲେ। ଓଡିଆ ଚଳଚ୍ଚିତ୍ର ଜଗତର ଅନ୍ୟତମ ପ୍ରଭାବଶାଳୀ ଓ ଲୋକପ୍ରିୟ ସଂଗୀତଜ୍ଞ ଭାବରେ ସେ ଦୀର୍ଘ ଦଶନ୍ଧି ଧରି ଅଜସ୍ର ପ୍ରଶଂସକ ସୃଷ୍ଟି କରିପାରିଥିବା ଉଲ୍ଲେଖ କରି ଶ୍ରୀ ପଟ୍ଟନାୟକ ସ୍ୱର୍ଗତ ସିକନ୍ଦର ଆଲାମଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ରବିବାର ଓଡିଶା ବିଧାନସଭା ନିକଟରେ ଥିବା ସିକନ୍ଦରଙ୍କ ପ୍ରତିମୂର୍ତ୍ତିରେ ବିଜୁ ଜନତା ଦଳ ତରଫରୁ ମାଲ୍ୟାର୍ପଣ କରାଯିବା ସହ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଜେଡି ମୁଖପାତ୍ର ତଥା ମିଡିଆ ସଂଯୋଜକ ଲେନିନ ମହାନ୍ତି, ସିକନ୍ଦର ଆଲାମଙ୍କ ଝିଅ ସୋଫିଆ ଆଲାମ ଓ ନାଜିଆ ଆଲାମ, ବିଜେଡି ମୁଖପାତ୍ର ଇପ୍‌ସିତା ସାହୁ, ସ୍ଥାନୀୟ କର୍ପୋରେଟର ରଞ୍ଜୁଲତା ରାୟ ପ୍ରମୁଖ ସ୍ୱର୍ଗତ ସିକନ୍ଦର ଆଲାମଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



## ଚେକ୍ ବାଉନ୍‌ସ ସମ୍ପର୍କିତ ଲୋକ ଅଦାଲତ

କଟକ,୨୭।୭(ସମିସ): ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ସଙ୍ଗମ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାସ୍ତରୀୟ ଚେକ ବାଉନ୍ସ ଜନିତ (ଏନଆଇ ଆକ୍ଟ ଧାରା ୧୩୮) ମାମଲାଗୁଡିକ ଲୋକ ଅଦାଲତ ମାଧ୍ୟମରେ ଫଇସଲା କରାଯାଇଛି।

ଆଇନ୍ ସେବା ପ୍ରାଧିକରଣ ତତ୍ତ୍ୱାବଧାନରେ ରାଜ୍ୟର ୧୮ ଜିଲ୍ଲା ଓ ୭ଟି ସବଡ଼ିଭିଜନ ମୁଖ୍ୟାଳୟ ପରିସରରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏହି ଲୋକ ଅଦାଲତରେ ଗ୍ରହଣ କରାଯାଇଥିବା ୭୦୩୮ଟି ମାମଲାରୁ ୧୦୬୮ଟି କେବଳ ଚେକ୍ ବାଉନ୍ସ ମାମଲାର ଆପୋଷ ସହମତିରେ ସମାଧାନ କରାଯାଇଥିଲା ଏଥିପାଇଁ ମୋଟ ୨୧କୋଟି ୯୨ଲକ୍ଷ ୯୮ ହଜାର ୧୪୩ ଟଙ୍କା ସ୍ଥିରୀକୃତ ହୋଇଛି।

# ମେଟ୍ରୋ ପାଇଁ ସାନି ଟେଣ୍ଡର ନ ହେଲେ ଆନ୍ଦୋଳନ

ଭୁବନେଶ୍ୱର,୨୭।୭(ସମିସ): ମେଟ୍ରୋ ପ୍ରକଳ୍ପ ପାଇଁ ଟେଣ୍ଡର ନ ହେଲେ ଆସନ୍ତା ଅଗଷ୍ଟ ୨୦ ତାରିଖରେ କଂଗ୍ରେସ ବିକ୍ଷୋଭ କରିବ ବୋଲି ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା ଚେତାବନୀ ଦେଇଛନ୍ତି। ମେଟ୍ରୋ କାମ ନ ହେଲେ ଉଭୟ ସଚିବାଳୟ ଓ ବିଧାନସଭା ଘେରଉ ହେବ ବୋଲି ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ କହିଛନ୍ତି। ସେ କହିଛନ୍ତି ଯେ ମେଟ୍ରୋ ବନ୍ଦ କରି ରାଜ୍ୟ ସରକାର ହୀନରାଜନୀତି କରୁଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାଳେ ମେଟ୍ରୋ ପ୍ରକଳ୍ପ ଯୋଗୁଁ ନାଁ ନେଇଯିବେ ତାହା ବିଚାର କରି ରାଜ୍ୟ ସରକାର ଏହି ଟେଣ୍ଡର ବାତିଲ୍ କରିଛନ୍ତି। ମାତ୍ର ଏହି ନିଷ୍ପତ୍ତି ଦ୍ୱାରା ନବୀନଙ୍କର ଯେଉଁ ସୁନାମ ରହିଛି, ସେଥିରେ ଆଦୌ ପ୍ରଭାବ ପଡ଼ିବ ନାହିଁ। ସେ ଅନେକ କାମ କରିଛନ୍ତି। ସେଥିପାଇଁ ତାଙ୍କୁ ଓଡ଼ିଶା ସର୍ବଦା ମନେ ରଖିବ। ତେଣୁ ରାଜ୍ୟ ସରକାର ଏଭଳି ହୀନ ରାଜନୀତି ବନ୍ଦ କରି ତୁରନ୍ତ ମେଟ୍ରୋ ପାଇଁ ସାନି ଟେଣ୍ଡର ନ କଲେ ଆଗାମୀ ଦିନରେ ବିରାଟ ଆନ୍ଦୋଳନ ହେବ ବୋଲି ଶ୍ରୀ ରାଉତରାୟ ଚେତାବନୀ ଦେଇଛନ୍ତି। ସେହିପରି ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା କହିଛନ୍ତି ଯେ ଓଡ଼ିଶାରେ ଡବଲ ଇଂଜିନ ସରକାର ଲୋକମାନଙ୍କୁ ଦିନରେ ସ୍ୱପ୍ନ ଦେଖାଉଛି। ପ୍ରତିଦିନ ମିଛ କହିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। କେଉଁମାନେ କେତେ ମିଛ କହିବେ ତାହାର ଏକ ତାଲିକା ପ୍ରସ୍ତୁତ ହୋଇଛି। ଏହି ମିଛକୁ ଓଡ଼ିଶାବାସୀ ବିଚାର କରିବେ। ମେଟ୍ରୋ ଟ୍ରେନ୍ ଚଳାଇବା ପାଇଁ ମୁଖ୍ୟମନ୍ତ୍ରୀ ନିଜେ ଘୋଷଣା କରିଥିଲେ। ମେଟ୍ରୋ ଟ୍ରେନ୍ ନେଇ ମୁଖ୍ୟମନ୍ତ୍ରୀ ସ୍ୱପ୍ନ ଦେଖାଇବା ପରେ ପୂର୍ତ୍ତମନ୍ତ୍ରୀ ମେଟ୍ରୋ ଟ୍ରେନ୍‌କୁ ମାଟି ତଳେ ଚଳେଇବା କଥା କହି ନୂଆ ସ୍ୱପ୍ନ ଦେଖାଇଲେ। ଏହି ସ୍ୱପ୍ନର କିଛି ବସ୍ତବତା ନାହିଁ। ଏହା ଏବେ ସ୍ପଷ୍ଟ ହୋଇଯାଇଛି। କଟକ-ପୁରୀ ଆଦିକୁ ମେଟ୍ରୋ ଗଡ଼ାଇବା କଥା ମଧ୍ୟ ବିଜେପି ସରକାରର ମନ୍ତ୍ରୀମାନେ କହିଥିଲେ। ବିଜେପି ଅଚାନକ ଭାବେ ସରକାରକୁ ଚାଲି ଆସିଛି। ଏମାନେ ସରକାର କିପରି ଚଳାଇବେ ଜାଣିପାରୁ ନାହାନ୍ତି। କେହି କାହା କଥା ମାନୁନାହାନ୍ତି। ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କୁ କେବଳ ଭଗବାନ ସାହା। ଯଦି ବିଜେପି ସରକାର ଓଡ଼ିଶାରେ ଶାସନ ଜାରି ରଖେ ତେବେ ରାଜ୍ୟରେ ବିପର୍ଯ୍ୟସ୍ତ କ୍ଷତି ହେବ ବୋଲି ଶ୍ରୀ ଜେନା କହିଛନ୍ତି।

DSPL-184



ଭାରତୀୟ ବାୟୁ ସେନା
ଅଭିଜିତ ହୁଅନ୍ତୁ ...
ହୁଅନ୍ତୁ ଅଗ୍ନିବୀରବାୟୁ
(ଇଣ୍ଟେକ୍ 02/2026)

02 ଜୁଲାଇ 2005 ରୁ 02 ଜାନୁଆରୀ 2009 ମଧ୍ୟରେ ଜନ୍ମିତ (ଉଭୟ ତାରିଖ ଅନ୍ତର୍ଭୁକ୍ତ) ଯୋଗ୍ୟ ଅବିବାହିତ ଭାରତୀୟ ପୁରୁଷ ଓ ମହିଳା ପ୍ରାର୍ଥୀଙ୍କ ଠାରୁ ଅନଲାଇନ୍ ଆବେଦନ ଆହ୍ୱାନ।

ଅନଲାଇନ୍ ପରୀକ୍ଷା:
25 ସେପ୍ଟେମ୍ବର 2025 ରୁ ଆରମ୍ଭ

ଅନଲାଇନ୍ ରେଜିଷ୍ଟ୍ରେସନ୍:
11 ଜୁଲାଇ 2025 ରୁ
31 ଜୁଲାଇ 2025 ପର୍ଯ୍ୟନ୍ତ

DETAILED NOTIFICATION

ଅନଲାଇନ୍ ପଞ୍ଜୀକରଣ:
https://agnipathvayu.cdac.in/

OIPR-12001/13/0014/2526

# ସରକାରୀ ବାବୁଙ୍କ ଦୁର୍ନୀତି ନିଶା

## ୧୩ ଜଣ ଅଧିକାରୀଙ୍କ ଘରୁ ଜବତ ହେଲାଣି କୋଟି କୋଟି ଟଙ୍କା

- ଭିଜିଲାନ୍ସ ଇତିହାସରେ ସର୍ବାଧିକ ୧୦.୩୭ କୋଟି ଟଙ୍କା ଜବତ
- ଜବତ ଟଙ୍କାକୁ ଅଦାଲତରେ ନିଜର ଦର୍ଶାଇ ପାରୁନାହାନ୍ତି ବାବୁ



ଭୁବନେଶ୍ୱର,୨୭।୭(ସମିସ): ଲୋକଙ୍କ ସେବା ପାଇଁ ସରକାରୀ ବାବୁଙ୍କୁ ନିଯୁକ୍ତି ଦିଆଯାଇଛି। ଲୋକ ସେବା ଅଧିକାରୀ ଭାବେ ପରିଚିତ ଏହି ବାବୁମାନେ ଜନତାଙ୍କ ଟଙ୍କାରେ ଦରମା ମଧ୍ୟ ପାଉଛନ୍ତି। କିନ୍ତୁ ବାବୁମାନେ ଚାକିରି ପାଇବା ପରେ ଲୋକଙ୍କୁ ସେବା ବଦଳରେ ଦୁର୍ନୀତି କରି କୋଟିପତି ହେବା ନିଶାରେ ଲାଗି ପଡ଼ୁଛନ୍ତି। ଚାକିରି ସମୟରେ ଦୁର୍ନୀତି ଏବଂ ଲାଞ୍ଚ ନେଇ ଘରେ ଟଙ୍କାର ପାହାଡ଼ କରୁଛନ୍ତି। କେବଳ ଟଙ୍କା ନୁହେଁ; ମହଣ ମହଣ ସୁନା ମଧ୍ୟ ଘରେ ଗୁପ୍ତ ଟ୍ରେଜେରୀ କରି ରଖୁଛନ୍ତି। ଆହୁରି ମଧ୍ୟ ଅନେକ ସରକାରୀ ବାବୁ ଏହି କଳାଧନରେ ନିଜର ଓ ସଂପର୍କୀୟଙ୍କ ନାମରେ ଏକାଧିକ ପ୍ଲଟ୍ କିଣି ପକାଉଛନ୍ତି।

ଏହିଭଳି ୧୩ ଜଣ ସରକାରୀ ବାବୁଙ୍କ ଘରୁ କୋଟି କୋଟି ଟଙ୍କା ଜବତ କଲାଣି ଭିଜିଲାନ୍ସ ବିଭାଗ। ଭିଜିଲାନ୍ସ ଇତିହାସରେ ସର୍ବାଧିକ ଟଙ୍କା କଟକ ସେତୁ ଏବଂ ନିର୍ମାଣ ନିଗମର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଦୀପ କୁମାର ରଥଙ୍କ ଘରୁ ଜବତ କରାଯାଇଥିଲା। ତାଙ୍କ ଘରୁ ୧୦କୋଟି ୩୭ଲକ୍ଷ ୯ହଜାର ୩୭୦ ଟଙ୍କା ଜବତ କରାଯାଇଥିଲା। ସେହିପରି ବୌଦ୍ଧ ଆରଟିଓ ବସନ୍ତ କୁମାର ମହାପାତ୍ରଙ୍କ ଘରୁ ୯କୋଟି ୬୧ଲକ୍ଷ ୭୭ହଜାର ୪୮୯ଟଙ୍କା, ଗଞ୍ଜାମ, ଭଞ୍ଜନଗର ଜଳସେଚନ(ସିଭିଲ)ର ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସ୍ୱାଇଁଙ୍କଠାରୁ ୮କୋଟି ୧୧ଲକ୍ଷ ୩୮ହଜାର ୬୧୪ ଟଙ୍କା, ଭୁବନେଶ୍ୱର ରାସ୍ତା ଏବଂ କୋଠା(ସିଭିଲ)ର ପୂର୍ବତନ ମୁଖ୍ୟଯନ୍ତ୍ରୀ ତାରାପ୍ରସାଦ ମିଶ୍ରଙ୍କଠାରୁ ୭କୋଟି ୨୭ଲକ୍ଷ ୪୯ ହଜାର ଟଙ୍କା ଜବତ କରାଯାଇଥିଲା। ସେହିପରି ବାଲେଶ୍ୱର ଜଳସେଚନ ବିଭାଗ, ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାସ କୁମାର ପ୍ରଧାନଙ୍କ ଘରୁ ୬କୋଟି ୩୦ଲକ୍ଷ ୧୪ ହଜାର ୯୩୯ ଟଙ୍କା, ବଲାଙ୍ଗିର, ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁନୀଲ କୁମାର ରାଉତଙ୍କଠାରୁ ୫କୋଟି ୭୯ଲକ୍ଷ ୬୫ ହଜାର ୮୪୭ ଟଙ୍କା, ଭୁବନେଶ୍ୱର ଇଡ୍‌କୋ ଜୁନିୟର ମ୍ୟାନେଜର ବିଜୟ କୁମାର ଉଦୟସିଂଙ୍କ ଘରୁ ୫କୋଟି ୩୦ଲକ୍ଷ ୭୨ ହଜାର ୭୧୮ ଟଙ୍କା, ବ୍ରହ୍ମପୁର ଡିଭିଜନର ଓଡ଼ିଶା ପୁଲିସ ହାଉସିଂ ୱେଲଫେୟାର କର୍ପୋରେସନ ଡେପୁଟି ଜେନେରାଲ ମ୍ୟାନେଜର ସୁବାସ ଚନ୍ଦ୍ର ପଣ୍ଡାଙ୍କଠାରୁ ୫କୋଟି ୨୫ଲକ୍ଷ ୭୨ ହଜାର ୭୬୬ ଟଙ୍କା ଜବତ କରାଯାଇଥିଲା। ସେହିପରି ଅନୁଗୁଳ, ତାଳଚେର ଖଣି ଉପନିର୍ଦ୍ଦେଶକ ଧରଣୀଧର ନାୟକଙ୍କଠାରୁ ୪କୋଟି ୭୮ଲକ୍ଷ ୮୩ ହଜାର ୯୭୧ ଟଙ୍କା, ବାଲେଶ୍ୱର ଗ୍ରାମ୍ୟ ଉନ୍ନୟନ ମୁଖ୍ୟଯନ୍ତ୍ରୀ ଏନ.ଭି ହରିହର ରାଓଙ୍କ ଘରୁ ୪କୋଟି ୭ଲକ୍ଷ ୨୦ ହଜାର ୭୮୨ ଟଙ୍କା ଜବତ କରାଯାଇଥିବା ବେଳେ ମାଲକାନାଗିରି ଜଳଛାୟା ଶାଖା ଉପନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ରଙ୍କଠାରୁ ୧.୫କୋଟି ଟଙ୍କା, ମୁଖ୍ୟଯନ୍ତ୍ରୀ ବୈକୁଣ୍ଠନାଥ ଷଡ଼ଙ୍ଗୀଙ୍କ ଘରୁ ୨.୧କୋଟି ଟଙ୍କା ଏବଂ ଧର୍ମଗଡ଼ର ଉପଜିଲ୍ଲାପାଳ ଯୁବ ଆଇଏଏସ୍ ଅଧିକାରୀ ଧୀମାନ ଚକ୍‌ମାଙ୍କ ଘରୁ ୪୭ ଲକ୍ଷ ଟଙ୍କା ଜବତ ହୋଇଥିଲା। ଏହିଭଳି ସରକାରୀ ବାବୁମାନେ କୋଟି କୋଟି ଟଙ୍କା ରୋଜଗାର କରିବା ନିଶାରେ ମନୋନିବେଶ କରୁଥିବାରୁ ଲୋକଙ୍କ ସ୍ୱାର୍ଥ ସାଧନ ହୋଇପାରୁ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

ସକାଳ
THE SAKALA



www.sakalaepaper.com

ଜେସିଏସ୍‌ଏସ୍‌ଆଇ ବାର୍ଷିକ ପୁରସ୍କାର ସମାରୋହ

# ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ ପାଇଁ ଆର୍‌ଏସ୍‌ପି ପୁରସ୍କୃତ

ରାଉରକେଲା, ୨୭।୭ (ସମିସ)

ରାଞ୍ଚି ସ୍ଥିତ ଜେଏସ୍‌ସିଏ ଷ୍ଟାଡିୟମରେ ଜୁଲାଇ ୨୫ ତାରିଖରେ ଇସ୍ପାତ ଶିଳ୍ପରେ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ମିଳିତ କମିଟି (ଜେସିଏସଏସଆଇ) ଦ୍ୱାରା ଆୟୋଜିତ ଜେସିଏସ୍‌ଏସ୍‌ଆଇ ବାର୍ଷିକ ପୁରସ୍କାର ସମାରୋହରେ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ ପାଇଁ ଆରଏସ୍‌ପିକୁ ଅନେକ ପୁରସ୍କାରରେ ପୁରସ୍କୃତ କରାଯାଇଛି। ସେଥିମଧ୍ୟରେ ଅନୁକରଣୀୟ ସୁରକ୍ଷା ରେକର୍ଡର ସ୍ୱୀକୃତି ସ୍ୱରୂପ ତଥା ୨୦୨୪ କ୍ୟାଲେଣ୍ଡର ବର୍ଷରେ ସମନ୍ୱିତ ଇସ୍ପାତ କାରଖାନାରେ ଶୂନ୍ୟ ଦୁର୍ଘଟଣା ହାସଲ ନିମନ୍ତେ ରାଉରକେଲା ଇସ୍ପାତ କାରଖାନାକୁ ଯୋଜନା-୧ ଅନ୍ତର୍ଗତ ଇସ୍ପାତ ସୁରକ୍ଷା ପୁରସ୍କାର-୨୦୨୫ ପ୍ରଦାନ କରାଯାଇଛି। ସମନ୍ୱିତ ଇସ୍ପାତ କାରଖାନାର ବିଭିନ୍ନ ଜୋନରେ ଶୂନ୍ୟ ପ୍ରାଣଘାତକ ଦୁର୍ଘଟଣା ବର୍ଗ ଅଧୀନରେ ଆରଏସ୍‌ପି ୨୦୨୩ ଓ ୨୦୨୪ କ୍ୟାଲେଣ୍ଡର ବର୍ଷ ପାଇଁ ବହୁ ପୁରସ୍କାର ହାସଲ କରିଛି। ୨୦୨୩ ପାଇଁ ୩ଟି ପୁରସ୍କାର ଏବଂ ୨୦୨୪ ବର୍ଷ ପାଇଁ ୭ଟି ପୁରସ୍କାର ଲାଭ କରିଛି। ଯେଉଁଥିରେ ୨୦୨୪ ପାଇଁ ସମନ୍ୱିତ ଇସ୍ପାତ କାରଖାନା ବର୍ଗରେ ଶୂନ୍ୟ ପ୍ରାଣହାନୀ ଅନ୍ତର୍ଭୁକ୍ତ ରହିଛି।




ଏସ୍‌ଏମ୍‌ଏସ୍-୧ ବିଭାଗର ସିଜିଏମ୍ ବି. ସୁନୀଲ କାର୍ଥା, ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ୍ ଆଶା ଏସ୍. କାର୍ଥା, କୋକ୍ ଓଭେନ ବିଭାଗର ଡିଜିଏମ୍ ବି ସି ସାହୁ, ଏସ୍ ଆଣ୍ଡ ଏଫ୍ ବିଭାଗର ସିନିୟର ମ୍ୟାନେଜର ଅରୁଣ ସାହୁ, ନୂତନ ପ୍ଲେଟ ମିଲ ବିଭାଗର ଡେପୁଟି ମ୍ୟାନେଜର ପିକେ ପାଲ, ସୁରକ୍ଷା ବିଭାଗର ଡେପୁଟି ମ୍ୟାନେଜର ଆର୍‌ଏନ୍ ପାଣିଗ୍ରାହୀ, ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପିକେ ବେହେରା ଏବଂ ଓଡ଼ିଶା ଗ୍ରୁପ ଅଫ୍ ମାଇନ୍ସ ବିଏମ୍‌ଏସ୍‌ର ସାଧାରଣ ସମ୍ପାଦକ କେସି ପଣ୍ଡା ପ୍ରମୁଖ ଆରଏସ୍‌ପି ପକ୍ଷରୁ ପ୍ରତିନିଧିତ୍ୱ କରି ଜେସିଏସଏସଆଇର ଉପାଧ୍ୟକ୍ଷ ଏବଂ ଏସ୍‌ଏସ୍‌ଓର ନିର୍ବାହୀ ନିର୍ଦ୍ଦେଶକ ଅନୁପ କୁମାରଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଏହି ପୁରସ୍କାର ସମାରୋହରେ ଇଏମ୍‌ଡି ବିଭାଗର ସିଜିଏମ୍ ଗୌତମ ଭାଟିଆ, ଜାତୀୟ ସୁରକ୍ଷା ପରିଷଦର ନିର୍ଦ୍ଦେଶକ ଆର୍‌ଡି ଦେବଗଡ଼େ, ଜେସିଏସ୍‌ଏସ୍‌ଆଇର ସଦସ୍ୟ ସଚିବ ତଥା ସୁରକ୍ଷା ବିଭାଗର ସିଜିଏମ୍‌ଏସ୍ ବଶିଷ୍ଠଙ୍କ ସମେତ ବରିଷ୍ଠ ଟ୍ରେଡ୍ ୟୁନିଅନ୍‌ର ପ୍ରମୁଖ ପ୍ରତିନିଧିମାନେ ଉପସ୍ଥିତ ଥିଲେ। କ୍ରମାଗତ ଭାବେ ୨୦୨୩ ଏବଂ ୨୦୨୪ ମସିହାରେ ଲଗାତାର ଦୁଇ ବର୍ଷ ପାଇଁ କୋଲ, କୋକ୍ ଏବଂ କେମିକାଲ, ବ୍ଲାଷ୍ଟ ଫର୍ଣ୍ଣେସ୍, ସ୍ଲାଗ୍ ଗ୍ରାନୁଲେସନ୍ ପ୍ଲାଣ୍ଟ, ସିଣ୍ଟର ପ୍ଲାଣ୍ଟ, କଞ୍ଚାମାଲ ବିଭାଗ, ଏସ୍‌ଏମ୍‌ଏସ୍ ବିଭାଗ, ସିସିଏସ, ରୋଲିଂ ମିଲ୍, ସିଏମ୍, ୟୁଟିଲିଟି, ସର୍ଭିସେସ, ରେଳ ଏବଂ ସଡ଼କ ଟ୍ରାଫିକ୍ ବିଭାଗଗୁଡ଼ିକ ଏହି ସମ୍ମାନଜନକ ପୁରସ୍କାର ଅର୍ଜନ କରିଥିଲେ। ଏହି ସଫଳତା ବୃତ୍ତିଗତ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା କ୍ଷେତ୍ରରେ ବିଶ୍ୱସ୍ତରୀୟ ଶ୍ରେଷ୍ଠ ଅଭ୍ୟାସ ସହିତ ଆର୍‌ଏସ୍‌ପିର ସମନ୍ୱୟକୁ ମଧ୍ୟ ଉଜ୍ଜ୍ୱଳ କରିଥାଏ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଆର୍‌ଏସ୍‌ପି ୨୦୨୪-୨୫ ବର୍ଷରେ ୦.୦୧୬୫ର ରିପୋର୍ଟେବଲ୍ ଲସ୍ ଟାଇମ୍ ଫ୍ରିକ୍ୱେନ୍ସି ରେଟ୍ (ଆରଏଲଟିଏଫଆର) ରେକର୍ଡ ହାସଲ କରିଛି, ଯାହା କେବଳ ସେଲ୍‌ଫରେ ସର୍ବୋତ୍ତମ ନୁହେଁ ବରଂ ୦.୦୮ ଶିଳ୍ପ ମାନଦଣ୍ଡଠାରୁ ମଧ୍ୟ ଉନ୍ନତ ଅଟେ।

■ ଜାତୀୟ ରାଜପଥରେ ଭୂସ୍ଖଳନ

## ପାଣି, ମାଟି ସହ ଧସିଲା ପଥର



କୋଇଡା, ୨୭।୭ (ସମିସ): କୋଇଡାରେ ଲଗାଣ ବର୍ଷା ସାଙ୍ଗକୁ ପ୍ରବଳ ବର୍ଷାର ପ୍ରଭାବରେ ଜାତୀୟ ରାଜପଥ ଉପରେ ଭୂସ୍ଖଳନ ହେଉଥିବା ଦେଖିବାକୁ ମିଳିଛି। ସୁନ୍ଦରଗଡ଼ ଜିଲ୍ଲା ୫୨୦ ଜାତୀୟ ରାଜପଥ ରଜାମୁଣ୍ଡାରୁ କୋଇଡା ଆସିବା ରାସ୍ତା ଚୁନା ଘାଟି ନିକଟରେ ଭୂସ୍ଖଳନ ହେଉଛି। ବର୍ଷା ଜଳର ସ୍ରୋତରେ ରାସ୍ତା ଉପରକୁ ବଡ଼ ବଡ଼ ପଥର ସାଙ୍ଗକୁ ପାହାଡ଼ର ମାଟି ଚାଲି ଆସିଥିବା ଦେଖିବାକୁ ମିଳିଛି। ରାସ୍ତା ଉପରେ ବର୍ଷା ଜଳର ସ୍ରୋତ ଏତେ ତିବ୍ର ରହିଛି ଯେ, ପାହାଡରୁ ପଥର ଭସାଇ ଆଣି ରାସ୍ତା ଉପର ପଡୁଛି। ଗତକାଲି ରାତ୍ରିରେ ରାଜାମୁଣ୍ଡା କୋଇଡା ରାସ୍ତାରେ ଯାତାୟାତ ବେଳେ ଭୂସ୍ଖଳନ ହୋଇଥିଲା। ଏନଏଚ କର୍ତ୍ତୃପକ୍ଷଙ୍କ ସହାୟତାରେ ରାସ୍ତାର ପଥର ଗୁଡିକ ରାସ୍ତା କଡରେ ରଖାଯିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ହେଲେ ବର୍ଷା ଯୋଗୁଁ ଏବେବି ଭୂସ୍ଖଳନ ଜାରି ରହିଥିବା ସୂଚନା ମିଳିଛି।

## ନୂଆ ବସ୍‌ଷ୍ଟାଣ୍ଡ ହାଇମାଷ୍ଟ ଲାଇଟ୍ ମରାମତି ଦାବି

ରାଉରକେଲା, ୨୭।୭ (ସମିସ): ରାଉରକେଲାର ନୂଆ ବସଷ୍ଟାଣ୍ଡରେ ରହିଥିବା ୨ଟି ହାଇମାଷ୍ଟ ଲାଇଟ ମଧ୍ୟରୁ ଗୋଟିଏ ହାଇମାଷ୍ଟ ଲାଇଟରେ ଏଲ୍‌ଇଡି ବଲ୍ ଫ୍ୟୁଜନ୍ ହୋଇଯାଇଥିବାରୁ ତାହା ଜଳୁନି। ଫଳରେ ବସ୍‌ଷ୍ଟାଣ୍ଡର ଉକ୍ତ ଅଞ୍ଚଳ ଅନ୍ଧକାରମୟ ହୋଇପଡ଼ିଛି। ଯାହାକି ଅସାମାଜିକ କାର୍ଯ୍ୟକଳାପକୁ ବେଶ୍ ସୁହାଉଛି। ଏହାର ମରାମତି କରିବାକୁ ସାଧାରଣରେ ଦାବି ହୋଇଛି।

## ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ

■ ହତ୍ୟା ଅଭିଯୋଗ ଆଣିଲେ ପରିବାର

ବଣାଇଁ, ୨୭।୭ (ସମିସ): ବଣାଇଁ ଥାନା ଅନ୍ତର୍ଗତ କେନାଭେଟା ପଞ୍ଚାୟତ କନ୍ତସରା ଗ୍ରାମରେ ଜଣେ ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ରଞ୍ଜିତ କିସାନ (୪୫)। ସୂଚନାନୁସାରେ, ଅପରାହ୍ନରେ ସମ୍ପର୍କୀୟ ପୁତୁରା କାକା ରଞ୍ଜିତ ମୂମୁର୍ଷ ଅବସ୍ଥାରେ ତାଙ୍କ ବାରଣ୍ଡାରେ ଖଟତଳେ ପଡ଼ିଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ବଣାଇଁ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ବେକରେ କଳା ଦାଗ, ନଖ ଚିହ୍ନ ଏବଂ ମୁହଁ ତଳକୁ ମଲା ରକ୍ତଦାଗ ଥିବାରୁ ତାଙ୍କ ପତ୍ନୀ ନୂଆ ଦେଇଙ୍କ ସହ ସପରିବାର ବଣାଇଁ ଥାନାରେ ପହଞ୍ଚି ତାଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିବା ସହ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ବଣାଇଁ ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବକୁ ଜବତ କରି ତଦନ୍ତ ଜାରି ରଖିଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

## ସ୍ୱାମୀକୁ ହତ୍ୟା କରି ପତ୍ନୀର ଆତ୍ମସମର୍ପଣ

ରାଉରକେଲା, ୨୭।୭ (ସମିସ): ପାରିବାରିକ କଳହ ପରେ ସ୍ୱାମୀର ଆକ୍ରମଣରୁ ବଞ୍ଚିବା ପାଇଁ ଶାବଳ ଆକ୍ରମଣରେ ଜଣେ ମହିଳା ତାର ସ୍ୱାମୀକୁ ହତ୍ୟା କରିବା ପରେ ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ରାଜଗାଙ୍ଗପୁର ଥାନା ଅନ୍ତର୍ଗତ କାଂଶବାହାଲ ଫାଣ୍ଡିର କଦଳିଡିପା ଗାଁର ସୁଦୀପ ବାଡା (୨୪), ପତ୍ନୀ ସଙ୍ଗୀତା ବାଡା (୨୧) ଏବଂ ତାଙ୍କର ୨ଟି ସନ୍ତାନଙ୍କୁ ନେଇ ବାସ କରୁଥିଲେ। ପାରିବାର କଳହକୁ କେନ୍ଦ୍ର କରି ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କିଛି ଦିନ ଧରି ବିବାଦ ଲାଗି ରହିଥିଲା। ଗତକାଲି ରାତିରେ ସେମାନଙ୍କ ମଧ୍ୟରେ ଝଗଡ଼ା ଉଗ୍ର ରୂପ ଧାରଣ କରିଥିଲା। ଫଳରେ ସୁଦୀପ ବାଡା ଏକ ଛୁରୀ ଧରି ପତ୍ନୀ ସଙ୍ଗୀତା ବାଡାକୁ ଆକ୍ରମଣ କରିବାକୁ ଉଦ୍ୟତ ହେବାରୁ ନିଜ ପ୍ରାଣ ବଞ୍ଚାଇବାକୁ ଯାଇ ସଙ୍ଗୀତା ଏକ ଶାବଳରେ ସୁଦୀପକୁ ଆକ୍ରମଣ କରିଥିଲା। ଶାବଳ ପ୍ରହାର ସୁଦୀପର ମୁଣ୍ଡରେ ବାଜିବାରୁ ସେ ଗୁରୁତର ଭାବେ ଆହତ ହୋଇଥିଲା। ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ୨ଟି ଛୁଆଙ୍କୁ ଧରି ସଙ୍ଗୀତା କାଂଶବାହାଲ ଫାଣ୍ଡିରେ ଆତ୍ମସମର୍ପଣ କରି ସମସ୍ତ ଘଟଣା ବର୍ଣ୍ଣନା କରିଥିଲା। ସୁଦୀପର ମାଆ ମେରୀ ବାଡା ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କୁମାର ଦାସ ଓ ଫାଣ୍ଡି ଅଧିକାରୀ ଏନେଇ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛନ୍ତି। ଆସନ୍ତାକାଲି ଅଭିଯୁକ୍ତ ସଙ୍ଗୀତା ବାଡାକୁ ଗିରଫ କରି କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି। ଆଜି ମୃତ ସୁଦୀପ ବାଡାଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି।

## କଫ୍ ସିରଫ ଜବତ; ଜଣେ ଗିରଫ

ରାଉରକେଲା, ୨୭।୭ (ସମିସ): ସୁନ୍ଦରଗଡ଼ ଜିଲ୍ଲାର ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ଖୁଣ୍ଟମୁଣ୍ଡା ବସଷ୍ଟାଣ୍ଡ ଅଞ୍ଚଳରୁ ପୁଲିସ ଏକ କାର ଭିତରୁ କଫ୍ ସିରଫ ଜବତ କରିବା ସହ ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଉଛି ବେଲସରା ବୁଡାବାବାଲ ଅଞ୍ଚଳର ବିଶାଳ ମୁଣ୍ଡା (୩୨)। ତା' ନିକଟରୁ ୧୦୦ ମିଲିଲିଟର ବିଶିଷ୍ଟ ୪୩ଟି ସିଲଡ୍ ୱିନସିରେକ୍ସ କଫ୍ ସିରଫ, ୭ଟି ଖୋଲା କଫ୍ ସିରଫ ଜବତ ହୋଇଛି। ଯେଉଁଥିରେ ଆଲପ୍ରାକ୍ସ ବଟିକା ମିଶିଥିବା ଜଣାପଡ଼ିଛି। ଗୋଟିଏ



ଜାରକିନ ଭର୍ତ୍ତି ରାସାୟନିକ ପଦାର୍ଥ, ୦.୫ ମିଲିଗ୍ରାମର ୨ ଷ୍ଟ୍ରିପ ଆଲପ୍ରାକ୍ସ ବଟିକା, ମାରୁତି ଏକ୍ସପ୍ରେସୋ ଭ୍ୟାନ, ମୋବାଇଲ ଫୋନ ଓ ନଗଦ ୬୦୦ ଟଙ୍କା ମଧ୍ୟ ଅଭିଯୁକ୍ତ ନିକଟରୁ ଜବତ କରାଯାଇଛି। କଫ୍ ସିରଫରେ ଆଲପ୍ରାକ୍ସ ନିଦ ବଟିକା ମିଶାଇ ଅପମିଶ୍ରିତ କଫ୍ ସିରଫ ପ୍ରସ୍ତୁତ କରି ଚଢ଼ା ଦରରେ ଅଭିଯୁକ୍ତ ବିକ୍ରି କରୁଥିବା ଲେଫ୍ରିପଡ଼ା ପୁଲିସ କହିଛି, ସୂଚନାନୁଯାୟୀ, ଆଜି ସକାଳେ ଖୁଣ୍ଟମୁଣ୍ଡା ବସଷ୍ଟାଣ୍ଡ ଅଞ୍ଚଳରେ ଲେଫ୍ରିପଡ଼ା ଥାନା ଅଧିକାରୀ ଅଶୋକ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ସର୍ଗିପାଲି ଫାଣ୍ଡି ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଜଣେ ଯୁବକ ଏକ କାର ଭିତରେ ଅପମିଶ୍ରିତ କଫ୍ ସିରଫ ବିକ୍ରି କରୁଥିବା ଦେଖି ସର୍ଗିପାଲି ଫାଣ୍ଡି ଅଧିକାରୀ ଦିନେଶ କୁମାର ପଟ୍ଟା ଚଢ଼ଉ କରିଥିଲେ। କଫ ସିରଫ ବିକ୍ରି କରୁଥିବା ଉପରୋକ୍ତ ଅଭିଯୁକ୍ତକୁ କାବୁ କରି ପଚରାଉଚରା କରିବା ପରେ ସେ ସବୁ ଘଟଣା ବଖାଣିଥିଲା। ଅଭିଯୁକ୍ତ ବିଶାଳ ମୁଣ୍ଡା ରାଉରକେଲା ଅଞ୍ଚଳରୁ ଏହି କଫ୍ ସିରଫ କ୍ରୟ କରୁଥିଲା। ସେ ୧୦୦ ମିଲିଲିଟର ବିଶିଷ୍ଟ ୭ଟି କଫ୍ ସିରଫରେ ୧୨ଟି ୦.୫ ମିଲିଗ୍ରାମର ଆଲପ୍ରାକ୍ସ (ନିଦ ବଟିକା) ଏବଂ ୫ ଲିଟର ପାଣି ମିଶାଇ ଅପମିଶ୍ରିତ କଫ ସିରଫ ପ୍ରସ୍ତୁତ କରୁଥିଲା। ଏହାକୁ ପୁନର୍ବାର ବଟଲିଂ ଓ ସିଲିଂ କରି ଚଢ଼ା ମୂଲ୍ୟରେ ବିକ୍ରି କରୁଥିଲା। କଫ୍ ସିରଫର ପ୍ରକୃତ ମୂଲ୍ୟ ୧୫୦ ଟଙ୍କା ଥିବା ବେଳେ ବିଶାଳ ଏହାକୁ ଅପମିଶ୍ରିତ କରିବା ପରେ ୨୫୦ ଟଙ୍କାରେ ପ୍ରତି ବୋତଲ ବିକ୍ରି କରୁଥିଲା ବୋଲି ପୁଲିସ ନିକଟରେ ସ୍ୱୀକାର କରିଥଲା। ଏହାକୁ ପାନ କରିବା ପରେ ଅଧିକ ନିଶା ହେଉଥିବାରୁ ଏହାକୁ କିଣିବା ପାଇଁ ମଦ୍ୟପଙ୍କ ବେଶ୍ ଭିଡ଼ ଜମୁଥିଲା। ତେବେ ଅଭିଯୁକ୍ତ ବିଶାଳ ରାଉରକେଲାର କାହା ଠାରୁ ଏତେ ପରିମାଣରେ କଫ୍ ସିରଫ କିଣୁଥିଲା ତାର ଖିଅ ଖୋଜିବା ପାଇଁ ତଦନ୍ତ ଚାଲିଥିବା ଏସଡିପିଓ ନିର୍ମଳ ମହାପାତ୍ର କହିଛନ୍ତି।

## କାଉଡ଼ି ଯାତ୍ରାରେ ଡିଜେ ଓ ମଦ୍ୟପାନ ଉପରେ କଟକଣା ଦାବି

ରାଉରକେଲା, ୨୭।୭ (ସମିସ): ଶ୍ରାବଣ ମାସରେ କାଉଡିଆଙ୍କ ଯାତ୍ରାରେ କିଛି ଅସାମାଜିକ ଯୁବକ ଗେରୁଆ ବେଶରେ ମଦ୍ୟ ପାନ କରି ଅନେକ ସମୟରେ ଅସାମାଜିକ କାର୍ଯ୍ୟ କରୁଥିବା ନଜର ଆସିଛି। ଯାହାକୁ 'ପରୋପକାର' ସାମାଜିକ ସଂଗଠନ ପକ୍ଷରୁ ନିନ୍ଦା କରାଯାଇଛି। ସାରନଗରୀ ଅଞ୍ଚଳର ବିଶିଷ୍ଟ ସମାଜସେବୀ ତଥା 'ପରୋପକାର' ସାମାଜିକ ସଂଗଠନର ଅଧ୍ୟକ୍ଷ ଅଶୋକ କୁମାର ପଟ୍ଟନାୟକ ଏହାକୁ ନିନ୍ଦନୀୟ ବୋଲି କହିଛନ୍ତି। କାଉଡିଆ ଯାତ୍ରାରେ ଏଭଳି ଅସାମାଜିକ କାର୍ଯ୍ୟକଳାପ ହିନ୍ଦୁ ଧର୍ମର ପରମ୍ପରା କ୍ଷୁର୍ଣ୍ଣ କରୁଛି। ରାଉରକେଲା ସହର ଓ ଦକ୍ଷିଣ ରାଉରକେଲାରେ ଥିବା ମଦ କାଉଣ୍ଟର ଏବଂ ରାଜରାସ୍ତା କଡରେ ଥିବା ଢାବାରୁ କାଉଡିଆ ଶ୍ରଦ୍ଧାଳୁମାନେ ମଦ କ୍ରୟ କରି ମଦ୍ୟପାନ କରୁଛନ୍ତି। ମଦ୍ୟପାନ କରି ଯାତ୍ରା କରିବା ଫଳରେ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ଏପରିକି ଅନେକ ସମୟରେ ସଡକ ଦୁର୍ଘଟଣାର ମଧ୍ୟ ଶିକାର ହେଉଛନ୍ତି। ଗେରୁଆ ବେଶଭୂଷାଧାରୀ କାଉଡିଆମାନଙ୍କୁ ମଦ ଦୋକାନ ଏବଂ ଢ଼ାବା ଗୁଡିକରେ ମଦ ଦେବା ଉପରେ କଟକଣା ଲଗାଇବାକୁ ଶ୍ରୀ ପଟ୍ଟନାୟକ ସ୍ଥାନୀୟ ପୁଲିସ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ଏହାସହ ମହାଦେବଙ୍କୁ ଜଳାଭିଷେକ କରିବାକୁ ଯାଉଥିବା ବେଳେ ନାନା ପ୍ରକାର ଉଚ୍ଚ ସ୍ୱରରେ ଆଧୁନିକ ଡିଜେ ଗୀତ ବଜାଇବା ଉପରେ ମଧ୍ୟ ସମ୍ପୂର୍ଣ୍ଣ କଟକଣା ଜାରି କରିବାକୁ ସେ ଅନୁରୋଧ କରିଛନ୍ତି। ଏହି ମର୍ମରେ ଏକ ସ୍ମାରକପତ୍ର ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ 'ପରୋପକାର'ର ଏକ ପ୍ରତିନିଧି ଦଳ ଟାଙ୍ଗରପାଲ୍ଲୀ ଥାନା ଅଧିକାରୀ ନିରଞ୍ଜନ ସେଠୀ ଏବଂ ଜଳଦା ଫାଣ୍ଡି ଅଧିକାରୀ ବିକାଶ କୁମାର କଲେଟଙ୍କୁ ସାକ୍ଷାତ କରି ପ୍ରଦାନ କରିଛନ୍ତି। ଏହି ପ୍ରତିନିଧି ଦଳରେ ସଞ୍ଜୟ ଦାସ, ରାମ ପଟନାୟକ, ପ୍ରକାଶ ସାହୁ, ବିଷ୍ଣୁ ପ୍ରସାଦ ନାଥ, ମୁନା ଜେନା, ସର୍ବେଶ୍ୱର ଜେନା, ବିଶ୍ୱଜିତ ଜେନା, ବିଜୟ ରାଉତ, ଶ୍ରୀକାନ୍ତ ଦାସ, ଅମୁଲ୍ୟ ସେଠି, ବିଜୟ ସୋନାରାମ, ସନ୍ତୋଷ ପଣ୍ଡା, ହରମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



● ଥାନା ଅଧିକାରୀଙ୍କୁ 'ପରୋପକାର'ର ସ୍ମାରକପତ୍ର

## ବନ୍ଧମୁଣ୍ଡାରୁ ଘୋଗଡ଼ ଧାମକୁ କାଉଡିଆଙ୍କ ଯାତ୍ରା



ରାଉରକେଲା, ୨୭।୭ (ସମିସ): ଶ୍ରାବଣ ମାସ ତୃତୀୟ ସୋମବାର ଉପଲକ୍ଷେ ବନ୍ଧମୁଣ୍ଡା ସି-ସେକ୍ଟର ସ୍ଥିତ ବନ୍ଧମୁଣ୍ଡା ବ୍ରଦର ସଙ୍ଘ ତରଫରୁ ଆଜି ସନ୍ଧ୍ୟାରେ ଘୋଗଡ଼ ଧାମ ପାଇଁ ଏକ ଭବ୍ୟ କାଉଡି ଯାତ୍ରା ବାହାରି ଥିଲା। ଉତ୍ସାହ ଓ ଭକ୍ତିପୂର୍ଣ୍ଣ ପରିବେଶ ମଧ୍ୟରେ ଆରମ୍ଭ ହୋଇଥିବା ଏହି କାଉଡିଆ ଯାତ୍ରାରେ ରାଉଲକେଲା ବିଧାୟକ ସାରଦା ପ୍ରସାଦ ନାୟକ ଉପସ୍ଥିତ ରହି ନଡ଼ିଆ ଭାଙ୍ଗି ଯାତ୍ରା ଆରମ୍ଭ କରିଥିଲେ। ଏହି ଅବସରରେ ପିଙ୍କୁ ଜୟସ୍ୱାଲ, ଡି. ଅଭିକ କୁମାର, ଚନ୍ଦନ ତରାଇ, ନୀତିଶ ମୁଖୀଙ୍କ ସମେତ ବିଜେପିର ଆଇ ରାଜା ରମେଶ, ସୂର୍ଯ୍ୟ ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ସଂଘର ସଦସ୍ୟମାନେ ପାରମ୍ପରିକ କପଡ଼ା ପିନ୍ଧି, ହାତରେ କାଉଡି ବୋହି ହର ହର ମହାଦେବ ଧ୍ୱନିରେ ଯାତ୍ରା କରିଥିଲେ। ଭକ୍ତମାନେ ଢ଼ୋଲ ଏବଂ ଡିଜେ ଧ୍ୱନିରେ ମସଗୁଲ ହୋଇଯାଇଥିଲେ। ରାସ୍ତାରେ ଅନେକ ସ୍ଥାନୀୟ ଲୋକ ଭକ୍ତମାନଙ୍କ ପାଇଁ ପାନୀୟ ଜଳ, ଲେମ୍ବୁ ପାଣି ଓ ଭୋଗ ବ୍ୟବସ୍ଥା କରିଥିଲେ।

## ନୂତନ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ଯୋଗଦାନ

ରାଉରକେଲା, ୨୭।୭ (ସମିସ) : ସୁନ୍ଦରଗଡ଼ ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ରବିବାର ଡ. ଶୁଭଙ୍କର ମହାପାତ୍ର ଯୋଗଦାନ କରିଛନ୍ତି। ସେ ଆଜି ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ଜିଲ୍ଲାପାଳ ଡ. ମହାପାତ୍ର ଏହା ପୂର୍ବରୁ ନବରଙ୍ଗପୁର ଏବଂ ଯାଜପୁର ଜିଲ୍ଲାର ଜିଲ୍ଲାପାଳ ଭାବେ ଅବସ୍ଥାପିତ ହୋଇ ବହୁ ବିକାଶମୂଳକ କାର୍ଯ୍ୟ ଅତ୍ୟନ୍ତ ସଫଳତାର ସହ ସମ୍ପାଦନ କରିଛନ୍ତି। ପୂର୍ବରୁ ସେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ରାଉରକେଲା ମହାନଗର ନିଗମର ଆୟୁକ୍ତ ଭାବେ ମଧ୍ୟ ଅବସ୍ଥାପିତ ରହିଥିଲେ। ରାଉରକେଲା ଆନ୍ତର୍ଜାତୀୟ ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍ ଠାରୁ ଆରମ୍ଭ କରି ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ୍, ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ, ବାସନ୍ତୀ ଡିଏଭି ପୋଖରୀର ସୌନ୍ଦର୍ଯ୍ୟକରଣ ସହ ସହରର ଏକାଧିକ ପାର୍କ, ରାସ୍ତାଘାଟର ସୌନ୍ଦର୍ଯ୍ୟକରଣ, ଆଲୋକୀକରଣ ଆଦି କାର୍ଯ୍ୟ ପାଇଁ ସେ ବେଶ୍ ପ୍ରଶଂସା ସାଉଁଟି ପାରିଥିଲେ। ଆଜି ଜିଲ୍ଲାପାଳଙ୍କ ଯୋଗଦାନ ପରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଆଇଏଏସ ଶିକ୍ଷାନବିଷ ଫାବୀ ରସିଦ, ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲା କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଜିଲ୍ଲାପାଳ ଡ. ମହାପାତ୍ର ସମସ୍ତ ଅଧିକାରୀମାନଙ୍କ ସହ ଆଲୋଚନା କରିବା ସହ ଜିଲ୍ଲା କାର୍ଯ୍ୟାଳୟ ବୁଲି ଦେଖିଥିଲେ।



## 'ମୋ ବନ ମୋ ଜୀବନ' କାର୍ଯ୍ୟକ୍ରମ



ବଣାଇଁ, ୨୭।୭ (ସମିସ): ବଣାଇ ବନଖଣ୍ଡ ଅନ୍ତର୍ଗତ ସୋଲ ରେଞ୍ଜ ସ୍ଥିତ ଏଜିଏମ୍ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ 'ମୋ ବନ ମୋ ଜୀବନ' ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡବ୍ଲ୍ୟୁଇଭି ଫାଉଣ୍ଡେସନ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ସୋଲ ରେଞ୍ଜ ଅଧିକାରୀ ରଶ୍ମି ରଞ୍ଜନ ରାଉଳ ଜଙ୍ଗଲ ସୃଷ୍ଟି କରିବା ବା ସଂରକ୍ଷିତ ରଖିବାରେ ହାତୀର ଭୂମିକା ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଏହି ବିଷୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦ୍ରୌପଦୀ ଦେଇ ଏବଂ ଡବ୍ଲ୍ୟୁଇଭି ଫାଉଣ୍ଡେସନର ସହ ସଂସ୍ଥାପକ ତଥା ନିର୍ଦ୍ଦେଶକ ସୁବାଶିଷ ଦାସ ବିସ୍ତାର ଭାବରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନର ଅନ୍ୟ ଜଣେ ନିର୍ଦ୍ଦେଶକ ନୀଳାଦ୍ରୀ ଶେଖର ସାହା, ସଂଯୋଜକ ଭଗବତୀ ପ୍ରସାଦ ସାହୁ, ସଦସ୍ୟ ଚିରଞ୍ଜିତ ବାରିକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପିଲାମାନଙ୍କୁ ବିଭିନ୍ନ ସଚେତନତା ବାର୍ତ୍ତା ଭିଡିଓ ଦେଖାଇବା ସହ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ବନପାଳ ଭୁବନେଶ୍ୱର ରାୟ, ମନୋରଞ୍ଜନ ମହାନ୍ତି, ନିରଞ୍ଜନ ପ୍ରଧାନ, ଡ୍ରୋନ୍ ଚାଳକ ସମର୍ଥ ନାୟକଙ୍କ ସମେତ ଅନ୍ୟ ବନ କର୍ମଚାରୀ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସହକର୍ମୀ ଯୋଗଦେଇଥିଲେ।

ରିପୋର୍ଟ କାର୍ଡ ଉପସ୍ଥାପନ କଲେ ବିଧାୟକ

# 'ଅଞ୍ଚଳବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ଓ ବିକାଶ କରିବା ମୋର ପ୍ରାଥମିକତା'

ରାଉରକେଲା, ୨୭।୭ (ସମିସ)

ପ୍ରଥମଥର ପାଇଁ ରଘୁନାଥପାଲ୍ଲୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବିଧାୟକ ଦୁର୍ଗା ଚରଣ ତନ୍ତୀଙ୍କର ବିଧାନସଭାରେ କାର୍ଯ୍ୟକାଳର ଏକ ବର୍ଷ ପୂରି ହୋଇଛି। ଏହି ଅବସରରେ ନିଜ ନିର୍ବାଚନ ମଣ୍ଡଳୀବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ନିମିତ୍ତ ହୋଇଥିବା କାର୍ଯ୍ୟର ଏକ ବାର୍ଷିକ ରିପୋର୍ଟ କାର୍ଡ ରବିବାର ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଜନତାଙ୍କ ସମ୍ମୁଖରେ ବିଧାୟକ ଉପସ୍ଥାପନ କରିଛନ୍ତି। ଏହି ଅବସରରେ ବିଧାୟକ ଶ୍ରୀ ତନ୍ତୀ ଲାଠିକଟା ବ୍ଲକର ମୁଣ୍ଡାଜୋର, ରାମଜୋଡି, ସୁଇଡ଼ିହି, ଜଲଦା, ବଲାଣି, ହାତିବନ୍ଧା ଏବଂ ଲାଠିକଟା ସମେତ ୭ଟି ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଗମନାଗମନର ସୁବିଧା ନିମିତ୍ତ ପ୍ରାୟ ୨୦ କୋଟି ଟଙ୍କା ବ୍ୟୟରେ ଏକାଧିକ ରାସ୍ତା ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା, ଅନେକ ଗ୍ରାମରେ ହାଇମାକ୍ସ ଲାଇଟ, ଅନେକ ଜାଗାରେ ଷ୍ଟ୍ରିଟ୍ ଲାଇଟ ଲଗାଯିବା, କେତେକ ଗ୍ରାମରେ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିବା ସୂଚନା ଦେଇଥିଲେ। ଏଥିସହ ଇସ୍ପାତ ସହରାଞ୍ଚଳର ସେକ୍ଟର-୫ ସ୍ଥିତ କବିସମ୍ରାଟପାଲ୍ଲୀ, ସେକ୍ଟର-୧୩ ଏସ୍‌ବିଆଇ ନିକଟସ୍ଥ ବସ୍ତି ଏବଂ ସେକ୍ଟର-୧୫ ମଲ୍ଲିକ ବସ୍ତିରେ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଥିବା, ଇସ୍ପାତ ସହରାଞ୍ଚଳ ଏବଂ ଦକ୍ଷିଣ ରାଉରକେଲାର ଅନେକ ସ୍ଥାନରେ ରାସ୍ତା ଗୁଡିକର ମରାମତି ଓ ନିର୍ମାଣ କରାଯାଇଥିବା ସେ ପ୍ରକାଶ କରିଥିଲେ। ଲୁଆକେରା ଗ୍ରାମ ନିକଟସ୍ଥ କୋଏଲ ନଦୀ, ଜଲଦା କଂସର ଗ୍ରାମ ନିକଟସ୍ଥ ବ୍ରାହ୍ମଣୀ ନଦୀ, ବାରବେଡା ଗ୍ରାମ ରାସ୍ତା ମଝିରେ ଥିବା ନାଳ ଉପରେ ବ୍ରିଜ୍ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ଅନୁମୋଦନ ହୋଇଥିବା ସେ କହିଥିଲେ। ହମିରପୁର, ତୁମକେଲା, ଲୁଆକେରା ଏବଂ ଦକ୍ଷିଣ ରାଉରକେଲା ଅଞ୍ଚଳର ନବକୃଷ୍ଣ ନଗର, ଟାଙ୍ଗରପାଲ୍ଲୀର କିଛି ଗ୍ରାମ ତଥା ବସ୍ତି ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ପ୍ରସ୍ତାବ ରଖିଥିବା ସେ କହିଛନ୍ତି। ସ୍ଥାନୀୟ ଅଞ୍ଚଳର ବେକାର ଯୁବକ ଓ ଯୁବତୀଙ୍କୁ ନିଯୁକ୍ତିକୁ ନେଇ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକଙ୍କୁ ଲିଖିତ ପତ୍ର ପ୍ରଦାନ କରିଥିବା ଓ ରାଉରକେଲା ସରକାରୀ ଡାକ୍ତରଖାନାର ସମ୍ପ୍ରସାରଣ ନେଇ ପ୍ରଶାସନିକ କାର୍ଯ୍ୟ ଆରମ୍ଭ ହୋଇଥିବା ବିଧାୟକ ସୂଚାଇଥିଲେ। ସେହିପରି ବିମାନବନ୍ଦରର ସମ୍ପ୍ରସାରଣ ଏବଂ ନିୟମିତ ବିମାନସେବାକୁ ନେଇ ରାଜ୍ୟ ବେସାମରିକ ବିମାନ ଚଳାଚଳ ବିଭାଗ ମନ୍ତ୍ରୀ ଓ ବିଭାଗୀୟ ସଚିବଙ୍କ ସହ କଥା ହୋଇଥିବା ସେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଧିରେନ ସେନାପତି, ବିଜେପି ରାଉରକେଲା ସାଂଗଠନିକ ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟା, ପ୍ରାକ୍ତନ ସଭାନେତ୍ରୀ ଲତୀକା ପଟ୍ଟନାୟକ, ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ପ୍ରଶାସନ ମଧ୍ୟସ୍ଥତାରେ ହେବ ଗଣେଶ ମେଳା କମିଟି ନିର୍ବାଚନ

ଦେବଗଡ଼,୨୭।୭(ସମିସ): ଦେବଗଡ଼ ସାର୍ବଜନୀନ ଗଣେଶ ପୂଜା ଓ ମେଳା ଆୟୋଜନ ପାଇଁ ଜିଲ୍ଲା ପ୍ରଶାସନ ମଧ୍ୟସ୍ଥତାରେ ସୋମବାର କମିଟିର ପଞ୍ଜୀକୃତ ସଦସ୍ୟଙ୍କ ସହମତି କିମ୍ବା ନିର୍ବାଚନ ଜରିଆରେ ନୂତନ କମିଟି ଗଠନ କରାଯିବା ନେଇ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ବର୍ଷ ଗଣେଶ ପୂଜା ଓ ମେଳା ଆୟୋଜନ ପାଇଁ ଦୁଇଟି ସମାନ୍ତରାଳ କମିଟି ସୃଷ୍ଟି ହେବା ପରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ସମାଧାନ ପାଇଁ ଗତ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ପରିକ୍ଷୀତ ସାହୁ ଓ ଏସଡିପିଓ ରମେଶ ମାହାନାଙ୍କ ଉପସ୍ଥିତିରେ ଉଭୟ କମିଟିକୁ ନେଇ ବୈଠକ ହୋଇଥିଲା। ଗଣେଶ ମେଳା କମିଟିର ପଞ୍ଜୀକୃତ ସଦସ୍ୟ ମାନଙ୍କ ଦ୍ୱାରା, ସମସ୍ତଙ୍କ ସହମତିରେ କିମ୍ବା ନିର୍ବାଚନ ମାଧ୍ୟମରେ ଚୟନ ଚୟନ କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସୋମବାର ଅପରାହ୍ଣ ୩.୩୦ରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ନିର୍ବାଚନ ହେବ । ସମସ୍ତ ପଞ୍ଜୀକୃତ ସଦସ୍ୟ ଏହି ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରି ନିଜ ମନ ପସନ୍ଦ କର୍ମକର୍ତ୍ତା ଚୟନ ସକାଶେ ମତଦାନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ପ୍ରେମ ପ୍ରତାରଣା କରି ଯୁବକ ଗିରଫ

ଝାରସୁଗୁଡ଼ା,୨୭।୭(ସମିସ): ରେଙ୍ଗାଲି ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ପରେ ପ୍ରତାରଣା କରିବା ଅଭିଯୋଗରେ ଜଣେ ଯୁବକକୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣକ ରେଙ୍ଗାଲି ଥାନା ଅଞ୍ଚଳର ବୋଲି ଜଣା ପଡ଼ିଛି। ଅଭିଯୁକ୍ତ ଜଣକ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ବିବାହ ପ୍ରତିଶ୍ରୁତି ଦେଖାଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲା। ଏହାପରେ ପ୍ରତାରଣା କରି ସେମାନଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଚିତ୍ର ଭାଇରାଲ କରିଥିଲା। ଯୁବତୀ ଜଣକ ଏନେଇ ଲିଖିତ ଅଭିଯୋଗ କରିବା ପରେ ରେଙ୍ଗାଲି ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# କାନ୍ଥ ଭୁଶୁଡ଼ି କାର ଚେପା



ଝାରସୁଗୁଡ଼ା,୨୭।୭(ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ଅଞ୍ଚଳରେ ଏକ କାର ଉପରେ ମାଟି କାନ୍ଥ ଭୁଶୁଡି ପଡିବାରୁ କାରଟି ଭାଙ୍ଗି ନଷ୍ଟ ହୋଇଯାଇଛି। ବେଲପାହାଡରେ ଲଗାଣ ବର୍ଷା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି। ବର୍ଷାରେ ଅଞ୍ଚଳରେ ଏକ ମାଟି କାନ୍ଥ ଭୁଶୁଡି ପଡି କାର ଉପରେ ପଡ଼ିଥିଲା। କାରଟି ସୁବାଷ ମିଶ୍ରଙ୍କର ବୋଲି ଜଣାପଡିଛି। କାର ଉପରେ ମାଟି କାନ୍ଥ ପଡିଥିବା ଭିଡିଓ ସୋସିଆଲ ମିଡିଆରେ ବେଶ ଭାଇରାଲ ମଧ୍ୟ ହୋଇଛି।

# ଗାଁ ଦେଇ କୋଇଲା ବୋଝେଇ ଟ୍ରକ୍ ଚଳାଚଳକୁ ବିରୋଧ

ଝାରସୁଗୁଡ଼ା,୨୭।୭(ସମିସ):



ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ପୌର ପରିଷଦ ଅଧୀନ ୱାର୍ଡ ନମ୍ବର ୧୩ ସାନଯୋବ୍ ମଧୁବନା ନଗର ଗାଁ ମଝିରେ କୋଇଲା ବୋଝେଇ ଟ୍ରକ ଚଳାଚଳକୁ ଗ୍ରାମବାସୀ ବିରୋଧ କରିଛନ୍ତି। ବିରୋଧ ପ୍ରଦର୍ଶନ ବେଳେ ଗ୍ରାମବାସୀ ରାସ୍ତାରୋକ କରିବା ସହିତ କୋଇଲା ବୋଝେଇ ଟ୍ରକ ଗୁଡିକୁ ଅଟକ ରଖିଥିଲେ। ଦୀର୍ଘ ସମୟ ପରେ ବ୍ରଜରାଜନଗର ଟ୍ରକ ମାଲିକ ସଂଘ କର୍ମକର୍ତ୍ତା ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ରାସ୍ତା ଦେଇ କୋଇଲା ବୋଝେଇ ଟ୍ରକ ଗୁଡିକ କେବଳ ରାତି ୧୦ ଟାରୁ ସକାଳ ୬ ଟା ପର୍ଯ୍ୟନ୍ତ ୧୫ ଦିନ ଚାଲିବ ବୋଲି ସମୟ ମାଗିଥିଲେ। ୧୫ ଦିନ ପରେ ଏହାର ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି କର୍ମକର୍ତ୍ତା ମାନେ ପ୍ରତିଶ୍ରୁତି ପାଇବା ପରେ ଟ୍ରକ ଗୁଡିକୁ ଗାଁ ବାସି ଛାଡିଥିଲେ। ଗାଁ ରାସ୍ତା ଦେଇ ପ୍ରତ୍ୟେହ ଶହ ଶହ କୋଇଲା ବୋଝେଇ ଟ୍ରକ ଗୁଡିକ ଗମନାଗମନ କରୁଥିବାରୁ ଗାଁର ଲୋକମାନେ ଯିବା ଆସିବା କରିବା ସମୟରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାସହ ସ୍କୁଲ୍, ଅଙ୍ଗନବାଡି କେନ୍ଦ୍ରକୁ ଛୋଟ ଛୋଟ ପିଲା ଯାତାୟତ କରୁଥିବାରୁ ଏବଂ ଗାଁର ଅଧିକାଂଶ ଲୋକ ପାଣି ପାଇଁ ଯିବା ଆସିବା

■ ରାସ୍ତାରୋକ କଲେ ଗ୍ରାମବାସୀ
■ ୧୫ ଦିନ ସମୟ ମାଗିଲା ବିଟିଓଏ

କରିବା ସମୟରେ ଦୁର୍ଘଟଣାର ଭୟ ଲାଗି ରହିଛି। ଗାଁର ପ୍ରତ୍ୟେକ ଛୋଟରୁ ବଡ ଲୋକ ସବୁବେଳେ ଏହିରାସ୍ତା ଉପରେ ନିର୍ଭର କରନ୍ତି। ଏହି ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଗାଁ ଲୋକ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପାଖରେ ଏହି ରାସ୍ତା ଦେଇ କୋଇଲା ଟ୍ରକ ଗମନାଗମନ ବନ୍ଦ କରିବାକୁ ଅଭିଯୋଗ କରି ଆସୁଥିଲେ ସୁଦ୍ଧା ଏହାର ପ୍ରତିକାର ଓ ସମାଧାନ ହୋଇପାରୁ ନଥିଲା। ଫଳରେ ଗ୍ରାମବାସୀ ଟ୍ରକ ଗୁଡିକ ଅଟକ ରଖି ରାସ୍ତାରୋକ କରିବାକୁ ବାଧ୍ୟ ହୋଇଥିଲେ। ଟ୍ରକ ମାଲିକ ସଂଘର ସଭାପତି ଅମିୟ ସାମଲ, ଉପସଭାପତି ଅରୁଣ ଯାଦବ, ସମ୍ପାଦକ ରାଜା ପୁରୋହିତ ଓ ଓରିଏଣ୍ଟ ଥାନା ଅଧିକାରୀ କ୍ଷମା ସାଗର ନାଏକ, କାଉନସିଲର ପ୍ରମୋଦ ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ୧୫ ଦିନ ସମୟ ମାଗିବା ପରେ ଗ୍ରାମବାସୀ ଅଟକ ଟ୍ରକ୍ ଗୁଡିକୁ ଛାଡିବା ସହିତ ରାସ୍ତାରୋକରୁ ଓହରିଥିଲେ।

# ଜାତୀୟ ହ୍ୱିଲଚେୟାର କ୍ରିକେଟ ଦଳରେ ସାମିଲ ହେଲେ ଶଙ୍କର

ଝାରସୁଗୁଡ଼ା,୨୭।୭(ସମିସ): ଭାରତୀୟ ହ୍ୱିଲଚେୟାର କ୍ରିକେଟରେ ସାମିଲ ହୋଇଥିବା ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ୍ ବାବୁଛିପିଡିହି ପଞ୍ଚାୟତ ଅଧଇନ ବାଙ୍କୀ ଗାଁର ଶଙ୍କର ବୁଦୁଲାଙ୍କୁ ରବିବାର ଝାରସୁଗୁଡ଼ା ବିଧାୟକ ତଥା ଫାଓ ସଭାପତି ଟଙ୍କଧର ତ୍ରିପାଠୀ ସାକ୍ଷାତ କରିଛନ୍ତି। ଜାତୀୟ ହ୍ୱିଲଚେୟାର



କ୍ରିକେଟକୁ ମନୋନୀତ ହୋଇଥିବା ଯୋଗୁଁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଶଙ୍କର ହ୍ୱିଲଚେୟାର ଜାତୀୟ କ୍ରିକେଟରେ ସାମିଲ ହେବା ରାଜ୍ୟ ତଥା ଝାରସୁଗୁଡ଼ା ଜିଲ୍ଲା ପାଇଁ ଗୌରବର ବିଷୟ ବୋଲି କହିଥିଲେ। ଆଗାମୀ ଦିନରେ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ବିଧାୟକ କହିଥିଲେ। ପ୍ରକାଶ ଯେ, ଚେନ୍ନାଇର ଆମ୍ମା ଷ୍ଟାଡିୟମରେ ଆସନ୍ତା ଅଗଷ୍ଟ ୭, ୮ ଓ ୯ ତାରିଖରେ ଖେଳାଯିବାକୁ ଥିବା ଭାରତୀୟ ହ୍ୱିଲଚେୟାର କ୍ରିକେଟ ପାଇଁ ଜାତୀୟ କ୍ରିକେଟ କମିଟି ଦ୍ୱାରା ଚୟନ ପ୍ରକ୍ରିୟା ଚାଲିଥିଲା। ଯେଉଁଥିରେ ଶଙ୍କର ବୁଦୁଲାଙ୍କୁ ଚୟନ କମିଟି ୧୪ ଜଣିଆ ଦଳରେ ସାମିଲ କରିଥିଲେ। ଶଙ୍କରଙ୍କ ଏହି କୃତୀତ୍ୱ ଯୋଗୁଁ ଜିଲ୍ଲା କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏଥିରେ ସାହାସପୁର ସରପଞ୍ଚ ସୁକାନ୍ତୀ ଜୟପୁରିଆ, ପାକେଲପଡା ବିଜେପି ମଣ୍ଡଳ ସଭାପତି କୁଳମଣୀ କିସାନ ପ୍ରମୁଖ ଉପସ୍ଥିତ ଥିଲେ।

# ବିପଦସଙ୍କୁଳ ଅର୍ଡା-ଜୁନାପାଲି ରାସ୍ତା

ଝାରସୁଗୁଡ଼ା/କିର୍ମିରା,୨୭।୭(ସମିସ): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ୍ ଅର୍ଡା ରୁ ଜୁନାପାଲି ଗାଁକୁ ସଂଯୋଗ କରୁଥିବା ରାସ୍ତାର ଜୁନାପାଲି ଗାଁ ମୁଣ୍ଡ ନାଲା କଲଭର୍ଟ ଉପରେ ଲଗାଣ ବର୍ଷାରେ ପାଣି ପ୍ରବାହିତ ହୋଇ ମାଟି ଧୋଇଯାଇଛି। ଏହା ଯୋଗୁଁ ରାସ୍ତାରେ ଗାତ ହେବା ସହ କଲଭର୍ଟ ତଳ ମାଟି ଧୋଇହୋଇ ଫମ୍ପା ହୋଇଯାଇଛି। ଏହି ରାସ୍ତାରେ ଲୋକେ ବିପଦପୂର୍ଣ୍ଣ ଭାବେ ଯିବା ଆସିବା କରୁଥିଲେ ମଧ ଜନପ୍ରତିନିଧି କିମ୍ବା ସରକାରୀ ଅଧିକାରୀଙ୍କ ନଜର ପଡୁନାହିଁ। ବିଶେଷତଃ



ସନ୍ଧ୍ୟା ଓ ରାତିରେ ଫେରୁଥିବା ଲୋକଙ୍କ ପାଇଁ ରାସ୍ତାଟି ବିପଦସଙ୍କୁଳ, ମରଣଯନ୍ତା ହୋଇଛି। ରାତିରେ କାରଖାନା ତଥା ଆଖପାଖ ଅଞ୍ଚଳକୁ କାମଦାମ ପାଇଁ ଯାତାୟାତ କରୁଥିବା ମୁଣ୍ଡମୂଲିଆ ସହ କୁଲିମଜୁରିଆଙ୍କ ବିପଦ ରହିଛି। ଏଥିପ୍ରତି ଜନପ୍ରତିନିଧି, ସ୍ଥାନୀୟ ସରପଞ୍ଚ ତଥା ଉଚ୍ଚ ପ୍ରଶାସନିକ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ଦାବି ହୋଇଛି।

■ ରାଜପଥରେ ବନ୍ୟାଜଳ

# ଯୋଗାଯୋଗ ପ୍ରଭାବିତ, ଚାଷଜମିରେ ନଈ ଭ୍ରମ



ଦେବଗଡ,୨୭।୭(ସମିସ): ବ୍ରାହ୍ମଣୀ ନଦୀ ଉପର ମୁଣ୍ଡରେ ବର୍ଷା ପ୍ରଭାବ ବାରକୋଟ ଥାନାଞ୍ଚଳରେ ଦେଖିବାକୁ ମିଳିଛି। ସିଆଁଯୋର ମସିନ୍ତା ଗାଁ ଦେଇ ଯାଇଥିବା ୧୦ ନମ୍ବର ରାଜ୍ୟ ରାଜପଥରେ ୩ ଫୁଟ ଉପରେ ବ୍ରାହ୍ମଣୀ ନଦୀ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ସକାଳୁ ବାରକୋଟ ଲହୁଣୀପଡା ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ସେହିପରି ମସିନ୍ତା ଦେଇ ବଣେଇ ଗୋଗୁଆ ରାସ୍ତାରେ ୫ ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେବା ଫଳରେ ସକାଳୁ ରାସ୍ତାରେ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ମାତ୍ର ମଧ୍ୟାହ୍ନରେ ସିଆଁଯୋର ମସିନ୍ତା ରାସ୍ତାରୁ ବନ୍ୟାଜଳ ସାମାନ୍ୟ କମିବା ପରେ କିଛିକିଛି ଯାନବାହାନ ଚଳାଚଳ ହେଉଥିବା ଜଣାପଡିଛି। ସେହିପରି ଅଞ୍ଚଳର ଶହଶହ ଏକର ଚାଷ ଜମିରେ ବନ୍ୟାଜଳ ଲହଡି ମାରୁଥିବାରୁ ଧାନ ଚାଷ ଫସଲ ନଷ୍ଟ ହେବା ସହ ଜମି ବାଲିଚର ହୋଇଥିବା ଜଣାପଡିଛି।

# ସିଆଇଏସ୍‌ସିଇ ଓଡ଼ିଶା ଆଞ୍ଚଳିକ ଫୁଟବଲ୍ ପ୍ରତିଯୋଗିତା



ଝାରସୁଗୁଡ଼ା,୨୭।୭(ସମିସ):

ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ସ୍ଥିତ ରତନ ଟାଟା ଷ୍ଟାଡିୟମ୍‌ରେ ସିଆଇଏସସିଇ ଓଡ଼ିଶା ଆଞ୍ଚଳିକ ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବେଲପାହାଡ ଇଂଲିଶ ମିଡିୟମ ବିଦ୍ୟାଳୟର ନେତୃତ୍ୱରେ ଖେଳ ପରିଚାଳିତ ହୋଇଥିବା ବେଳେ ରାଉରକେଲା, ବଲାଙ୍ଗିର ଏବଂ ଝାରସୁଗୁଡ଼ା ଜୋନର ମୋଟ ୮ ଟି ବିଦ୍ୟାଳୟର ଦଳ ଅଂଶଗ୍ରହଣ କରିଥିଲେ। ୧୯ ବର୍ଷରୁ କମ୍ ବାଳକ ବର୍ଗରେ ଫାଇନାଲ ମ୍ୟାଚ୍‌ରେ ରାଉରକେଲା ଦଳ ୫-୦ ଗୋଲରେ ଝାରସୁଗୁଡ଼ା ଦଳକୁ ପରାସ୍ତ କରି ଚାମ୍ପିଅନ୍ ହୋଇଛି। ୧୪ ବର୍ଷରୁ କମ୍ ବାଳକ ବର୍ଗରେ ରାଉରକେଲା ଜୋନ ଚାମ୍ପିଅନ୍ ହୋଇଥିବା ବେଳେ ଝାରସୁଗୁଡ଼ା ଜୋନ ଉପବିଜେତା ହୋଇଛି। ସେହିପରି ୧୭ ବର୍ଷରୁ କମ୍ ବାଳକ ବର୍ଗରେ ରାଉରକେଲା ଜୋନ ଚାମ୍ପିଅନ୍ ହୋଇଥିବା ବେଳେ ଝାରସୁଗୁଡ଼ା ଜୋନ ପ୍ରଥମ ଉପବିଜେତା ଓ ବଲାଙ୍ଗିର ଜୋନ ଦ୍ୱିତୀୟ ଉପବିଜେତା ହୋଇଛି। ଚାମ୍ପିଅନ୍ ଦଳକୁ ସ୍ୱର୍ଣ୍ଣ ପଦକ ଓ ଉପବିଜେତା ଦଳକୁ ରୌପ୍ୟ ପଦକ ଦ୍ୱାରା ପୁରସ୍କୃତ କରାଯାଇଛି।

# ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




ଝାରସୁଗୁଡ଼ା,୨୭।୭(ସମିସ): ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେଙ୍କୁ ରବିବାର ଜିଲ୍ଲାସ୍ତରୀୟ ଅଧିକାରୀ ତଥା ବିଭିନ୍ନ ବିଭାଗୀୟ କର୍ମଚାରୀମାନଙ୍କ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ବିଦାୟୀ ଜିଲ୍ଲାପାଳ ଅବୋଲି ଜିଲ୍ଲାପାଳ ଭାବେ ନିଜର ଅଢ଼େଇ ବର୍ଷର ଅଭିଜ୍ଞତା, ସହକର୍ମୀ ଅଧିକାରୀ ଓ କର୍ମଚାରୀଙ୍କର ସହଯୋଗର ପ୍ରଶଂସା କରିଥିଲେ। ଅଧୁରା ଥିବା କାର୍ଯ୍ୟ ପୂରଣ କରିବାକୁ କହିବା ସହିତ କାର୍ଯ୍ୟକାଳ ସମୟରେ ସହକର୍ମୀମାନଙ୍କ ନିକଟରୁ ପାଇଥିବା ସହଯୋଗ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଆଇଏଏସ୍ ପ୍ରବେଶନର ପ୍ରଜ୍ଞାନନ୍ଦ ଗିରି, ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ତହସିଲଦାର ସଦାକାର କୁମ୍ଭାର, ଅତିରିକ୍ତ ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁତ୍, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୂଣ୍ୟବତୀ ହେଲେନ ଖେସ, ଡିସିପିଓ ସୁନନ୍ଦ ମହାରଣା, ଆରଟିଓ, ବିଡିଓ, ସିଡିଏମଓ ଡ.ମହେଶ ମୋହନ ପଣ୍ଡା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ୍ତ ସା ପ୍ରମୁଖ ଜିଲ୍ଲାପାଳଙ୍କ କାର୍ଯ୍ୟ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ।

# ଜିଲ୍ଲାପାଳ ଭାବେ ଯୋଗଦେଲେ କୁଣାଲ ମୋତିରାମ ଚୌହାଣ

ଝାରସୁଗୁଡ଼ା,୨୭।୭(ସମିସ): ଝାରସୁଗୁଡ଼ାର ନୂତନ ଜିଲ୍ଲାପାଳ ଭାବେ କୁଣାଲ ମୋତିରାମ ଚୌହାଣ ଯୋଗ ଦେଇଛନ୍ତି। ୨୦୨୦ ବ୍ୟାଚ ଭାରତୀୟ ପ୍ରଶାସନିକ ସେବାର ଅଧିକାରୀ ଶ୍ରୀ ଚୌହାଣ ଆଜି ବିଦାୟୀ ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ଚୌହାଣ ଏହା ପୂର୍ବରୁ ବରଗଡ଼ ଜିଲ୍ଲାର ପଦ୍ମପୁର



ଉପଖଣ୍ଡରେ ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ବିଦାୟୀ ଜିଲ୍ଲାପାଳ ନରୱଣେ ଶିଳ୍ପ ବିଭାଗର ନିର୍ଦ୍ଦେଶକ ଭାବେ ଅବସ୍ଥାପିତ ହୋଇଛନ୍ତି। ଦାୟିତ୍ୱ ଗ୍ରହଣ ସମୟରେ ଆଇଏଏସ୍ ପ୍ରବେଶନର ପ୍ରଜ୍ଞାନନ୍ଦ ଗିରି, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ମହେଶ ମୋହନ ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଚେକ ବାଉନ୍ସ ମାମଲା ପାଇଁ ଜିଲ୍ଲାସ୍ତରୀୟ ଲୋକ ଅଦାଲତ

ଝାରସୁଗୁଡ଼ା,୨୭।୭(ସମିସ): ରାଜ୍ୟ ଆଇନ୍ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ପ୍ରଶାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ନ୍ୟାୟାଳୟ ପରିସରରେ ଚେକ ବାଉନ୍ସ ମାମଲା ଗୁଡିକ ପାଇଁ ଏକ ସ୍ୱତନ୍ତ୍ର ଜିଲ୍ଲା ସ୍ତରୀୟ ଲୋକ ଅଦାଲତ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲା ଓ ଦୌରାଜଜଙ୍କ




କୋର୍ଟର ୧ଟି ଚେକ୍ ବାଉନ୍ସ ଅପିଲ ମାମଲା, ଏସ୍‌ଡିଜେଏମ କୋର୍ଟର ୭ଟି, କନିଷ୍ଠ ଦେୱାନି ବିଚାରପତି ତଥା ଜେଏମ୍‌ଏଫ୍‌ସି କୋର୍ଟର ୨ଟି ଓ ଜେଏମ୍‌ଏଫ୍‌ସି (କଗନିଜେନ୍ସ) କୋର୍ଟର ୫ଟି ମାମଲା ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇଯାଇଛି।

ଏହି ଲୋକ ଅଦାଲତକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ ପରିଚାଳନା କରିଥିବା ବେଳେ ଅନ୍ୟ ବିଚାର ବିଭାଗୀୟ ଅଧିକାରୀ ମାନଙ୍କ ମଧ୍ୟରେ ପରିବାର ଅଦାଲତର ବିଚାରପତି ଲୋକନାଥ ସାହୁ, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ସଦାଶିବ ଜେନା, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ପକ୍ସୋ କୋର୍ଟ) ପୂଜା ଷଡ଼ଙ୍ଗୀ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ମୃତିରଞ୍ଜନ ମହାପାତ୍ର, ବରିଷ୍ଠ ଦେୱାନି ବିଚାରପତି ଡ.ସନ୍ଧ୍ୟା ରଥ, ସିଭିଲ କୋର୍ଟ ରେଜିଷ୍ଟ୍ରାର ରାଜେନ୍ଦ୍ର ଦାସ, ବରିଷ୍ଠ ଦେୱାନି ବିଚାରପତି (ମହିଳା ନ୍ୟାୟାଳୟ) ପ୍ରତ୍ୟୁଷା କିରଣ, ଉପଖଣ୍ଡ ସ୍ତରୀୟବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଗାୟତ୍ରୀ ମିଶ୍ର, କନିଷ୍ଠ ଦେୱାନି ବିଚାରପତି ମୋନାଲିସା ପ୍ରଧାନ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (କଗନିଜେନ୍ସ) ସୁପ୍ରାସି ସୋନାଲି ମହାପାତ୍ର ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନର୍ମଦା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଅଲଟ୍ରାଟେକ୍ ତରଫରୁ ଧୁତରା ଓ ଅର୍ଡାରେ ସିଲାଇ ତାଲିମ କେନ୍ଦ୍ର ଉଦ୍‌ଘାଟିତ

ଝାରସୁଗୁଡ଼ା,୨୭।୭(ସମିସ): ଝାରସୁଗୁଡ଼ା ସିମେଣ୍ଟ ୱାର୍କ୍ସର କର୍ପୋରେଟ ସୋସିଆଲ ରେସପନ୍ସିବିଲିଟି ବିଭାଗ ଅଧୀନରେ ଧୁତରା ଓ ଅର୍ଡା ଗାଁରେ ୨ଟି ଟେଲରିଂ ଟ୍ରେନିଂ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ମହିଳା ସଶକ୍ତିକରଣ ଓ ସ୍ଥାୟୀ ଜୀବିକା ଉନ୍ନୟନ ଏହାର ଉଦ୍ଦେଶ୍ୟ ରହିଛି। କେନ୍ଦ୍ରଗୁଡିକ ଆଖପାଖ ଅଞ୍ଚଳର ଗ୍ରାମୀଣ ମହିଳାମାନଙ୍କୁ ଦକ୍ଷତା ବିକାଶର ସୁଯୋଗ ଦେଇ ସ୍ୱାବଲମ୍ବୀ ହେବାକୁ ପ୍ରୋତ୍ସାହିତ କରିବ। ଉଦ୍‌ଘାଟନ ଅବସରରେ ଝାରସୁଗୁଡ଼ା ସିମେଣ୍ଟ ୱାର୍କ୍ସ ୟୁନିଟ ହେଡ ପୁରୁଷୋତ୍ତମ ୱେମୁରି ଓ



ଏଚ୍‌ଆର ହେଡ ପିତାମ୍ବର ପୃଷେଠଙ୍କ ସମେତ କିର୍ମିରା ବିଡିଓ ଅଭିନାଶ ଲାକ୍ରା, ସ୍ଥାନୀୟ ସରପଞ୍ଚ ବୀଣାପାଣି ପୋଡ଼ ତଥା ଅନ୍ୟାନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ଏହି ପଦକ୍ଷେପ ଫଳରେ ସ୍ଥାନୀୟ ମହିଳାମାନେ ସିଲାଇ ଦକ୍ଷତା ଅର୍ଜନ କରି ସ୍ୱୟଂ ରୋଜଗାର ଓ ଆୟ ଉତ୍ପାଦନର ସୁଯୋଗ ସୃଷ୍ଟି ହୋଇପାରିବ। କାର୍ଯ୍ୟକ୍ରମକୁ କାରଖାନା ଉନ୍ନୟନ ଅଧିକାରୀ ସିମିୟନ ବାରିକ୍ ପରିଚାଳନା କରିଥିବା ବେଳେ ଗାଁର ଯୁବଗୋଷ୍ଠୀ ସହଯୋଗ କରିଥିଲେ।

# ତିଳେଇବଣି ବ୍ଲକ୍‌ରେ ବିଧାୟକଙ୍କ ଅଭିଯୋଗ ଶୁଣାଣି

ଦେବଗଡ଼,୨୭।୭(ସମିସ): ତିଳେଇବଣି ବ୍ଲକ୍ କଲ୍ୟାଣ ମଣ୍ଡପରେ ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ



ଯୋଗ ଦେଇ ଜନସାଧାରଣ ଆଣିଥିବା ୧୧ ଟି ଅଭିଯୋଗ ଶୁଣିବା ସହ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ବିଭିନ୍ନ ଅଭିଯୋଗ ପାଇବା ପରେ ସଂପୃକ୍ତ ବିଭାଗର ଅଧିକାରୀଙ୍କ ସହ ଫୋନ ଯୋଗେ କଥା ହୋଇ ସମାଧାନ କରିଥିଲେ। ରାସ୍ତା, ପାନୀୟଜଳ, ଶିକ୍ଷା, ଆବାସ, ସ୍ୱାସ୍ଥ୍ୟ, ବିଦ୍ୟୁତ ସମସ୍ୟା ଉପରେ ଜନସାଧାରଣ ଅଭିଯୋଗ କରିଥିବା ଜଣାପଡିଛି।

## ନିର୍ଦ୍ଦେଶନାମାରେ ସୀମିତ ଖଣି ବିଭାଗ

# ବାଲି ଚୋରାଚାଲାଣ ରୋକିବାରେ ପ୍ରଶାସନ ବିଫଳ

ଝାରସୁଗୁଡ଼ା,୨୭।୭(ସମିସ):




ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ ଅଧୀନ ଲୋଇସିଂହ ପଞ୍ଚାୟତ ଠରକଶପୁର ଓ ଲୋଇସିଂହ ଠାରୁ ଇବ ନଦୀରୁ ବେଆଇନ ଭାବେ ଶହଶହ ଟ୍ରକ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଜିଲ୍ଲା ତଥା ନିର୍ବାଚନ ମଣ୍ଡଳୀରେ ବାଲି ଚୋରାଚାଲାଣ ରୋକିବାରେ ପ୍ରଶାସନ ବିଫଳ ହେବା ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ବର୍ଷା ଦିନେ ନଦୀରୁ ବାଲି ଉଠାଣ ବାରଣ ରହିଥିବା ବେଳେ ଝାରସୁଗୁଡ଼ାରେ ଏହାର ଖୋଲାଖୋଲି ଉଲଂଘନ ହେଉଥିବା ଦେଖିବାକୁ ମିଳୁଛି। ଗତ ଜୁନ ୨୪ରେ ଜିଲ୍ଲା ଖଣି ଅଧିକାରୀ ନିର୍ଦ୍ଦେଶନାମା ଜାରି କରି ବର୍ଷା ଋତୁରେ ଲିଜଧାରୀ ବାଲି ଉତ୍ତୋଳନ ଏବଂ ଚାଲାଣ କରିପାରିବେ ନାହିଁ ବୋଲି ଉଲ୍ଲେଖ କରିଥିଲେ। ତେବେ ନିର୍ଦ୍ଦେଶନାମା କେବଳ କାଗଜକଲମରେ ସୀମିତ ରହିଛି। ନିର୍ଦ୍ଦେଶନାମାକୁ ବେଖାତିର କରି ବର୍ଷା ଋତୁରେ ଲିଜଧାରୀ ମାନେ ପ୍ରତ୍ୟେକ ଦିନ ଶହ ଶହ ୧୦ଚକିଆ ଟ୍ରକ ମାଧ୍ୟମରେ ଓଭରଲୋଡ କରି ଦିନରାତି ବେଆଇନ ଭାବେ ବାଲି ଚୋରାଚାଲାଣ କରୁଛନ୍ତି। ଅପରପକ୍ଷରେ ବାଲି ଚୋରାଚାଲାଣ ହେଉଥିବା ରାସ୍ତା ଲୋଇସିଂହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଆର୍‌ଆଇଙ୍କ କାର୍ଯ୍ୟାଳୟ, ପ୍ରାଣୀଧନ ଚିକିତ୍ସା କେନ୍ଦ୍ର, ପଞ୍ଚାୟତ କାର୍ଯ୍ୟାଳୟ, ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ଆଦି ଅନୁଷ୍ଠାନକୁ ସଂଯୋଗ କରୁଛି। ତେଣୁ ପ୍ରତ୍ୟେହ ଶହ ଶହ ଲୋକ ଏହି ରାସ୍ତାର

## ନିର୍ଦ୍ଦେଶର ଅବମାନନାରେ କରି ଚାଲୁଛି ଚୋରାଚାଲାଣ

ବହୁଳ ବ୍ୟବହାର କରିଥାନ୍ତି। ଲୋଇସିଂହ ପଞ୍ଚାୟତ ଠାରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ରାସ୍ତା ମଧ୍ୟ ଟ୍ରକ ଗୁଡିକ କବଜାରେ ରହୁଥିବା ଅଭିଯୋଗ ହେଉଛି। ଫଳରେ ସବୁବେଳେ ଦୁର୍ଘଟଣାର ଆଶଙ୍କା ରହୁଛି। ତା' ଉପରେ କ୍ଷମତାଠାରୁ ଅଧିକ ଓଜନର ବାଲି ବୋଝେଇ ଟ୍ରକ ଚଳଚଳ ଯୋଗୁଁ ଏହିରାସ୍ତା ସମେତ ଅନ୍ୟାନ୍ୟ ରାସ୍ତା ଗୁଡିକ ମଧ୍ୟ କ୍ଷତିଗ୍ରସ୍ତ ହେବା ସହିତ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଝାରସୁଗୁଡ଼ା ଖଣି ଅଧିକାରୀଙ୍କ ନିର୍ଦ୍ଦେଶକୁ ବେଖାତିର କରି ଠରକଶପୁର ଓ ଲୋଇସିଂହ ଠାରୁ ଇବ ନଦୀରୁ ବେଆଇନ ଭାବେ ବାଲି ଚୋରାଚାଲାଣ ନେଇ ପଞ୍ଚାୟତବାସୀଙ୍କ ତରଫରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ପରେ ମଧ୍ୟ ଫଳ ଶୂନ ଥିବା ଦେଖିବାକୁ ମିଳିଛି। କେଉଁ କାରଣରୁ ବାଲି ମାଫିଆଙ୍କ ଉପରେ ଜିଲ୍ଲା ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହିଁ ବୋଲି ପ୍ରଶ୍ନ ଉଠୁଛି। ଲୋକଙ୍କ ସରକାର ବୋଲାଉଥିବା ନୂତନ ସରକାରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଜିଲ୍ଲାରେ ଚାଲିଥିବା ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ଦେଉଛି କିଏ? କେବଳ ନିର୍ଦ୍ଦେଶନାମା ଜାରିକରି ଖଣି ବିଭାଗ ଚୁପ ବସିଛି କିପରି ଏବଂ ନିର୍ଦ୍ଦେଶକୁ ଅବମାନନା କରୁଥିବା ଲିଜଧାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଶାସନର କୁଣ୍ଠା କାହିଁକି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ସମ୍ପାଦକୀୟ



ଅଜ୍ଞାନତାର ଆଧିପତ୍ୟରୁ ଆମେ ମୁକ୍ତ ନ ହେବା ପର୍ଯ୍ୟନ୍ତ ବାସ୍ତବ ଶାନ୍ତି ଉଦ୍ୟମ ସଫଳ ହୋଇପାରିବ ନାହିଁ।
-ଦଲାଇ ଲାମା

ସକାଳ
THE SAKALA

## ଅଦୃଶ୍ୟ ଆତଙ୍କ

ପରିବର୍ତ୍ତିତ ପରିସ୍ଥିତିରେ ଆତଙ୍କବାଦର କୌଶଳ ଓ ଲକ୍ଷ୍ୟ ବଦଳି ଯାଇଛି। ଆତଙ୍କବାଦୀମାନେ ଆଉ ଜିହାଦୀ ବା ଜୀବନ ବଳିଦାନ ଦେଇ ଜୀବନ ହାନି ଭଳି ପନ୍ଥା ବଦଳରେ କେବଳ ଧନ ବା ଅର୍ଥନୀତିକୁ ନିଶାଣ କରୁଛନ୍ତି। ସେହି ଅନୁଯାୟୀ ସେମାନଙ୍କର ଅସ୍ତ୍ର ମଧ୍ୟ ବନ୍ଧୁକ ଓ ଗୁଳିରୁ କମ୍ପ୍ୟୁଟର, ମାଉସ୍, କିବୋର୍ଡ ଆଦିକୁ ରୂପାନ୍ତରିତ ହୋଇଛି। ଆଜିର ଡିଜିଟାଲ୍ ବା ଇଣ୍ଟରନେଟ୍ ଜ୍ଞାନକୌଶଳ ସେମାନଙ୍କ ପାଇଁ ଆଣିଦେଇଛି ଆତଙ୍କର ଅପାର ସୁଯୋଗ। ବିଶ୍ୱର କାହିଁ କେଉଁ ନିଭୃତ କୋଣରେ ଘରର ଚାରିକାନ୍ଥ ଭିତରେ ବସି ସେମାନେ ଆତଙ୍କ ରଚିପାରୁଛନ୍ତି ଏବଂ ନିମିଷକେ କୋଟିକୋଟି ଟଙ୍କା ହଡ଼ପ କରୁଛନ୍ତି କିମ୍ବା ତା'ଠାରୁ ଆହୁରି ମୂଲ୍ୟବାନ ତଥ୍ୟ-ସମ୍ପଦର କ୍ଷତି କରିପାରୁଛନ୍ତି। ଦିନକୁ ଦିନ ସାଇବର ଆତଙ୍କ ବା ଡିଜିଟାଲ୍ ଆତଙ୍କର ସାମ୍ରାଜ୍ୟ ପୃଥିବୀରୁ ବାହାରି ଉପଗ୍ରହ ପର୍ଯ୍ୟନ୍ତ ବ୍ୟାପିଚାଲିଛି।

ଭାରତର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ସଦ୍ୟତମ ତଥ୍ୟ ଅନୁଯାୟୀ ଚଳିତବର୍ଷ ଜାନୁଆରୀରୁ ମେ' ମାସ ମଧ୍ୟରେ ଭାରତୀୟମାନେ ପ୍ରାୟ ୭ ହଜାର କୋଟି ଟଙ୍କା ହରାଇଛନ୍ତି। ଏହି ଅଦୃଶ୍ୟ ଆତଙ୍କର ପେଣ୍ଠସ୍ଥଳୀ ମୁଖ୍ୟତଃ ମ୍ୟାଁମାର, କାମ୍ବୋଡ଼ିଆ, ଭିଏତ୍‌ନାମ୍, ଲାଓସ୍ ଓ ଥାଇଲାଣ୍ଡରେ ରହିଥିବା ଜଣାପଡ଼ିଛି। ବିଶେଷକରି ଚୀନ୍‌ର ଶକ୍ତିଶାଳୀ ଛତ୍ରଛାୟା ତଳେ ସାଇବର ଅପରାଧୀ ବା ଅଦୃଶ୍ୟ ଆତଙ୍କବାଦୀମାନେ ଦକ୍ଷିଣ-ପୂର୍ବ ଏସିଆ, ଆଫ୍ରିକା ଓ ଦକ୍ଷିଣ ଆମେରିକାର କେତେକ ଅଞ୍ଚଳରେ ସେମାନଙ୍କ କାର୍ଯ୍ୟକଳାପ ଜାରି ରଖିଛନ୍ତି ଏବଂ ମୁଖ୍ୟତଃ ଭାରତ ହିଁ ସେମାନଙ୍କ ନିଶାଣରେ ରହିଛି। ଆହୁରି ଉଦ୍‌ବେଗଜନକ ହେଲା ଭାରତୀୟ ଆଇଟି ମେଧାବୀମାନଙ୍କୁ ଚାଲାଣ କରି ସେଠାରେ ସାଇବର ଆତଙ୍କବାଦ କାର୍ଯ୍ୟରେ ନିୟୋଜିତ କରାଯାଉଛି।

ନିକଟରେ ଦେଶର ସର୍ବବୃହତ୍ ତଥା ସ୍ୱନାମଧନ୍ୟ ଗବେଷଣା ଅନୁଷ୍ଠାନ ଭାରତୀୟ କୃଷି ଗବେଷଣା ପରିଷଦ(ଆଇସିଏଆର) ଗୁରୁତର ସାଇବର ଆକ୍ରମଣର ଶିକାର ହୋଇଛି ଏବଂ ଅନେକ ମୂଲ୍ୟବାନ ଗବେଷଣାଲବ୍ଧ ତଥ୍ୟ ଚୋରି ହୋଇଯାଇଥିବାର ଅଭିଯୋଗ ହୋଇଛି। ଗତ ଏପ୍ରିଲ୍ ମାସରେ ଦିଲ୍ଲୀସ୍ଥିତ ଆଇସିଏଆର ମୁଖ୍ୟ ସର୍ଭର ସମେତ ହାଇଦ୍ରାବାଦ ସର୍ଭର ଉପରେ ଏହି ଆକ୍ରମଣ ହୋଇଛି। ଏହାଛଡ଼ା ପ୍ରତିରକ୍ଷା ମନ୍ତ୍ରଣାଳୟର ୱେବ୍‌ସାଇଟ୍‌ରୁ ତଥ୍ୟ ଚୋରି ହେବାର ଅନେକ ଥର ଅଭିଯୋଗ ଆସିଛି। ବ୍ୟାଙ୍କ ଓ ଅନ୍ୟାନ୍ୟ ଆର୍ଥିକ ସଂସ୍ଥାର ତଥ୍ୟ ଚୋରି ପ୍ରାୟ ଏକ ସାଧାରଣ ଘଟଣା ହୋଇଯାଇଛି। ତଥ୍ୟ ଚୋରି ବା ସାଇବର ଆତଙ୍କବାଦ କାର୍ଯ୍ୟକଳାପ କେବଳ ଭାରତ ଭିତରେ ସୀମିତ ନାହିଁ। ଅଷ୍ଟ୍ରେଲିଆ, ଜର୍ମାନୀ, ଜାପାନ୍ ଏପରିକି ଆମେରିକା ପରି ଉନ୍ନତ ଜ୍ଞାନକୌଶଳ ଓ ବିକଶିତ ଦେଶମାନେ ମଧ୍ୟ ଏଭଳି ଅଦୃଶ୍ୟ ଆତଙ୍କବାଦର ଶିକାର ହୋଇଚାଲିଛନ୍ତି। ଅଦୃଶ୍ୟ ଆତଙ୍କବାଦ ଯୋଗୁଁ କିଭଳି ଦେଶ-ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ପ୍ରଭାବିତ ହୋଇ ବିଶ୍ୱାସଘାତକତା ସ୍ଥିତି ସୃଷ୍ଟି ହୁଏ ତାହା ମଧ୍ୟ ସାମ୍ନାକୁ ଆସିଛି। ଦୁଇ ସପ୍ତାହ ତଳେ ବ୍ରିଟେନ୍ ସ୍ୱୀକାର କରିଛି ଯେ ୨୦୨୦ରେ ତଥ୍ୟ ଚୋରି ଯୋଗୁଁ ଇଂଲଣ୍ଡରେ ରାଜନୈତିକ ଆଶ୍ରୟ ନେଇଥିବା ପ୍ରାୟ ୧ ଲକ୍ଷ ଆଫ୍‌ଗାନ୍‌ମାନଙ୍କର ବ୍ୟକ୍ତିଗତ ପରିଚୟ ପ୍ରଘଟ ହୋଇଥିଲା ଏବଂ ତାଲିବାନ୍‌ମାନଙ୍କ ରୋଷର ଶିକାର ହେବାକୁ ପଡ଼ିଥିଲା। ଏହାପରେ ବ୍ରିଟିଶ୍ ସରକାର ବାଧ୍ୟ ହୋଇ 'ଆଫ୍‌ଗାନିସ୍ତାନ ରେସ୍‌ପନ୍ସ ରୁଟ୍' ଭଳି ଯୋଜନାକୁ ବନ୍ଦ କରିଥିଲେ। ଏହାଦ୍ୱାରା ଇଂଲଣ୍ଡକୁ ମଧ୍ୟ ପ୍ରଭୂତ ଆର୍ଥିକ କ୍ଷତି ସହିବାକୁ ପଡ଼ିଥିଲା।

ସାଇବର ଆତଙ୍କବାଦୀମାନେ ଆଉ ଦୁଇପାଦ ଆଗକୁ ଯାଇ ଏବେ ଉପଗ୍ରହ ନିୟନ୍ତ୍ରଣ କକ୍ଷର ନେଭିଗେସନ୍ ସିଷ୍ଟମ୍ ବା ଦିଗବାରେଣୀ ସୂଚନା ବ୍ୟବସ୍ଥା ଉପରେ ଆକ୍ରମଣ ଆରମ୍ଭ କରିଛନ୍ତି। ଏହାଫଳରେ ପଣ୍ୟବାହୀ ଜାହାଜ ଓ ବ୍ୟୋମଯାନଗୁଡ଼ିକ ସେମାନଙ୍କ ଗତିପଥ ନିର୍ଣ୍ଣୟ କରିବାରେ ବିଭ୍ରାନ୍ତିର ସମ୍ମୁଖୀନ ହେଉଛନ୍ତି। କେବଳ ଚଳିତ ମାସରେ ହିଁ ଏଭଳି ତିନିଟି ଘଟଣା ଘଟିଛି, ଯାହା ସାଇବର ସୁରକ୍ଷା ବିଶେଷଜ୍ଞଙ୍କୁ ଚିନ୍ତିତ କରିଛି। ଦୁଇସପ୍ତାହ ତଳେ ଜିପିଏସ୍ ଇଣ୍ଟରଫେସ୍‌ରେ ତ୍ରୁଟି ଯୋଗୁଁ ଦିଲ୍ଲୀ-ଜାମ୍ମୁ ବିମାନ ଅଧାବାଟରୁ ଫେରି ଆସିବାକୁ ବାଧ୍ୟ ହୋଇଥିଲା। ତୈଳ ବୋଝେଇ ଏକ ଜାହାଜ ଇରାନ୍‌ର ହର୍ମୁଜ୍ ପ୍ରଣାଳୀର ପ୍ରବେଶ ପଥରୁ କ୍ରମଶଃ ଦୂରେଇ ଚାଲିଥିଲା ଏବଂ ଗତ ମେ' ମାସରେ ଜେଦାହ୍‌ରେ ଏକ ପଣ୍ୟବାହୀ ଜାହାଜ ବନ୍ଦରରେ ପ୍ରବେଶ କରି ନ ପାରି ଚକ୍କର କାଟିଥିଲା। ରୁଷିଆ, ୟୁକ୍ରେନ୍ ଓ ୟୁରୋପ୍‌ରେ ମଧ୍ୟ ଏଭଳି ଘଟଣାମାନ ଦେଖାଯାଇଛି। ୨୦୧୭ରେ ରୁଷିଆର ପ୍ରାୟ ୨୦ଟି ଜାହାଜ ବନ୍ଦରମୁଖୀ ହେବା ପରିବର୍ତ୍ତେ ଦୂରରୁ ଦୂରକୁ ଚାଲିଯାଇଥିଲେ।

ଜିପିଏସ୍ ଇଣ୍ଟରଫେସ୍‌ରେ ଏଭଳି ସାଇବର ଆକ୍ରମଣ ଦ୍ୱାରା ଠିକ୍ ସମୟରେ ଜରୁରିକାଳୀନ ସାମଗ୍ରୀ ପହଞ୍ଚିପାରିବ ନାହିଁ ଏବଂ ପରିବହନ ଖର୍ଚ୍ଚ ବଢ଼ିଚାଲିବ। ବିଶେଷକରି ଯୁଦ୍ଧ ସମୟରେ ଗୋଳବାରୁଦ୍ ଓ ଖାଦ୍ୟସାମଗ୍ରୀ ନେଇ ଯାଉଥିବା ଯୁଦ୍ଧ ପଣ୍ୟଜାହାଜ କିମ୍ବା ଯୁଦ୍ଧବିମାନକୁ ପଥଭ୍ରଷ୍ଟ କରିବାରେ ଏହା ସହାୟକ ହେବ। ଏହାକୁ ସୂକ୍ଷ୍ମ ଭାବେ ଯୋଜନା କରିଛନ୍ତି ଅଦୃଶ୍ୟ ଆତଙ୍କବାଦୀମାନେ। କେବଳ ୨୦୨୪ରେ ଭାରତରେ ଏଭଳି ୭୦୦ ଜିପିଏସ୍ ଇଣ୍ଟରଫେସ୍ ଆକ୍ରମଣ ଠାବ କରାଯାଇଥିଲା। ଜିପିଏସ୍ ଇଣ୍ଟରଫେସ୍ ସିଗ୍‌ନାଲ୍ ଅପହରଣ ଦ୍ୱାରା କେବଳ ଉଡ଼ାଜାହାଜ କିମ୍ବା ଜଳଜାହାଜ ପ୍ରଭାବିତ ହେବେ ନାହିଁ, ବରଂ ଆମ ଦୈନନ୍ଦିନ ଟ୍ରାଫିକ୍ ବ୍ୟବସ୍ଥା ମଧ୍ୟ ଗୁରୁତର ବିଭ୍ରାଟର ସମ୍ମୁଖୀନ ହେବ। ଲୋକେସନ୍ ଡିଟେକ୍ଟ ବା ଗନ୍ତବ୍ୟ ସ୍ଥାନ ନିରୂପଣ ସଠିକ୍ ନ ହେଲେ ଗୋଟିଏ ଅଞ୍ଚଳ ପରିବର୍ତ୍ତେ ଯାତ୍ରୀ ଅନ୍ୟ ଅଞ୍ଚଳରେ ପହଞ୍ଚିଯିବ। ରାଡାର, ଟେଲିଫୋନ୍ ନେଟ୍‌ୱର୍କ, ରେଡିଓ ୱେଭ୍ ଆଦି ବ୍ୟବସ୍ଥାରେ ମଧ୍ୟ ଗୁରୁତର ବିଭ୍ରାଟ ସୃଷ୍ଟି ହୋଇ ଯୋଗାଯୋଗ ବ୍ୟବସ୍ଥା ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯିବ।


ଏଥିରୁ ଅଦୃଶ୍ୟ ଆତଙ୍କବାଦର ସ୍ୱରୂପ ଓ କାୟା କେତେ ବିଶାଳ ଏବଂ ଆଗକୁ କି ରୂପ ନେବାକୁ ଯାଉଛି ତାହା ଅନୁମାନ କରାଯାଇପାରେ। କେତେକ ପ୍ରତିରକ୍ଷା ବିଶେଷଜ୍ଞଙ୍କ ମତରେ ଆଜିର ଯୁଦ୍ଧ ଅଧିକରୁ ଅଧିକ ଉପଗ୍ରହ ସୂଚନା ଆଧାରିତ କମ୍ପ୍ୟୁଟର ଜ୍ଞାନକୌଶଳ ଉପରେ ନିର୍ଭରଶୀଳ। ଯଦି ଶତ୍ରୁପକ୍ଷ ଜିପିଏସ୍ ଇଣ୍ଟରଫେସ୍ ଉପରେ ଆକ୍ରମଣ କରେ ତେବେ କ୍ଷେପଣାସ୍ତ୍ରମାନ ଲକ୍ଷ୍ୟଭ୍ରଷ୍ଟ ହେବ। ଏପରିକି ଶତ୍ରୁ ଦେଶ ବଦଳରେ ନିଜ ଦେଶରେ ହିଁ ବିପ୍ଳାତ ସୃଷ୍ଟି କରିବ। ଅଦୃଶ୍ୟ ଆତଙ୍କବାଦୀମାନେ ଯେତେବେଳେ ଉପଗ୍ରହ ପର୍ଯ୍ୟନ୍ତ ପହଞ୍ଚିସାରିଲେଣି ଜନସାଧାରଣଙ୍କ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ ବ୍ୟବସ୍ଥା କେତେ ସୁରକ୍ଷିତ ତାହା ବିଚାରଯୋଗ୍ୟ। କେବଳ ଗୋଟିଏ ଦୁଇଟି ରାଷ୍ଟ୍ର ଏଭଳି ଅଦୃଶ୍ୟ ଆତଙ୍କବାଦକୁ ନିୟନ୍ତ୍ରଣ କରିବାରେ ସକ୍ଷମ ହେବେ ନାହିଁ। ଏଥିପାଇଁ ବିଶ୍ୱର ସବୁରାଷ୍ଟ୍ର ଗୋଟିଏ ମଞ୍ଚରେ ଏକତ୍ର ହୋଇ ମିଳିତ ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିବ। ଏଥିପାଇଁ ପ୍ରଥମେ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ବିଶ୍ୱାସର ଭାବନା ସ୍ଥାପନା ହେବା ସର୍ବାଦୌ ଜରୁରୀ।

# ଭାବଗତ ଐକ୍ୟ ଓ ଓଡ଼ିଶା

ଡ. ପ୍ରଫୁଲ୍ଲ କୁମାର ସାହୁ

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବାର ନଅ ଦଶନ୍ଧି ପରେ ଓଡ଼ିଶା ବାହାରେ ରହି ଯାଇଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳ ତ ଆଉ ଓଡ଼ିଶାରେ ମିଶିବାର ସମ୍ଭାବନା ନାହିଁ, ବରଂ ବଢ଼ି ବଢ଼ି ଯାଉଛି ଓଡ଼ିଶାରୁ ଆଉ କିଛି ଅଞ୍ଚଳ ହାତଛଡ଼ା ହେବାର ଆଶଙ୍କା। ଗୋଟେ ପାଖରେ କୋଟିଆ ଆନ୍ଧ୍ରର ଆଁ ଭିତରକୁ ଟାଣି ହୋଇ ଯାଉଛି ତ ଆରପଟେ ବାଲିଦ୍ୱୀପକୁ ଅଧିକାର କରିବା ପାଇଁ ଦୀର୍ଘଦିନ ଧରି ପ୍ରୟାସ ଜାରି ରଖିଛି ପଶ୍ଚିମବଙ୍ଗ ସରକାର। ନବରଙ୍ଗପୁର ଜିଲ୍ଲାର ଡାଙ୍ଗିରପଦା, ମୋହୁଣ୍ଡା ଓ ଉଦୟପୁର ଅଞ୍ଚଳରେ ଛତିଶଗଡ଼ ସରକାରଙ୍କ ସହିତ ଲାଗିରହିଛି ସୀମା ବିବାଦ। ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାର ଚଉଦଟି ଗ୍ରାମକୁ ନେଇ ଝାଡ଼ଖଣ୍ଡ ସହିତ ତୁଟୁଁନି ବିବାଦ। ବାଲେଶ୍ୱର ଜିଲ୍ଲାର ଭୋଗରାଇ ଓ ଜଳେଶ୍ୱର ବ୍ଲକର ୮୧ ଟି ସୀମାନ୍ତ ଗ୍ରାମକୁ ଅକ୍ତିଆର କରିବା ପାଇଁ ପଶ୍ଚିମବଙ୍ଗ ସରକାର ପକ୍ଷରୁ ଜାରି ରହିଛି ପ୍ରୟାସ। କେନ୍ଦୁଝର ଜିଲ୍ଲାର ଲିମିଟୁର, ପୁରୁଷୋତ୍ତମପୁର, କଙ୍କଡ଼ାପଟ, ଜଗନ୍ନାଥପୁର ଓ ଝାମ୍ପୁର ଗ୍ରାମକୁ ସୀମାଭୁକ୍ତ କରିବା ପାଇଁ ଉପାୟ ପାଞ୍ଚୁଛି ଝାଡ଼ଖଣ୍ଡ। ମାଲକାନଗିରି ଜିଲ୍ଲାର ମାଟାପକା ପଞ୍ଚାୟତରେ ପକ୍କା ସଡ଼କ ନିର୍ମାଣ କରିବା ପଛରେ ଛତିଶଗଡ଼ର ଉଦ୍ଦେଶ୍ୟ ସ୍ପଷ୍ଟ। ଓଡ଼ିଶାର ଏମିତି ଦଶଟି ଜିଲ୍ଲା ଅନ୍ତର୍ଗତ ଶତାଧିକ ଗାଁ, ନଦୀ ନାଳ ଓ ଜଙ୍ଗଲ ଉପରେ ପଡ଼ୋଶୀଙ୍କ ଆଖି। ସେମାନଙ୍କ ବିସ୍ତାରବାଦୀ ମନୋଭାବ କାରଣରୁ ସମାଧାନ ହୋଇ ପାରୁନି ଆନ୍ତରାଜ୍ୟ ସୀମା ବିବାଦ।

ରାଜନୈତିକ-ପ୍ରଶାସନିକ ଉଦାସୀନତା ପାଇଁ ଦିନକୁ ଦିନ ଜଟିଳ ହେବାରେ ଲାଗିଛି ଆନ୍ଧ୍ର-ଓଡ଼ିଶା ଆନ୍ତରାଜ୍ୟ ସୀମା ସମସ୍ୟା। ଓଡ଼ିଶାର ପ୍ରଶାସନିକ ମାନଚିତ୍ର ଅନୁସାରେ କୋଟିଆ ପଞ୍ଚାୟତ ରହିଛି କୋରାପୁଟ ଜିଲ୍ଲାର ପଟାଙ୍ଗି ବ୍ଲକ ଅଧୀନରେ। ୨୮ଟି ରାଜସ୍ୱ ଗ୍ରାମକୁ ନେଇ ଗଠିତ ଏହି ପଞ୍ଚାୟତର ଲୋକସଂଖ୍ୟା ଆଠ ହଜାରରୁ ଅଧିକ। ଆନ୍ଧ୍ରର ଦାବି ଅନୁସାରେ ଏହି ୨୮ ରାଜସ୍ୱ ଗ୍ରାମ ମଧ୍ୟରୁ ୨୧ଟି ରହିଛି ବିଜୟନଗରମ୍ ଜିଲ୍ଲା ସାଲୁର ମଣ୍ଡଳ ଅନ୍ତର୍ଗତ ଫଗୁଣ ସିନେରି, ଫାଟୁ ସିନେରି ଓ ଗଞ୍ଜେଇ ପଦର ପଞ୍ଚାୟତ ଅଧୀନରେ। ବିବାଦୀୟ ୨୧ ଟି ଗାଁକୁ ନେଇ ଉଭୟ ରାଜ୍ୟ ଏବେ ମୁହାମୁହିଁ। ପୂର୍ବରୁ ଏ ନେଇ ପରସ୍ପର ଭିତରେ ବାରମ୍ବାର ଆଲୋଚନା ସତ୍ତ୍ୱେ ସମାଧାନର ବାଟ ନଫିଟିବାରୁ ମାମଲା ପହଞ୍ଚିଥିଲା ସର୍ବୋଚ୍ଚ ନ୍ୟାୟାଳୟରେ। ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ବିଚାରାଧୀନ ଥିବା ଏହି ମାମଲାର ଚୁଡାନ୍ତ ରାୟ ପ୍ରକାଶ ପାଇନି ସତ, ହେଲେ ସ୍ଥିତାବସ୍ଥା ବଜାୟ ରଖିବା ନିମନ୍ତେ ରହିଛି (୧୯୬୮)ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ। ମାତ୍ର ବିଡ଼ମ୍ବନାର ବିଷୟ କୋଟିଆ ଉପରେ ନିଜର ଦଖଲ ସାବ୍ୟସ୍ତ କରିବା ପାଇଁ ନ୍ୟାୟାଳୟର ନିର୍ଦ୍ଦେଶକୁ ବାରମ୍ବାର ଅବମାନନା କରୁଛି ଆନ୍ଧ୍ର।




ପୂର୍ବତଟ ପର୍ବତମାଳାର ପାଦଦେଶରେ ଅବସ୍ଥିତ କୋଟିଆ ଗ୍ରାମପୁଞ୍ଜି। ଭାରି ମନୋରମ ତାର ବଣପାହାଡ଼ ଘେରା ପ୍ରାକୃତିକ ପରିବେଶ। ସତୁରି ଦଶକରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କରାଯାଉଥିବା ସର୍ବେକ୍ଷଣରୁ ଜଣାଯାଏ ଏଠାରେ ଅବସ୍ଥିତ ଦେଓମାଳି ଓ ଅନ୍ୟାନ୍ୟ ପାହାଡ଼ ତଳେ ରହିଛି ସୀସା, ଲୁହାପଥର, ବକ୍ସାଇଟ ଓ ଅଭ୍ର ଆଦି ବହୁ ମୂଲ୍ୟବାନ ଖଣିଜ ସଂପଦ। ସ୍ଥାନୀୟ ଲୋକଙ୍କ ମତରେ କୋଟିଆଠାରୁ ଗଞ୍ଜେଇପଦର ପର୍ଯ୍ୟନ୍ତ ଲମ୍ବିଥିବା ପାହାଡ଼ ତଳେ ରହିଛି ସୁନାଖଣି। ବୋଧହୁଏ ଏହି ମୂଲ୍ୟବାନ ଖଣିଜ ପଦାର୍ଥ ଉପରେ ରହିଛି ଆନ୍ଧ୍ରର ଲୋଲୁପ ଦୃଷ୍ଟି। ସେଥିପାଇଁ କୋଟିଆ ଗ୍ରାମପୁଞ୍ଜିକୁ ଅକ୍ତିଆର କରିବା ପାଇଁ ଦୀର୍ଘଦିନରୁ ଜାରି ରଖିଛି ପ୍ରୟାସ। ବିଭ୍ରାନ୍ତିକର ତଥ୍ୟ ଉପସ୍ଥାପନ କରି ଛିଡ଼ା କରୁଛି ବିବାଦ। ମାତ୍ର କୋଟିଆର ଇତିହାସ, ଭୂଗୋଳ ତଥା ଦସ୍ତାବିଜ କହୁଛି କୋଟିଆ ହେଉଛି ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ। ତା'ର ସବୁଠୁ ପ୍ରମାଣ ହେଉଛି ୧୯୩୬ ମସିହାରେ ପ୍ରକାଶ ପାଇଥିବା ନକ୍ସା। ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ୨୦ ବର୍ଷ ପରେ ଆନ୍ଧ୍ରର ଜନ୍ମ। ଅଥଚ ଓଡ଼ିଶା ପାଖରୁ କୋଟିଆକୁ ଛଡ଼େଇ ନେବା ପାଇଁ କେତେବେଳେ ପୁଲିସ ଲଗାଇ ସେଠାରେ ପଞ୍ଚାୟତ ନିର୍ବାଚନ କରାଉଛି ତ କେତେବେଳେ ଗାଁ ମୁଣ୍ଡରେ ଲଗାଉଛି ତେଲଗୁ ଭାଷାରେ ଲିଖିତ ନାମ ଫଳକ। କେବଳ ଫଳକ ଲଗାଉ ନାହିଁ, ଗାଁ'ର ନାଁ ବଦଳାଇ ନୂଆ ନାଁ ଦେଉଛି ତେଲଗୁ ଢଙ୍ଗରେ।

୨୦୧୧ ଜନଗଣନା ତଥ୍ୟ କହୁଛି ସେଠାକାର ଲୋକମାନେ ଓଡ଼ିଶାର ଅଧିବାସୀ। ତେଣୁ ଖାଦ୍ୟ ସୁରକ୍ଷା ଆଇନ ବଳରେ ଓଡ଼ିଶା ସରକାର ସେମାନଙ୍କୁ ଯୋଗାଇ ଦେଉଛନ୍ତି ଚାଉଳ ଓ ଗହମ ଇତ୍ୟାଦି ରେସନ ସାମଗ୍ରୀ। ସେପଟେ କୋଟିଆବାସୀଙ୍କୁ ନିଜ ରାଜ୍ୟର ବୋଲି ପ୍ରମାଣ କରିବା ପାଇଁ ଆନ୍ଧ୍ର ସରକାର ବି ସେମାନଙ୍କୁ ଚାଉଳ ସହିତ ଦେଉଛି ଡାଲି, ଖାଇବାତେଲ, କିରାସିନି, ସୋଲାର ଲାଇଟ ଓ କମ୍ବଳ ଆଦି ଅନେକ ଜିନିଷ। ସେଠାରେ ବାର୍ଦ୍ଧକ୍ୟ ଭତ୍ତା ବାବଦକୁ ବି ଆନ୍ଧ୍ର ଖର୍ଚ୍ଚ କରୁଛି କୋଟିକୋଟି ଟଙ୍କା। ଆନ୍ଧ୍ରର ଏଭଳି ଉଦ୍ଦେଶ୍ୟମୂଳକ ବଦାନ୍ୟତା କାରଣରୁ ଉଭୟ ରାଜ୍ୟରୁ ରାସନ ସାମଗ୍ରୀ ଓ ଅନ୍ୟାନ୍ୟ ସୁବିଧା ପାଇବାକୁ ଚାହୁଁଛନ୍ତି ସେଠାକାର ଅଧିବାସୀ। ଏହାଦ୍ୱାରା କେବଳ ଓଡ଼ିଶା ନୁହେଁ, ଆନ୍ଧ୍ର ପ୍ରତି ମଧ୍ୟ ରହୁଛି ଲୋକଙ୍କ ଆନୁଗତ୍ୟ। ଏହାକୁ କେହି ହୁଏତ କୋଟିଆବାସୀଙ୍କ ସୁବିଧାବାଦୀ ମାନସିକତା କହିପାରେ, ମାତ୍ର ବାସ୍ତବ ସ୍ଥିତି କହୁଛି ସୀମା ବିବାଦ ପାଇଁ ସାଂଘାତିକ ଭାବରେ ଫସିଛନ୍ତି ସେଠାକାର ଜନଜାତିର ଲୋକେ। ଆନ୍ଧ୍ରପ୍ରଦେଶ ସେଠାରେ ଖାଦ୍ୟ ଶସ୍ୟ ଓ ଅନ୍ୟାନ୍ୟ ଜିନିଷ ମାଗଣାରେ ବାଣ୍ଟୁଛି ସତ, ହେଲେ କୋର୍ଟରୁ କୌଣସି ନିର୍ଣ୍ଣାୟକ ନିଷ୍ପତ୍ତି ଆସି ନଥିବା କାରଣରୁ ଚିନ୍ତା କରୁନି ସେଠାକାର ଦୀର୍ଘମିଆଦୀ ବିକାଶ କଥା। ଅପରପକ୍ଷରେ କୋଟିଆ ପଞ୍ଚାୟତର ଅଧିକାଂଶ ଗାଁକୁ ସବୁଦିନିଆ ରାସ୍ତା ନାହିଁ କି ସବୁ ଗାଁକୁ ଯୋଗାଇ ଦିଆଯାଇପାରିନି ପାନୀୟ ଜଳ। ପିଇବା ପାଣି ପାଇଁ ଅଧିକାଂଶ ଲୋକ ଝରଣା ଉପରେ ନିର୍ଭର କରୁଥିବାବେଳେ ସେଠାରେ ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ଅତ୍ୟନ୍ତ ଦୁର୍ବଳ।

କେବଳ ଓଡ଼ିଶାର ଭୌଗୋଳିକ ସୀମା ଉପରେ ଆକ୍ରମଣ ନୁହେଁ, ଓଡ଼ିଆ ଭାଷାର କଣ୍ଠରୋଧ ପାଇଁ ମଧ୍ୟ ଚାଲିଛି ଷଡ଼ଯନ୍ତ୍ର। ଆମ ସାମ୍ବିଧାନିକ ବ୍ୟବସ୍ଥା କହୁଛି ନିଜ ମାତୃଭାଷାରେ ଶିକ୍ଷା ଲାଭ କରିବା ସମସ୍ତଙ୍କର ଅଧିକାର। ତେଣୁ ରାଜ୍ୟରେ ଥିବା ସଂଖ୍ୟାଲଘୁଙ୍କ ସୁରକ୍ଷା ପାଇଁ ବିଦ୍ୟାଳୟରେ ନିଯୁକ୍ତି ପାଆନ୍ତି ସ୍ୱତନ୍ତ୍ର ଶିକ୍ଷକ। ଓଡ଼ିଶା ସରକାର ଏ ନୀତିକୁ ମାନୁଥିବା ବେଳେ ତାଡ଼କୁ ଖୋଲାଖୋଲି ଉଲଙ୍ଘନ କରୁଛନ୍ତି ପଡ଼ୋଶୀ ରାଜ୍ୟମାନେ। ଝାଡ଼ଖଣ୍ଡରେ ଓଡ଼ିଆ ଭାଷାକୁ ମିଳିଥିଲା ଦ୍ୱିତୀୟ ଭାଷାର ମାନ୍ୟତା। ଝାଡ଼ଖଣ୍ଡ ସରକାର ତା'କୁ ଉଚ୍ଛେଦ କରିନେବା ଫଳରେ ସେଠାରେ ଆଉ ଓଡ଼ିଆ ଭାଷାରେ ପାଠପଢ଼ା ହେବନାହିଁ କି ନିଯୁକ୍ତି ପାଇବେନି ଓଡ଼ିଆ ଶିକ୍ଷକ। ଓଡ଼ିଆ ପରିବର୍ତ୍ତେ ହିନ୍ଦୀ ପଢ଼ିବାକୁ ବାଧ୍ୟ ହେବେ ଓଡ଼ିଆ ପିଲାମାନେ। ଷଢ଼େଇକଳା, ଖରସୁଆଁ, ସିଂହଭୂମି, ମେଦିନାପୁର ଅଞ୍ଚଳରେ ବି ଏଭଳି ବୈମାତୃକ ମନୋଭାବର ଶିକାର ହେଉଛି ଓଡ଼ିଆ ଭାଷା। କୋଟିଆ ଗ୍ରାମପୁଞ୍ଜିରେ ଥିବା ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଏବେ ଓଡ଼ିଆ ପରିବର୍ତ୍ତେ ପଢ଼ା ଯାଉଛି ତେଲଗୁ।

ମାତୃଭାଷା ପ୍ରତି ହେୟ ମନୋଭାବ କାରଣରୁ ପଡ଼ୋଶୀଙ୍କ ଅନ୍ୟାୟ ବିରୋଧରେ ତୀବ୍ର ହୋଇପାରୁନି ଓଡ଼ିଆଙ୍କ ସ୍ୱର। ଆନ୍ଧ୍ରର ଦାଦାଗିରି ବିରୋଧରେ ଓଡ଼ିଶା ରାଜନେତାଙ୍କ ଭିତରେ ପ୍ରକାଶ ପାଉନି ଜାତୀୟ ସହମତି। କାରଣ ଏକ ବିଶାଳ ଅତୀତ ଓ ପୁଷ୍କଳ ସଂସ୍କୃତି ସତ୍ତ୍ୱେ ଆମକୁ ଏବେ ଗ୍ରାସିଛି ଭାବଗତ ସଂହତିର ସଂକଟ। କେତେବେଳ ଆମେ ରାଜନୀତିକୁ କେନ୍ଦ୍ର କରି ପରସ୍ପର ଉପରକୁ କାଦୁଅ ଫିଙ୍ଗା ଫିଙ୍ଗି ହେଉଛୁ ତ ଆଞ୍ଚଳିକ ଭାବକୁ ନେଇ ଆମେ ବିଭାଜିତ। ଆମ ଭିତରୁ କ୍ରମଶଃ ଅପସରି ଯାଉଛି ମାତଭୂମି ଓ ମାତୃଭାଷା ପ୍ରତି ମମତ୍ୱବୋଧ। ଓଡ଼ିଆ ଆଜି ଓଡ଼ିଆତ୍ୱକୁ ନେଇ ଗର୍ବ କରୁନି, ବରଂ ଲଜ୍ଜାବୋଧ କରୁଛି ନିଜକୁ ଓଡ଼ିଆ କହିବା ପାଇଁ। ଏଭଳି ହୀନମନ୍ୟତା ଯୋଗୁଁ ଓଡ଼ିଆ ଭାଷା ଆଜି ନାନା ଭାବରେ ଅବହେଳା, ଅବଜ୍ଞା ଓ ଉଦାସୀନତାର ଶିକାର। କେବଳ ବିଚ୍ଛିନ୍ନାଞ୍ଚଳ ନୁହେଁ, ଓଡ଼ିଆ ଭାଷା ଆଜି ନିଜ ମାଟିରେ ବି କୋଣଠେସା। ସମ୍ବଲପୁର ଓ ରାଉରକେଲା ଆଦି ଅଞ୍ଚଳରେ ବହୁ ଶିକ୍ଷିତ ଲୋକଙ୍କର କଥିତ ଭାଷା ଓଡ଼ିଆ ନୁହେଁ, ହିନ୍ଦୀ। ବଲାଙ୍ଗୀର ଓ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବଢ଼ି ଚାଲିଛି ହିନ୍ଦୀ ଭାଷାର ପ୍ରଭାବ। ଗଞ୍ଜାମ, କୋରାପୁଟ ଓ ବାଲେଶ୍ୱର ଆଦି ଉପାନ୍ତ ଅଞ୍ଚଳରେ ମାତୃଭାଷାର ସ୍ଥିତି ବିପନ୍ନ।

ଭଦ୍ରକ, ମୋ: ୬୩୭୧୬୪୨୪୬୪

# ସଫଳ ମଣିଷର ଷଡ୍‌ଗୁଣ

ସରୋଜ କାନ୍ତ ଚୌଧୁରୀ

ମଣିଷ ପାଇଁ ଜୀବନ ଗଢ଼ିବାର ସଫଳ ସୂତ୍ର ରହିଛି ସନାତନ ଧର୍ମଗ୍ରନ୍ଥ ଭଗବତ୍ ଗୀତାରେ ଭଗବାନଙ୍କ ମୁଖନିଃସୃତ ବାଣୀ ହିସାବରେ। ଏବେ ବି ଏହିସବୁ ଆଧ୍ୟାତ୍ମିକ ଉପଦେଶ ସବୁ ମାନବ ସଂସାଧନ ପରିଚାଳନା ପାଇଁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇପାରୁଛି। ବିଶ୍ଳେଷଣ କଲେ ଜଣାଯିବ ଯେ ପଞ୍ଚାଅଶି ଭାଗ ସଫଳତା ଆସିଥାଏ ସଂପୃକ୍ତ ବ୍ୟକ୍ତିର ମନୋଭାବରୁ ଏବଂ ଧୀଶକ୍ତିର ଉପଯୋଗରୁ। ବାସ୍ତବିକ୍ ଆମର ମୁଖ୍ୟ ସମ୍ପତ୍ତି ହେଲା ଧୀଶକ୍ତି, ଯାହାକୁ ଠିକ ଭାବରେ ବ୍ୟବହାର କରାଯିବା ଉଚିତ ଏବଂ ଅନ୍ୟପକ୍ଷରେ ତାହାକୁ ସୁରକ୍ଷିତ ମଧ୍ୟ କରାଯିବା କଥା। ଭଗବତ୍ ଗୀତା ନିର୍ଦ୍ଧାରଣ କରିଛି ଯେ ସଫଳତା ପାଇବା ପାଇଁ ନିମ୍ନଲିଖିତ ଗୁଣଗୁଡ଼ିକର ଆବଶ୍ୟକତା ରହିଛି।

ଅନ୍ତଃମାନସିକତା: ନିଜର ସ୍ୱଧର୍ମ ବା ଗୁଣ, ଯାହା ଜଣକ ପାଇଁ ଏକ ଅଦ୍ୱିତୀୟ ଈଶ୍ୱରୀୟ ଉପହାର ବୋଲି ବିଚାର କରାଯାଏ, ତାହାକୁ ଚିହ୍ନିବା ଆବଶ୍ୟକ। ବାସ୍ତବ ପକ୍ଷେ ଜଣକର ଆନ୍ତରିକ ଆଗ୍ରହ ଥିବା କାର୍ଯ୍ୟରେ ପରିଶ୍ରମ କରିବା ଉପଭୋଗ୍ୟ ହୋଇଥାଏ। କିନ୍ତୁ ନିଜ ସ୍ୱଧର୍ମ ଅନୁକୂଳ ନଥିବା କାର୍ଯ୍ୟଟି ତା'ପାଇଁ ନୈରାଶ୍ୟଜନକ ଏବଂ କ୍ଳାନ୍ତିକର ବିବେଚିତ ହୋଇଥାଏ। ସେହିଭଳି କାର୍ଯ୍ୟରେ ନିଜର ଶକ୍ତିକୁ ନିୟୋଜିତ କରାଗଲେ ସଫଳତା ଆସିବ। ଏପରିକି ତୁମେ ସମାଜରେ ପ୍ରତିଷ୍ଠିତ ହୋଇପାରିବ। ପ୍ରସିଦ୍ଧ ସିନେ ଅଭିନେତା ରଜନୀକାନ୍ତ ଜଣେ ବସ୍ କଣ୍ଡକ୍ଟର ଭାବରେ ଆରମ୍ଭ କରିଥିଲେ ଜୀବନର ଜୟଯାତ୍ରା। ବର୍ତ୍ତମାନ ସେ କେଉଁଠି? ସେମିତି କ୍ରିକେଟ କିମ୍ବଦନ୍ତୀ ଧୋନି ରେଳ ଟିକେଟ ପରୀକ୍ଷକ ଭାବରେ ଆରମ୍ଭ କରିଥିଲେ ଜୀବନ। କିନ୍ତୁ ଏବେ ସେ ବିଶ୍ୱର ଜଣେ ସଫଳ କ୍ରିକେଟର। ଅତଏବ ନିଜ ଅନ୍ତଃନିହିତ ଇଚ୍ଛାକୁ କାର୍ଯ୍ୟକାରୀ କରିବାରେ ସ୍ୱଧର୍ମ ହିଁ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

ଅଙ୍ଗୀକାରବଦ୍ଧତା: ଥରେ ନିଜର ସ୍ୱଧର୍ମ ବା ଆନ୍ତରିକ ଇଚ୍ଛାକୁ ଠିକ୍ ଭାବେ ଚିହ୍ନିପାରିଲେ ଏକ ଉଚ୍ଚ ଆଦର୍ଶ ପ୍ରତି ନିଜ ଦୃଷ୍ଟି ସ୍ଥିର କରିବା ଆବଶ୍ୟକ ଏବଂ ନିଜକୁ ନିଜେ ପ୍ରଶ୍ନ କରିବା କଥା କେଉଁଥିପାଇଁ ମୁଁ କାର୍ଯ୍ୟ କରୁଛି? ଏହା କେବଳ ଆର୍ଥିକ ସ୍ୱଚ୍ଛଳତା ପାଇଁ ନା ତା' ମଧ୍ୟରେ ଏକ ଗଭୀର ତଥା ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ଉଦ୍ଦେଶ୍ୟ ରହିଛି? ସ୍ୱତଃ ପ୍ରତିଜ୍ଞାବଦ୍ଧ ହୁଅ ଲକ୍ଷ୍ୟ ପ୍ରତି, ହତୋତ୍ସାହିତ କରୁଥିବା ପ୍ରତିବାଧାକୁ ଅତିକ୍ରମ କରି ଯେପରି ତୁମେ ସଫଳ ହୋଇପାରିବ। କଥା ହେଉଛି ନିଜ ଲକ୍ଷ୍ୟ ପ୍ରତି ଆନ୍ତରିକତା ଓ ନିଜକୁ ବାରମ୍ବାର ଅନୁଶୀଳନ। ଭଗବତ୍ ଗୀତାର କର୍ମଯୋଗରେ ଅନାସକ୍ତ କର୍ମ କରିବା ଛଳରେ କୁହାଯାଇଛି ଗଭୀର ପରିଶ୍ରମର କୌଣସି ବିକଳ୍ପ ନାହିଁ ଏବଂ ଏହାହିଁ ପରିଶେଷରେ ଲକ୍ଷ୍ୟ ପୂରଣ କରିବାକୁ ସମର୍ଥ ହୁଏ।

ଦକ୍ଷତା: ସଫଳ ପ୍ରୟାସ ପାଇଁ ନିଜକୁ ଦକ୍ଷ କରିବାର ଆବଶ୍ୟକତା ଅଛି। ସେଥିପାଇଁ ସଂପୃକ୍ତ ବିଷୟରେ ଯଥେଷ୍ଟ ଜ୍ଞାନ ଆହରଣ କରିବା ଉଚିତ। ପ୍ରକୃତ ପକ୍ଷେ ଦକ୍ଷତା କେବଳ ମାତ୍ର ତୀକ୍ଷ୍ଣ ବୁଦ୍ଧି ନୁହେଁ, ଏହା ଧୀଶକ୍ତି, ନିରନ୍ତର ଶିକ୍ଷା ବା ଅନୁଭବ ଏବଂ କଠିନ କାର୍ଯ୍ୟର ସମ୍ମିଶ୍ରଣ। ତୀକ୍ଷ୍ଣ କାର୍ଯ୍ୟଧାରା ଦ୍ୱାରା ନିପୁଣତା ହାସଲ କରି ନୂଆ ନୂଆ ଜ୍ଞାନ ପ୍ରତି ସଜାଗ ରହିବା ସାମର୍ଥ୍ୟ ବା ଦକ୍ଷତା ଆଣିଥାଏ। ପ୍ରକୃତପକ୍ଷେ ଦକ୍ଷତା ଆବଶ୍ୟକ କରିଥାଏ ଚାଲୁ ରହିଥିବା ସମକାଳୀନ ଜ୍ଞାନ ଏବଂ ବିକାଶକୁ ଆପେଣାଇବାର ପ୍ରତିଶ୍ରୁତି। ଅର୍ଥାତ୍ ସର୍ବାଧୁନିକ ଟ୍ରେଣ୍ଡ, ଯାନ୍ତ୍ରିକ କୌଶଳ ଏବଂ ସବୁଠୁଁ ଉତ୍ତମ ଅଭ୍ୟାସ ସହିତ ନବୀନ ତମ ଅବସ୍ଥାରେ ରହିବା ଦକ୍ଷତା ପାଇଁ ଅପରିହାର୍ଯ୍ୟ।

ସହଭାଗିତା: ତୁମେ ଯେତେ ବୁଦ୍ଧିମାନ ହୁଅନା କାହିଁକି ଆଶା କରୁଥିବା ଫଳ ହାସଲ କରିବାକୁ ହେଲେ ଦଳଗତ ମନୋଭାବର ଆବଶ୍ୟକତା ରହିଛି। ସହଭାଗିତାରେ କାର୍ଯ୍ୟ କରିବାକୁ ସୁଦୃଢ଼ ସଂଗଠନ ପାଇଁ ବ୍ୟକ୍ତିଗତ ପ୍ରଚେଷ୍ଟା କରାଯିବା କଥା। ତାଳମେଳର ମ୍ୟାଜିକ୍ ହୃଦୟଙ୍ଗମ ସେତିକିବେଳେ କରିହେବ ଯେତେବେଳେ ତୁମେ ପରସ୍ପର ସହିତ ସହଯୋଗ କରି ଆଦାୟ କରୁଥିବା ଫଳ ବ୍ୟକ୍ତିଗତ ଭାବରେ ଆଦାୟ କରୁଥିବା ସମ୍ପୂର୍ଣ୍ଣ ଫଳଠାରୁ ଯଥେଷ୍ଟ ଅଧିକ ହୋଇଥିବାର ଦେଖିପାରିବ।

ଏକାଗ୍ରତା: ତୁମର ଧୀଶକ୍ତି ତୁମ ମନକୁ ବର୍ତ୍ତମାନର କାର୍ଯ୍ୟ ମଧ୍ୟରେ ନିବେଶ କରାଇବା ହିଁ ଏକାଗ୍ରତା। ଦୁର୍ବଳ ମାନସିକତା ମଣିଷର ମନକୁ ଅତୀତର ବ୍ୟସ୍ତତା ଏବଂ ଭବିଷ୍ୟତର ଉତ୍କଣ୍ଠା ଭଳି ଅଫଳପ୍ରଦ ବିଷୟ ମଧ୍ୟକୁ ଠେଲି ଦେଇଥାଏ, ଯାହାଫଳରେ ସକ୍ରିୟତାରେ ଅସୁବିଧା ହୋଇଥାଏ ଏବଂ ତୁମକୁ ଅସଫଳ ହେବାକୁ ପଡ଼େ। ଅପରପକ୍ଷରେ ଧୀଶକ୍ତି ସବଳ ଥିଲେ ତାହା ମନକୁ ବର୍ତ୍ତମାନର କାର୍ଯ୍ୟ କରିବା ଉପରେ ପ୍ରାଥମିକତା ଦେଇଥାଏ ଏବଂ ତା' ଦ୍ୱାରା ସଂପୃକ୍ତ କାର୍ଯ୍ୟଟି ଉତ୍ତମ ରୂପେ ସମ୍ପାଦିତ ହୋଇଥାଏ। ସୁତରାଂ ମନର ଏକାଗ୍ରତା ସର୍ବାଦୌ ଆବଶ୍ୟକ ଜଣେ ସଫଳ ଉଦ୍ୟୋଗୀ ପାଇଁ।

ଦୃଢ଼ତା: ତୁମର ଧୀଶକ୍ତିର ନିର୍ଦ୍ଦେଶନାରେ ସମସ୍ତ କାର୍ଯ୍ୟ କଳ୍ପିତ ଲକ୍ଷ୍ୟକୁ ଭେଦ କରିପାରେ। ଅପରପକ୍ଷରେ ଯଦି ଧୀଶକ୍ତି ଠିକ୍ ଭାବରେ ସତର୍କତା ଅବଲମ୍ବନ ନକରି ପାରେ ତେବେ ମନ ଠିକଣା ବାଟରୁ ବିଚ୍ୟୁତ ହୋଇଯାଏ। ଆଲୋକରଶ୍ମିକୁ ଉତ୍ତଳ ଯବକାଚ ଦ୍ୱାରା ଏକାଭିମୁଖୀ କରି କାଗଜରେ ନିଆଁ ଧରାଇଲା ଭଳି ମନ ଭିତରୁ ଉତ୍ପନ୍ନ ହେଉଥିବା ଧାରଣା ବା ବିଚାରକୁ ଏକ ଲକ୍ଷ୍ୟରେ କେନ୍ଦ୍ରୀଭୂତ କରିପାରିଲେ ତାହା ସଫଳତା ପାଇଁ ଅନମନୀୟ ଦୃଢ଼ତା ସାବ୍ୟସ୍ତ ହେବ। ମାନସିକ ଦୃଢ଼ତା ଅପରିହାର୍ଯ୍ୟ। ମାତ୍ର ଧୀରେ ଧୀରେ ହେଲେ ବି ତୁମେ ଲକ୍ଷ୍ୟଭେଦ କରିପାରିବ।

ସୁତରାଂ ମେଧାଶକ୍ତି କେବଳ ଯଥେଷ୍ଟ ନୁହେଁ ସାଫଲ୍ୟ ବିମଣ୍ଡିତ ହେବାକୁ। ତୁମ ମଧ୍ୟରେ ଥିବା ଅନ୍ତର୍ନିହିତ ଶକ୍ତିକୁ ଉନ୍ମୁକ୍ତ କରିବାକୁ ହେଲେ ଉପରୋକ୍ତ ଛଅଟି ମାନବୀୟ ଗୁଣକୁ ନିଜର କରିବା ଆବଶ୍ୟକ। ଅଧିକନ୍ତୁ ଅସାମାନ୍ୟ ସଫଳତା, ଆନନ୍ଦ ଏବଂ ବ୍ୟକ୍ତିଗତ ପ୍ରତିଷ୍ଠା ପାଇଁ ଏହିଗୁଡ଼ିକ ହିଁ ଚାବିକାଠି।

କଟକ, ମୋ: ୯୪୩୭୩୬୦୯୮୧

# ଆମ ବୃକ୍ଷଲତା ଆମ ଜୀବନ

## ଲାଜକୁଳି ଲତା

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ଲାଜକୁଳି ଲତା, ଯାହାକୁ ସମ୍ବେଦନଶୀଳ ଉଦ୍ଭିଦ କିମ୍ବା 'ମୋତେ ସ୍ପର୍ଶ କର ନାହିଁ' ଉଦ୍ଭିଦ ମଧ୍ୟ କୁହାଯାଏ, ସାଧାରଣତଃ ଅନାବାଦୀ ଜମି, ଚାଷ ଜମି ଏବଂ ରାସ୍ତାକଡ଼ରେ ଦେଖାଯାଏ। ଏହା କାରିବିଆନ ଏବଂ ଦକ୍ଷିଣ ଓ ମଧ୍ୟ ଆମେରିକାର ମୂଳ ଜାତ, କିନ୍ତୁ ବର୍ତ୍ତମାନ ଦକ୍ଷିଣ ଯୁକ୍ତରାଷ୍ଟ୍ର, ଦକ୍ଷିଣ ଏସିଆ, ପୂର୍ବ ଏସିଆ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଏବଂ ପଶ୍ଚିମ ଆଫ୍ରିକାରେ ଦେଖିବାକୁ ମିଳେ। ଲାଜକୁଳି ଲତା ଏକ କୌତୁହଳପୂର୍ଣ୍ଣ ଆକର୍ଷଣୀୟ ତୃଣ। ସ୍ପର୍ଶ କିମ୍ବା ହଲିବା ଦ୍ୱାରା ସମ୍ବେଦନଶୀଳ ପତ୍ରଗୁଡ଼ିକ ତତ୍‌କ୍ଷଣାତ ସଙ୍କୁଚିତ ହୋଇ ମୋଡ଼ିଯାଏ ଓ ଝୁଲିଯାଏ, କିଛିମିନିଟ୍ ପରେ ପୁଣି ଖୋଲିଯାଏ। ଏହି ପ୍ରତିଫଳନ ହୁଏତ ନିଜର ପ୍ରତିରକ୍ଷା ପାଇଁ ଏକ ପ୍ରାକୃତିକ ବ୍ୟବସ୍ଥା। ସାଧାରଣ ଅବସ୍ଥାରେ ପତ୍ରଗୁଡ଼ିକ ଅନ୍ଧାର ସମୟରେ ବନ୍ଦ ହୋଇଯାଏ ଏବଂ ଆଲୋକରେ ପୁଣି ଖୋଲିଯାଏ। ଏହାକୁ ପ୍ରଥମେ ଫରାସୀ ବୈଜ୍ଞାନିକ ଜିନ୍-ଜ୍ୟାକ୍ ଡି'ଅର୍ଟୋସ୍ ଅଧ୍ୟୟନ କରିଥିଲେ। ୟୁକେରେ ଏହାକୁ ରୟାଲ୍ ହର୍ଟିକଲ୍‌ଚରାଲ୍ ସୋସାଇଟିର ଉଦ୍ୟାନ ମେରିଟ୍ ପୁରସ୍କାର ମିଳିଛି।

ଲାଜକୁଳି ଲତା ଏକ ଦୁର୍ବଳ କାଣ୍ଡ ବିଶିଷ୍ଟ ତୃଣ। ପ୍ରାଥମିକ ଅବସ୍ଥାରେ କାଣ୍ଡ ସିଧା ହୋଇଥାଏ ଏବଂ ପରେ ପରେ ଭୂମି ଉପରେ ପତିତ ହୋଇ ସମାନ୍ତରାଳ ଭାବରେ ବ୍ୟାପିଥାଏ। କାଣ୍ଡ ଘନ କଣ୍ଟାଯୁକ୍ତ। ପତ୍ରର ଡେମ୍ଫ ମଧ୍ୟ କଣ୍ଟାଯୁକ୍ତ। ପୁଷ୍ପଗୁଚ୍ଛ ଏକ ଗୋଲାକାର ବା ଅଣ୍ଡାକାର ୮-୧୦ ମିମି ବ୍ୟାସରେ ଅନେକ ଫିକା ଗୋଲାପୀ କିମ୍ବା ବାଇଗଣୀ ଫୁଲ ଧାରଣ କରିଥାଏ। ଫୁଲଗୁଡ଼ିକ ବହୁତ ଭଙ୍ଗୁର ଓ ନରମ। ଗୋଟିଏ ଦିନରୁ କମ୍ ସମୟ ପାଇଁ ତିଷ୍ଠି ରହନ୍ତି। ପ୍ରତି ଫଳ ଦୁଇରୁ ପାଞ୍ଚ ଖଣ୍ଡରେ ଭାଙ୍ଗିଯାଏ ଏବଂ ପ୍ରାୟ ୨.୫ ମିମି ଲମ୍ବା ଫିକା ବାଦାମୀ ବିହନ ବହନ କରିଥାଏ।

ଭାରତରେ ଏହି ଉଦ୍ଭିଦର ପ୍ରତ୍ୟେକ ଅଂଶ ବିଭିନ୍ନ ରୋଗର ଚିକିତ୍ସା ପାଇଁ ଆୟୁର୍ବେଦ, ସିଦ୍ଧ ଏବଂ ୟୁନାନି ଔଷଧରେ ବ୍ୟବହାର କରାଯାଏ। ସମ୍ପୂର୍ଣ୍ଣ ଉଦ୍ଭିଦଟି ବାତ, ଗୋଡ଼ ଯନ୍ତ୍ରଣା, କର୍କଟ, ଏକ୍‌ଜିମା, ମଳକଣ୍ଟକ, ପତଳା ଝାଡ଼ା, ଅନ୍ତନଳୀ କୃମି, ଅବସାଦ, ମାଂସପେଶୀ ଯନ୍ତ୍ରଣା ଏବଂ ଏଲିଫାଣ୍ଟିଆସିସ ବା ହାତୀଆ ରୋଗ, ଅନିଦ୍ରା, ଅଣ୍ଡକୋଷର ଚିକିତ୍ସା ପାଇଁ ବ୍ୟବହୃତ ହୁଏ। ଋତୁସ୍ରାବ ସମସ୍ୟା, ସଂକ୍ରମଣ, ଦାନ୍ତବିନ୍ଧା, ଡାଇରିଆ, ବସନ୍ତ, ଜ୍ୱର, ଅଲସର, କାମଳ, ରକ୍ତସ୍ରାବ, ଶ୍ୱାସ, ଯକୃତ, ଫିଷ୍ଟୁଲା ଏବଂ ଲ୍ୟୁକୋଡର୍ମା ଚିକିତ୍ସା, ଗର୍ଭାଶୟ ପ୍ରବାହର ଚିକିତ୍ସା, ସାପ ଓ ବିଛା କାମୁଡ଼ା ପାଇଁ ପ୍ରତିଷେଧକ ଭାବେଁ ଏହି ତୃଣ ବ୍ୟବହାର କରାଯାଏ। ପତ୍ରଗୁଡ଼ିକ କାଢ଼ା ଭାବରେ କିମ୍ବା ପେଷ୍ଟ ଭାବରେ ବ୍ୟବହୃତ ହୁଏ। ଏହା ଏହାର ଆଣ୍ଟି-ମାଇକ୍ରୋବାଏଲ୍, ଆଣ୍ଟି-ଫଙ୍ଗାଲ୍, ଆଣ୍ଟି-ଭାଇରାଲ୍ ଗୁଣ ଏବଂ ଆଣ୍ଟି-ମମ୍ପ (ଗାଲ ମୁହଁ ଫୁଲା) କାର୍ଯ୍ୟକଳାପ, ଆଣ୍ଟି-କନଭାଲ୍ସାଣ୍ଟ (ମାଂସ ପେଶୀ ସ୍ୱତଃ ସଙ୍କୋଚନ) ଗୁଣ ପାଇଁ ପ୍ରମାଣିତ ହୋଇଛି। ଏହା ଲିପିଡ୍ ସ୍ତରକୁ ହ୍ରାସ କରେ। ମୂଳକୁ ପାରମ୍ପରିକ ଭାବରେ କାମୋଦ୍ଦୀପକ ଭାବରେ ବ୍ୟବହାର କରାଯାଏ। ଏହାର ପ୍ରଜନନ-ବିରୋଧୀ ଗୁଣ ଥିବାରୁ ଗର୍ଭାବସ୍ଥାରେ ଏହାର ସେବନ ନିଷେଧ। ଉଦ୍ଭିଦର ମୂଳର ରସ ନାଗ ସାପର ବିଷର ମାରାତ୍ମକ ତାକୁ ଲାଘବ କରେ। ଏହି ତୃଣରେ ଫ୍ଲାଭୋନଏଡ୍ସ, ଗ୍ଲାଇକୋସାଇଡ୍ସ, ଟେର୍ପେନୋଏଡ୍ସ, ଆଲକାଲଏଡ୍ସ, କୁମାରିନ୍ସ, ସାପୋନିନ୍ସ, ଟାନିନ୍ସ, ଫେନୋଲ୍ସ, କୁଇନାଇନ୍ସ, ଫ୍ୟାଟି ଏସିଡ୍ସ, ଗ୍ଲାଇକୋସାଇଡ୍ସ, ଅତ୍ୟାବଶ୍ୟକ ତେଲ, ଟାନିନ୍ସ, ଆମିନୋ ଏସିଡ୍ସ, ଆଲକାଲଏଡ୍ସ, ଫାଇଟୋଷ୍ଟେରୋଲ୍, ମିମୋସିନ୍, ଜାସମୋନିକ୍ ଏସିଡ୍, ବେଟୁଲିନିକ୍ ଏସିଡ୍, ଷ୍ଟିଗମାଷ୍ଟେରୋଲ୍, ବିଟା-ସିଟୋଷ୍ଟେରୋଲ୍, ୨-ହାଇଡ୍ରକ୍ସିମିଥାଇଲ୍-କ୍ରୋମାନ୍-୪-ୱାନ୍, ଡାଇମିଥାଇଲ୍ ଆମୋନିୟମ୍ ଲବଣ ଏବଂ ମିମୋପୁଡିନ୍ ରହିଛି।

ଏହାକୁ ଅଷ୍ଟ୍ରେଲିଆର କିଛି ଅଂଶରେ ଆକ୍ରମଣାତ୍ମକ ତୃଣ ଭାବରେ ବିବେଚନା କରାଯା।। ମକା, ନଡ଼ିଆ, ଟମାଟୋ, କପା, କଫି, କଦଳୀ, ସୋୟାବିନ୍, ପପେଇ ଏବଂ ଆଖୁ ଆଦି ଫସଲ ଲାଜକୁଳି ତୃଣ ଦ୍ୱାରା ପ୍ରଭାବିତ ହୋଇଥାଏ। ଲାଜକୁଳି ପ୍ରଦୂଷିତ ମାଟିରୁ ତମ୍ବା, ସୀସା, ଟିନ୍ ଏବଂ ଜିଙ୍କ ଭଳି ଭାରୀ ଧାତୁ ଶୋଷଣ କରେ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଫସଲ ବୀମା ଯୋଜନାରେ ବ୍ୟାପକ ବାଟମାରଣା

ଭୁବନେଶ୍ୱର,୨୭।୭(ସମିସ): ପୂର୍ବ ପ୍ରଚଳିତ ରାଷ୍ଟ୍ରୀୟ କୃଷି ବୀମା ଯୋଜନାକୁ ପରିବର୍ତ୍ତନ କରି ୨୦୧୬ରୁ ବିଜେପି ଦଳ ଓ ଘରୋଇ ବୀମା କମ୍ପାନୀଙ୍କ ଫାଇଦା ପାଇଁ 'ପ୍ରଧାନମନ୍ତ୍ରୀ ଫସଲ ବୀମା' ଯୋଜନା କାର୍ଯ୍ୟକାରି ହୋଇ ଆସୁଛି। ଦେଶର ପ୍ରାୟ ୧୪କୋଟି ଚାଷୀଙ୍କ ମଧ୍ୟରୁ ୫ କୋଟି ଚାଷୀ

- ତଦନ୍ତ ପାଇଁ ଦାବି କଲା କିଷାନ କଂଗ୍ରେସ
- ପଞ୍ଜୀକରଣ ଅବଧି ୧୫ ପର୍ଯ୍ୟନ୍ତ ବୃଦ୍ଧି

ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ଗତ ୯ ବର୍ଷ ମଧ୍ୟରେ ଫସଲ କ୍ଷତିରେ ଚାଷୀ ବୀମା ସହାୟତା ରାଶି ପାଇବା ତ ଦୂରର କଥା, ସେମାନଙ୍କ ସଂଗୃହୀତ ମୋଟ ପ୍ରିମିୟମ ରାଶି ୨ଲକ୍ଷ ୩ ହଜାର ୬ଶହ କୋଟି ଟଙ୍କାରୁ ଘରୋଇ କମ୍ପାନୀମାନେ ୧ଲକ୍ଷ ୧୦୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଫାଇଦା ଉଠାଇଛନ୍ତି ବୋଲି କିଷାନ କଂଗ୍ରେସ କହିଛି।

ସେହିପରି ଓଡ଼ିଶାରେ ଗତ ୯ ବର୍ଷ ମଧ୍ୟରେ ୫୩ ଲକ୍ଷ ଚାଷୀଙ୍କ ମଧ୍ୟରୁ ପ୍ରାୟ ୨୨ ଲକ୍ଷ ଋଣି ଓ ଅଣଋଣୀ ଚାଷୀଙ୍କ ପ୍ରାୟ ୧୨ ହଜାର ୧୦୦ କୋଟି ଟଙ୍କା ପ୍ରିମିୟମର ୫ ହଜାର କୋଟି ଟଙ୍କା କମ୍ପାନୀ ଓ ସରକାରର ଫାଇଦା ଉଠାଯାଇଛି। ପୂର୍ବରୁ ସରକାରଙ୍କ କର୍ତ୍ତୃତ୍ୱାଧୀନ ବୀମା କମ୍ପାନୀ ଚାଷୀଙ୍କୁ ପ୍ରକୃତ କ୍ଷତିପୂରଣ ଦେଉଥିଲେ। କିନ୍ତୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା କାର୍ଯ୍ୟକାରୀ ହେବାଠାରୁ ଚାଷୀ ଲାଭବାନ ହେବା ପରିବର୍ତ୍ତେ ସରକାର ଓ ଘରୋଇ କମ୍ପାନୀମାନେ ଲାଭଖୋର ପାଲଟିଛନ୍ତି ଏବଂ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବାର ଜରୁରୀ ଆବଶ୍ୟକତା ରହିଛି ବୋଲି ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ଦାବି କରିଛନ୍ତି।

ଚଳିତବର୍ଷ ବୀମା ପଞ୍ଜୀକରଣ ପାଇଁ ଜୁଲାଇ ୩୧ ତାରିଖ ଯେଉଁ ସମୟସୀମା ରଖାଯାଇଛି, ତୁରନ୍ତ ଏହାର ପରିବର୍ତ୍ତନ କରି ବୀମା ପଞ୍ଜିକରଣ ଅଗଷ୍ଟ ୧୫ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ସେ ଦାବି କରିଛନ୍ତି। ଗ୍ରାମ ପଞ୍ଚାୟତ ପରିବର୍ତ୍ତେ ପ୍ରତି ରାଜସ୍ୱଗ୍ରାମକୁ ଏକକ ଫସଲବୀମା ୟୁନିଟ ଭାବେ ଘୋଷଣା ଓ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ସମ୍ବନ୍ଧୀୟ ଅଭିଯୋଗର ସମାଧାନ ପାଇଁ ସର୍ତ୍ତାବଳୀରେ ସ୍ୱତନ୍ତ୍ର ନିୟମ ଉଲ୍ଲେଖ କରିବାକୁ ଶ୍ରୀ ପଟ୍ଟନାୟକ ଦୃଢ଼ ଦାବି କରିଛନ୍ତି। ପ୍ରକାଶଥାଉକି ଚଳିତମାସ ୧୧ ତାରିଖ ଦିନ ଲୋକସଭାର ବିରୋଧି ଦଳ ନେତା ରାହୁଲ ଗାନ୍ଧୀ ସମ୍ବିଧାନ ବଞ୍ଚାଓ ସମାବେଶରେ ଯୋଗଦେବା ଅବସରରେ ଗଞ୍ଜାମ ଜିଲ୍ଲାର ଚାଷୀଙ୍କଠାରୁ ବୀମା ସମ୍ବନ୍ଧୀୟ ତଥ୍ୟ ଜାଣିବାପରେ ସରକାର ଓ ବୀମା କମ୍ପାନୀମାନେ ଯେପରି ଚାଷୀଙ୍କୁ ଲୁଟିଛନ୍ତି ଏହା ଏକ ଜ୍ୱଳନ୍ତ ଉଦାହରଣ ବୋଲି ଅନୁଭବ କରିଥିଲେ। ତେଣୁ ଏହି ସମ୍ବନ୍ଧୀୟ ତଥ୍ୟାବଳୀକୁ ସଂଗ୍ରହ କରାଯାଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଲୋକସଭାର ବିରୋଧି ଦଳ ନେତା ରାହୁଲ ଗାନ୍ଧୀଙ୍କୁ ପୁନଶ୍ଚ ଅବଗତ କରାଯିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

## ୨୮ ରେ ନୂଆଖାଇ ଲଗ୍ନ

ବଲାଙ୍ଗିର,୨୭।୭(ସମିସ): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ପାଇଁ ବଲାଙ୍ଗିରରେ ରବିବାର ଲଗ୍ନ ଧାର୍ଯ୍ୟ କରାଯାଇଛି। ଆସନ୍ତା ଅଗଷ୍ଟ ୨୮ ତାରିଖ ଦିନ ନୂଆଖାଇ ପର୍ବ ପାଳନ କରାଯିବ ବୋଲି ସୂଚନା ମିଳିଛି। ବଲାଙ୍ଗିର ଜିଲ୍ଲାର ଜ୍ୟୋତିଷ ପଣ୍ଡିତ ମହାସଭା ନବାନ୍ନ ଲଗ୍ନ ନିର୍ଣ୍ଣାୟକ କମିଟି ଦ୍ୱାରା ପୂର୍ବତନ ପାଟଣା ରାଜ୍ୟ ତଥା ମହାରାଜାଙ୍କ ଇଷ୍ଟଦେବୀ ପାଟେଶ୍ୱରୀ ଓ ଦେବୀ ସମଲେଶ୍ୱରୀଙ୍କ ରାଶି ନକ୍ଷତ୍ର ଓ ପରମ୍ପରା ଅନୁଯାୟୀ ଏହି ଲଗ୍ନ ସ୍ଥିର ହୋଇଥାଏ। ତେବେ ଚଳିତବର୍ଷ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଗୁରୁବାର ତୁଳା ଲଗ୍ନରେ ମାହେନ୍ଦ୍ର ବେଳା ସକାଳ ୯ ଘଣ୍ଟା ୪୭ ମିନିଟ୍‌ରୁ ୧୧ ଘଣ୍ଟା ୧୧ ମିନିଟ ମଧ୍ୟରେ ବଲାଙ୍ଗିର ଜିଲ୍ଲାରେ ନବାନ୍ନ ଭକ୍ଷଣ କରାଯିବ ବୋଲି ଉକ୍ତ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ଲଗ୍ନ ଅନୁସାରେ ଜିଲ୍ଲାବାସୀ ନିଜନିଜ ଇଷ୍ଟଦେବୀଙ୍କୁ ନବାନ୍ନ ଲାଗି କରିବାପରେ ସପରିବାର ମିଶି ନୂଆ ଖାଇବେ। ରବିବାର ବଲାଙ୍ଗିର ଶୈଳଶ୍ରୀ ପ୍ୟାଲେସ୍‌ଠାରେ ରାଜପୁରୋହିତ ସନ୍ତୋଷ ଦାଶ ରବିବାର ନୂଆଖାଇ ଲଗ୍ନ ନେଇ ଗଣମାଧ୍ୟମକୁ ସୂଚନା ଦେଇଥିଲେ।

## କୃଷି-ପ୍ରଯୁକ୍ତିକୁ ପ୍ରୋତ୍ସାହିତ କରିବାକୁ ରାଜ୍ୟସ୍ତରୀୟ କର୍ମଶାଳା

ଭୁବନେଶ୍ୱର,୨୭।୭(ସମିସ): କୃଷି ବିଭାଗ ସହଭାଗିତାରେ 'ସୋସିଆଲ ଆଲ୍‌ଫା' ପକ୍ଷରୁ "ଓଡ଼ିଶାରେ କୃଷି-ପ୍ରଯୁକ୍ତିକୁ ପ୍ରୋତ୍ସାହିତ କରିବା' ଉପରେ ଏକ ରାଜ୍ୟସ୍ତରୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳାରେ ପ୍ରଦର୍ଶିତ ପ୍ରଯୁକ୍ତିବିଦ୍ୟା ସହିତ ଚାଷୀମାନେ ଉଦ୍ଭାବନକୁ ବ୍ୟବହାର କରାଯାଇଥିଲା। ଏହି ଅବସରରେ ସୋସିଆଲ ଆଲଫା ପୂର୍ବ ଜୋନ୍‌ର ନିର୍ଦ୍ଦେଶକ ଅୟାନ୍ ଦେବ କହିଲେ, ଗତ ଚାରି ବର୍ଷ ମଧ୍ୟରେ, ସୋସିଆଲ ଆଲଫା ଏବଂ ଏହାର ଅଂଶୀଦାରମାନେ ସମଗ୍ର ଓଡ଼ିଶାରେ ୧୭ଟି କୃଷି-ପ୍ରଯୁକ୍ତିବିଦ୍ୟା ସମାଧାନ ପାଇଲଟ୍ ପ୍ରକଳ୍ପ କରିଛନ୍ତି। ଏହା ୭ହଜାରରୁ ଊର୍ଦ୍ଧ୍ୱ ଗ୍ରାମୀଣ ପରିବାର ପାଖରେ ପହଞ୍ଚିପାରିଛି। ବିଭାଗୀୟ ଅତିରିକ୍ତ ସଚିବ ଶୁଭ୍ରାଂଶୁ ମିଶ୍ର, ପ୍ରଯୁକ୍ତିବିଦ୍ୟା ପ୍ରତି ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡକ୍ଟର ଉମାଶଙ୍କର ପାଲ ନବସୃଜନ ପାଇଁ ଆବଶ୍ୟକ ମୌଳିକ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ଉପନିର୍ଦ୍ଦେଶକ ସଂଗ୍ରାମ କେଶରୀ ପଟ୍ଟନାୟକ, ରାଜ୍ୟସ୍ତରୀୟ ଫାର୍ମ ମେସିନାରୀ ତାଲିମ ଏବଂ ପରୀକ୍ଷଣ କେନ୍ଦ୍ରର ନିର୍ଦ୍ଦେଶକ ଦେବବ୍ରତ ଶତପଥୀ କୃଷି ମୂଲ୍ୟ ଶୃଙ୍ଖଳରେ ଇଞ୍ଜିନିୟରିଂ ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। କର୍ମଶାଳାରେ ପାଞ୍ଚଟି କୃଷି-ପ୍ରଯୁକ୍ତିବିଦ୍ୟା ଷ୍ଟାର୍ଟଅପ୍ ପ୍ରଦର୍ଶିତ ହୋଇଥିଲା।

## ଶ୍ରୀଜଗନ୍ନାଥଙ୍କ ଉପରେ ଆଉ ଏକ ସିନେମା ନିର୍ମାଣ ହେବ

ଭୁବନେଶ୍ୱର,୨୭।୭(ସମିସ):'ଶ୍ରୀଜଗନ୍ନାଥଙ୍କ ନବକଳେବର'ର ସଫଳତା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ଆଉ ଏକ ସିନେମା ନିର୍ମାଣର ଯୋଜନା ହୋଇଛି। ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ଲୋକକଥାକୁ ନେଇ ନିର୍ମିତ ହେବାକୁ ଥିବା ଏହି ଚଳଚ୍ଚିତ୍ରର ନାମ 'ମାଳତୀ' ରଖାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ମିଳିଛି।

ଏହି ଫିଲ୍ମର ପ୍ରଯୋଜକ ପୁରୀରା। 'ଶ୍ରୀଜଗନ୍ନାଥଙ୍କ ନବକଳେବର' ସିନେମା ପାଇଁ ପ୍ରେରଣା ଦେଇଥିବା ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କର ଆଶୀର୍ବାଦ ଭିକ୍ଷା କରିବା ସହିତ ତାଙ୍କର ଆଗାମୀ ଫିଲ୍ମ ପାଇଁ ଗୁରୁଜୀ ଗୋଟିଏ ଗୀତ ଲେଖିବାକୁ ମଧ୍ୟ ସେ ଅନୁରୋଧ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ 'ଶ୍ରୀଜଗନ୍ନାଥଙ୍କ ନବକଳେବର' ବିପୁଳ ସଫଳତା ଲାଭ କରିବା ପଛରେ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ପ୍ରେରଣା ଓ ଆଶୀର୍ବାଦ ରହିଥିବା ଏହାର ନିର୍ଦ୍ଦେଶକ ତଥା ପ୍ରଯୋଜକ ବିନି ସାମଲ ଗଣମାଧ୍ୟମକୁ କହିଥିଲେ।

ଏ ସମ୍ପର୍କରେ ଗୁରୁଜୀଙ୍କ ପ୍ରତିକ୍ରିୟା ଲୋଡ଼ାଯିବାରେ ସେ କହିଛନ୍ତି ଯେ ଜଗନ୍ନାଥ ତତ୍ତ୍ୱ, ସଂସ୍କୃତି, ଓଡ଼ିଶାର ଇତିହାସ ଏବଂ ଅସ୍ମିତା ଉପରେ କୌଣସି ବି କାର୍ଯ୍ୟ ତାଙ୍କୁ ଭଲ ଲାଗେ। 'ଶ୍ରୀଜଗନ୍ନାଥଙ୍କ ନବକଳେବର' ସିନେମାଟି ଏହା ଉପରେ ଆଧାରିତ ହୋଇଥିବାରୁ ସେ ଏଥିରେ ସଂଶ୍ଳିଷ୍ଟ ହେଲେ। ଏଭଳି ମୁଭି ତାଙ୍କର ପସନ୍ଦ ବୋଲି ଗୁରୁଜୀ କହିଛନ୍ତି।

### ହନୁମାନ ପଇସା ନାମରେ ଠକେଇ

## ୧୫ ଲକ୍ଷ ଠକେଇ ଅଭିଯୋଗରେ ୪ ଗିରଫ



ବଲାଙ୍ଗିର/ଟିଟିଲାଗଡ଼,୨୭।୭(ସମିସ): ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଅଞ୍ଚଳରେ ହନୁମାନ ପଇସା ନାମରେ ଠକେଇ ଘଟଣାର ପର୍ଦ୍ଦାଫାଶ କରିଛି ଟିଟିଲାଗଡ଼ ପୁଲିସ। ହନୁମାନ ପଇସା ବାବଦକୁ ପ୍ରାୟ୧୫ ଲକ୍ଷ ଟଙ୍କା ଠକେଇ ଅଭିଯୋଗ ହୋଇଥିବାବେଳେ ଏହି ମାମଲାରେ ପୁଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛି। କମ୍ ପରିଶ୍ରମ ଓ ଶୀଘ୍ର ଧନୀ ହେବା ନିଶା ବଲାଙ୍ଗିର ଜିଲ୍ଲାରେ ଅନେକଙ୍କୁ ଘାରିଛି। କିଏ ଜୁଆ, କିଏ ସଟ୍ଟା ତ କିଏ ବେଆଇନ କାରବାର କରି ଟଙ୍କା ଆୟ କରୁଥିବା ଦେଖିବାକୁ ମିଳିଥାଏ। କିନ୍ତୁ ଜିଲ୍ଲାରେ ଏବେ ଗୁପ୍ତଧନ ଓ ହନୁମାନ ପଇସା କାରବାର ଜୋର୍‌ସୋର୍‌ରେ ଚାଲିଥିବା ଅଭିଯୋଗ ହୋଇଛି।

**ନଗଦ ଟଙ୍କା ଓ ଦୁଇ ଚାରିଚକିଆ ଗାଡ଼ି ଜବତ**

ସୂଚନା ଅନୁସାରେ ରବିବାର କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ଥାନା ଅଧୀନ ଖଜୁରୀଗୁଡ଼ା ଗାଁର ଦୀନବନ୍ଧୁ ଗର୍ଡିଆଙ୍କୁ ଟିଟିଲାଗଡ଼ର ଟଙ୍କଧର ପଟେଲ ହନୁମାନ ପଇସା କାରବାର ବିଷୟରେ କହି ତାଙ୍କୁ ଅଧିକ ଟଙ୍କା ଦେବା ପାଇଁ ଲୋଭ ଦେଖାଇଥିଲେ। ଫଳରେ ଦୀନବନ୍ଧୁ ପର୍ଯ୍ୟାୟ କ୍ରମେ ୧୫ ଲକ୍ଷ ଟଙ୍କା ଦେଇଥିଲେ। କିନ୍ତୁ ଦୀର୍ଘ ୮ ମାସ ଧରି ଉକ୍ତ ଟଙ୍କା କିମ୍ବା ସେ କହିଥିବା ଟଙ୍କାକୁ ନଦେବାରୁ ବାରମ୍ବାର ପଇସା ପାଇଁ କହିଥିଲେ। କିନ୍ତୁ ଦୀନବନ୍ଧୁ ଟଙ୍କା ଦେଇନଥିଲେ। ଶେଷରେ ୨୫ ତାରିଖରେ ଟଙ୍କା ଦେବାକୁ କହି ଦୀନବନ୍ଧୁଙ୍କୁ ଡ଼କାଇଥିଲେ। କିନ୍ତୁ ସେ ଟଙ୍କା ଦେବା ବଦଳରେ ଟଙ୍କଧର ନିଜ ସମ୍ପର୍କୀୟ ହରିଶ ପଟେଲ, ସତ୍ୟ ନାରାୟଣ କୁମ୍ଭାରଙ୍କ ସହ ମିଶି ଗାଳିଗୁଲଜ କରିଥିଲେ। ସେଠାରୁ ସେ ଖସି ଆସି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁକରି ତଦନ୍ତ କରିଥିବା ବେଳେ ଚାରି ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ମାନେ ହେଲେ ଟିଟଲାଗଡ଼ର ଟଙ୍କଧର ପଟେଲ, ସୋନପୁର ଥନାପତିପଡ଼ାର ଗିରି ଗୋବର୍ଦ୍ଧନ ଥନାପତି, ମୁରିବାହଲ ଥାନା ଲଖନା ଗାଁର ହରିଶ ପଟେଲ ଓ ସିକପତ୍ରାପାଲି ଗାଁର ସତ୍ୟନାରାୟଣ କୁମ୍ଭାର। ଅଭିଯୁକ୍ତଙ୍କ ପକ୍ଷରୁ ୧୪ ଲକ୍ଷ ୪୬ ହଜାର ଟଙ୍କା, ଏକ ସ୍କର୍ପିଓ ଗାଡ଼ି, ଏକ ବୋଲେରୋ ପ୍ଲସ୍ ଗାଡ଼ି ସହ ମୋବାଇଲ ଜବତ କରିଥିବା ପୁଲିସ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛି। ଏହି ସାମ୍ବାଦିକ ସମ୍ମିଳନୀ ରେ ଏସ ଯଶୋବନ୍ତ ପ୍ରଧାନି ଉପସ୍ଥିତ ଥିଲେ।

### ବୁଢ଼ାବଳଙ୍ଗ ଓ ଜଳକା ନଦୀ ଉପରେ ନଜର

## ବନ୍ୟା ସ୍ଥିତି ସମୀକ୍ଷା କଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ

ସମ୍ବଲପୁର, ୨୭।୭ (ସମିସ): ବର୍ତ୍ତମାନ ବାଲେଶ୍ୱର ଜିଲ୍ଲାର ସ୍ଥିତି ଚିନ୍ତାଜନକ ରହିଛି। ବୁଢ଼ାବଳଙ୍ଗ ଓ ଜଳକା ନଦୀ ଉପରେ ନଜର ରହିଛି। ବାଲେଶ୍ୱର ଜିଲ୍ଲାରେ ବିପଦ ସଂକେତ ୧ ମିଟର ଉପରେ ପାଣି ପ୍ରବାହିତ ହେବା ଆଶଙ୍କା ରହିଛି। ବାଲେଶ୍ୱର ଜିଲ୍ଲାପାଳଙ୍କୁ ସୂର୍ଯ୍ୟାସ୍ତ ପୂର୍ବରୁ ବନ୍ୟା ପ୍ରଭାବିତ ଆଶଙ୍କା ଥିବା ଲୋକଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ରାଜ୍ୟରେ ବାଲେଶ୍ୱର ବ୍ୟତୀତ ଅନ୍ୟ ଜିଲ୍ଲାରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବାବେଳେ ବନ୍ୟା ପ୍ରଭାବିତ ଲୋକଙ୍କ ଜୀବନ ସୁରକ୍ଷିତ ରଖିବା ରାଜ୍ୟ ସରକାରଙ୍କ ପ୍ରାଥମିକ ଦାୟିତ୍ୱ ବୋଲି ସେ ସୂଚନା ଦେଇଛନ୍ତି। ରବିବାର ମଧ୍ୟାହ୍ନରେ ସମ୍ବଲପୁର ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ଓସ୍‌ୱାନ୍ ହଲ୍‌ରେ ମନ୍ତ୍ରୀ ଶ୍ରୀ ପୂଜାରୀ ଭିଡିଓ କନଫରେନ୍ସିଂ ଜରିଆରେ ସାରା ରାଜ୍ୟର ବନ୍ୟା ସ୍ଥିତି ସମୀକ୍ଷା କରିଥିଲେ। ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବ (ଏସ୍‌ଆରସି) ଓ ବନ୍ୟା ପ୍ରଭାବିତ ଜିଲ୍ଲାର ଜିଲ୍ଲାପାଳମାନେ ସ୍ଥିତି ସମ୍ପର୍କରେ ଅବଗତ କରିଥିଲେ।

ସମୀକ୍ଷା ପରେ ଶ୍ରୀ ପୂଜାରୀ କହିଛନ୍ତି, ପାଣିପାଗ ବିଭାଗର ଆକଳନ ଅନୁସାରେ ମୟୂରଭଞ୍ଜ ଓ କେଉଁଝର ଦୁଇଟି ଜିଲ୍ଲା ରେଡ୍ ଆଲର୍ଟରେ ଥିଲା ହେଲେ ତାହା ବର୍ତ୍ତମାନ ବିପଦମୁକ୍ତ ରହିଛି। ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା ଜଳ ପତନ କମିବା ଆରମ୍ଭ ହେଲାଣି। ରିଲିଫ୍ କେନ୍ଦ୍ରରୁ ଲୋକେ ଫେରିବା ଆରମ୍ଭ କଲେଣି। ଏହି ଜିଲ୍ଲା ଗୁଡ଼ିକର କ୍ଷୟକ୍ଷତି ଆକଳନ କରାଯିବ ଏବଂ ତୁରନ୍ତ ପ୍ରଦାନ ବ୍ୟବସ୍ଥା କରାଯିବ। ବୈତରଣୀ ନଦୀର ଜଳ ପତନ ମଧ୍ୟ କମିବାରେ ଲାଗିଛି। ସେହିପରି ଭଦ୍ରକ ଓ ଯାଜପୁର ଜିଲ୍ଲାରେ ମଧ୍ୟ ଲୋକେ ରିଲିଫ୍ କେନ୍ଦ୍ରରୁ ଘରକୁ ଫେରିଲେଣି ବୋଲି ସେ କହିଛନ୍ତି। ସମସ୍ତ ପ୍ରଭାବିତ ଜିଲ୍ଲାର ରିଲିଫ୍ କେନ୍ଦ୍ର ଗୁଡ଼ିକରେ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ଦିଆଯିବା ଜାରି ରହିବ।




ବାଲେଶ୍ୱର ଜିଲ୍ଲାର ବୁଢ଼ାବଳଙ୍ଗ ଓ ଜଳକା ନଦୀ ଉପରେ ନଜର ରହିଛି। ଏଠାକାର ଅଗ୍ନିଶମ ବାହିନୀ, ଏନ୍‌ଡିଆର୍‌ଏଫ୍ ଓ ଓଡିଆର୍‌ଏଫ୍ ବାହିନୀଙ୍କୁ ସଜାଗ ରଖାଯାଇଚି। ସମ୍ଭାବ୍ୟ ବନ୍ୟା ଦୃଷ୍ଟିରୁ ପ୍ରଭାବିତ ଅଞ୍ଚଳର ଲୋକଙ୍କୁ ସୂର୍ଯ୍ୟାସ୍ତ ପୂର୍ବରୁ ବିଭିନ୍ନ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଠାରେ ପୃଥକ୍ ଭାବେ ମହିଳା ଓ ପୁରୁଷଙ୍କ ରହିବା ସୁବିଧା ସହ ଅନ୍ୟ ବ୍ୟବସ୍ଥା କରାଯାଇଛି।

ବନ୍ୟା ପାଣି କମିଯିବା ପରେ ଉପୁଜୁଥିବା ସାପ ଭୟକୁ ଦୂର କରିବା ପାଇଁ ଡାକ୍ତରଖାନାରେ ଯଥେଷ୍ଟ ପରିମାଣର ଔଷଧ ମହଜୁଦ ରଖିବା, ଏକ ଘଣ୍ଟା ମଧ୍ୟରେ ସାପ କାମୁଡ଼ା ପୀଡ଼ିତଙ୍କ ନିକଟରେ ଔଷଧ ପହଞ୍ଚାଇବା, ସ୍ୱାସ୍ଥ୍ୟସେବୀଙ୍କ ସଂଖ୍ୟା ବୃଦ୍ଧି, ପାନୀୟ ଜଳକୁ ବ୍ୟବହାର ଉପଯୋଗୀ କରିବା ଏବଂ ବନ୍ୟାଞ୍ଚଳର ସମସ୍ତ ଜଳ ଉତ୍ସଗୁଡ଼ିକୁ ବିଶୋଧନ କରିବା ଉପରେ ମନ୍ତ୍ରୀ ଶ୍ରୀ ପୂଜାରୀ ଗୁରୁତ୍ୱାରୋପ କରିଛନ୍ତି। ଆସନ୍ତାକାଲି ଶ୍ରାବଣ ସୋମବାର ଥିବାରୁ ପ୍ରଭାବିତ ଅଞ୍ଚଳରେ ପରିଦର୍ଶନ କରୁଥିବା କାଉଡ଼ିଆମାନେ ଯାତ୍ରୁସ୍ୟାତ୍ରୁ ପାଣି ନ ପିଇବାକୁ ସେ ପରାମର୍ଶ ଦେଇଛନ୍ତି। ଆଭାସୀ ସମୀକ୍ଷା ବୈଠକରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଜରୁରୀକାଳୀନ ଅଧିକାରୀ ନୂତନ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବନ୍ୟା ଭୟରେ...

ବନ୍ୟା ପରିସ୍ଥିତି ଯୋଗୁଁ ଅତିରିକ୍ତ ରିଲିଫ୍ କମିଶନର ମନୀଷ ଅଗ୍ରୱାଲଙ୍କୁ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାକୁ ବନ୍ୟାଞ୍ଚଳରେ ପୁନରୁଦ୍ଧାର ଓ ରିଲିଫ୍ କାର୍ଯ୍ୟର ତଦାରଖ କାର୍ଯ୍ୟ ପାଇଁ ପଠାଯାଇଛି।

ରବିବାର ସନ୍ଧ୍ୟା ୬ ଟା ବେଳେ ବୈତରଣୀ ନଦୀର ଆନନ୍ଦପୁରଠାରେ ଜଳସ୍ତର ୩୬.୨୪ ମିଟର ରହିଛି। ଏଠାରେ ବିପଦ ସଂକେତ ସ୍ତର ୩୮.୩୬ ମିଟର ରହିଛି। ଆଖୁଆପଦାଠାରେ ବିପଦ ସଂକେତସ୍ତର ୧୮. ୩୩ ମିଟର ରହିଥିବା ବେଳେ ଜଳସ୍ତର ୧୭.୬୬ ମିଟର ରହିଛି। ଜଳକା ନଦୀରେ ମଥାନୀଠାରେ ବିପଦ ସଙ୍କେତ ୬.୫୦ ମିଟର ରହିଥିବା ବେଳେ ଏଠାରେ ବନ୍ୟା ଜଳ ବିପଦ ସଙ୍କେତ ଉପରେ ଅର୍ଥାତ ଜଳସ୍ତର ୬.୫୨ ମିଟର ଉପରେ ପ୍ରବାହିତ ହେଉଛି। ସୁବର୍ଣ୍ଣରେଖା ନଦୀର ଜାମଶୋଳାଘାଟ ଠାରେ ବିପଦ ସଙ୍କେତ ସ୍ତର ୪୯.୧୬ ମିଟର ଥିବାବେଳେ ଜଳସ୍ତର ୪୮.୮୬ ମିଟର ରହିଛି। ମାତ୍ର ରାଜଘାଟଠାରେ ନଦୀ ଜଳ ବିପଦ ସଂକେତ ସ୍ତର ୧୦.୩୬ ମିଟର ଠାରୁ ଊର୍ଦ୍ଧ୍ୱରେ ଅର୍ଥାତ୍ ୧୧.୧୭ ମିଟର ଉପରେ ପ୍ରବାହିତ ହେଉଛି।

ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ସମ୍ବଲପୁର, ସୁନ୍ଦରଗଡ଼ ଜିଲ୍ଲାପାଳ ଓ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ସହ ଆଭାସୀ ମାଧ୍ୟମରେ ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି। ରାଜୀବ ଭବନଠାରେ ଗଣମାଧ୍ୟମର ପ୍ରତିନିଧିଙ୍କୁ ସୂଚନା ଦେଇ ସ୍ୱତନ୍ତ୍ର ରିଲିଫ୍ କମିଶନର ଡ଼ି.କେ.ସିଂହ କହିଛନ୍ତି ଯେ ବାଲେଶ୍ୱର ଜିଲ୍ଲାରେ ୫ଟି ଓଡ୍ରାଫ୍ ଟିମ୍ ସହ ଗୋଟିଏ ଏନ୍‌ଡିଆର୍‌ଏଫ୍, ୨୬ଟି ଅଗ୍ନିଶମ ଓ ଜରୁରୀକାଳୀନ ସେବା ବାହିନୀ ନିୟୋଜିତ ହୋଇଛନ୍ତି। ସେହିପରି ମୟୂରଭଞ୍ଜ ଜିଲ୍ଲାରେ ଗୋଟିଏ ଓଡ୍ରାଫ୍ ଦଳ, ୨୩ଟି ଅଗ୍ନିଶମ ବାହିନୀ, ଭଦ୍ରକ ଜିଲ୍ଲାରେ ଗୋଟିଏ ଓଡ୍ରାଫ୍, ଗୋଟିଏ ଏନ୍‌ଡିଆର୍‌ଏଫ୍ ଓ ୧୩ଟି ଅଗ୍ନିଶମ ବାହିନୀ, ଯାଜପୁର ଜିଲ୍ଲାରେ ଗୋଟିଏ ଓଡ୍ରାଫ୍ ଟିମ୍ ସହ ୧୪ଟି ଅଗ୍ନିଶମ ବାହିନୀ ସମେତ ଏହି ସବୁ ଜିଲ୍ଲାରେ ୧୦୬ଟି ବୋଟ୍ ମଧ୍ୟ ଉଦ୍ଧାର ଓ ରିଲିଫ୍ ବଣ୍ଟନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଏବେ ସୁଦ୍ଧା ଏକ ହଜାରରୁ ଅଧିକ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ୯ଟି ଆଶ୍ରୟସ୍ଥଳରେ ରଖାଯାଇଛି। ଅନ୍ୟପଟେ ସୁବର୍ଣ୍ଣରେଖାରେ ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ଶାସନ ସଚିବ ବାଲେଶ୍ୱରରେ ଏକ ଶିବିର(କ୍ୟାମ୍ପ) ରେ ଉପସ୍ଥିତ ରହି ବନ୍ୟା ପରିଚାଳନାକୁ ତଦାରଖ କରୁଛନ୍ତି। ସେହିପରି ଜଳ ସମ୍ପଦ ବିଭାଗର ତଦାରଖ (ମନିଟରିଂ) ସର୍ବୋଚ୍ଚ ଯନ୍ତ୍ରୀ ସୁବର୍ଣ୍ଣରେଖା ନଦୀରେ ବନ୍ୟାସ୍ଥିତି ନିରୀକ୍ଷଣ କରିଛନ୍ତି। ବିଭାଗର ଅନ୍ୟ ଅଧିକାରୀ, ଯନ୍ତ୍ରୀ ଓ କର୍ମଚାରୀମାନେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲା ପ୍ରଶାସନ ସହିତ ସମନ୍ୱୟ ରଖି ବନ୍ୟା ପରିଚାଳନା କାର୍ଯ୍ୟ ପାଇଁ କ୍ଷେତ୍ରସ୍ତରରେ ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି।

### ବୈତରଣୀରେ ଭାସିଯାଇ...

ସମେତ ୨ଟି ଓଡ୍ରାଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ୨ ଘଣ୍ଟା ଖୋଜାଖୋଜି କରିବା ପରେ ତାଙ୍କ ମୃତଦେହ ମିଳିଥିଲା। ମୃତଦେହ ଠାବ ପରେ ସ୍ଥାନୀୟଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ମୃତ ଶରୀରକୁ ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା, ସେଠାରେ ଡାକ୍ତର ସନ୍ତୋଷଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଯାଜପୁର ବିଧାୟିକା ସୁଜାତା ସାହୁ, ବ୍ଲକ ଅଧକ୍ଷ ଦିଗମ୍ବର ମଲ୍ଲିକ, ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ମନସ୍ୱିନୀ ଦାସ, ପୂର୍ବତନ ସରପଞ୍ଚ କନକପ୍ରଭା ଦାସ, ସମିତିସଭ୍ୟ ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ତାଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଥିଲେ। ଶବ ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

### ଓଡ଼ିଶାର ମହିଳାଙ୍କୁ...

ପ୍ରଧାନ ଏହି ପ୍ରୟାସ ଲାଗି ପ୍ରେରଣା ସାଜିଛନ୍ତି। ଜଙ୍ଗଲ ଓ ପରିବେଶ ସୁରକ୍ଷା ପାଇଁ ସେ ପାରମ୍ପରିକ ଗୀତରେ ନୂଆ ଶବ୍ଦ, ନୂଆ ବାର୍ତ୍ତା ଯୋଡ଼ିଛନ୍ତି। ତାଙ୍କ ଦଳ ଗାଁ ଗାଁ ବୁଲି ଜଙ୍ଗଲରେ ଲାଗୁଥିବା ନିଆଁରୁ କେତେ କ୍ଷତି ହୁଏ, ତାହା ଗୀତ ମାଧ୍ୟମରେ ଲୋକଙ୍କୁ ବୁଝାଉଛନ୍ତି। ଦେଶର ଲୋକ ପରମ୍ପରାଗୁଡ଼ିକ ଆଦୌ ପୁରୁଣାକାଳିଆ ନୁହେଁ; ଏଥିରେ ଆଜି ବି ସମାଜକୁ ଦିଗଦର୍ଶନ ଦେବାର ଶକ୍ତି ରହିଛି ବୋଲି ଏହି ଉଦାହରଣରୁ ପ୍ରମାଣିତ ହୋଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### ୨୦ ହଜାର ଟଙ୍କାରେ...

ହୋଇଛି। ଗତ ୧ ତାରିଖରେ ନୀଳ ରଣାଙ୍କ ସ୍ତ୍ରୀ କନକରଣା ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ହେଲେ ଆର୍ଥିକ ଅନାଟନ ଯୋଗୁଁ ଶିଶୁ କନ୍ୟାକୁ ମାତ୍ର ୨୦ ହଜାର ଟଙ୍କାରେ ପର ହାତକୁ ଟେକି ଦେଇଥିଲେ। ବରଗଡ଼ ଜିଲ୍ଲା ପାଇକମାଳର ଜଣେ ବ୍ୟକ୍ତିଙ୍କୁ ବିକ୍ରି କରି ଦେଇଥିବା ଜଣାପଡିଛି। ନୀଳ ଜଣେ ଦିନ ମଜୁରିଆ ହୋଇଥିବାରୁ ଘର ଠାରୁ ଆରମ୍ଭ କରି ବହୁ ସମସ୍ୟା ତାଙ୍କ ରହିଛି ଯାହାକୁ ନେଇ ସେ ଜନ୍ମ କଲା ଶିଶୁ କନ୍ୟା କୁ ପାଳନ ପୋଷଣ କରିବା ପାଇଁ ନିଜକୁ ଅକ୍ଷମ ଭାବି ଶେଷରେ ବିକ୍ରି କରିଦେଇଥିବା କହିଛନ୍ତି। ଏନେଇ ଟିଟିଲାଗଡ଼ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିବା ଜଣାପଡ଼ିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ପରିବାର ଅନ୍ୟ ଜଣେ ସଦସ୍ୟ ଭିନ୍ନମତ ଦେଇଥିବା ଜଣାପଡ଼ିଛି। ବିକ୍ରି ନୁହଁ ବ୍ୟକ୍ତିଗତ ଭାବେ ପାଳନ କରିବା ପାଇଁ ଅକ୍ଷମ ଥିବାରୁ ତାଙ୍କୁ ଦେଇ ଦେଇଥିବା କହିଛନ୍ତି।

### ଲିଫ୍ଟ ଦେବା ବାହାନାରେ...

ସମ୍ପର୍କରେ କହିବା ପରେ ମାମୁଁ ଘର ଗାଁ ଲୋକ ଏକ ବୈଠକ ଡାକିଥିଲେ। ଉକ୍ତ ବୈଠକକୁ ବାଇକ୍‌ଚାଳକ ଜଣଙ୍କ ନ ଆସି ଫେରାର୍ ହୋଇ ଯାଇଥଲା। ପୀଡ଼ିତାର ମାମୁଁ ବାଧହୋଇ ଶନିବାର ଓରକେଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏତଲା କ୍ରମେ ପୁଲିସ ଅଭିଯୁକ୍ତ ଦୟା ମାଡ଼ି(୪୫)କୁ ଗିରଫ କରିଥିବା ଅତିରିକ୍ତ ଏସ୍‌ପି ରଶ୍ମିରଞ୍ଜନ ସେନାପତି କହିଛନ୍ତି। ପୁଲିସ ପୀଡିତାକୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀ ମାଇନା କରାଇଛି।

### ଦୁଷ୍କର୍ମ ପୀଡ଼ିତା...

ଅଭିଯୁକ୍ତଙ୍କ ଉପସ୍ଥିତିରେ ଏକ ବୈଠକ ମଧ୍ୟ ହୋଇଥିଲା। ଉଭୟ ପକ୍ଷର ପରିବାର ଲୋକେ ଉପସ୍ଥିତ ରହି ବୈଠକରେ ଆଲୋଚନା କରୁଥିବା ବେଳେ ହଠାତ୍ ପୀଡ଼ିତା ପ୍ରସବ ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ସେଠାରୁ ଉଭୟ ନବଜାତକ ଓ ପୀଡ଼ତାଙ୍କୁ ଖଇରପୁଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିବାର ଲୋକେ ନେଇଥିଲେ। ଡାକ୍ତର ନବଜାତ ଶିଶୁଟିକୁ ମୃତ ଘୋଷଣା କରିଥିଲେ ଓ ନାବାଳିକାର ଚିକିତ୍ସା ଆରମ୍ଭ କରିଥିଲେ। ଏ ନେଇ ମୁଦୁଲିପଡା ଥାନାରେ ପୀଡ଼ିତାଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରିଛି।

### ମାଟି ତଳୁ ୩୫ ଲକ୍ଷ...

ପୁଳାପୁଳା ଟଙ୍କା ଗଚ୍ଛିତ ରଖିଥିବା ନେଇ ଗୁଇନ୍ଦା ବିଭାଗକୁ ସୂଚନା ମିଳିଥିଲା। ଏହି କ୍ରମରେ ସିଆର୍‌ପିଏଫ, କୋବ୍ରା ବାହିନୀ ଓ ଜାଗୁଆର ଫୋର୍ସ ସହାୟତାରେ ଝାଡଖଣ୍ଡ ପୁଲିସ ପକ୍ଷରୁ ଓଡିଶା-ଝାଡଖଣ୍ଡର ସୀମାନ୍ତ ଇଲାକା ସରଣ୍ଡା ଜଙ୍ଗଲରେ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା। ଏହି ସମୟରେ ସରଣ୍ଡା ଜଙ୍ଗଲର ଚାଇବାସା ନିକଟରେ ସୁରକ୍ଷାବାହିନୀ ମାଟି ତଳେ ପଲିଥିନ ଦ୍ୱାରା ଗୁଡା ହୋଇ ପୁଳା ପୁଳା ଟଙ୍କା ପୋତା ଯାଇଥିବା ଦେଖିବାକୁ ପାଇଥିଲେ। ଜବତ ଟଙ୍କାର ପରିମାଣ ୩୫ ଲକ୍ଷରୁ ଉଦ୍ଧ୍ୱରୁ ଟଙ୍କା ହେବ ବୋଲି ସୂଚନା ମିଳିଛି। ଏହାସହ ମାଓବାଦୀଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀକୁ ମଧ୍ୟ ଯବାନମାନେ ଜବତ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ମାଓବାଦୀମାନେ ୫ ଟନ ବିସ୍ଫୋରକ ସାମଗ୍ରୀ ସରଣ୍ଡା ଜଙ୍ଗଲରେ ଥିବା ବାଙ୍କୋ ପଥର ଖଣି ନିକଟରୁ ଲୁଟି ନେଇଥିଲେ। ଯେଉଁଥିରୁ ୩ ଟନ୍ ୮୦୦ କେଜି ବିସ୍ଫୋରକକୁ ରାଉରକେଲା ଓ ଝାଡଖଣ୍ଡ ପୁଲିସ ସରଣ୍ଡା ଜଙ୍ଗଲ ଭିତରୁ ସର୍ଚ୍ଚ ଅପରେଶନ କରି ଉଦ୍ଧାର କରିଛନ୍ତି। ଜବତ ବିସ୍ଫୋରକ ମଧ୍ୟରୁ କିଛି ବିସ୍ଫୋରକକୁ ମାଟି ତଳେ ପୋତି ଲୁଚାଇଥିଲେ।

### ମେଟ୍ରୋ: ଅନ୍ଧକୁ ସୁଗନ୍ଧ...

ଯିବ ବୋଲି କହିଲେ ଓ ଅନ୍ୟ ଜଣେ ମନ୍ତ୍ରୀ ଏହାକୁ ମାଟିତଳେ ନିଆଯିବ ବୋଲି ମତ ଦେଲେ। ତେବେ ୨୦୨୪-୨୫ ଏବଂ ୨୦୨୫-୨୬ ଆର୍ଥିକ ବର୍ଷରେ ବଜେଟରେ ବ୍ୟୟବରାଦକୁ ନେଇ ସରକାରଙ୍କ ଆଭିମୁଖ୍ୟ ଉପରେ ସାଧାରଣରେ ଆଶଙ୍କା ପ୍ରକାଶ ପାଇଥିଲା। ୨୦୨୪-୨୫ରେ ରାଜ୍ୟ ସରକାର ମେଟ୍ରୋ ପାଇଁ ୧୦୦୦ କୋଟି ଟଙ୍କାର ବ୍ୟୟବରାଦ କରିଥିବା ବେଳେ ୨୦୨୫-୨୬ରେ ଏହାକୁ ୩୦୦ କୋଟି ଟଙ୍କାକୁ ହ୍ରାସ କରିଥିଲେ। ବ୍ୟୟବରାଦ ହ୍ରାସ କରି ସରକାର ମେଟ୍ରୋ ପ୍ରକଳ୍ପର ତଣ୍ଟି ଚିପିଦେଲେ ବୋଲି ସେତେବେଳେ ବିରୋଧୀ ସମାଲୋଚନା କରିଥିଲେ। ଯାହା ଏବେ ସତ ପ୍ରମାଣିତ ହୋଇଛି।

ଅପରପକ୍ଷେ ଟେଣ୍ଡର ବାତିଲ ହେବା ପରେ ଗୃହ ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ରଖିଥିବା ମନ୍ତବ୍ୟ ପ୍ରକଳ୍ପର ଭବିଷ୍ୟତକୁ ଅନ୍ଧାର କରି ଦେଇଛି। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ଗଠନ କରିଥିଲା ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ବିଭିନ୍ନ ସହରକୁ ଯାଇ ସେଠାରେ ଚାଲୁଥିବା ମେଟ୍ରୋର ସମୀକ୍ଷା କରିବ। ବିଶେଷକରି ଭୁବନେଶ୍ୱର ମେଟ୍ରୋ ମାଟି ତଳେ ଗଡ଼ିବ ନା ଉପରେ ଯିବ, ତାହା କମିଟି ତର୍ଜମା କରିବ। କମିଟି ମୁଖ୍ୟମନ୍ତ୍ରୀଙ୍କୁ ସବିଶେଷ ରିପୋର୍ଟ ଦେବା ପରେ ମୁଖ୍ୟମନ୍ତ୍ରୀ ପରବର୍ତ୍ତୀ ନିଷ୍ପତ୍ତି ନେବେ। ପ୍ରଥମେ କଳ୍ପନା ପଟୁ ନନ୍ଦନକାନନ ଯାଏଁ ପ୍ରଥମେ ଓଭରବ୍ରିଜ ନିର୍ମାଣ ହେବ । ଏହାଦ୍ୱାରା ଟ୍ରାଫିକ୍ ସମସ୍ୟାର ସମାଧାନ ହୋଇପାରିବ। ଏହାପରେ ମେଟ୍ରୋ ତଳେ ଯିବ ନା ଉପରେ ଯିବ, ସେନେଇ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

ମନ୍ତ୍ରୀଙ୍କ ଉପରୋକ୍ତ ବୟାନକୁ ନେଇ ପ୍ରଶ୍ନ କରିଛନ୍ତି ବୁଦ୍ଧିଜୀବୀ। ମନ୍ତ୍ରୀଙ୍କ ବୟାନକୁ ଯଦି ବିଚାରକୁ ନିଆଯାଏ, ତାହେଲ ମେଟ୍ରୋ ପ୍ରକଳ୍ପ ଆରମ୍ଭ ହେବାକୁ ଅତିକମରେ ୫ ବର୍ଷ ସମୟ ଲାଗିବ। କାରଣ କଳ୍ପନାରୁ ନନ୍ଦନକାନନ ଯାଏଁ ଫ୍ଲାଏ ଓଭର ନିର୍ମାଣ କରିବା ସହଜ ନୁହେଁ। ତେଣୁ ମନ୍ତ୍ରୀଙ୍କ ବୟାନ ପରେ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ବହୁ ବର୍ଷ ଆଗକୁ ଘୁଞ୍ଚିଗଲା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଅପରପକ୍ଷେ କାର୍ଯ୍ୟାଦେଶ ବାତିଲ ହେବା ପରେ ଉକ୍ତ କମ୍ପାନୀଗୁଡ଼ିକ ନିଜର କ୍ଷତିପୂରଣ ପାଇଁ ଆଇନଗତ ପଦକ୍ଷେପ ନେବାକୁ ବିଚାର କରୁଥିବା ସୂଚନା ମିଳିଛି। ଯାହା ରାଜ୍ୟ ସରକାରଙ୍କ ପାଇଁ ଆଗାମୀ ଦିନରେ ଅଡୁଆ ପରିସ୍ଥିତି ସୃଷ୍ଟି କରିବ ବୋଲି ଆଲୋଚନା ହେଉଛି। ପୂର୍ବ ସରକାରଙ୍କ ଡିପିଆର ଅନୁଯାୟୀ ଭୁବନେଶ୍ୱରରେ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ କୌଣସି ଅସୁବିଧା ନଥିଲା। ମାତ୍ର ସରକାର ଉକ୍ତ କାର୍ଯ୍ୟାଦେଶକୁ ବାତିଲ କରିଦେଇ ଏକ ଅଦୂରଦର୍ଶୀ ନିଷ୍ପତ୍ତି ନେଲେ ବୋଲି ସାଧାରଣରେ ଲୋକେ ମତବ୍ୟକ୍ତ କରୁଛନ୍ତି।

### ମୂଲ ଲାଗି ଫେରୁଥିଲେ...

ଜଣ ବର୍ତ୍ତି ଯାଇଥିବା ବେଳେ ପଦାସାହିରେ ଅକସ୍ମାତ୍ ପାଞ୍ଚ ଜଣ ବର୍ତ୍ତି ଯାଇଥିଲେ। ବନ ବିଭାଗ ତରଫରୁ କେବଳ ସତର୍କ ଓ ସତର୍କ ଫଳକ ଲଗାଇ କାମ ସାରି ଦିଆଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପୁକୁଳିଙ୍ଗିଆ, ପାଜିମାହା ଓ ମାଲାନାସୁଗା ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ହାତୀ ସମସ୍ୟାର ସ୍ଥାୟୀ ସମାଧାନ କରାଯିବାକୁ ଦାବି ହେଉଛି।

## ଟଙ୍କା ପାଇଁ ସ୍ତ୍ରୀକୁ ହାଣିଦେଲା

ଭଦ୍ରକ/ବାସୁଦେବପୁର, ୨୭।୭(ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ବିଦେଇପୁର ପଞ୍ଚାୟତର ପାରାପୋଖରୀ ଗାଁରେ ଗୋପୀନାଥ ଜେନା ସ୍ତ୍ରୀକୁ ଟାଙ୍ଗିଆରେ ହତ୍ୟା କରି ଫେରାର୍ ହୋଇଯାଇଛି।

ସୂଚନା ଅନୁସାରେ, ୨୦ ବର୍ଷ ତଳେ ଅଡୁଆଁ ଗ୍ରାମର ଗୋପୀନାଥ ପାରାପୋଖରୀ ଗାଁର ମହେନ୍ଦ୍ର ଜେନାଙ୍କ କନ୍ୟା ଗୁରୁବାରୀଙ୍କୁ ୨ୟ ବିବାହ କରିଥିଲେ। ଘର ଜ୍ୱାଇଁ ଭାବେ ପାରାପୋଖରୀରେ ରହି ଆସୁଥିବା ଗୋପୀନାଥ ରାସ୍ତା ପାର୍ଶ୍ୱରେ ଏକ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ପାରାପୋଖରୀ ଛକ ଆଗ ରାସ୍ତା ପାର୍ଶ୍ୱରେ ଗୁରୁବାରୀ ଜେନାଙ୍କ ପୈତୃକ ସମ୍ପତ୍ତିକୁ ପ୍ରାୟ ୨୫ ଲକ୍ଷ ଟଙ୍କାରେ ବିକ୍ରି କରିଥିଲେ। ଏହି ଟଙ୍କାକୁ ନେଇ ଗତକାଲି ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ରାତ୍ରିରେ ଶୋଇଥିବା ଅବସ୍ଥାରେ ଗୋପୀନାଥ ଏକ ଟାଙ୍ଗିଆରେ ଗୁରୁବାରୀକୁ ହାଣି ପକାଇ ଫେରାର ହୋଇଯାଇଥିଲା।

**Notice (for Minor)**

By virtue of an affidavit sworn before N.K. Mohanty, Executive Magistrate, Khordha, dated 15.07.2025, I, Pratap Chandra Nayak, Address: At-Kendupalli, Po-Mallipadar, PS-Begunia, District -Khordha, Odisha, 752061 declare that I have changed the name of my son from Janghya Narayan Nayak to Yajna Narayan Nayak. Henceforth, he shall be known as Yajna Narayan Nayak for all purposes.
(Pratap Chandra Nayak)

**AFFIDAVIT**

I, Swagatika Barad, D/o-Rabindra Barad, aged about 29 yrs, resident of AT/PO-Kumarbasta, PS- Khordha, Dist-Khordha, PIN- 752055, Odisha vide affidavit done before the Executive Magistrate, Bhubaneswar on 06/03/2025 do hereby state that, I have changed my name to Swagat Barad and gender to Man. Henceforth I shall hereafter be known as Swagat Barad, S/o-Rabindra Barad for all purposes.
Swagat Barad

# ୧୫ ଦିନରେ ଧୋଇଗଲା ପୋଲ

ଥୁଆମୂଳ ରାମପୁର, ୨୭ ।୭ (ସମିସ)



ସରକାର ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଅଧିବାସୀଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ତାହା ଅତି କମ୍ ଦିନ ମଧ୍ୟରେ ନଷ୍ଟ ହୋଇଯାଉଛି। ଟଙ୍କା ଆସୁଛି। କାମ ବି ହେଉଛି; ହେଲେ ବିଭାଗୀୟ ଅଧିକାରୀଙ୍କ ଠିକାଦାର ପ୍ରୀତି ଯୋଗୁଁ ନିମ୍ନମାନର କାମ ଯୋଗୁଁ ତାହା କମ୍ ଦିନ ମଧ୍ୟରେ ନଷ୍ଟ ହୋଇ ଯାଉଛି। ଥୁଆମୂଳ ରାମପୁର ବ୍ଲକରେ ଏମିତି ଏକ ଘଟଣା ଘଟିଛି। ୧୦ ଲକ୍ଷ ଟଙ୍କାର ପୋଲ ନିମ୍ନମାନର କାମ ଯୋଗୁଁ ନିର୍ମାଣର ୧୫ ଦିନ ମଧ୍ୟରେ ଧୋଇ ଯାଇଛି। ଏହା ଏବେ ଏଠାକାର ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି। ବିରିକୋଟ ପଞ୍ଚାୟତର ବଲଙ୍ଗି ଓ ତେନ୍ତୁଳି ପଦର ଗାଁ ମଝିରେ ଏକ ନାଳ ଅଛି। ଏହି ନାଳ ଯୋଗୁଁ ବର୍ଷାଦିନେ ୨ଟି ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେଉଛି। ଲୋକ ଯିବା ଆସିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏଠାରେ ଏକ ପୋଲ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୋଲ ନିର୍ମାଣ କରାଯାଇଥିଲା; ହେଲେ ଲୋକେ ପୋଲ ଉପରେ ଯିବା ଆସିବା କରିବା ପୂର୍ବରୁ ପୋଲଟି ଧୋଇ ଯାଇଛି। ତେବେ ଏ ନେଇ ଥୁଆମୂଳ ରାମପୁର ବିଡିଓ ଧ୍ରୁବଚରଣ ମୁଦୁଲିଙ୍କୁ ପଚାରିବାରୁ ଯଦି ଏମିତି ହୋଇଛି ତାହାହେଲେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସଫେଇ ଦେଇଛନ୍ତି। ଅନ୍ୟପକ୍ଷେ ଦୁର୍ଗମ ଅଞ୍ଚଳ ବୋଲି ସରଳ ଅଧିବାସୀଙ୍କୁ ଭକୁଆ ବନାଇ ସରକାରୀ ଅଧିକାରୀ ଦୁର୍ନୀତି କରୁଛନ୍ତି। ଏହାର ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଏଲଆଣ୍ଡଟିର ମନମାନି ଯୋଗୁଁ ଦୁର୍ଦ୍ଦଶା ଭୋଗୁଛନ୍ତି ଗ୍ରାମବାସୀ

**ଗାଁ ଦାଣ୍ଡରେ ଜମୁଛି ବର୍ଷା ପାଣି**

ବୌଦ୍ଧ, ୨୭ ।୭ (ସମିସ): ବୌଦ୍ଧ ବ୍ଲକ ତେଲିବନ୍ଧ ପଞ୍ଚାୟତ ସୁବର୍ଣ୍ଣପୁର ନିକଟରେ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ହୋଇଛି। ଏହି ପ୍ରକଳ୍ପରୁ ଜଳ ଯୋଗାଣ ପାଇଁ ପ୍ରତି ଗାଁକୁ ପାଇପ୍ ବିଛାଯାଇଛି। ଏହି ପରିପ୍ରେକ୍ଷୀରେ ସମ୍ପୃକ୍ତ ପଞ୍ଚାୟତର ଚନ୍ଦ୍ରପୁର ଗ୍ରାମକୁ ୨ ବର୍ଷ ତଳେ ଜଳଯୋଗାଣ କରିବା ପାଇଁ ପାଇପ ପୋତାଯାଇଥିଲା। ତେବେ ଡ୍ରେନକୁ ଖୋଳି ପୋତି ଦେଇଥିବାରୁ ଗାଁ ଦାଣ୍ଡରେ ସାମାନ୍ୟ ବର୍ଷା ହେଲେ ପାଣି ଜମି ରହୁଛି। ପାଇପ୍ ପକାଇବା ସମୟରେ ଗ୍ରାମବାସୀ ଡ୍ରେନ ନିର୍ମାଣ ପାଇଁ ଦାବି କରିଥିଲେ। ଠିକାଦାର ଡ୍ରେନ୍ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଡ୍ରେନ ନିର୍ମାଣ ନିର୍ମାଣ କରି ନ ଥିବାରୁ ସାମାନ୍ୟ ବର୍ଷା ହେଲେ ପାଣି ଜମୁଥିବାରୁ ଗ୍ରାମବାସୀ ଦୁର୍ଦ୍ଦଶା ଭୋଗୁଛନ୍ତି। ସେମାନେ ଯେତେ ଅଭିଯୋଗ କରୁଥିଲେ ହେଁ କେହି ଶୁଣୁ ନାହାନ୍ତି। ଗ୍ରାମରେ ୭ ବର୍ଷ ପୂର୍ବେ ଉକ୍ତ ରାସ୍ତା କଂକ୍ରିଟକରଣ କରାଯାଇଥିଲା। ଜଳଯୋଗାଣ ପାଇଁ କାର୍ଯ୍ୟ କରୁଥିବା କମ୍ପାନୀ ଗ୍ରାମରେ ପାଇପ୍ ବିଛାଇଛି। କମ୍ପାନୀ କର୍ମଚାରୀ କଂକ୍ରିଟ ରାସ୍ତା ଭାଙ୍ଗିବା ସହ ଡ୍ରେନ୍‌କୁ ପୋତି ଦେଇଥିଲେ। ପାଇପ୍ ବିଛାଯିବା ପରେ ମଧ୍ୟ ଡ୍ରେନ ନିର୍ମାଣ କରାଗଲାନାହିଁ। ସାମାନ୍ୟ ବର୍ଷା ହେଲେ ରାସ୍ତାରେ ପାଣି ଜମୁଛି। ଏପରିକି ଲୋକଙ୍କ ଘରେ ମଧ୍ୟ ବର୍ଷାପାଣି ପ୍ରବେଶ କରୁଛି। ଗ୍ରାମର ସମସ୍ତ ପଡ଼ାରୁ ଆସୁଥିବା ବର୍ଷାପାଣି କୁଆଡେ ନ ଯାଇ ରାସ୍ତା ଉପରେ ଲହଡି ମାରୁଛି। ଛାତ୍ରଛାତ୍ରୀ ଓ ଶିଶୁମାନେ ସ୍କୁଲକୁ ଯିବା ବେଳେ ଏହି ମଇଳା ପାଣି ଦେଇ ଯିବାକୁ ପଡୁଛି। ଏହା ସହ ସ୍ନାନ ଶୌଚ ଯିବାବେଳେ ମଧ୍ୟ ମଇଳା ପାଣି ଦେଇ ଯାଉଛନ୍ତି। ପାଣି ଜମି ରହିବା ଯୋଗୁଁ ମଶାମାଛିଙ୍କ ପ୍ରାଦୁର୍ଭାବ ବଢ଼ିବା ଆଶଙ୍କା ରହିଛି। ଗାଁ ମଝିରେ ଥିବା ନଳକୂପରୁ ନିର୍ଗତ ହେଉଥିବା ପାଣି ରାସ୍ତାରେ ଗଡ଼ୁଛି। ଏହି ରାସ୍ତାଦେଇ ଯିବାଆସିବା କରୁଥିବା ଲୋକେ ବିଭିନ୍ନ ଚର୍ମ ରୋଗ ହେବାର ସମ୍ଭାବନା ଅଛି। ଗାଁ କଲ୍ୟାଣ ସମିତି ଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି।

# କଲମପୁର ବ୍ଲକ୍‌କୁ 'ମନରେଗା' ବାଟ ବନ୍ଦ

**୧୩ ବ୍ଲକରେ କିନ୍ତୁ କାମ ଚାଲିଛି**

କଲମପୁର, ୨୭ ।୭ (ସମିସ): କଳାହାଣ୍ଡି ଜିଲ୍ଲାରେ ୧୩ଟି ବ୍ଲକ ମଧ୍ୟରୁ ୧୨ଟି ବ୍ଲକରେ ମନରେଗା କାର୍ଯ୍ୟ ଚାଲୁ ରହିଛି। କେବଳ ଗୋଟିଏ ମାତ୍ର ବ୍ଲକ କଲମପୁରରେ ଏହି ମନରେଗା କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି। କେଉଁ କାରଣରୁ ଏହି ବ୍ଲକ ଏଭଳି ଜନ ହିତକର କାର୍ଯ୍ୟରୁ ବାଦ ପଡ଼ିଲା ତାହା ବୁଝା ପଡୁନାହିଁ। ଏପରିକି କେବଳ ବ୍ଲକ କି ପଞ୍ଚାୟତରେ ନୁହେଁ; ସମୁଦାୟ ବିଭାଗରେ ଏହି କାର୍ଯ୍ୟକୁ ରୋକ ଲଗା ଯାଇଛି। ତେବେ ପ୍ରଶ୍ନ ଉଠୁଛି ଏହି କାର୍ଯ୍ୟକୁ ରୋକ ଲଗାଇଲା କିଏ? କାହା ଇଙ୍ଗିତରେ ଏହାକୁ ରୋକ ଲଗା ଯାଇଛି ତାହା ଏଠାରେ ବଡ଼ପ୍ରଶ୍ନ ପାଲଟିଛି। ଦାଦନ ରୋକିବା ଓ ଗରିବ ଶ୍ରମିକଙ୍କୁ ରୋଜଗାର ଯୋଗାଇବା ସହିତ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ ଏହି ଯୋଜନା ପ୍ରଣୟନ ହୋଇଥିଲା। ତେବେ ବିଡ଼ମ୍ବନା ଯେ ଏଥିରେ ନିୟୋଜିତ କିଛି ଅସାଧୁ କର୍ମଚାରୀ ଏହାକୁ ଏକ ରୋଜଗାରର ମାଧ୍ୟମ ଭାବି ଠିକ ବାଟରେ କାର୍ଯ୍ୟ କଲେ ନାହିଁ। ଏହାଫଳରେ କିଛି କିଛି ସ୍ଥାନରେ ଶ୍ରମିକମାନେ ଏହି କାର୍ଯ୍ୟଠାରୁ ମୁହଁ ଫେରାଇ ନେଲେ। ତଥାପି ଏହି ମନରେଗା କାର୍ଯ୍ୟ ବନ୍ଦ ହୋଇ ନ ଥିଲା। ଏବେ କିନ୍ତୁ ଏହି ମନରେଗା କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଥିବାରୁ ଶ୍ରମିକ ମହଲରେ ଭାଳେଣି ପଡ଼ିଛି। ଏହି ମନରେଗା କାର୍ଯ୍ୟ କେଉଁ କାରଣରୁ ବନ୍ଦ ହେଲା ସେ ନେଇ ପଞ୍ଚାୟତରୁ ବ୍ଲକ ସମେତ ବିଭିନ୍ନ ବିଭାଗ ସହ ଯୋଗାଯୋଗ କଲେ ମଧ୍ୟ କୌଣସି ଉତ୍ତର ମିଳି ପାରୁନାହିଁ। କାମଧନ୍ଦା ନ ପାଇ ଗରିବ ଶ୍ରମିକମାନେ ବାଧ୍ୟ ହୋଇ ଦାଦନ ଯିବାକୁ ବିଭିନ୍ନ ରାଜ୍ୟକୁ ଚାଲି ଯାଉଛନ୍ତି। ବ୍ଲକ କି ପଞ୍ଚାୟତରେ ଏମାନଙ୍କ ପଞ୍ଜିକରଣ ହୋଇ ନାହିଁ ବୋଲି ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କ ବିଭାଗରୁ ସୂଚନା ମିଳିଛି। ଅସମର୍ଥିତ ସୂଚନା ଅନୁସାରେ ପାଖାପାଖି ୫ ହଜାରରୁ ଅଧିକ ଲୋକେ ଏହି ବ୍ଲକରୁ ବାହାର ରାଜ୍ୟକୁ କାମ ଅନ୍ୱେଷଣରେ ଯାଇଥିବା କୁହାଯାଉଛି। ଡବଲ ଇଞ୍ଜିନ ସରକାରଙ୍କ ବିଧାୟକ ହେଉଛନ୍ତି ଧର୍ମଗଡ଼ ବିଧାୟକ। ଏହି ଧର୍ମଗଡ଼ ନିର୍ବାଚନ ମଣ୍ଡଳୀରେ ଆସୁଛି ସମଗ୍ର କଲମପୁର ବ୍ଲକ। ଏବେ ରାଜ୍ୟରେ ସେମାନଙ୍କ ସରକାର। ତେବେ ତାଙ୍କ ନିର୍ବାଚନ ମଣ୍ଡଳୀର ଗୋଟିଏ ବ୍ଲକ ଏଭଳି ଜନ ହିତକର ଯୋଜନାରୁ ବାଦ ପଡ଼ିଲା କିପରି ତାହା ତାଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନ ଚିହ୍ନ ଲଗାଇଛି। ଏହି ନିର୍ବାଚନ ମଣ୍ଡଳୀରୁ ଦାଦନ ଯାଇ ଲୋକେ କେଉଁ ଦୁର୍ଦ୍ଦଶା ଭୋଗୁଛନ୍ତି ତାହା ଆପାତତଃ ସମସ୍ତଙ୍କୁ ଊଣା ଅଧିକେ ଜଣା। ତେବେ ବି ବିଧାୟକ ନିରବ ଦର୍ଶକ ସାଜିବା ପରିତାପର ବିଷୟ ପାଲଟିଛି।

# ସେଲମାପାଲି-ଉପରପଡ଼ା ରାସ୍ତା ଶୋଚନୀୟ

ଶଗଡ଼ା, ୨୭ ।୭ (ସମିସ): ଗ୍ରାମାଞ୍ଚଳ ଗମନାଗମନକୁ ସୁଗମ କରିବା ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି। ଏଥିପାଇଁ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଗ୍ରାମାଞ୍ଚଳରେ ମନରେଗା ମାଧ୍ୟମରେ ରାସ୍ତା ନିର୍ମାଣ ହେଉଛି; ହେଲେ ସେଲମାପାଲିରୁ ଉପରପଡ଼ାବାସି ଏସବୁ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏହି ଅଞ୍ଚଳ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଇଛି। ଏହା ଜିଲ୍ଲାର ଉପାନ୍ତ ଅଞ୍ଚଳ। ଅଧିକାଂଶ ଆଦିବାସୀ ଲୋକ ବସବାସ କରୁଛନ୍ତି। ପ୍ରଶାସନ କିନ୍ତୁ ଏମାନଙ୍କୁ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ କରିଛନ୍ତି। ସ୍ଥାନୀୟ ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ଗ୍ରାମକୁ ବିକାଶ ପହଞ୍ଚି ପାରି ନାହିଁ। ଏବେ ମଧ୍ୟ ସେଲମାପାଲିରୁ ଉପରପଡ଼ାକୁ ସବୁଦିନ ଯିବା ଆସିବା ପାଇଁ ଭଲ ରାସ୍ତାଟିଏ ନିର୍ମାଣ ହୋଇ ପାରିନାହିଁ। ବର୍ଷା ଦିନ ହେଲେ ଗମନା ଗମନ ପାଇଁ ଗ୍ରାମବାସୀଙ୍କୁ ଚିନ୍ତା ଘାରୁଛି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ



ସେଲମାପାଲିରୁ ଉପରପଡ଼ା ଗ୍ରାମବାସୀ ରାସ୍ତା ପାଇଁ ବର୍ଷ ବର୍ଷ ହେବ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଦିନ ହେଲେ ପାଣି କାଦୁଅରେ ରାସ୍ତାଟି ପରିପୂର୍ଣ୍ଣ ହୋଇଯାଏ। ଏହା ଫଳରେ ଲୋକମାନ ଯାତାୟାତ ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାରେ ବର୍ଷା ଦିନରେ ଆମ୍ବୁଲାନ୍ସ ମଧ୍ୟ ଯିବା ବହୁତ୍ କଷ୍ଟକର ହୋଇଥାଏ। ବର୍ଷା ଦିନେ ଏଭଳି କାଦୁଅ ହୋଇ ପଡେ ଯେ ଚାଲି ଚାଲି ଯିବା ମଧ୍ୟ ସମ୍ଭବ ହୋଇ ନ ଥାଏ। କାଦୁଅ ଭର୍ତ୍ତି ରାସ୍ତାରେ ଛାତ୍ରଛାତ୍ରୀଙ୍କ ସହ ଲୋକ ବିପଦପୂର୍ଣ୍ଣ ଭାବେ ଯାଇଥାନ୍ତି। ଅସାବଧାନତା ବଶତଃ ଅନେକ ଲୋକ ଯିବା ସମୟରେ ପଡ଼ି ଆହତ ହୋଇଥିବା ନଜିର ରହିଛି। ଏଥି ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଉନି। ଏଣୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି।

# ସାମାନ୍ୟ ବର୍ଷାରେ ପାଣି ଜମି ସାହୁଗଳି ବାସିନ୍ଦା ହନ୍ତସନ୍ତ

ବୌଦ୍ଧ, ୨୭ ।୭ (ସମିସ): କେବଳ ବର୍ଷା ଋତୁ ନୁହେଁ; ଅଦିନିଆ ଆଉ ସାମାନ୍ୟ ବର୍ଷାରେ ମଧ୍ୟ ଗଳିରେ ପାଣି ଜମୁଛି। ଏଣୁ ସାହିବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ନାରାୟଣନଗର ସାହୁଗଳିରେ ଏହି ଦୃଶ୍ୟ ଦେଖିବାକୁ ମିଳିଛି। ସାମାନ୍ୟ ବର୍ଷା ହେଲେ ଏହି ଗଳିରେ ପାଣି ଜମିବା ଯୋଗୁଁ ସାହିବାସୀ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଘରୁ ବାହାରିଲେ ଏହି ପାଣି ଦେଇ ଯିବାକୁ ପଡୁଛି। ପାଣି ଜମୁଥିବାରୁ କିଛି ବର୍ଷ ତଳେ ସ୍କୁଲ ନିକଟରେ ଏକ ଡ୍ରେନ ନିର୍ମାଣ କରାଯାଇଥିଲା। ତେବେ ଏହି ଡ୍ରେନ ଆବର୍ଜନାରେ ପୋତି ହୋଇଯିବା ଯୋଗୁଁ ଏହି ସମସ୍ୟା ହେଉଥିବା ସାହିବାସୀ କହିଛନ୍ତି। ଏହି ଗଳିର କଂକ୍ରିଟ ରାସ୍ତା ଦୀର୍ଘ ୧୫ ବର୍ଷ ପୂର୍ବରୁ ନିର୍ମାଣ ହୋଇଥିଲା। ବର୍ତ୍ତମାନ ଏହା ଖାଲୁଆ ହୋଇଥିବାରୁ ପାଣି ଜମି ରହୁଛି। ସାହୁ ଗଳି ନିକଟରେ ଲକ୍ଷ୍ମୀପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଥିବାରୁ ଏହି ବାଟ ଦେଇ ଛାତ୍ରଛାତ୍ରୀ ସ୍କୁଲକୁ ଯାଇଥାନ୍ତି। ଜମିଥିବା ପାଣି ଦେଇ ଛାତ୍ରଛାତ୍ରୀ ଯାଉଥିବା ହେତୁ ବିଭିନ୍ନ ଚର୍ମରୋଗ ହେବା ଆଶଙ୍କା ରହିଛି। ବେଳେ ବେଳେ ଶିଶୁ ଏହି ପାଣିରେ ପଡ଼ିଯାଇ ସ୍କୁଲ ଡ୍ରେସ୍ ଓଦା ହୋଇଯାଏ। ଦୈନିକ ଶ୍ରଦ୍ଧାଳୁ ଜଗନ୍ନାଥ ଓ ରାମ ମନ୍ଦିରକୁ ଦର୍ଶନ କରିବାକୁ ଯାଇଥାନ୍ତି। ଏହା ସହିତ ଦୈନିକ ବଜାରକୁ ଏହି ବାଟ ଦେଇ ପନିପରିବା କିଣିବାକୁ ଯାଇଥାନ୍ତି।

ଅନ୍ୟପକ୍ଷରେ ଉଭୟ ପାର୍ଶ୍ୱରେ ନୂତନ ପକ୍କା ଘର ନିର୍ମାଣ କରିବା ଦ୍ୱାରା ବିଭିନ୍ନ ନିର୍ମାଣ ସାମଗ୍ରୀ ପଡ଼ି ରାସ୍ତାର ଉଭୟ ପାର୍ଶ୍ୱ ଉଚ୍ଚ ହୋଇଥିବାରୁ ପାଣି ନିଷ୍କାସନ ହୋଇ ପାରୁନାହିଁ। ପାଣି ଜମିବା ଯୋଗୁଁ ମଶା ବଂଶ ବୃଦ୍ଧି ହେବାର ଆଶଙ୍କା ରହିଛି। ଗାଁ କଲ୍ୟାଣ ସମିତି ଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦିଆଯାଉନି। ସାହିବାସୀ ଦୀର୍ଘ ଦିନହେଲା ସାହୁ ଗଳି ଛକରୁ ଦୈନିକ ବଜାର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା କରିବାକୁ ଦାବି କରି ଆସୁଥିଲେ ମଧ୍ୟ ନିର୍ମାଣ କରାଯାଉନାହିଁ। ଅନ୍ୟପକ୍ଷରେ ବଡ଼ ଦାଣ୍ଡ ରାସ୍ତା ଠିକ ଥିଲେ ମଧ୍ୟ ଏବର୍ଷ ପୁଣି କଂକ୍ରିଟ ରାସ୍ତା ନିର୍ମାଣ କରାଯାଇ ଅର୍ଥର ଦୁରୁପଯୋଗ କରାଯାଇଛି।

## ବିପଦପୂର୍ଣ୍ଣ ଅବସ୍ଥାରେ ଷ୍ଟ୍ରିଟ୍ ଲାଇଟ୍



କୋକସରା, ୨୭ ।୭ (ସମିସ): କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତ ସିଉନୀ ଟିକ୍ରାପଡ଼ାରେ ଲାଗିଥିବା ଟ୍ରିଟ୍ ଲାଇଟ୍ ଦୀର୍ଘଦିନରୁ ବିପଦପୂର୍ଣ୍ଣ ଭାବେ ରହିଛି। ଏନେଇ ପଡ଼ାବାସୀ ଏହାର ମରାମତି ପାଇଁ ଅନେକ ସମୟରେ ପଞ୍ଚାୟତ କର୍ତ୍ତୃପକ୍ଷ ଓ ବିଦ୍ୟୁତ୍ ବିଭାଗକୁ ଜଣାଇଥିଲେ ସୁଦ୍ଧା କାହାରି ଦୃଷ୍ଟି ପଡୁନାହିଁ। ଏହା ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଷ୍ଟ୍ରିଟ୍ ଲାଇଟ୍ ଖୁଣ୍ଟଟି ନଇଁପଡ଼ିଲାଣି। ରାସ୍ତାରେ ଯିବା ଆସିବା ସମୟରେ ଖୁଣ୍ଟ ପଡ଼ିଯିବାର ବହୁ ସମ୍ଭାବନା ରହିଛି। କୌଣସି ସମୟରେ ମଧ୍ୟ ଖୁଣ୍ଟ ପଡ଼ିଯାଇ ଅଘଟଣ ଘଟିବାର ଆଶଙ୍କା ରହିଛି।

● ଆନନ୍ଦପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟ

## ଶ୍ରେଣୀଗୃହ, ଶିକ୍ଷକ ଅଭାବରୁ ପାଠପଢ଼ା ପ୍ରଭାବିତ

ବୌଦ୍ଧ, ୨୭ ।୭ (ସମିସ): ବୌଦ୍ଧ ବ୍ଲକ ତେଲିବନ୍ଧ ପଞ୍ଚାୟତ ଆନନ୍ଦପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁଁ ପାଠପଢ଼ା ବାଧାପ୍ରାପ୍ତ ହୋଇପଡ଼ିଛି। ୧୯୬୧ ମସିହାରେ ସ୍ଥାପିତ ହୋଇଥିବା ଏହି ସ୍କୁଲରେ ବର୍ତ୍ତମାନ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୯୯ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ଏମାନଙ୍କ ପାଇଁ ୪ ଜଣ ଶିକ୍ଷକ ଅଛନ୍ତି। ଶିକ୍ଷାଦାନ ପାଇଁ ୫ଟି ଶ୍ରେଣୀ କୋଠରୀ ଥିବାବେଳେ ଗୋଟିଏ ବିପଦସଂକୁଳ ଅଛି। ଆଉ ଗୋଟିଏ କୋଠରୀରେ ଅଙ୍ଗନବାଡି ଶିଶୁମାନେ ପଢୁଛନ୍ତି। ୩ଟି କୋଠରୀରେ ୯ ଟି ଶ୍ରେଣୀର ଛାତ୍ରଛାତ୍ରୀ ବସି ପାଠ ପଢ଼ିବା ଦ୍ୱାରା ପାଠପଢ଼ାରେ ବ୍ୟାଘାତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ ମେ' ମାସରେ ଅବସର ଗ୍ରହଣ କରିଛନ୍ତି। ୨ ମାସ ହେଲା ପ୍ରଧାନଶିକ୍ଷକ ଦାୟିତ୍ୱରେ ଅଶୋକ ଘିବେଲା ଅଛନ୍ତି। ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୪ ଜଣ ଶିକ୍ଷକରେ ସ୍କୁଲ କିପରି ଚାଲୁଥିବ ଏଥିରୁ ସହଜେ ଅନୁମେୟ। ଏନେଇ ସ୍କୁଲ ପରିଚାଳନା କମିଟି ଜୁନ୍ ମାସରେ ନୂତନ ସ୍କୁଲ କୋଠା ନିର୍ମାଣ ପାଇଁ ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ଏଠାରେ ଶିକ୍ଷକ ନିଯୁକ୍ତି ସହିତ ନୂତନ ସ୍କୁଲ କୋଠରୀ ନିର୍ମାଣ କରାନଗଲେ ଗ୍ରାମବାସୀ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି।

# କାର୍ଗିଲ ବିଜୟ ଦିବସ ପାଳିତ

ଭବାନୀପାଟଣା, ୨୭ ।୭ (ସମିସ): ଇଣ୍ଡିଆନ୍ କ୍ରିଏଟିଭ ଆର୍ଟିଷ୍ଟ ନେଟୱର୍କ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ବିକାଶ କଲେଜର ୱିସଡମ ପାର୍କର ସମ୍ମିଳନୀ କକ୍ଷରେ ୨୬ତମ କାର୍ଗିଲ୍ ବିଜୟ ଦିବସ ପାଳିତ ହୋଇଛି। ଏଥିରେ ରାଜ୍ୟ ସଭା ସଦସ୍ୟ ସୁଜିତ୍ କୁମାର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବାବେଳେ ବିଶିଷ୍ଟ ନାଟ୍ୟକାର ତଥା ଶିକ୍ଷାବିତ୍ ଡ଼ ଉମେଶ ଚନ୍ଦ୍ର ଶତପଥୀ, ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚୁସନର ନିର୍ଦ୍ଦେଶକ ଡି ରାମ କୁମାର, ବରିଷ୍ଠ ଆଇନଜିବୀ ଭବେନ୍ଦ୍ର ପଣ୍ଡା ଓ ବରିଷ୍ଠ ସାମ୍ବାଦିକ ହରଜିନ୍ଦର୍ ସିଂ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଉଦଘାଟନ କରିଥିଲେ। ଏଥିରେ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଉପରେ ୨୦ଟି ପେଣ୍ଟିଂ ସହ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା। ଆୟୋଜିତ ସଭାରେ ଇଣ୍ଡିଆନ୍ କ୍ରିଏଟିଭ ଆର୍ଟିଷ୍ଟ ନେଟୱର୍କ ଟ୍ରଷ୍ଟର ଅଧ୍ୟକ୍ଷ ଡ. ଅଜୟ ମିଶ୍ର ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ କାର୍ଗିଲ୍ ଯୁଦ୍ଧରେ ଲଢେଇ କରିଥିବା ୯ ଜଣ ସମେତ ୧୧ ଜଣ ସେନା ଅଧିକାରୀ ଓ ସେବା ନିବୃତ୍ତ ସୈନିକଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି କାର୍ଗିଲ୍ ବିଜୟ ଦିବସ ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଏହି ଅବସରରେ ସାଂସ୍କୃତିକ କୂଟନୀତି ଉଦ୍ଦେଶ୍ୟରେ ବିଦେଶରେ ଆୟୋଜିତ ଭାରତ ଉତ୍ସବରେ କଳାହାଣ୍ଡିର ଲୋକକଳା ପ୍ରଦର୍ଶନ କରି କଳାହାଣ୍ଡି ପାଇଁ ଗୌରବ ଆଣିଥିବା କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୪ ମସିହାରେ ଜାପାନରେ




ଆୟୋଜିତ ଭାରତ ଉତ୍ସବରେ ଅଂଶ ଗ୍ରହଣ କରିଥିବା ମହାବୀର ସାଂସ୍କୃତିକ ଅନୁଷ୍ଠାନର ୧୩ ଜଣ କଳାକାର ଓ ଗତ ମାସରେ ଋଷିଆର ମସ୍କୋରେ ଆୟୋଜିତ ଭାରତ ଉତ୍ସବରେ ଅଂଶ ଗ୍ରହଣ କରିଥିବା ପ୍ରତିଭା ଅନୁଷ୍ଠାନର ୧୨ ଜଣ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଆଶୁତୋଷ ପାତ୍ର ମଞ୍ଚ ସଂଯୋଜନା କରିଥିଲେ। ତରୁଣ ମହାପାତ୍ର, ଅଭିଜିତ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗତିଶୀଳ ହେଉନି ଜମିଜମା ସଂକ୍ରାନ୍ତୀୟ କାର୍ଯ୍ୟ

ଭବାନୀପାଟଣା, ୨୭ ।୭ (ସମିସ): କଳାହାଣ୍ଡି ଜିଲ୍ଲାରେ ଗତମାସ ୧୩ ତାରିଖରେ ବିଭିନ୍ନ ପଦବୀରେ କାର୍ଯ୍ୟରତ ରାଜସ୍ୱ କର୍ମଚାରୀଙ୍କ ବଦଳି ହୋଇଯାଇଛି। ତେବେ ସେ ଭିତରେ ଜିଲ୍ଲାର ୧୩ଟି ତହସିଲର ୬୦ଜଣ ରାଜସ୍ୱ ନିରୀକ୍ଷକ (ଆରଆଇ)ଙ୍କୁ ଗୋଟିଏ ତହସିଲରୁ ଅନ୍ୟ ତହସିଲକୁ ବଦଳି କରାଯାଇଛି। ସରକାର ରାଜସ୍ୱ ଆଇନରେ ସଂଶୋଧନ ଓ ପରିବର୍ତ୍ତନ କରୁଛନ୍ତି। ନୂଆ ନିୟମକୁ ନେଇ ନୂଆ ତହସିଲରେ ସୂଚାରୁ ରୂପେ କାର୍ଯ୍ୟ କରିବା ବେଳେ କିଏ କେଉଁଠି ଝୁଣ୍ଟୁଥିବା ଦେଖିବାକୁ ମିଳୁଛି। ଜମିଜମା ସଂକ୍ରାନ୍ତୀୟ କାର୍ଯ୍ୟ ଆଶାନୁରୂପକ ଭାବେ ଗତିଶୀଳ ହେଉନାହିଁ। ଏକା ସଙ୍ଗେ ୬୦ ରାଜସ୍ୱ ନିରୀକ୍ଷକଙ୍କ ବଦଳି କେତେକଙ୍କୁ ବିସ୍ମିତ କରିଛି। ଜିଲ୍ଲାରେ ଲାଞ୍ଜିଗଡ଼ ଓ ଥୁଆମୂଳ ରାମପୁର ଖଣି ଅଞ୍ଚଳ ହୋଇଥିବାରୁ ଅନେକ ସମୟରେ ଛୋଟ ବଡ ସମସ୍ୟା ମୁଣ୍ଡ ଟେକୁଛି। ଜମିଜମାବାବଦ ସମସ୍ତ କାର୍ଯ୍ୟ ତଥା ରେକର୍ଡ ପ୍ରସ୍ତୁତି ଓ ପରିଚାଳନା କ୍ଷେତ୍ରରେ ଆରଆଇମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜମି କ୍ରୟ ବିକ୍ରୟଠାରୁ ଆରମ୍ଭକରି ଭଗଚାଷ ଆଇନ, ଭୂମି ଅଧିକାର ପ୍ରଦାନ ଓ ତାହାର ସ୍ୱୀକୃତି, ଆୟ ପ୍ରମାଣପତ୍ର, ଜମିର ଉତ୍ତରାଧିକାରୀ ପାଇଁ ତହସିଲର ନିବିଡ ସମ୍ପର୍କ ଏବଂ ଆରଆଇଙ୍କ କାର୍ଯ୍ୟଦକ୍ଷତା ଉପରେ ନିର୍ଭରଶୀଳ। ଜମି ଜମା ରେକର୍ଡର ପବିତ୍ରତା ରାଜସ୍ୱ ଅଧିକାରୀଙ୍କ ହାତରେ ସୁରକ୍ଷିତ। ତେବେ କଳାହାଣ୍ଡି ଜିଲ୍ଲାରେ ୬୦ ଆରଆଇଙ୍କ ବଦଳି ହୋଇଥିବାବେଳେ ୩୦ପଦବୀ ଖାଲି ପଡ଼ିଛି। ସେହିଭଳି ୩୫ ଜଣ ସହ ରାଜସ୍ୱ ନିରୀକ୍ଷକ ଅଛନ୍ତି। ୭୬ଟି ପଦବୀ ଖାଲି ପଡ଼ିଛି। ଜିଲ୍ଲାରେ ୮୧ ଅମିନ ଆବଶ୍ୟକ; ହେଲେ ୨୩ଜଣ ଅଛନ୍ତି। କେବଳ ସେତିକି ନୁହେଁ; ଜିଲ୍ଲା ପାଇଁ ୧୬୬ କନିଷ୍ଠ ରାଜସ୍ୱ ସହ କର୍ମଚାରୀ ଆବଶ୍ୟକ। ଏଥିରୁ ୬୨ଟି ପଦବୀରେ କେହି ନାହାନ୍ତି। ଅନ୍ୟପକ୍ଷେ ଦୀର୍ଘ ବର୍ଷ ହେବା ଜିଲ୍ଲାରେ ଯେଉଁମାନେ ରହିଛନ୍ତି ସେମାନଙ୍କ ବଦଳି ହେଉନାହିଁ। ୧୦/୧୫ବର୍ଷ ହେବ କେତେକ କର୍ମଚାରୀ ଜିଲ୍ଲାରେ ରହି ଭିନ୍ନ ଭିନ୍ନ ବିଭାଗରେ କାର୍ଯ୍ୟ କରି ଆସୁଛନ୍ତି। ବଦଳି ନୀତି କେଉଁ ଆଧାରରେ ଗତି କରୁଛି ଜଣାପଡୁନାହିଁ। ନୂଆ ସରକାରଙ୍କ ରାଜସ୍ୱ ବିଭାଗ ନୂଆ ନୂଆ ନୀତି ଆପଣେଇ ସଂସ୍କାର କଥା କହୁଛି। ବାସ୍ତବ ଚିତ୍ର ପ୍ରତି କିନ୍ତୁ ଧ୍ୟାନ ଦେଉନି।

## ସାର ଯୋଗାଣରେ ବିଫଳ କୃଷି ବିଭାଗ

● କଳାବଜାର ମଧ୍ୟ ରୋକି ପାରୁନି

ମ. ରାମପୁର, ୨୭ ।୭ (ସମିସ): କଥାରେ ଅଛି ଚାଷ କାମ ଯାହାର; କେତେ ସୁଖ ତାହାର। ବାସ୍ତବ ଚିତ୍ର କିନ୍ତୁ ଅଲଗା। ଆବଶ୍ୟକ ଅନୁଯାୟୀ ୟୁରିଆ ସାର ଯୋଗାଇବା ଓ ସାରର କଳାବଜାର ରୋକିବାରେ କୃଷି ବିଭାଗ ବିଫଳ ହୋଇଛି। ନିୟମ ଅନୁସାରେ ଚାଷୀଙ୍କୁ ସରକାରୀ ମୂଲ୍ୟରେ ସାର ଯୋଗାଇ ଦେବାକୁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି; କିନ୍ତୁ କିଛି ମୁନାଫାଖୋର ଦୋକାନକୁ ଦିନରେ ଅଳ୍ପ ସମୟ ଖୋଲି ବନ୍ଦ ରଖୁଛନ୍ତି। ରାତିରେ ଖୋଲି ସାର ବିକ୍ରି କରୁଛନ୍ତି। ମ.ରାମପୁର ବ୍ଲକ ଅଞ୍ଚଳର କେତେକ ଚାଷୀ ଏଭଳି ଅଭିଯୋଗ କରିଛନ୍ତି। ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଅଣ ଜଳସେଚିତ ଅଞ୍ଚଳର କିଛି ଧାନ ଚାଷ ନଷ୍ଟ ହୋଇ ଯାଇଛି। ଯେଉଁ ଅଞ୍ଚଳରେ କିଛି ଅମଳ କରାଯିବାର ଆଶା ରହିଛି ସେହି ଅଞ୍ଚଳର ଚାଷୀ ସାର ଆବଶ୍ୟକତା କରୁଛନ୍ତି; ହେଲେ ବଜାରରେ ସାର ମିଳୁନାହିଁ। ଯେଉଁଠି ବି ମିଳୁଛି ଦୁଇଗୁଣରୁ ଅଧିକରେ ମିଳୁଛି ବୋଲି କୁହାଯାଉଛି। ସରକାରୀ ମୂଲ୍ୟ ୨୬୬ ଟଙ୍କା ଧାର୍ଯ୍ୟ ଅଛି; ହେଲେ ବଜାରରେ ଏହାର ଦାମ୍ ଦୁଇ ଗୁଣରୁ ଅଧିକରେ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ପ୍ରତ୍ୟେକ ପ୍ରାଥମିକ କୃଷି ସେବା ସମବାୟ ସମିତି ଚାଷୀଙ୍କୁ ଋଣ ଦେବେ। ଯେଉଁ ଚାଷୀ ଋଣ ନେବେ ସେମାନଙ୍କୁ ସରକାରୀ ଦାମରେ ସାର ଯୋଗାଇବା କଥା। ଏପରିକି ସେମାନଙ୍କ ଜମାଖାତାରେ ଏହି କାରବାର କରିବେ। ବହୁ ସେବା ସମବାୟ ସମିତି ସାର ଉଠାଉଥିଲେ ମଧ୍ୟ ଚାଷୀଙ୍କୁ ସାର ଦେବାରେ ଅବହେଳା କରୁଥିବା ଅଭିଯୋଗ ହୋଇଛି। ସେହିପରି ମ. ରାମପୁର ବ୍ଲକ ଅଞ୍ଚଳରେ ଚାଷୀଙ୍କୁ ସାର ଯୋଗାଇବା ପାଇଁ କିଛି ଡିଲରଙ୍କୁ ନିୟୋଜିତ କରାଯାଇଛି। ପ୍ରତ୍ୟେକ ଚାଷୀ ସେମାନଙ୍କୁ ଆଧାରକାର୍ଡ ଦେଖାଇ ସରକାରୀ ମୂଲ୍ୟରେ ସାର ନେବା ବିଧେୟ। ଏହା କିନ୍ତୁ ନାମକୁ ମାତ୍ର ପ୍ରଚଳନ କରାଯାଇଛି। ଗ୍ରାମାଞ୍ଚଳରେ ଛୋଟ ଅଣସ୍ୱୀକୃତିପ୍ରାପ୍ତ ବ୍ୟବସାୟୀଙ୍କୁ ଚଢ଼ାଦାମ୍‌ରେ ସାର ବିକ୍ରି କରାଯାଉଛି। ଏହାଦ୍ୱାରା ଲୋକେ ସାର ପାଇଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯେଉଁ ଡିଲରମାନେ ସରକାରୀ ଭାବେ ନିୟୋଜିତ ହୋଇଛନ୍ତି ସେମାନେ ଇଫ୍‌କୋ କମ୍ପାନୀର ଲିକ୍ୟୁଡ୍ ନାନୋ ୟୁରିଆ ନେବାକୁ ବାଧ୍ୟ କରୁଥିବା ଅଭିଯୋଗ ହୋଇଛି।

## 'ମାଣିକେଶ୍ୱରୀ'ରେ ଚାରାରୋପଣ, କର୍ମଶାଳା

ଭବାନୀପାଟଣା, ୨୭ ।୭ (ସମିସ): ସ୍ଥାନୀୟ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପକ୍ଷରୁ ଚାରାରୋପଣ ଓ କର୍ମଶାଳା ଆୟୋଜିତ ହୋଇଯାଇଛି। କୁଳପତି ଡ. ନିବେଦିତା ନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟସଭା ସାଂସଦ ସୁଜିତ୍ କୁମାର ଅତିଥି ଭାବେ ଯୋଗ ଦେଇଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. କୈଳାସ ଚନ୍ଦ୍ର ଦାସ ସଭା ପରିଚାଳନା କରିଥିବା ବେଳେ ଓଡ଼ିଆ ବିଭାଗ ମୁଖ୍ୟ ଡ. ପଲ୍ଲୀଶ୍ରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ତେଲିବନ୍ଧ ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ

ବୌଦ୍ଧ, ୨୭ ।୭ (ସମିସ): ବୌଦ୍ଧ ବ୍ଲକ ତେଲିବନ୍ଧ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଛି। ଏହି ଅବସରରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିଥି ଭାବେ ବନରକ୍ଷୀ ପ୍ରଶାନ୍ତ ସେଠି, ପଞ୍ଚସଖା ସେତୁର ସଭାପତି ସୁଶୀଲ ହୋତା ଯୋଗ ଦେଇଥିଲେ। ଶିକ୍ଷକ ପ୍ରଦୀପ୍ତ ଉର୍ମା, ସଞ୍ଜୟ ନାଏକ ପରିବେଶ ସଚେତନତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ଶମ୍ଭୁ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

# ଗୁରୁତର ଷଣ୍ଢର ଜଟିଳ ଅସ୍ତ୍ରୋପଚାର

ବୌଦ୍ଧ, ୨୭ ।୭ (ସମିସ)

ହରଭଙ୍ଗା ବ୍ଲକ ପୁରୁଣାକଟକ ପ୍ରାଣୀ ଚିକିତ୍ସାଳୟ ଅଧୀନ ସାକୁସିଙ୍ଗା ଗ୍ରାମରେ ଏକ ଷଣ୍ଢର ଜଟଳ ଅସ୍ତ୍ରୋପଚାର କରାଯାଇଛି। ଷଣ୍ଢଟିର ପେଟରୁ ଏକ ବିରାଟ ବଡ଼ ମାଂସ ପିଣ୍ଡୁଳା ତଳକୁ ଝୁଲି ରହିଥିଲା। ଏହା ଦେଖି କିଛି ସ୍ଥାନୀୟ ଯୁବକ ପ୍ରାଣୀ ପାଳନ ବିଭାଗକୁ ଅବଗତ କରାଇଥିଲେ। ଖବର ପାଇବା ପରେ ହରଭଙ୍ଗା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡା ବୀରେନ୍ଦ୍ର ପୃଷ୍ଟି ଷଣ୍ଢର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅସ୍ତ୍ରୋପଚାର ପାଇଁ ଏକ ଡାକ୍ତରୀ ଟିମ୍ ଗଢା ଯାଇଥିଲା। ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା. ବିନୟ ମହାନ୍ତି, କନ୍ଧମାଳର ଅସ୍ତ୍ରଶଲ୍ୟ ବିଶେଷଜ୍ଞ ଡ. ସୀମାରଣୀ ବାଗ, ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡା. ଜନ୍ମେଞ୍ଜୟ ମହାଲିକ, ହରଭଙ୍ଗା ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡା ବିଭୂତି ପଣ୍ଡା ଓ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସାଧିକାରୀ ଡା ପ୍ରତିଭା ପାଢ଼ୀ ଷଣ୍ଢଟିର ଅସ୍ତ୍ରୋପଚାରରେ ସାମିଲ ହୋଇଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ଦୀର୍ଘ ୫ ଘଣ୍ଟା ଧରି ସନ୍ତସନ୍ତିଆ ପରିବେଶ ମଧ୍ୟରେ ଅସ୍ତ୍ରୋପଚାର ସଫଳ କରାଯାଇଥିଲା। ଏହା ଏକ ଅତି ଜଟିଳ ଅପରେସନ ଥିଲା। ଷଣ୍ଢର ସ୍ୱାସ୍ଥ୍ୟବସ୍ଥା ବର୍ତ୍ତମାନ ଭଲ ଅଛି। ଗ୍ରାମର ସ୍ୱେଚ୍ଛାସେବୀମାନେ ଷଣ୍ଢର ଯତ୍ନ ନେଉଛନ୍ତି।

ଏହି ଅସ୍ତ୍ରୋପଚାରରେ ଧଳପୁର ପ୍ରାଣୀଧନ ନିରୀକ୍ଷକ ଦିଲ୍ଲୀପ ସାହୁ, ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଲୁହାସିଙ୍ଗା ବୈଷୟିକ ପ୍ରାଣୀଧନ ନିରୀକ୍ଷକ ନାରାୟଣ ବାରିକ, ପ୍ରାଣୀ ଚିକିତ୍ସା ବିଭାଗର କର୍ମଚାରୀ ଅକ୍ଷୟ ବେହେରା, ସଞ୍ଜୟ ସାହୁ, ପ୍ରମିଳ ମହାକୁଡ଼, ଲକ୍ଷ୍ମଣ ପ୍ରଧାନ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।



# ପିଲା ଚୋରକୁ ଗିରଫ କଲା ତରଭା ପୁଲିସ

**ତରଭା, ୨୭ ।୭(ସମିସ):** ତରଭା ମୁଖ୍ୟ ସଡକ ସୁନାରୀପଡ଼ାରୁ ୨ ଜଣ ନାବାଳକଙ୍କୁ ଭୂତେଇ ଅନ୍ୟତ୍ର ନେଇ ପଳାଉଥିବା ଜଣେ ବ୍ୟକ୍ତିକୁ ଧରି ତରଭା ପୁଲିସକୁ ଦିଆଯାଇଥିବା ଘଟଣା ଆଜି ସହରରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ତରଭା ସୁନାରୀପଡ଼ା ନିବାସୀ ରାଜେଶ ସାହୁ ଠେଲା ଗାଡ଼ିରେ ଚଣା ମୁଢି ବ୍ୟବସାୟ କରନ୍ତି। ରବିବାର ସାପ୍ତାହିକ ବଜାର ଥିବାରୁ ସେ ତାଙ୍କର ବ୍ୟବସାୟ ପାଇଁ ହାଟକୁ ଯାଇଥିଲେ। ଘରେ ତାଙ୍କର ପତ୍ନୀ ସଙ୍ଗୀତା ସାହୁ, ଦୁଇ ପୁଅ କହ୍ନା (୧୨) ଓ ମୁନ୍ନା(୭) ଥିଲେ। ପୂର୍ବାହ୍ନ ୧୧ଟାରେ ବରଗଡ଼ ଜିଲ୍ଲା ବରପାଲି ଥାନା ବନ୍ଧପାଲି ଗ୍ରାମର ଧନପତି ମେହେର(୩୫) ଜଣେ ବ୍ୟକ୍ତି ରାଜେଶଙ୍କ ଘରକୁ ଭିକ୍ଷା ମାଗିବା ପାଇଁ ଯାଇଥିଲା। ସେଠାରେ ଦୁଇ ଶିଶୁଙ୍କୁ ଦେଖି ଆସ ତୁମକୁ କାଲି ମନ୍ଦିର ବୁଲାଇ ଆଣିବି ବୋଲି କହିଥିଲା। ଏହି ସମୟରେ ରାଜେଶଙ୍କ ପତ୍ନୀ ଭିକ୍ଷା ଦେବାକୁ ଆସିବାରୁ ତାଙ୍କୁ କିଛି ଚାଉଳ ଓ ଧୂପ କାଠି ଦେବାକୁ କହିବାରୁ ସେ ଆଣି ଦେଇଥିଲେ। ଧନପତି ରାଜେଶଙ୍କ ଦୁଇ ପୁଅଙ୍କୁ ତା ସହ ଆସିବାକୁ କହିବାରୁ ସଙ୍ଗୀତା ମନା ମଧ କରି ପାରି ନ ଥିଲେ। ପିଲା ଦୁଇଜଣ ଘରୁ ଯିବାର ପ୍ରାୟ ଘଣ୍ଟାଏ ପରେ ସଙ୍ଗୀତା ତାଙ୍କ ସ୍ୱାମୀ ରାଜେଶଙ୍କୁ ସମସ୍ତ ବିଷୟ ଜଣାଇବାରୁ ସେ ଖୋଜାଖୋଜି ଆରମ୍ଭ କରିଥିଲେ। ଧନପତି ପିଲା ଦୁଇଜଣଙ୍କୁ ଚଳାଇ ଚଳାଇ ବୈରାସର ବସଷ୍ଟାଣ୍ଡ ଆଡକୁ ଯିବା ସମୟରେ ତରଭା ବ୍ରିଜ ନିକଟରେ ଥିବା ଫକୀର ମେହେରଙ୍କ ଦୋକାନରୁ ଚଣା କିଣି ସେମାନଙ୍କୁ ଖାଇବାକୁ ଦେଇଥିଲା। ରାଜେଶ ତାଙ୍କର ଦୁଇ ସନ୍ତାନଙ୍କୁ ଖୋଜି ଖୋଜି ବୈରାସର ବସଷ୍ଟାଣ୍ଡକୁ ଯାଉଥିବାବେଳେ ବାଇକ ଯୋଗେ ଯାଉଥିବା ରାଜେଶ ବୈରାସର ଛକରେ ସେମାନଙ୍କୁ ଅଟକାଇଥିଲେ। ମୋର ଛୁଆଙ୍କୁ ନେଇ କୁଆଡେ ଯାଉଛୁ ବୋଲି ଧନପତିକୁ ଦୁଇ ଚାପୁଡ଼ା ଦେବାପରେ ତାଙ୍କର ପିଲାଙ୍କୁ ଘରକୁ ପଠାଇଥିଲେ। ଧନପତିକୁ ବାଇକରେ ବସାଇ ଥାନାକୁ ଆଣି ସମସ୍ତ ବିଷୟ କହିଥିଲେ। ଏ ସମ୍ବନ୍ଧରେ ଥାନା କେଶ୍ ରୁଜୁ କରାଯାଇଛି। ଅଭିଯୁକ୍ତକୁ ଗିରଫ କରାଯାଇ ଅଧିକ ତଦନ୍ତ ଚାଲିଥିବା ଆଇଆଇସି ଅନିତା କିଡୋ କହିଛନ୍ତି। ଅଭିଯୁକ୍ତର ପକେଟରୁ କିଛି ପଥର ଓ ଖୁଚୁରା ଟଙ୍କା ମିଳିଥିବା ପୁଲିସ କହିଛି।



## ୨.୭୦ କୁଇଣ୍ଟାଲ ଗଞ୍ଜେଇ ସହ ୫ ବାଇକ୍ ଜବତ

# ପୁଲିସକୁ ମାଡ଼ ମାରି ଅଭିଯୁକ୍ତ ଫେରାର

ମନମୁଣ୍ଡା, ୨୭ ।୭(ସମିସ)

ମନମୁଣ୍ଡା ଥାନା ଶଗଡ଼ା ଫାଣ୍ଡି ପୁଲିସ ଶନିବାର ୨.୭୦ କୁଇଣ୍ଟାଲ ଗଞ୍ଜେଇ ସହ ୫ ବାଇକ ଜବତ କରଛି। ତେବେ ପୁଲିସକୁ ମାଡ ମାରି ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ଜାଣିବାକୁ ମିଳିଛି। ଶନିବାର ଅପରାହ୍ନରେ ଶଗଡ଼ା ଜଙ୍ଗଲ ଅଞ୍ଚଳରୁ ବାଇକରେ ଗଞ୍ଜେଇ ଚୋରା ଚାଲାଣ ହେବାକୁ ଯାଉଥିବା ଶଗଡ଼ା ଫାଣ୍ଡି ଅଧିକାରୀ ଇନ୍ସପେକ୍ଟର ମହେନ୍ଦ୍ର ବେହେରା କୌଣସି ସୂତ୍ରରୁ ଜାଣିବାକୁ ପାଇଥିଲେ। ଶ୍ରୀ ବେହେରାଙ୍କ ନେତୃତ୍ୱରେ ଏସଆଇ ଚନ୍ଦନ ଜେନା ଏବଂ ପୁଲିସ ବଳ ଖଣ୍ଡିକନପା ରାସ୍ତାରେ ୩୦୦ ମିଟର ବ୍ୟବଧାନରେ ଭାଗ ଭାଗ ହୋଇ ଛପି ରହିଥିଲେ। ଜଙ୍ଗଲ ଦିଗରୁ ୫ଟି ବାଇକରେ ବସ୍ତା ଲଦା ହୋଇ ଆସୁଥିବା ଦେଖି ଇନ୍ସପେକ୍ଟର ଶ୍ରୀ ବେହେରା ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ଏତିକିବେଳେ ଜଣେ ଚାଳକ ଶ୍ରୀ ବେହେରାଙ୍କୁ ବାଇକ ଧକ୍କା କରିଥିଲା। ଘଟଣା ସମୟରେ ଝିପିଝିପି ବର୍ଷା ହେଉଥିଲା। ଏଣୁ ଧକ୍କା ଯୋଗୁଁ ଶ୍ରୀ ବେହେରା କାଦୁଅରେ ପଡ଼ି ଯାଇଥିଲେ। ତଳୁ ଉଠି ଅଭିଯୁକ୍ତକୁ ଧରିବାବେଳେ ଅଭିଯୁକ୍ତ ତାଙ୍କୁ ମାଡ ମାରି ଫେରାର ହୋଇଯାଇଥିଲା। ଅଭିଯୁକ୍ତର ପଛରେ ଆସୁଥିବା ଅନ୍ୟ ୪ ଅଭିଯୁକ୍ତ ଅନ୍ୟ ପୁଲିସ ଅଧିକାରୀମାନେ ଧାଇଁ ଆସୁଥିବା ଦେଖି ସେମାନେ ଗଞ୍ଜେଇ ସହ ବାଇକ୍ ଛାଡ଼ି ଜଙ୍ଗଲ ଦିଗକୁ ଫେରାର ହୋଇଯାଇଥିଲେ। ପୁଲିସ କିଛି ବାଟ ଗୋଡାଇଥିଲା; ହେଲେ ଧରିବାରେ ବିଫଳ ହୋଇଥିଲା। ୫ ଅଭିଯୁକ୍ତକୁ ୯ ଜଣ ପୁଲିସ ଧରି ନ ପାରିବା ଆଶ୍ଚର୍ଯ୍ୟ କରିଛି। ପୁଲିସର ପାରିବାପଣ ଉପରେ ପ୍ରଶ୍ନ ସୃଷ୍ଟି କରିଛି। ତେବେ ପୁଲିସ ୫ ବାଇକ ଓ ୫ ବସ୍ତା ଗଞ୍ଜେଇ ଜବତ କରି ସନ୍ତୁଷ୍ଟ ହୋଇଛି। ଜବତ ଗଞ୍ଜେଇ ଓଜନ କରିବାରୁ ୨ କୁଇଣ୍ଟାଲ ୭୦ କେଜି ହୋଇଥିଲା। ଜବତ ବାଇକ ମଧ୍ୟରୁ କେତେକ ଗାଡିରେ ନମ୍ବରପ୍ଲେଟ ନ ଥିବାବେଳେ କେତେକ ବାଇକ୍‌ରେ ଥିବା ନମ୍ବରପ୍ଲେଟ ଚେକ୍ କରିବାରୁ ଅଟୋ ରିକ୍ସା ତଥା ଚାରି ଚକିଆ ଗାଡ଼ିର ନମ୍ବର ବାହାରୁ ଥିବା ଇନ୍ସପେକ୍ଟର ଶ୍ରୀ ବେହେରାଙ୍କଠାରୁ ଜାଣିବାକୁ ମିଳିଛି। ତେବେ ଅଭିଯୁକ୍ତଙ୍କ ବାଇକ ଧକ୍କା ଓ ମାଡରେ ଇନ୍ସପେକ୍ଟର ଶ୍ରୀ ବେହେରାଙ୍କ ଆଣ୍ଠୁ କ୍ଷତାକ୍ତ ହୋଇଛି। ବାମ ହାତର ଦୁଇଟି ଆଙ୍ଗୁଠି ଭାଙ୍ଗି ଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ପୁଲିସ ଏହାର ତଦନ୍ତ ଚଳାଇଛି। ଫେରାର ଅଭିଯୁକ୍ତ ମାନଙ୍କୁ ନିଶ୍ଚୟ ଗିରଫ କରାଯିବ ବୋଲି ଇନ୍ସପେକ୍ଟର ଶ୍ରୀ ବେହେରା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।



# ନଦୀକୁ ନ ଯିବାକୁ ଗ୍ରାମବାସୀଙ୍କୁ ସତର୍କ

**ବୌଦ୍ଧ, ୨୭ ।୭(ସମିସ):** ବୌଦ୍ଧ ତହସିଲ ବାଉଁଶୁଣୀ ରାଜସ୍ୱ ସର୍କଲ ଅଧୀନ ବହିରା ଗ୍ରାମ ପଞ୍ଚାୟତର ତେନ୍ତୁଳିପାଲି ଗ୍ରାମଠାରେ ନଦୀ କୂଳିଆ ଗ୍ରାମବାସୀଙ୍କୁ ମହାନଦୀ ମଧ୍ୟକୁ ନ ଯିବା ପାଇଁ ପ୍ରଶାସନ ସତର୍କ କରିଛି। ବୌଦ୍ଧ ତହସିଲର ଅତିରିକ୍ତ ତହସିଲଦାର କୁମୁଦ ଚନ୍ଦ୍ର ଦଳ ବେହେରା, ଭାରପ୍ରାପ୍ତ ତହସିଲଦାର ମହମ୍ମଦ୍ ରୋଜାଏ ରସୁଲ, ରାଜସ୍ୱ ସୁପରଭାଇଜର ହମିଦ୍ ମଲ୍ଲିକ ପ୍ରମୁଖ ମହାନଦୀର ଖାଲୁଆ ଅଞ୍ଚଳରେ ରହୁଥିବା ତେନ୍ତୁଳିପାଲି ଓ ଅନ୍ୟାନ୍ୟ ଗ୍ରାମ ପରିଦର୍ଶନ କରି ଲୋକଙ୍କୁ ସଚେତନ କରାଇଥିଲେ। ନଦୀ ମଧ୍ୟକୁ ମାଛ ଧରିବା ପାଇଁ କିମ୍ବା ଅନ୍ୟ କୌଣସି କାର୍ଯ୍ୟ ନ ଯିବାକୁ ସଚେତନ କରାଇ ଥିଲେ।



# ନୂଆଁଖାଇ ଭେଟ୍‌ଘାଟ୍ ପାଇଁ ଶୁଭସ୍ତମ୍ଭ ସ୍ଥାପନ



**ସୁବଲୟା, ୨୭ ।୭(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବିରାମହରାଜପୁର ବ୍ଲକ ମୁର୍ଷୁଣ୍ଡି ଜଗନ୍ନାଥ ମନ୍ଦିର ପରିସରରେ ନୂଆଁଖାଇ ଭେଟଘାଟ ପାଇଁ ରବିବାର ଶୁଭସ୍ତମ୍ଭ ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମାଁ ମାଟିର ଉତ୍ସବ କମିଟିର ସଭାପତି ଅରବିନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ପୂଜକ ପ୍ରଦୀପ ରଥ ପୂଜାର୍ଚ୍ଚନା କରିବା ପରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ବିକ୍ରମ ସାହୁ, ରିତିକ୍ ସାହୁ, ସଞ୍ଜୟ ସାହୁ, ଆଶିଷ ସାହୁ, ଅଶୋକ ସାହୁ, ଆକାଶ ବାରିକ, ବିକାସ ବାରିକ, ସୌମ୍ୟ ରଥଙ୍କ ସମେତ ଗାଁର ବହୁ ସଦସ୍ୟ ଯୋଗ ଦେଇଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ମନମୁଣ୍ଡା, ୨୭ ।୭(ସମିସ):** ବୌଦ୍ଧ ବ୍ଲକ ଦହ୍ୟା କ୍ଲଷ୍ଟର ଅଧୀନ କସୁରବନ୍ଧ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅମୂର୍ଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କପିଳେଶ୍ୱର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମହେଶ୍ୱରପିଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୋଦଣ୍ଡଧର ମେହେର ଏବଂ ପଦ୍ମପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ସେଠୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିରେ ଦହ୍ୟା ଆଞ୍ଚଳିକ ସାଧନକର୍ମୀ କାହ୍ନୁଚରଣ ସେଠୀ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ। ଶିକ୍ଷକ ବିଷ୍ଣୁପ୍ରସାଦ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଉଭୟ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ହେମକାନ୍ତ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଅତିରିକ୍ତ ଜିଲ୍ଲାପାଳଙ୍କ ମହାନଦୀ ଜଳସ୍ତର ମାପକ ଗଜ୍ ପରିଦର୍ଶନ



**ବୌଦ୍ଧ, ୨୭ ।୭(ସମିସ):** ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ବୌଦ୍ଧ ଜଳ ସେଚନ ବିଭାଗ ପରିଦର୍ଶନ ବଙ୍ଗଳା ନିକଟ ମହାନଦୀ କୂଳରେ ଥିବା ମହାନଦୀର ବନ୍ୟା ଜଳ ମାପକ ଗଜ୍ ପରିଦର୍ଶନ କରିଛନ୍ତି। ବୌଦ୍ଧଠାରେ ମହାନଦୀରେ ବର୍ଷା ଜଳ ପ୍ରବାହିତ ହୋଇ ଜଳସ୍ତର ବୃଦ୍ଧି ପାଉଛି। ବିପଦ ସଂକେତ ରେଖାର ବହୁ ତଳେ ମହାନଦୀ ପ୍ରବାହିତ ହେଉଛି।

# ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

**ବୀରମହାରାଜପୁର, ୨୭ ।୭(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସଦର ମହକୁମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାଟିକା ବିଭାଗରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ରାଜେନ୍ଦ୍ର ପ୍ରଧାନ, ଯୁଗ୍ମ ସମ୍ପାଦକ ପ୍ରଦୀପ ସ୍ୱାଇଁ, ସଦସ୍ୟା ସୁଜାତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସୁଶ୍ରୀ ସ୍ମିତା କର୍ଣ୍ଣ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆଚାର୍ଯ୍ୟା ନମିତା କର ସଭା ସଂଯୋଜନା କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଜନକରାମ ପଟେଲ ସ୍ୱାଗତ କରିଥିଲେ। ଗୁରୁମା ଅହଲ୍ୟା ଗଡ଼ୁଆ, ମହିମା ନିଗମ ସାହୁ, ସୁଜାତା ପୁରୋହିତ, ରଶ୍ମି ପାଣିଗ୍ରାହୀ ପ୍ରମୁଖ ନାଚ ମାଧ୍ୟମରେ କିଭଳି ଶିଶୁ ମାନଙ୍କୁ ଶିକ୍ଷା ପ୍ରଦାନ କରା ଯାଉଛି ସେ ସମ୍ପର୍କରେ ଅଭିଭାବିକାମାନଙ୍କୁ ଅବଗତ କରାଇଥିଲେ। ଆଚାର୍ଯ୍ୟ ଗୋବିନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଭୟ ସାହୁ ସମ୍ବର୍ଦ୍ଧିତ



**ଭବାନୀପାଟଣା, ୨୭ ।୭ (ସମିସ):** ଭବାନୀପାଟଣା ଜିଲ୍ଲା କଂଗ୍ରେସ ଭବନଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସର ସଭାପତି ଅଭୟ ସାହୁ ସମ୍ବର୍ଦ୍ଧିତ ହୋଇଥିଲେ। ଜିଲ୍ଲା ସଂଯୋଜକ ଜଳନ୍ଧର ନାଏକ ସଭାପତିତ୍ୱ କରିଥିଲେ। ଅରୁଣ ଜେନା, ଶିତିକାନ୍ତ ମହାନ୍ତି, ଭାରତ ବେମାଲ, ସୁରଥ ମହାକୁଡ଼, ଜ୍ୟୋତ୍ସ୍ନାମୟୀ ବଗର୍ତ୍ତୀ, ମାଣିକ୍ୟ ସୁନା, ସୁକାନ୍ତି ସରାଫ, ମନ୍ଦାକିନୀ ବାଣୁଆ, ମହମ୍ମଦ ସାହେବ, ସରୋଜ ବାଗ, ସିଦ୍ଧାର୍ଥ ନାୟକ, ସନ୍ତୋଷ ମୁଣ୍ଡ, ବ୍ରଜ ସାହୁ, ନିମାଞ୍ଚଳ ନାଏକ, ସୁବାଷ ପ୍ରଧାନ, ପ୍ରିତମ ବେହେରା, ସୁରେଶ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।


# ସାମ୍ବାଦିକ ରାଜକୁମାର ମହାଣାଙ୍କ ବିୟୋଗରେ ଶୋକସଭା

**ତରଭା, ୨୭ ।୭(ସମିସ):** ତରଭା ଏନଏସି ପାଠାଗାର ପରିସରରେ ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ରାଜକୁମାର ମାହାଣାଙ୍କ ବିୟୋଗରେ ଏକ ଶୋକ ଅନୁଷ୍ଠିତ ହୋଇଯାଇଛି। ତରଭା ସାମ୍ବାଦିକ ସଙ୍ଘ ପକ୍ଷରୁ ରବିବାର ସନ୍ଧ୍ୟାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ମାହାଣା ଜଣେ ନିର୍ଭିକ, ସ୍ପଷ୍ଟବାଦୀ ଭାବେ ନିଜର ଲେଖନୀକୁ ନେଇ ସବୁବେଳେ ଚର୍ଚ୍ଚାରେ ରହିଥିଲେ। ତାଙ୍କ ଅକାଳ ମୃତ୍ୟୁ ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଏଥିରେ ମତ ପ୍ରକାଶ ପାଇଛି। ସଂଘର ସଭାପତି ଅଶୋକ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଙ୍ଘ ସମ୍ପାଦକ ମାନଭଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାମ୍ବାଦିକ ଅକ୍ଷୟ ବାଘ, ଅନ୍ତର୍ଯ୍ୟାମୀ ସାହୁ, କଲ୍ୟାଣ ନାଏକ, କପିଳାସ ସେଠ୍, ଭୋଲା କୁମାର ବର୍ମା, ମନୋଜ ମନାହୀରା, ନରୋତ୍ତମ ମଲ୍ଲିକ, ସୁକାନ୍ତ ମିଶ୍ର, ବରିଷ୍ଠ ନାଗରିକ ହରିବନ୍ଧୁ ପାଣିଗ୍ରାହୀ, ଦେବେନ୍ଦ୍ର ବିଜୟ ସାହୁ, ଡ ରମେଶ ପତ୍ରୀ କ୍ଷେତ୍ରବାସୀ ସାହୁ, ସୁଶୀଲ ଅଗ୍ରୱାଲ, ରାମକୃଷ୍ଣ ସାହୁ, ସୁବାସ ଚନ୍ଦ୍ର ସେଠୀ, ଜୟପ୍ରକାଶ ନାରାୟଣ ସାହୁ, ରାଜକିଶୋର ସାହୁ, ଗିରିନ୍ଦ୍ର ବିଜୟ ସାହୁ, ଦେବରାଜ ସାହୁ, ସନ୍ତୋଷ ସା, ନରେଶ ସା ପ୍ରମୁଖ ଉପସ୍ଥିତ ରହି ତାଙ୍କ ସ୍ମୃତିଚାରଣ କରିଥିଲେ। ସୂଚନାଯୋଗ୍ୟ, ସ୍ୱର୍ଗତ ମାହାଣା ଦୀର୍ଘ ୩୫ ବର୍ଷ ହେବ ତରଭା ବ୍ଲକର ବିଭିନ୍ନ ସମସ୍ୟା ଲୋକଲୋଚନକୁ ଆଣିଥିଲେ। ନିରପେକ୍ଷ ଓ ନିର୍ଭୀକ ସାମ୍ବାଦିକତା କରି ଆସୁଥିଲେ। ତରଭା ସାମ୍ବାଦିକ ସଙ୍ଘର ଉପସଭାପତି ଦାୟିତ୍ୱରେ ଥିଲେ। ଶନିବାର ଭୋର ସକାଳୁ ବଇରାସର ଛକ ନିକଟରେ ଏକ ପିକଅପ ଭ୍ୟାନ୍ ଧକ୍କା ଦେବା ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା



# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ସିନାପାଲି, ୨୭ ।୭(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ସହରର ଅବସରପ୍ରାପ୍ତ ଶିକ୍ଷକ ଜଗବନ୍ଧୁ ସାଙ୍କ ପରଲୋକ ହୋଇଯାଇଛି। କିଛି ଦିନ ହେଲା ସେ ରୋଗରେ ପଡ଼ି ଶଯ୍ୟାଶାୟୀ ଥିଲେ। ତାଙ୍କ ପରଲୋକଗତ ଖବର ପାଇ ବହୁ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଉଦନ୍ତୀ ନଦୀ ପଠାରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି।



# ମରଣଯନ୍ତା ପାଲଟିଛି ଦପଲା ଗୁଆବାହାଲ ରାସ୍ତା



ଶଗଡ଼ା, ୨୭ ।୭(ସମିସ)

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲସାଗୋରା ପଞ୍ଚାୟତ ଦପଲା ରାସ୍ତାଠାରୁ ରୁଗୁଡ଼ିପାଲି, ହରିପୁର ଦେଇ ଗୁଆବାହାଲ ଗ୍ରାମ ପର୍ଯ୍ୟନ୍ତ ଯାଇଥିବା ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପଡ଼ିରହିଛି। ସାମାନ୍ୟ ବର୍ଷା ହେଲେ ଏହି ରାସ୍ତା କାଦୁଅ ସାଙ୍ଗକୁ ଖାଲଖମାରେ ଭର୍ତ୍ତି ହୋଇଯାଉଛି। ଗୁଆବାହାଲ ନାଳ ଉପରେ ହେଉଥିବା ବ୍ରିଜ କାମ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ି ରହିଛି। ଅନେକ ଲୋକ ଯାତାୟାତ ସମୟରେ ପଡ଼ି ଯିବା ସହ ଆହତ ମଧ ହୋଇଥିବା ଅଞ୍ଚଳବାସୀ କହୁଛନ୍ତି। ଏହି ରାସ୍ତାରେ ଶତାଧିକ ଲୋକଙ୍କ ସମେତ ଅନେକ ଛାତ୍ରଛାତ୍ରୀ ମଧ କାଦୁଅ ରାସ୍ତାରେ ସ୍କୁଲ, କଲେଜ ଯାଇଥାନ୍ତି। ରାସ୍ତା ଖରାପ ଯୋଗୁଁ ଲୋକଙ୍କ ଅବସ୍ଥା ଶୋଚନୀୟ ହୋଇପଡେ। ଏହି ରାସ୍ତାରେ ପ୍ରତିଦିନ ଶହ ଶହ ଲୋକ ଯିବା ଆସିବା କରନ୍ତି। ବର୍ଷା ଦିନରେ ଏହି ରାସ୍ତାରେ ଯିବା ପାଇଁ ଅଞ୍ଚଳବାସୀଙ୍କୁ ଚିନ୍ତାର କାରଣ ପାଲଟେ। ବର୍ଷା ଦିନ ହେଲେ ଏହି ରାସ୍ତାରେ ଯିବା ମଧ ବହୁତ କଷ୍ଟକର ହୋଇ ପଡେ। ରାଜ୍ୟ ସରକାର ଗ୍ରାମାଞ୍ଚଳର ରାସ୍ତାକୁ ଉନ୍ନତମାନର କରିବା ପାଇଁ ଅନେକ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ପ୍ରଶାସନ ଓ ସ୍ଥାନୀୟ ଜନ ପ୍ରତିନିଧି କିନ୍ତୁ ଏହି ରାସ୍ତା ପ୍ରତି ଆଖି ବୁଜି ଦେଇଛି। ଖୁବ୍ ଶୀଘ୍ର ମରାମତି ନ କଲେ ଆନ୍ଦୋଳନ ହେବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

# ପୋଲ ଉପରେ ବିପଦସଂକୁଳ ଗାତ



**ଶଗଡ଼ା, ୨୭ ।୭(ସମିସ):** ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ମନମୁଣ୍ଡା ତେଲନ୍ଦୀ ପୋଲ ଉପରେ ଏକାଧିକ ବିରାଟ ଗାତ ବିପଦସଂକୁଳ ଅବସ୍ଥାରେ ରହିଛି। ଏଥିପାଇଁ ପ୍ରତିଦିନ ଦୁର୍ଘଟଣା ମାନ ଘଟୁଛି। ଗଣମାଧ୍ୟମରେ ଖବର ପ୍ରକାଶିତ ହେଲା ପରେ ବିଭାଗ ପକ୍ଷରୁ କିଛି ପିଚୁ ଓ ଚିପ୍ସ ପକାଇ ଗାତଗୁଡ଼ିକୁ ମରାମତି କରାଯାଉଛି; ହେଲେ ପୁଣି କିଛିଦିନ ପରେ ଉକ୍ତ ଗାତରୁ ଚିପ୍ସ ବାହାରି ପୁନର୍ବାର ଗାତ ସୃଷ୍ଟି ହେଉଛି। ନିମ୍ନମାନର ମରାମତି କାର୍ଯ୍ୟ ଯୋଗୁଁ ବାରମ୍ବାର ଏପରି ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ପୋଲ ଉପରେ ଦୈନନ୍ଦିନ ହଜାର ହଜାର ଯାନବାହନ ଚଳାଚଳ କରୁଛି। ଅନେକ ସମୟରେ ଯାନବାହନ ଚଳାଚଳ ବେଳେ ଏହି ଗାତ ଉପରେ ପଡ଼ି ଅନେକ ଦୁର୍ଘଟଣା ଘଟୁଥିବା ନଜିର ରହିଛି।

# ଶିଶୁ ମନ୍ଦିରରେ ବନ୍ଦନା ଓ ପ୍ରାର୍ଥନା ଅଭ୍ୟାସ କାର୍ଯ୍ୟଶାଳା

**ମନମୁଣ୍ଡା, ୨୭ ।୭(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସଙ୍କୁଳସ୍ତରୀୟ ବନ୍ଦନା ଓ ପ୍ରାର୍ଥନା ଅଭ୍ୟାସ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି। ସଙ୍କୁଳ ପ୍ରମୁଖ ସନ୍ତୋଷ ବିଶିଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ଷାଣ୍ଢ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଙ୍କୁଳର ୭ଟି ବିଦ୍ୟାଳୟର ସମସ୍ତ ପ୍ରଧାନ ଆଚାର୍ଯ୍ୟ, ପରିଚାଳନା ସମିତିର ସଭାପତି ସତ୍ୟ ନାରାୟଣ ପାଣିଗ୍ରାହୀ, ସମ୍ପାଦକ ଗଣେଶ୍ୱର ପାତ୍ର, ଯୁଗ୍ମ ସମ୍ପାଦକ ବିଭୀଷଣ ଭୁକ୍ତା, ସଦସ୍ୟ ଶାନ୍ତନୁ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଭ୍ୟାସ ବର୍ଗରେ ୯୨ ଶିଶୁ ଭାଇ ଭଉଣୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ, ଆଚର୍ଯ୍ୟା ଓ ସେବକ ସେବିକା ସହଯୋଗ କରିଥିଲେ। ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ବିଭୀଷଣ ଭୁକ୍ତା ଧନ୍ୟବାଦ ପ୍ରଦାନ କରିଥିଲେ।



# ନିର୍ମାଣର ୨ ବର୍ଷ ପରେ ମଧ ବିଦ୍ୟୁତ୍ ସଂଯୋଗ ନାହିଁ

**ଶଗଡ଼ା, ୨୭ ।୭(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ତହସିଲ ଅଧୀନ ଦପଲା ରାଜସ୍ୱ ନିରୀକ୍ଷକଙ୍କ ନୂତନ କାର୍ଯ୍ୟାଳୟ ନିର୍ମାଣକୁ ୨ ବର୍ଷରୁ ଅଧିକ ସମୟ ହୋଇଥିଲେ ମଧ କାର୍ଯ୍ୟାଳୟକୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇ ପାରି ନାହିଁ। ଏହା ଫଳରେ ପ୍ରବଳ ଗରମ ସାଙ୍ଗକୁ ଗୁଳୁଗୁଳିରେ କର୍ମଚାରୀ ନୂତନ କାର୍ଯ୍ୟାଳୟରେ ବସି ଅଫିସ କାର୍ଯ୍ୟ କରୁଛନ୍ତି। ବିଦ୍ୟୁତ୍ ନ ଥିବାରୁ ଅନଲାଇନ କାର୍ଯ୍ୟ ମଧ ହୋଇ ପାରୁ ନାହିଁ। ପ୍ରଚଣ୍ଡ ଖରା ସହିତ ବିଜୁଳି ନ ଥିବାରୁ ଲୋକଙ୍କ ସମସ୍ୟା ଦ୍ୱିଗୁଣ ହୋଇଯାଇଛି। ନୂତନ କାର୍ଯ୍ୟାଳୟରେ ଅଫିସ କାର୍ଯ୍ୟ ଆରମ୍ଭ କରାଯାଇଥିଲେ ମଧ ବିଦ୍ୟୁତ ସଂଯୋଗ ପାଇଁ କର୍ମଚାରୀଙ୍କୁ କହି ଆସୁଥିଲେ ମଧ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ ସଂଯୋଗ ଦିଆ ଯାଇ ନାହିଁ। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ଜଣାଇ ଆସୁଥିଲେ ମଧ ଏଥି ଏଥିପ୍ରତି କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି।



ସକାଳ THE SAKALA



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୬୩ ● ପାଉଣ୍ଡ ୧୧୬.୫୪
- ୟୁରୋ ୧୦୧.୦୮ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୧,୬୦୦ (ନୂଆଦିଲ୍ଲୀ)
- ରୁପା : ୧,୧୬,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୪୬୩.୦୦
- ନିଫ୍ଟି ୨୪,୮୩୭.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

## ଅଗଷ୍ଟ ପହିଲାରୁ ୟୁପିଆଇ ନିୟମରେ ବଡ଼ ପରିବର୍ତ୍ତନ

# ଦିନକୁ ବାଲାନ୍ସ ଚେକ୍ ଲିମିଟ୍ ୫୦ ଥର

ନୂଆଦିଲ୍ଲୀ,୨୭।୭(ଏଜେନ୍ସି)

ଅଗଷ୍ଟ ପହିଲାରୁ ୟୁପିଆଇ ନିୟମରେ ହେବାକୁ ଯାଉଛି ଏକ ବଡ ପରିବର୍ତ୍ତନ। ଏଥିରେ ୟୁଜରମାନେ କିଛି ନୂଆ ଜିନିଷ ଦେଖିବାକୁ ପାଇବେ। ଦୈନିକ ଫୋନ୍‌ପେ', ଗୁଗୁଲ୍‌ପେ' କିମ୍ବା ପେଟିଏମ୍ ଭଳି ୟୁପିଆଇ ଆପ୍‌ରୁ ପେମେଣ୍ଟ କରୁଥିବା ୟୁଜରଙ୍କ ପାଇଁ ଏହି ପରିବର୍ତ୍ତନ ବେଶ ଗୁରୁତ୍ୱପୂର୍ଣ୍ଣ। ନିଆ ନିୟମରେ ବାଲାନ୍ସ ଚେକ୍ ଲିମିଟ୍ ଧାର୍ଯ୍ୟ କରାଯିବା ସହିତ ଟ୍ରାଞ୍ଜାକ୍‌ସନ୍ ଷ୍ଟାଟସ୍ ଚେକ୍ ନେଇ ବି ସୀମା ସ୍ଥିର କରାଯାଇଛି। ୟୁଜରଙ୍କ ପାଇଁ ଦୈନିକ ବାଲାନ୍ସ ଚେକ୍ କରିବା ସୀମା ୫୦ ଥର ରହିବ। ୟୁପିଆଇ ନିୟମରେ ଏହିଭଳି ଆହୁରି ଅନେକ କିଛି ପରିବର୍ତ୍ତନ କରାଯାଇଛି।




ନ୍ୟାସନାଲ ପେମେଣ୍ଟ୍ସ କର୍ପୋରେଶନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ୟୁପିଆଇକୁ ଅଧିକ ଦ୍ରୁତତର, ସୁରକ୍ଷିତ ଏବଂ ଭରସାଯୋଗ୍ୟ କରିବା ପାଇଁ ଏହି ନୂଆ ନିୟମ ଲାଗୁ କରିବାକୁ ଯାଉଛି। ଏହି ପରିବର୍ତ୍ତନର ପ୍ରଭାବ ଲୋକଙ୍କ ଦୈନନ୍ଦିନ ଡିଜିଟାଲ ପେମେଣ୍ଟ ଉପରେ ପଡ଼ିବ। ଭାରତରେ ପ୍ରତି ମାସରେ ୟୁପିଆଇ ମାଧ୍ୟମରେପ୍ରାୟ ୧୬୦୦ କୋଟିରୁ ଅଧିକ କାରବାର ହୋଇଥାଏ। କିନ୍ତୁ ଅନେକ ଥର ସର୍ଭରରେ ସମସ୍ୟା ତଥା ପେମେଣ୍ଟରେ ବିଳମ୍ବ ହେଉଥିବା ନେଇ ଅଭିଯୋଗ ଆସିଥାଏ। ଏହି ସମସ୍ୟାଗୁଡ଼ିକୁ କମ୍ କରିବା ପାଇଁ ଏନ୍‌ପିସିଆଇ ୟୁପିଆଇ ନିୟମରେ ୭ଟି ବଡ଼ ପରିବର୍ତ୍ତନ ଆଣିଛି। ପ୍ରଥମ ପରିବର୍ତ୍ତନ ହେଉଛି ବାଲାନ୍ସ ଚେକ୍ କରିବାର ସୀମା ନିର୍ଦ୍ଧାରଣ। ଏବେ ୟୁଜର ଦିନକରେ ନିଜ ୟୁପିଆଇ ଆପ୍ ଜରିଆରେ ମାତ୍ର ୫୦ ଥର ବାଲାନ୍ସ ଚେକ୍ କରିପାରିବେ। ବାରମ୍ବାର ବାଲାନ୍ସ ଚେକ୍ କରିବା ଦ୍ୱାରା ସର୍ଭର ଉପରେ ଚାପ ପଡ଼ିଥାଏ, ଯାହାଦ୍ୱାରା କାରବାର ଧୀମା ହୋଇଯାଏ। ତେଣୁ ଏହି ନିୟମ ଅଣାଯାଇଛି। ଉପଭୋକ୍ତା ନିଜ ମୋବାଇଲ ନମ୍ବର ସହ ଲିଙ୍କ୍ ହୋଇଥିବା ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଦୈନିକ ମାତ୍ର ୨୫ ଥର ଚେକ୍ କରିପାରିବେ। ଏହାଦ୍ୱାରା ସିଷ୍ଟମ୍‌ରେ ଅନାବଶ୍ୟକ ଚାପ କମ୍ ହେବ ଏବଂ ଜାଲିଆତି ଆଶଙ୍କା ମଧ୍ୟ ହ୍ରାସ ପାଇବ। ଏହାବ୍ୟତୀତ ନେଟ୍‌ଫ୍ଲିକ୍ସ କିମ୍ବା ମ୍ୟୁଚୁଆଲ ଫଣ୍ଡ କିସ୍ତି ଭଳି ଅଟୋପେ' ଟ୍ରାଞ୍ଜାକସନ୍ ଏବେ ୩ଟି ଟାଇମ୍ ସ୍ଲଟ୍‌ରେ ପ୍ରୋସେସ୍ ହେବ। ଏଥିପାଇଁ ସମୟ ହେଉଛି ସକାଳ ୧୦ଟା ପୂର୍ବରୁ, ଅପରାହ୍ନ ୧ରୁ ୫ଟା ଏବଂ ରାତି ୯ ଟା ୩୦ ପରେ। ଏହାଦ୍ୱାରା ଭିଡ଼ ରହୁଥିବା ସମୟରେ ସର୍ଭର ଉପରେ ଚାପ କମ୍ ହେବ। ଚତୁର୍ଥ ପରିବର୍ତ୍ତନ ଟି ହେଉଛି, ଟ୍ରାଞ୍ଜାକ୍‌ସନ ଷ୍ଟାଟସ୍ ଚେକ୍ କରିବାର ସୀମା। ଏଣିକି ଉପଭୋକ୍ତା କୌଣସି ବିଫଳ ଟ୍ରାଞ୍ଜାକ୍‌ସନ୍‌ର ଷ୍ଟାଟସ୍ ଦିନରେ କେବଳ ୩ ଥର ଚେକ୍ କରିପାରିବେ ଏବଂ ପ୍ରତିଟି ଚେକ୍ ମଧ୍ୟରେ ୯୦ ସେକେଣ୍ଡର ଗ୍ୟାପ୍ ରହିବା ଜରୁରୀ। ବାରମ୍ବାର ଷ୍ଟାଟସ ଦେଖିବା ଦ୍ୱାରା ସିଷ୍ଟମ୍ ଧୀମା ହୋଇଥାଏ।

**୩ଟି ଟାଇମ୍ ସ୍ଲଟ୍‌ରେ ପ୍ରୋସେସ୍ ହେବ ଅଟୋ ପେ' ଟ୍ରାଞ୍ଜାକସନ୍**

ଜୁନ୍ ୩୦ ପୂର୍ବରୁ ଏକ ନିୟମ ଲାଗୁ ହୋଇଛି, ଯାହା ଅନ୍ତର୍ଗତ ପେମେଣ୍ଟ କରିବା ପୂର୍ବରୁ ହିଁ ରିସିଭରଙ୍କ ପଞ୍ଜୀକୃତ ବ୍ୟାଙ୍କ ନେମ୍ ଦେଖିବାକୁ ମିଳିବ। ଏହାଦ୍ୱାରା ଭୁଲ ଆକାଉଣ୍ଟରେ ଟଙ୍କା ଚାଲିଯିବାର ଭୟ ରହିବ ନାହିଁ ଏବଂ ଜାଲିଆତି ଆଶଙ୍କା କମିବ। ଚାର୍ଜବ୍ୟାକ୍ ତଥା ପେମେଣ୍ଟ ରିଭର୍ସାଲ ଲିମିଟ୍ ଧାର୍ଯ୍ୟ କରାଯାଇଛି। ୩୦ ଦିନରେ ୧୦ ଥର ଏବଂ କୌଣସି ଜଣେ ବ୍ୟକ୍ତି କିମ୍ବା ସଂସ୍ଥାରୁ ୫ ଥର ହିଁ ଚାର୍ଜବ୍ୟାକ୍ ମାଗିପାରିବେ। ଏହାବ୍ୟତୀତ ଏନ୍‌ପିସିଆଇ ବ୍ୟାଙ୍କ ଏବଂ ଆପ୍‌ଗୁଡ଼ିକୁ ନିର୍ଦ୍ଦେଶ ଦେଇଛି ଯେ, ସେମାନେ ୟୁପିଆଇ ବ୍ୟବହାରକୁ ଅନୁଧ୍ୟାନ କରନ୍ତୁ। ଯାହାଦ୍ୱାରା ସିଷ୍ଟମ୍‌ରେ ହେରଫେର ହେବ ନାହିଁ। ଏହି ପରିବର୍ତ୍ତନର ଉଦ୍ଦେଶ୍ୟ ହେଉଛି ୟୁପିଆଇକୁ ଆହୁରି ଅଧିକ ଉନ୍ନତ କରିବା। ବାରମ୍ବାର ବାଲାନ୍ସ ଚେକ୍ କରିବା କିମ୍ବା ଷ୍ଟାଟସ୍ ରିଫ୍ରେସ୍ କରିବାର ଅଭ୍ୟାସ ଛାଡ଼ିବେ ୟୁଜର। ଅଟୋପେ' ପାଇଁ ନନ୍-ପିକ୍ ସମୟକୁ ଧ୍ୟାନରେ ରଖି ଏବଂ ପେମେଣ୍ଟ ପୂର୍ବରୁ ରିସିଭରଙ୍କ ନାଁ ଦେଖିବା ପାଇଁ ୟୁଜରଙ୍କୁ ଆହ୍ୱାନ ଦିଆଯାଇଛି। ଏହି ନିୟମ ସିଷ୍ଟମ୍‌କୁ ଦ୍ରୁତ ଏବଂ ସୁରକ୍ଷିତ କରିବ, ଯାହାଦ୍ୱାରା ୟୁଜର ନିର୍ବିଘ୍ନରେ ଡିଜିଟାଲ ପେମେଣ୍ଟ କରିପାରିବେ।

# ଏସିଡିଟି ଔଷଧ ରାନିଟିଡିନ୍‌ରେ କ୍ୟାନ୍ସର ସୃଷ୍ଟିକାରୀ ଉପାଦାନ

ନୂଆଦିଲ୍ଲୀ,୨୭।୭(ଏଜେନ୍ସି): ଏସିଡିଟି ବା ଅମ୍ଳ ଓ ଗାସ୍ ସମସ୍ୟା ଦୂର କରିବା ପାଇଁ ବ୍ୟବହୃତ ଔଷଧ ରାନିଟିଡିନ୍‌ରେ କ୍ୟାନ୍ସର ସୃଷ୍ଟିକାରୀ ଉପାଦାନ ରହିଛି। ଏହି ଔଷଧରେ ସମ୍ଭାବ୍ୟ କର୍କଟ-କାରକ ତତ୍ତ୍ୱର ସ୍ତର ବା ଗୁଣାବତ୍ତା ନିରୀକ୍ଷଣ କରିବାକୁ ସେଣ୍ଟ୍ରାଲ୍ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ୍ ଅର୍ଗାନାଇଜେସନ୍ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଔଷଧ ନିୟାମକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ନିକଟରେ ଡ୍ରଗ୍ସ ଟେକ୍ନିକାଲ୍ ଆଡଭାଇଜରୀ ବୋର୍ଡ (ଡିଟିଏବି)ର ୯୨ତମ ବୈଠକରେ ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ୍ ଅଫ୍ ଇଣ୍ଡିଆ (ଡିସିଜିଆଇ) ଡ. ରାଜୀବ ସିଂହ ରଘୁବଂଶୀଙ୍କ ଦ୍ୱାରା କରାଯାଇଥିବା ସୁପାରିଶ ପରେ ଏହି ପଦକ୍ଷେପ ନିଆଯାଇଛି। ଗତ ବର୍ଷ ଡିସେମ୍ବରରେ ଗଠିତ ଏକ ବିଶେଷଜ୍ଞ କମିଟି ଦ୍ୱାରା ଦାଖଲ କରାଯାଇଥିବା ରିପୋର୍ଟକୁ ବୋର୍ଡ ଇତି ମଧ୍ୟରେ ସମୀକ୍ଷା କରିଛି। ବୋର୍ଡ ସୁପାରିଶ କରିଛି ଯେ ଏନ୍‌ଡିଏମ୍‌ଏର ଉପସ୍ଥିତିକୁ ଦୃଷ୍ଟିରେ ରଖି ରାନିଟିଡିନର ଦୀର୍ଘକାଳୀନ ସୁରକ୍ଷା ମୂଲ୍ୟାଙ୍କନ କରିବା ପାଇଁ ଭାରତୀୟ ଚିକିତ୍ସା ଗବେଷଣା ପରିଷଦ (ଆଇସିଏମ୍‌ଆର୍) ଏକ ଅଧ୍ୟୟନ କରିବ। ଜିସିଏ କହିଛି ଯେ ରାନିଟିଡିନ୍ ପ୍ରସ୍ତୁତ କରୁଥିବା ସମସ୍ତ ଔଷଧ କମ୍ପାନୀଗୁଡ଼ିକ ଏହା ନିଶ୍ଚିତ କରିବା ଉଚିତ ଯେ ସେମାନଙ୍କ ଔଷଧରେ ଏନ୍‌ଡିଏମ୍‌ଏର ପରିମାଣ ନିୟନ୍ତ୍ରଣ କରାଯାଇଛି। ଏହା ଏକ ସମ୍ଭାବ୍ୟ କର୍କଟ ସୃଷ୍ଟିକାରୀ ଉପାଦାନ, ଯାହାର ଉପସ୍ଥିତି ମାନବ ସ୍ୱାସ୍ଥ୍ୟ ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରିପାରେ। ଏଠାରେ ସୂଚନାଯୋଗ୍ୟ ଯେ, ଏନ୍‌ଡିଏମ୍‌ଏ ହେଉଛି ଏକ ପ୍ରକାରର ରାସାୟନିକ ପଦାର୍ଥ ଯାହା ବହୁ ପରିମାଣରେ ଶରୀରରେ ପ୍ରବେଶ କରେ, ତେବେ ଯକୃତକୁ ଏହା କ୍ଷତି ପହଞ୍ଚାଇବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଏହା କର୍କଟ ରୋଗ ମଧ୍ୟ ସୃଷ୍ଟି କରିପାରେ। ଅନ୍ତର୍ଜାତୀୟ ସଂଗଠନଗୁଡ଼ିକ ଏହାକୁ ସମ୍ଭାବ୍ୟ କର୍କଟ ରୋଗ ସୃଷ୍ଟିକାରୀ ପଦାର୍ଥ ଭାବରେ ଚିହ୍ନିତ କରିଛନ୍ତି। ପୂର୍ବରୁ ମଧ୍ୟ, ଆନ୍ତର୍ଜାତୀୟ ସ୍ତରରେ ରାନିଟିଡିନକୁ ନେଇ ଚିନ୍ତା ପ୍ରକାଶ ପାଇଥିଲା, ଯାହା ପରେ କିଛି ଦେଶ ମଧ୍ୟ ଏହି ଔଷଧକୁ ବଜାରରୁ ଫେରାଇ ନେଇଥିଲେ।




- ଔଷଧର ଫର୍ମୁଲେସନ୍‌ରେ ସମ୍ଭାବ୍ୟ କର୍କଟକାରକ ତତ୍ତ୍ୱ ସ୍ତରର ଯାଞ୍ଚ ନିର୍ଦ୍ଦେଶ
- ଔଷଧ ନିୟାମକମାନଙ୍କୁ ସିଡିଏସ୍‌ସିଓଙ୍କ ନିର୍ଦ୍ଦେଶ

# ୧୨ ହଜାର କର୍ମଚାରୀଙ୍କୁ ଛଟେଇ କରିବ ଟିସିଏସ୍

ନୂଆଦିଲ୍ଲୀ,୨୭।୭(ଏଜେନ୍ସି): ଭାରତର ସର୍ବବୃହତ ଆଇଟି ସେବା ପ୍ରଦାନକାରୀ ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ଏହାର କର୍ମଚାରୀ ସଂଖ୍ୟାରେ ହ୍ରାସ ଘଟାଇବାକୁ ନିଷ୍ପତ୍ତି ନେଇଛି। କମ୍ପାନୀ ଏହାର କର୍ମଚାରୀ ସଂଖ୍ୟାରେ ପ୍ରାୟ ୨ ପ୍ରତିଶତ ଛଟେଇ କରିବ। ଆଗାମୀ ବର୍ଷ ମଧ୍ୟରେ ପ୍ରାୟତଃ ମଧ୍ୟମ ଏବଂ ବରିଷ୍ଠ ସ୍ତରରେ ଥିବା ୧୨ ହଜାରରୁ ଅଧିକ କର୍ମଚାରୀଙ୍କୁ କମ୍ପାନୀ ଛଟେଇ କରିବ ବୋଲି କହିଛି।

ଏକ ସାକ୍ଷାତକାରରେ ଏହି ସୂଚନା ଦେଇଛନ୍ତି ଟିସିଏସ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କେ. କୃତିବାସନ୍। ଟେକ୍ନୋଲୋଜିରେ ଦ୍ରୁତ ପରିବର୍ତ୍ତନକୁ ନଜରରେ ରଖି ଟିସିଏସ୍‌କୁ ଅଧିକ ସ୍ମାର୍ଟ ଓ ଭବିଷ୍ୟତକୁ ଆଖି ଆଗରେ ରଖି କାମ କରିବାକୁ ପଡ଼ିବ। କମ୍ପାନୀର ବ୍ୟାପକ ରଣନୀତିରେ ଏହା ଅଂଶ ବୋଲି କୃତିବାସନ କହିଛନ୍ତି। ତେବେ କମ୍ପାନୀ କାହିଁକି କର୍ମଚାରୀ ସଂଖ୍ୟା ହ୍ରାସ କରିବାକୁ ଚାହୁଁଛି ବୋଲି ପଚାରାଯିବାରୁ କୃତୀବାସନ କହିଛନ୍ତି ଶିଳ୍ପରେ ପରିବର୍ତ୍ତନ ଘଟୁଛି। କାମ କରିବାର ଉପାୟ ବଦଳୁଛି, ଏବଂ ପ୍ରତ୍ୟେକ କମ୍ପାନୀ ନିଜର ସଫଳତା ପାଇଁ ଭବିଷ୍ୟତ ପାଇଁ ପ୍ରସ୍ତୁତି କରିବା ସହ ଚତୁର ହେବା ନିହାତି ଆବଶ୍ୟକ। ଆମେ ଏଆଇ ଏବଂ ଅପରେଟିଂ ମଡେଲ ପରିବର୍ତ୍ତନ ଭଳି ନୂଆ ଟେକ୍ନୋଲୋଜି ଆଣୁଛୁ। କମ୍ପାନୀ ଆଗକୁ ଆବଶ୍ୟକ ଦକ୍ଷତାର ନିକଟରୁ ମୂଲ୍ୟାଙ୍କନ କରି ସେହି ଅନୁସାରେ ଏଆଇକୁ ନିୟୋଜିତ କରାଯିବ। ଆମେ ସହଯୋଗୀମାନଙ୍କୁ କ୍ୟାରିଅର ଅଭିବୃଦ୍ଧି ଏବଂ ନିୟୋଜିତ ସୁଯୋଗ କିପରି ପ୍ରଦାନ କରିପାରିବୁ ସେଥିପାଇଁ ଆମେ ସେମାନଙ୍କ ଉପରେ ବହୁତ ବିନିଯୋଗ କରିଛୁ। ଜୁନ୍ ୨୦୨୫ ସୁଦ୍ଧା ଟିସିଏସ୍‌ରେ ସାରା ବିଶ୍ୱରେ ୬ ଲକ୍ଷ ୧୩ ହଜାର କର୍ମଚାରୀ ରହିଛନ୍ତି। ଏଥିରୁ ୨ ପ୍ରତିଶତ ହ୍ରାସ, ଅର୍ଥାତ୍ ପ୍ରାୟ ୧୨,୨୦୦ ଚାକିରି ସହିତ ସମାନ। ତେବେ ଏହି ଛଟେଇ ମଧ୍ୟମ ପରିଚାଳନା ଏବଂ ବରିଷ୍ଠ ସ୍ତର ହେବ।

**ବରିଷ୍ଠ ସ୍ତରରେ ଅଧିକାଂଶ ହେବେ ବିଦା**

ଜୁନିୟର ସ୍ତରରେ ହେବ ନାହିଁ ବୋଲି ସିଇଓ କହିଛନ୍ତି। ତେବେ ଏଆଇ ପାଇଁ ଯେ ଏହି ନିଯୁକ୍ତି ଯାଉଛି ତାହା ନୁହେଁ, ଭବିଷ୍ୟତର ଦକ୍ଷତା ହାସଲ କରିବାକୁ କମ୍ପାନୀମାନେ ଏପରି କରୁଛନ୍ତି। ତେବେ ପ୍ରଭାବିତ କର୍ମଚାରୀଙ୍କ ପାଇଁ ଛୁଟି ପ୍ୟାକେଜ, ନୋଟିସ୍ ଅବଧି ପାଇଁ ଦରମା, ବର୍ଦ୍ଧିତ ସ୍ୱାସ୍ଥ୍ୟ ବୀମା ଏବଂ ସ୍ଥାନାନ୍ତର ସହାୟତା ପ୍ରଦାନ କରାଯିବ ବୋଲି ସିଇଓ ନିଶ୍ଚିତ କରିଛନ୍ତି।

# ପରମାଣୁ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଘରୋଇ ସହଭାଗିତା ଉପରେ ଗୁରୁତ୍ୱ

ନୂଆଦିଲ୍ଲୀ, ୨୭।୭ (ଏଜେନ୍ସି): ପରମାଣୁ ଶକ୍ତି ପ୍ରକଳ୍ପଗୁଡ଼ିକର କାର୍ଯ୍ୟକ୍ଷମତା ଉନ୍ନତ କରିବା ପାଇଁ କମ୍ ମୂଲ୍ୟର ପାଣ୍ଠି ଏବଂ ଘରୋଇ କ୍ଷେତ୍ରର ଅଂଶଗ୍ରହଣ ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପିକେ ମିଶ୍ର ଶୁକ୍ରବାର କହିଛନ୍ତି। ସେ କହିଛନ୍ତି ଯେ ସରକାର ଘରୋଇ କ୍ଷେତ୍ରକୁ ଆକର୍ଷିତ କରିବା ପାଇଁ ଆର୍ଥିକ ବିକଳ୍ପ ଏବଂ ନିୟାମକ ଢାଞ୍ଚାକୁ ଉନ୍ନତ କରିବା ଉଚିତ। ଭାବା ପରମାଣୁ ଗବେଷଣା କେନ୍ଦ୍ରରେ ବୈଜ୍ଞାନିକ ଅଧିକାରୀଙ୍କ ୬୮ ତମ ବ୍ୟାଚ୍‌କୁ ସମ୍ବୋଧିତ କରି ମିଶ୍ର ଗବେଷକମାନଙ୍କୁ ଖର୍ଚ୍ଚ ହ୍ରାସ ରଣନୀତିରେ ନବସୃଜନ କରିବାକୁ ଉତ୍ସାହିତ କରିଥିଲେ। ସେ କହିଥିଲେ ଯେ ପରମାଣୁ ଶକ୍ତିକୁ ଭାରତର ପସନ୍ଦିତ ଶକ୍ତି ଉତ୍ସ କରାଯାଇପାରିବ।

ମହାକାଶ କ୍ଷେତ୍ରର ଅପାର ସମ୍ଭାବନାକୁ ଉଲ୍ଲେଖ କରି ମିଶ୍ର କହିଛନ୍ତି ଯେ ପରମାଣୁ ଶକ୍ତି ପାଇଁ ସମାନ ପଦକ୍ଷେପ କଳ୍ପନା କରାଯାଇଛି, ଯାହା ସ୍ୱଚ୍ଛ ଶକ୍ତି ଏବଂ ଜାତୀୟ ସୁରକ୍ଷା ପାଇଁ ଆବଶ୍ୟକ। ସେ ପରମାଣୁ ଶକ୍ତିର ସାମାଜିକ ପ୍ରଭାବ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ କର୍କଟ ରୋଗ ଚିକିତ୍ସା ଏବଂ କୃଷି ସଂରକ୍ଷଣ ପାଇଁ ରେଡିଓଆଇସୋଟୋପ୍ ବ୍ୟବହାର ଏବଂ ବର୍ଜ୍ୟଜଳ ଚିକିତ୍ସା ଏବଂ କୃଷି ସଂରକ୍ଷଣ ପାଇଁ ବିକିରଣ କୌଶଳ ଉଲ୍ଲେଖ କରିଥିଲେ। ଶ୍ରୀ ମିଶ୍ର ବୈଜ୍ଞାନିକ ସମ୍ପ୍ରଦାୟକୁ ଗବେଷଣା ପ୍ରୟୋଗଶାଳାରୁ ଉଦ୍ଭାବିତ ସ୍ପିନ୍-ଅଫ୍ ପ୍ରଯୁକ୍ତିବିଦ୍ୟାକୁ ବାଣିଜ୍ୟିକୀକରଣ କରିବାକୁ ମଧ୍ୟ ଅନୁରୋଧ କରିଛନ୍ତି। ଶ୍ରୀ ମିଶ୍ର ବୈଜ୍ଞାନିକମାନଙ୍କୁ ଗବେଷଣାରୁ ଉଦ୍ଭାବିତ ପ୍ରଯୁକ୍ତିବିଦ୍ୟାକୁ କେବଳ ପ୍ରୟୋଗଶାଳା ପର୍ଯ୍ୟନ୍ତ ସୀମିତ ନ ରଖିବାକୁ, ବରଂ ସେଗୁଡ଼ିକୁ ବାଣିଜ୍ୟିକ ଭାବରେ ଆଗକୁ ନେବାକୁ ମଧ୍ୟ କହିଥିଲେ ଯାହା ଦ୍ୱାରା ସାଧାରଣ ଲୋକମାନେ ଏହାର ଲାଭ ପାଇପାରିବେ। ସେ କହିଥିଲେ ଯେ ଜଳବାୟୁ ସଙ୍କଟର ମୁକାବିଲା ପାଇଁ ପରମାଣୁ ଶକ୍ତି ଏକ ସ୍ଥାୟୀ ଏବଂ ସ୍ୱଚ୍ଛ ଶକ୍ତି ବିକଳ୍ପ ହୋଇପାରିବ। ଏଥିପାଇଁ, ସୁରକ୍ଷା ସହିତ ଜଡିତ ଗବେଷଣା ଏବଂ ନିୟମ ସମୀକ୍ଷା ମଧ୍ୟ ଆବଶ୍ୟକ। ସେ କହିଛନ୍ତି ଯେ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବା ସର୍ବୋଚ୍ଚ ପ୍ରାଥମିକତା ହେବା ଉଚିତ।



## ଟିପିସିଓଡିଏଲ୍ ପକ୍ଷରୁ ବନ ମହୋତ୍ସବ ପାଳିତ



ଭୁବନେଶ୍ୱର,୨୭।୭(ସମିସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ) ପକ୍ଷରୁ ବିଭିନ୍ନ ସ୍ଥାନରେ ବନ ମହୋତ୍ସବ ପାଳନ କରାଯାଇଛି। ବୃକ୍ଷରୋପଣ ମାଧ୍ୟମରେ ସବୁଜିମା ବୃଦ୍ଧି ଉପରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ଗୋଷ୍ଠୀ ସଦସ୍ୟମାନଙ୍କୁ ବୃକ୍ଷରୋପଣ ଅଭିଯାନରେ ସାମିଲ ହେବା ପାଇଁ ଉତ୍ସାହିତ କରାଯିବା ସହ ବୃକ୍ଷର ସୁରକ୍ଷା ଓ ଯତ୍ନ ନେବା ପାଇଁ ଉତ୍ସାହିତ କରାଯାଇଥିଲା। ପରିବେଶ ସନ୍ତୁଳନ ବଜାୟ ରଖିବା ଏବଂ ଏକ ଉନ୍ନତ ଭବିଷ୍ୟତ ପାଇଁ ପରିବେଶର ନିରନ୍ତରତା ସୁନିଶ୍ଚିତ କରିବାରେ ଜଙ୍ଗଲ ଏବଂ ବୃକ୍ଷର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ମହିନ୍ଦ୍ରା ଏକ୍ସୟୁଭି ୩ଏକ୍ସଓ ରେଭେକ୍ସ ସିରିଜ୍ ବଜାରରେ



ଭୁବନେଶ୍ୱର, ୨୭।୭(ସମିସ): ଏସ୍‌ୟୁଭି ନିର୍ମାତା ମହିନ୍ଦ୍ରା ଏଣ୍ଡ ମହିନ୍ଦ୍ରା ଲିମିଟେଡ୍ ପକ୍ଷରୁ ମଞ୍ଚେଶ୍ୱର ସ୍ଥିତ ଉତ୍କଳ ଅଟୋମୋବାଇଲ୍ସଠାରେ ଏକ୍ସୟୁଭି ୩ଏକ୍ସଓ ରେଭେକ୍ସ ସିରିଜ୍‌ର ବଜାର ପ୍ରବେଶ ହୋଇଯାଇଛି। ଏହାର ମୂଲ୍ୟ ୮.୯୪ ଲକ୍ଷ ଟଙ୍କା ରହିଛି। ଏକ୍ସୟୁଭି ୩ଏକ୍ସଓ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ୧ ଲକ୍ଷରୁ ଅଧିକ ବିକ୍ରି ହାସଲ କରି ଏକ ବଡ଼ ସଫଳତା ପାଇଛି, ଯାହା ମହିନ୍ଦ୍ରାର ସବୁଠାରୁ ଦ୍ରୁତ ବିକ୍ରି ହେଉଥିବା ଏସ୍‌ୟୁଭି। ରେଭେକ୍ସ ସିରିଜ୍‌ର ଆକର୍ଷଣୀୟ ଫିଚସ, ନୂଆ ଡିଜାଇନ୍ ଏବଂ ସର୍ବୋତ୍ତମ କାର୍ଯ୍ୟଦକ୍ଷତା ଯାହାକି ଏକ୍ସୟୁଭି ୩ଏକ୍ସଓକୁ ଆହୁରି ଆକର୍ଷଣୀୟ କରିଛି। ଅନନ୍ୟ ବ୍ୟକ୍ତିତ୍ୱ ପ୍ରତିଫଳିତ କରୁଥିବା ଗାଡି ଖୋଜୁଥିବା ବ୍ୟକ୍ତିମାନଙ୍କୁ ଲକ୍ଷ୍ୟ ରଖି ମହିନ୍ଦ୍ରା ଏକ୍ସୟୁଭି ୩ଏକ୍ସଓ ରେଭେକ୍ସ ସିରିଜ୍ ବଜାରକୁ ଛାଡିଛି।

## ଦିଲ୍ଲୀରେ ଖୋଲିବ ନାଇଟ୍ ମାର୍କେଟ

ନୂଆଦିଲ୍ଲୀ,୨୭।୭(ଏଜେନ୍ସି): ଜାତୀୟ ରାଜଧାନୀ ଦିଲ୍ଲୀରେ ରାତ୍ରି ଜୀବନକୁ ପ୍ରୋତ୍ସାହନ ଦେବା ପାଇଁ ଏନଡିଏମସି ଏବେ ନାଇଟ୍ ମାର୍କେଟ୍ ଖୋଲିବାକୁ ଯାଉଛି। ଏହି ମାର୍କେଟ୍ ରାତି ୧୦ଟାରେ ଖୋଲିବ ଓ ସକାଳ ପର୍ଯ୍ୟନ୍ତ ଚାଲିବ। ଏହି ବଜାର ଖୋଲିବା ପଛରେ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଓ ଦିଲ୍ଲୀ ନାଇଟ୍ ଲାଇଫକୁ ପ୍ରୋତ୍ସାହନ ଦେବା ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏଣୁ ଇନ୍ଦୋର ଭଳି ପ୍ରାରମ୍ଭିକ ପର୍ଯ୍ୟାୟରେ ୫୬ଟି ଦୋକାନକୁ ନେଇ ନାଇଟ୍ ମାର୍କେଟ ଆରମ୍ଭ କରାଯିବ ବୋଲି ଜଣାପଡିଛି। ଏହି ମାର୍କେଟ୍ ଖୋଲିବା ପାଇଁ ଏନଡିଏମସି ଏବେ କନଟ ପ୍ଲେସ୍ ଓ ଲୋଧି ରୋଡକୁ ବିକଳ୍ପ ଭାବେ ଦେଖୁଛନ୍ତି। ଏବେ ଏହି ଅଞ୍ଚଳରେ ସର୍ଭେ କରି ଦେଖାଯାଉଛି କେଉଁ ଅଞ୍ଚଳରେ ମାର୍କେଟ ବସାଯିବ, ଯାହା ଦ୍ୱାରା ପର୍ଯ୍ୟଟକଙ୍କୁ ସୁରକ୍ଷା ଓ ଭଲ ପରିବେଶ ମିଳିପାରିବ। ଏହି ବଜାର ରାତି ୧୦ଟାରୁ ସକାଳ ପର୍ଯ୍ୟନ୍ତ ଚାଲିବ।

## ଡ୍ରାଗନ୍‌କୁ ଆମେରିକାର ଚିପ୍ ରପ୍ତାନି କଟକଣା

# ଗଳାବାଟ ଦେଇ ଚୀନ୍ ଗଲା ଏନ୍‌ଭିଡିଆ ଏଆଇ ଚିପ୍ସ

ୱାଶିଂଟନ୍,୨୭।୭(ଏଜେନ୍ସି)

ଏହାପରେ ଚୋରା ଚାଲାଣକାରୀମାନେ ତିନି ମାସ ମଧ୍ୟରେ ଏନଭିଡିଆର ଅତି କମ୍‌ରେ ୧ ବିଲିୟନ ଡଲାର ମୂଲ୍ୟର ଉନ୍ନତ ଏଆଇ ଚିପ୍ସ ଚୀନକୁ ବିକ୍ରି କରିଛନ୍ତି। ଏହି ଚୋରା ଚାଲାଣ ଥାଇଲ୍ୟାଣ୍ଡ ମାଧ୍ୟମରେ କରାଯାଇଥିଲା କୁହାଯାଉଛି। ଏକ ରିପୋର୍ଟରେ ଏ ନେଇ ଦାବି କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ ଏନଭିଡିଆର ଉଚ୍ଚମାନର ବି୨୦୦ ପ୍ରୋସେସର, ଯାହା ଚୀନରେ ବିକ୍ରି ପାଇଁ ନିଷିଦ୍ଧ, ସେଠାରେ କଳା ବଜାରରେ ବ୍ୟାପକ ଭାବରେ ଉପଲବ୍ଧ। ରିପୋର୍ଟରେ ବିକ୍ରି ଚୁକ୍ତିନାମା, କମ୍ପାନୀ ଡକ୍ୟୁମେଣ୍ଟ ଏବଂ ଡିଲ୍ ବିଷୟରେ ସିଧାସଳଖ ଜ୍ଞାନ ଥିବା ଅନେକ ଲୋକଙ୍କୁ ଉଦ୍ଧୃତ କରି ଏହି ଦାବି କରାଯାଇଛି।

ଅନ୍ୟପକ୍ଷରେ, ଚୋରା ଚାଲାଣ ଖବର ପରେ, ବିଶ୍ୱର ସବୁଠାରୁ ମୂଲ୍ୟବାନ କମ୍ପାନୀ ଏନଭିଡିଆ ଡାଟା ସେଣ୍ଟରରେ ଅନଧିକୃତ ଚିପ୍ସ ବ୍ୟବହାର ବିରୁଦ୍ଧରେ ଏକ କଡ଼ା ଚେତାବନୀ ଜାରି କରିଛି। କମ୍ପାନୀ କହିଛି ଯେ ବେଆଇନ ଭାବରେ ଏପରି ଚିପ୍ସ କିଣିବା ବୈଷୟିକ ଏବଂ ଆର୍ଥିକ ଉଭୟ ଭାବରେ 'କ୍ଷତିର ଚୁକ୍ତି'। ଅପରପକ୍ଷେ ଆମେରିକାର ବାଣିଜ୍ୟ ବିଭାଗ, ହ୍ୱାଇଟ୍ ହାଉସ୍ ଏବଂ ଥାଇ ସରକାର ଏପର୍ଯ୍ୟନ୍ତ ଏହି ବିଷୟରେ କୌଣସି ମନ୍ତବ୍ୟ ଦେଇନାହିଁ। ରିପୋର୍ଟ ଅନୁଯାୟୀ, ମେ ମାସରେ ଅନେକ ଚୀନ୍ ବିତରକ ଚୀନ୍‌ର ଏଆଇ ଗ୍ରୁପଗୁଡ଼ିକୁ ସେବା ପ୍ରଦାନ କରୁଥିବା ଡାଟା ସେଣ୍ଟରଗୁଡ଼ିକର ଯୋଗାଣକାରୀଙ୍କୁ ବି୨୦୦ ବିକ୍ରି କରିବା ଆରମ୍ଭ କରିଥିଲେ। ଏଆଇ ଏବଂ ଅନ୍ୟାନ୍ୟ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ପାଇଁ ବଜାରରେ ବିଶ୍ୱବ୍ୟାପୀ ପ୍ରାଧାନ୍ୟ ହାସଲ କରିବାକୁ ଆମେରିକା ଏବଂ ଚୀନ୍ ସଂଘର୍ଷ କରୁଛନ୍ତି। ଏନ୍‌ଭିଡିଆ ଗତ ସପ୍ତାହରେ କହିଥିଲା ଯେ ଟ୍ରମ୍ପ ପ୍ରଶାସନ ଏଚ୍୨୦ ଭଳି ଚିପ୍ସ ବିକ୍ରି ଉପରେ ରପ୍ତାନି କଟକଣା ଉଠାଇବା ପରେ ଏହାକୁ ଚୀନ୍‌ରେ ପୁନଃ ବିକ୍ରୟ କରିବାକୁ ଅନୁମତି ଦିଆଯିବ। ଏହି କଟକଣାଗୁଡ଼ିକ ଏପ୍ରିଲ୍‌ରେ ଲାଗୁ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ଏହା ପୂର୍ବରୁ ତିନି ମାସ ମଧ୍ୟରେ ଗ୍ୱାଙ୍ଗଡୋଙ୍ଗ, ଝେଜିୟାଙ୍ଗ ଏବଂ ହେଇ ପ୍ରଦେଶରେ ଚୀନ୍ ବିତରକମାନେ ଏନ୍‌ଭିଡିଆ ର ବି୨୦୦ ସହିତ ଏଚ୍୧୦୦ ଏବଂ ଏଚ୍୨୦୦ ଭଳି ଅନ୍ୟାନ୍ୟ ନିଷିଦ୍ଧ ପ୍ରୋସେସରଗୁଡ଼ିକୁ ବିକ୍ରି କରିଥିଲେ। ଦକ୍ଷିଣ-ପୂର୍ବ ଏସୀୟ ଦେଶଗୁଡ଼ିକ ଏପରି ବଜାର ପାଲଟିଛନ୍ତି ଯେଉଁଠାରୁ ଚୀନ୍ ଗୋଷ୍ଠୀଗୁଡ଼ିକ ନିଷିଦ୍ଧ ଚିପ୍ସ ହାସଲ କରିଛନ୍ତି। ରିପୋର୍ଟରେ କୁହାଯାଇଛି ଯେ ଆମେରିକାର ବାଣିଜ୍ୟ ବିଭାଗ ସେପ୍ଟେମ୍ବରରୁ ଥାଇଲ୍ୟାଣ୍ଡ ଭଳି ଦେଶରେ ଉନ୍ନତ ଏଆଇ ଉତ୍ପାଦଗୁଡ଼ିକ ଉପରେ ଅଧିକ ରପ୍ତାନି ନିୟନ୍ତ୍ରଣ ଲାଗୁ କରିବା ବିଷୟରେ ଆଲୋଚନା କରୁଛି।



- ଫ୍ଲାଇଂ ସୁଟ୍‌କେସ୍‌ରେ ଥାଇଲ୍ୟାଣ୍ଡ ଦେଇ ଚୋରା ଚାଲାଣ

**■ ଫ୍ଲାଇଂ ସୁଟ୍‌କେସ୍ କ'ଣ**

ଗତ ମାସରେ ଏକ ରିପୋର୍ଟରେ କୁହାଯାଇଥିଲା ଯେ ଚୀନ୍ କମ୍ପାନୀଗୁଡ଼ିକ ଉଚ୍ଚ-ସ୍ତରୀୟ ଏଆଇ ଚିପ୍ସ ଉପରେ ଆମେରିକାର କଟକଣାକୁ ଏଡ଼ାଇବା ପାଇଁ 'ଅପାରମ୍ପରିକ' ପଦ୍ଧତି ଗ୍ରହଣ କରୁଛନ୍ତି। ଏହା ଅଧୀନରେ, ଏଆଇ ପ୍ରଶିକ୍ଷିତ ହାର୍ଡ ଡ୍ରାଇଭ୍ ସୁଟକେସ୍‌ରେ ଅନ୍ୟ ଦେଶକୁ ପରିବହନ କରାଯାଉଛି। ଏଗୁଡ଼ିକୁ 'ଫ୍ଲାଇଂ ସୁଟକେସ୍' ନାମ ଦିଆଯାଇଛି। ଉଦାହରଣ ସ୍ୱରୂପ, ମାର୍ଚ୍ଚ ମାସରେ ଏକ ଘଟଣାରେ ଚାରି ଜଣ ଚୀନ୍ ଇଞ୍ଜିନିୟର ବେଜିଂରୁ ମାଲେସିଆ ଯାତ୍ରା କରିଥିବା ରିପୋର୍ଟ ହୋଇଛି। ସେମାନଙ୍କ ପାଖରେ ୮୦ ଟେରାବାଇଟ୍ ଡାଟା ଧାରଣ କରିଥିବା ୧୫ ଟି ହାର୍ଡ ଡ୍ରାଇଭ୍ ଭର୍ତ୍ତି ସୁଟକେସ୍ ଥିଲା। ମାଲେସିଆର ଏକ ଡାଟା ସେଣ୍ଟରରେ, ସେମାନେ ଉନ୍ନତ ଏନ୍‌ଡିଭିଆଇ ଚିପ୍ସ ସହିତ ସଜ୍ଜିତ ପ୍ରାୟ ୩୦୦ ସର୍ଭର ବ୍ୟବହାର କରି ଏକ ଏଆଇମଡେଲ୍ ବିକଶିତ କରିଥିଲେ, ଯାହାକୁ ସେମାନେ ପରେ ଚୀନକୁ ଫେରାଇ ଆଣିଥିଲେ।

## 'ଟାଟା ଡ୍ୟୁରେକୋ' ଓଡ଼ିଶାର ଏନ୍‌ଏଚ୍ ନିର୍ମାଣକୁ ସୁଦୃଢ଼ କରୁଛି

ନୂଆଦିଲ୍ଲୀ, ୨୭।୭: ଟାଟା ଷ୍ଟିଲ୍‌ର ଇଣ୍ଡଷ୍ଟ୍ରିଆଲ ବାଇ-ପ୍ରଡକ୍ଟ ମ୍ୟାନେଜମେଣ୍ଟ ଡିଭିଜନ (ଆଇବିଏମଡି) ପକ୍ଷରୁ ଏହାର ଅଭିନବ ତଥା ପରିବେଶ ଉପଯୋଗୀ ଗ୍ରାଉଣ୍ଡ ଗ୍ରାନୁଲେଟେଡ୍ ବ୍ଲାଷ୍ଟ ଫର୍ଣ୍ଣେସ୍ ସ୍ଲାଗ୍ (ଜିଜିବିଏ) ଉତ୍ପାଦ-ଟାଟା ଡ୍ୟୁରୋକୋର ସଫଳ ପ୍ରୟୋଗ କରାଯାଇଛି। ଏହାକୁ ଜାତୀୟ ରାଜପଥ ୫୩ର ୭୬ କିମି ରାସ୍ତାକୁ ଚଉଡ଼ା କରିବାରେ ବ୍ୟବହାର କରାଯାଇଛି। ଓଡ଼ିଶାର ଚଣ୍ଡିଖୋଲରୁ ପାରାଦୀପ ପର୍ଯ୍ୟନ୍ତ ଜାତୀୟ ରାଜପଥକୁ ଏବେ ଚାରି ଲେନ୍‌ରୁ ୬ ଲେନ୍‌କୁ ସମ୍ପ୍ରସାରଣ କରାଯାଉଛି, ଯାହା ହଜାର ହଜାର ଲୋକଙ୍କ ପାଇଁ ଗମନାଗମନ ସଂଯୋଗ, ସୁରକ୍ଷା ଓ ଯାତାୟାତ ଦକ୍ଷତାରେ ଉନ୍ନତି ଆଣିବ। ଏହି ସବୁଜ ଉତ୍ପାଦ ଜିଜିବିଏସ୍ ହେଉଛି ସିମେଣ୍ଟର ଏକ ଆଂଶିକ ବିକଳ୍ପ, ଯାହାକୁ ଇସ୍ପାତ ଉତ୍ପାଦନରୁ ବାହାରୁ ଥିବା ବ୍ଲାଷ୍ଟ ଫର୍ଣ୍ଣେସ୍ ସ୍ଲାଗକୁ ପ୍ରକ୍ରିୟାକରଣ କରି ପ୍ରସ୍ତୁତ କରାଯାଉଛି ଏବଂ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ଟାଟା ଷ୍ଟିଲ୍ ଆଇବିଡିଏମ୍‌ର ଇନ୍‌ଚାର୍ଜ ଦୀପଙ୍କର ଦାସଗୁପ୍ତା କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଚିନ୍ତାରେ ରହିପାରନ୍ତି। ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖା ଦେଇ ପାରେ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିପାରେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ


- ୧୭୪୨- ପାର୍ସିଆ ଓ ଅଷ୍ଟ୍ରିଆ ଶାନ୍ତି ବୁଝାମଣାରେ ସ୍ୱାକ୍ଷର କଲେ।
- ୧୮୫୮ - ପ୍ରଥମ ଥର ଫିଙ୍ଗର୍ ପ୍ରିଣ୍ଟ ବ୍ୟବହାର କରାଗଲା।
- ୧୯୧୪- ପ୍ରଥମ ବିଶ୍ୱଯୁଦ୍ଧର ଆରମ୍ଭ।
- ୧୯୫୯ - ଗ୍ରେଟ୍ ବ୍ରିଟେନ୍‌ରେ ଡାକକୋଡ୍‌ର ପ୍ରଚଳନ ଆରମ୍ଭ ହେଲା।
- ୧୯୭୯ - ଚୌଧୁରୀ ଚରଣ ସିଂହ ଭାରତର ପ୍ରଧାନମନ୍ତ୍ରୀ ହେଲେ।
- ୧୯୯୫- ଭିଏତ୍‌ନାମ ଆସିଆନ୍‌ର ସଦସ୍ୟ ହେଲା।
- ୨୦୧୬- ବଙ୍ଗୀୟ ଲେଖିକା ମହାଶ୍ୱେତା ଦେବୀଙ୍କ ପରଲୋକ।

## ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ




କଥାରେ ଅଛି, ପ୍ରକୃତି ସୁସ୍ଥ ରହିଲେ ମାନବ ସମାଜ ସୁସ୍ଥ ରହିବ। ପରିବେଶ ସୁରକ୍ଷା ଓ ସଂରକ୍ଷଣ ପ୍ରତି ଲୋକଙ୍କୁ ଅବଗତ ତଥା ସଚେତନ କରାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୨୮ ତାରିଖକୁ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ଭାବେ ପାଳନ କରାଯାଉଛି। ଭବିଷ୍ୟତ ପିଢ଼ିଙ୍କ ପାଇଁ ପରିବେଶ ସଂରକ୍ଷଣ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ ସୁସ୍ଥ ପୃଥିବୀ ଗଠନ ଦିଗରେ ସମସ୍ତଙ୍କର ଗୁରୁଦାୟିତ୍ୱର ସଚେତନତା ବାର୍ତ୍ତା ନେଇ ପ୍ରକୃତି ସଂରକ୍ଷଣ ଦିବସ ପାଳନ କରାଯାଉଛି। ଏହି ଦିନର ମୂଳ ଉଦ୍ଦେଶ୍ୟ ହେଉଛି, ଏକ ସୁସ୍ଥ ପରିବେଶ ପାଇଁ ପ୍ରକୃତିର ସୁରକ୍ଷା ଏବଂ ଜୈବ ବିବିଧତା ବିଷୟରେ ସଚେତନତା ସୃଷ୍ଟି କରିବା ଯାହା ମାନବ ଜାତିର ସମୃଦ୍ଧି ପାଇଁ ଜରୁରି। ଜୀବନ ଧାରଣ ପାଇଁ ଆବଶ୍ୟକୀୟ ସାଧାରଣ ସାମଗ୍ରୀ ଯଥା ଜଳ, ବାୟୁ, ମୃତ୍ତିକା, ଖଣିଜ ଦ୍ରବ୍ୟ, ଗଛ, ପଶୁପକ୍ଷୀ ଓ ଖାଦ୍ୟ ଆଦି ଯୋଗାଇଛି ଧରିତ୍ରୀ ମାତା। ହେଲେ କ୍ରମଶଃ ମନୁଷ୍ୟର ଆବଶ୍ୟକତା ପୂରଣ କରିବାକୁ ଯାଇ ଆରମ୍ଭ ହୋଇଥିବା ଔଦ୍ୟୋଗିକ ବିକାଶ ଓ ଆହୁରି ଅନେକ ମାନବିକ କାର୍ଯ୍ୟକଳାପ ପ୍ରକୃତିକୁ ନଷ୍ଟ କରିଦେଇଛି। ମଣିଷ ଯାହା ବି କରୁ ନା କାହିଁକି ସେ ଏହା ଭୁଲିବା କଥା ନୁହେଁ କି ଏହାର ପ୍ରତ୍ୟେକ କ୍ରିୟାର ପ୍ରଭାବ ପ୍ରକୃତି ଉପରେ ପଡିଥାଏ। ଏସବୁକୁ ନଜରରେ ରଖି ପ୍ରକୃତିର ସଂରକ୍ଷଣ ଏକାନ୍ତ ଆବଶ୍ୟକ। ଅନ୍ୟପକ୍ଷରେ ପ୍ରକୃତିର ଅସନ୍ତୁଳନ ଯୋଗୁଁ ବର୍ତ୍ତମାନ ଗ୍ଲୋବାଲ ୱାର୍ମିଂ, ବିଭିନ୍ନ ଅଜଣା ରୋଗ, ପ୍ରାକୃତିକ ବିପର୍ଯ୍ୟୟ ଓ ବର୍ଦ୍ଧିତ ତାପମାତ୍ରା ଆଦି ସାଧାରଣ ଘଟଣାରେ ପରିଣତ ହୋଇଛି। ତେଣୁ ଆଗାମୀ ପିଢ଼ି ପାଇଁ ସୁରକ୍ଷିତ ପରିବେଶ ଗଢ଼ିବାକୁ ହେଲେ ପ୍ରକୃତିକୁ ସୁରକ୍ଷା ଦେବା ଏକାନ୍ତ ଆବଶ୍ୟକ। ସୁସ୍ଥ ଓ ସ୍ଥିର ପରିବେଶ ହିଁ ଏକ ସୁସ୍ଥ ସମାଜର ମୂଳଦୁଆ। ପରିବେଶ ବଞ୍ଚିଲେ ଜୀବନ ତିଷ୍ଠି ରହିବ। ଏଣୁ ମାନବଜାତିକୁ ପୃଥିବୀ ଓ ଏହାର ସମ୍ବଳର ଉପଯୁକ୍ତ ସଂରକ୍ଷଣ କରିବା ଦରକାର। ଜାଣତରେ ହେଉ ଅବା ଅଜାଣତରେ, ମଣିଷ ପ୍ରକୃତିକୁ ଦେଉଥିବା କଷ୍ଟକୁ ଅନୁତାପ କରିବାର ଆଜି ଦିନଟିଏ। ତେବେ କେବଳ ଯେ, ଏଥିପାଇଁ ପଶ୍ଚାତାପ କଲେ ହେବନି, ପ୍ରକୃତିର ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା ଦିଗରେ ଠୋସ୍ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ। ବର୍ତ୍ତମାନ ପ୍ରଯୁକ୍ତି ବିଦ୍ୟାର ଦ୍ରୁତ ବିକାଶ ସାଙ୍ଗକୁ ଜଳବାୟୁ ପରିବର୍ତ୍ତନ, ପରିବେଶ ପ୍ରଦୂଷଣ, ବଢ଼ୁଥିବା ତାପମାତ୍ରା ଏବଂ ମୃତ୍ତିକା କ୍ଷୟ ଆଦି ଯୋଗୁଁ ପ୍ରାକୃତିକ ପରିବେଶ ବହୁମାତ୍ରାରେ ପ୍ରଭାବିତ ହେଉଛି। ଏଣୁ ପୃଥିବୀ ସମେତ ପାଣି, ପବନ, ଖଣିଜ ପଦାର୍ଥ ଆଦିର ସୁବିନିଯୋଗ କରିବା ଦିଗରେ ସମସ୍ତଙ୍କୁ ସଚେତନ ରହିବା ଆବଶ୍ୟକ। ଏହିଦିନ ବୃକ୍ଷରୋପଣ, ଜଳ ଓ ବିଜୁଳି ଅପଚୟ କମ୍ କରିବା ଲାଗି ମଧ୍ୟ ବାର୍ତ୍ତା ଦିଆଯାଏ।

## ବିଶ୍ୱ ହେପାଟାଇଟିସ୍ ଦିବସ



ହେପାଟାଇଟିସ୍ ଏବଂ ଯକୃତ ସମ୍ବନ୍ଧୀୟ ରୋଗକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଜୁଲାଇ ୨୮ ତାରିଖକୁ 'ବିଶ୍ୱ ହେପାଟାଇଟିସ୍ ଦିବସ' ଭାବେ ପାଳନ କରାଯାଏ। ହେପାଟାଇଟିସ୍ ଯକୃତ ସହିତ ଜଡ଼ିତ ଏକ ଗୁରୁତର ରୋଗ। ଏହି ଦିବସ ଭୂତାଣୁ ଜନିତ ହେପାଟାଇଟିସ୍ ଏବଂ ଏହାର ବିଭିନ୍ନ ଜଟିଳତା ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପାଳନ କରାଯାଇଥାଏ। ହେପାଟାଇଟିସ୍ ଏମିତି ଏକ ସଂକ୍ରାମକ ରୋଗ ଯାହା ଆମ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯକୃତ ପ୍ରତି ବିପଦ ସୃଷ୍ଟି କରିଥାଏ। ହେପାଟାଇଟିସ୍ ସାଧାରଣତଃ ୫ ପ୍ରକାରର- ହେପାଟାଇଟିସ୍ ଏ, ବି, ସି, ଡି ଏବଂ ଇ। ତେବେ ହେପାଟାଇଟିସ୍ ବି ଓ ସି ସବୁଠୁ ବିପଜ୍ଜନକ। ଏ ଦୁଇ ହେପାଟାଇଟିସ୍ ଭାଇରସ୍ ଯକୃତକୁ ଗୁରୁତର ଭାବେ ପ୍ରଭାବିତ କରିଥାନ୍ତି। ୨୦୩୦ ସୁଦ୍ଧା ଜନସ୍ୱାସ୍ଥ୍ୟ ବିପଦ ଭାବରେ ଭାଇରାଲ ହେପାଟାଇଟିସ୍‌କୁ ଦୂର କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସମସ୍ତ ଦେଶକୁ ମିଳିତ ଭାବରେ କାର୍ଯ୍ୟ କରିବାକୁ ଆହ୍ୱାନ କରୁଛି। ବିଶ୍ୱ ହେପାଟାଇଟିସ୍ ଆଲାଏନ୍ସ ଅନୁସାରେ, ୯୦ ପ୍ରତିଶତ ହେପାଟାଇଟିସ୍ ବି ଓ ୮୦ ପ୍ରତିଶତ ଲୋକ ହେପାଟାଇଟିସ୍ ସି ଦ୍ୱାରା ସଂକ୍ରମିତ ହେଉଥିଲେ ମଧ୍ୟ ସେମାନେ ଯେ ରୋଗରେ ପୀଡ଼ିତ, ତାହା ଜାଣିପାରନ୍ତି ନାହିଁ। ତେଣୁ ସେମାନଙ୍କ ପାଇଁ ହେପାଟାଇଟିସ୍ ପରବର୍ତ୍ତୀ ପର୍ଯ୍ୟାୟରେ ମାରାତ୍ମକ ହୋଇଥାଏ। କେହି କେହି ଯକୃତ କ୍ୟାନସର୍‌ରେ ବି ପୀଡ଼ିତ ହେବାର ଆଶଙ୍କା ରହିଥାଏ। ଏହି ରୋଗର ଲକ୍ଷଣ ଚିହ୍ନିବା କଷ୍ଟକର ହୋଇଥାଏ। ଜ୍ୱର, ଥକାପଣ, ପେଟ ଯନ୍ତ୍ରଣାରୁ ଏହି ରୋଗ ଆରମ୍ଭ ହୁଏ। ଧୀରେ ଧୀରେ ଏହାର ଲକ୍ଷଣ ବୃଦ୍ଧି ପାଇଥାଏ। ଏଥିରେ, ବ୍ୟକ୍ତିର ଚର୍ମ ଏବଂ ଆଖି ହଳଦିଆ ପଡ଼ିଯାଏ। ଓଜନ ହ୍ରାସ ଘଟେ। ହେପାଟାଇଟିସ୍ ବି ଏବଂ ସି ହେଲେ ଏହି ଲକ୍ଷଣଗୁଡ଼ିକ ପ୍ରାୟତଃ ଦେଖାଯାଏ। ହେପାଟାଇଟିସ୍‌କୁ ପ୍ରତିହତ କରିବା ପାଇଁ ଟିକା ହେଉଛି ସବୁଠାରୁ ପ୍ରଭାବଶାଳୀ ଅସ୍ତ୍ର। ଏହାବାଦ୍ ସୁସ୍ଥ ଖାଦ୍ୟ ଗ୍ରହଣ କରି ହେପାଟାଇଟିସ୍‌ରୁ ନିଜକୁ ରକ୍ଷା କରିହେବ। ଏହାସହ ମସଲାଯୁକ୍ତ, ଅଧିକ ଫ୍ରାଏଡ୍ ଏବଂ ଅପରିଷ୍କାର ଖାଦ୍ୟ ଖାଇବାଠାରୁ ଦୂରେଇ ରହିବା ଆବଶ୍ୟକ। ଯଦି ହେପାଟାଇଟିସ୍‌ର ଲକ୍ଷଣ ଦୃଶ୍ୟମାନ ହୁଏ, ତେବେ ଏହାକୁ ଅଣଦେଖା କରିବା ଅନୁଚିତ। ଲକ୍ଷଣ ଦେଖିବା ପରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି। ସଚେତନତା ହିଁ ଏହି ରୋଗକୁ ଦୂରେଇ ଦିଆଯାଇ ପାରିବ।

## 'ରାମାୟଣ'ରେ ମରାଠୀ ଅଭିନେତାଙ୍କ ଏଣ୍ଟ୍ରି



ନୀତେଶ ତିୱାରୀଙ୍କ 'ରାମାୟଣ' ର ରିଲିଜ୍‌କୁ ଏବେ ସାରା ଦେଶ ଅପେକ୍ଷା କରିଛି। ଏଥିରେ ରଣବୀର କପୁର, ସାଇପଲ୍ଲବୀ, ଯଶ୍ ଲିଡ୍ ରୋଲରେ ନଜର ଆସିବେ। ଟେଲିଭିଜନ ଜଗତର ଲୋକପ୍ରିୟ ଅଭିନେତା ରବି ଦୁବେ ଏଥିରେ ଲକ୍ଷ୍ମଣ ଭୂମିକାରେ ଦେଖାଯିବେ। ନିକଟରେ ଫିଲ୍ମ ସେଟ୍‌ରୁ ଏକ ଫଟୋ ଭାଇରାଲ ହୋଇଥିଲା। ଏଥିରୁ ଜଣାପଡ଼ୁଛି ଏହାର ପ୍ରଥମ ଭାଗର ସୁଟିଂ ଶେଷ ହୋଇଯାଇଛି। ଏହି ଫିଲ୍ମ ଦୁଇଟି ପାର୍ଟରେ ରିଲିଜ୍ ହେବ। ଅନେକ ଦିନରୁ ଏଥିରେ କିଏ ଭରତ ଭୂମିକାରେ ନଜର ଆସିବେ ସେନେଇ କଳ୍ପନାଜଳ୍ପନା ଲାଗି ରହିଥିଲା। ଏଥିରେ ମରାଠୀ ଫିଲ୍ମ ଅଭିନେତା ଆଦିନାଥ କୋଠାରେ ଭରତ ଭୂମିକାରେ ଦେଖାଯିବେ ବୋଲି ଫାଇନାଲ ହୋଇଯାଇଛି। ନିକଟରେ ଆଦିନାଥ ଏକ ସାକ୍ଷାତକାରରେ ଏକଥା କହିଛନ୍ତି। ଆଦିନାଥ କହିଥିଲେ ଯେ, 'ଏହା ମୋ ପାଇଁ ଏକ ଆଶୀର୍ବାଦ। ଏହା ଭାରତରେ ନିର୍ମାଣ କରାଯାଉଥିବା ସବୁଠୁ ବଡ଼ ଫିଲ୍ମ। ଏଥିପାଇଁ ମୁଁ ମୁକେଶ ଛାବରା ସାର୍‌ଙ୍କ ନିକଟରେ ଋଣୀ। ସେ ମୋତେ କାଷ୍ଟ କରିଛନ୍ତି ଓ ନୀତେଶ ସାର୍ ମୋତେ ଭରତ ଭୂମିକା ପାଇଁ ବାଛିଛନ୍ତି। ମୋ ଉପରେ ବିଶ୍ୱାସ କରି ଏଭଳି ଏକ ଚରିତ୍ରର ଗୁରୁଦାୟିତ୍ୱ ନମିତ ମଲହୋତ୍ରା ସାର୍ ଦେଇଥିବାରୁ ମୁଁ ମଧ୍ୟ ତାଙ୍କ ନିକଟରେ ଋଣୀ।' ଏଠାରେ ପ୍ରକାଶ ଥାଉ କି, ଆଦିନାଥ ଜଣେ ଆଗଧାଡ଼ିର ମରାଠୀ ଫିଲ୍ମ ନିର୍ମାତା ଓ ଅଭିନେତା। ସେ ରଣବୀର ସିଂହଙ୍କ ଫିଲ୍ମ '୮୩' ଜରିଆରେ ବଲିଉଡ୍‌ରେ ପାଦ ରଖିଥିଲେ।

## ମହାଦେବଙ୍କ ପ୍ରିୟ ରାଶି

ଶ୍ରାବଣ ମାସରେ ଭଗବାନ ଶିବଙ୍କୁ ପୂଜାର୍ଚ୍ଚନା କରିବାର ବିଶେଷ ମହତ୍ତ୍ୱ ଅଛି। ମହାଦେବଙ୍କ ଉପାସନା କରିବା ଦ୍ୱାରା ଜୀବନର ସମସ୍ତ ସମସ୍ୟା ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେହିପରି କିଛି ରାଶି ଏଭଳି ଅଛି, ଯାହାକି ମହାଦେବଙ୍କ ପ୍ରିୟ ହୋଇଥିବା ବେଳେ ସେମାନଙ୍କ ଉପରେ ଶିବଙ୍କ ବିଶେଷ କୃପାପ୍ରାପ୍ତି ଥାଏ ବୋଲି କୁହାଯାଏ।



**ମେଷ:** ଏହି ରାଶି ବ୍ୟକ୍ତିଙ୍କ ଉପରେ କୌଣସି ସମସ୍ୟା ଆସିଲେ, ଦେବ ଦେବ ମହାଦେବଙ୍କ ଆରାଧନା କରିବା ଆବଶ୍ୟକ। ମେଷ ରାଶି ବ୍ୟକ୍ତିବିଶେଷଙ୍କୁ ଶ୍ରାବଣ ମାସରେ ସବୁଦିନ ଶିବଲିଙ୍ଗ ଉପରେ ଜଳଲାଗି କରିବା ଉଚିତ।

**ମକର:** ମକର ମଧ୍ୟ ଶିବଙ୍କ ପ୍ରିୟ ରାଶି। ଶ୍ରାବଣ ମାସରେ ଏହି ରାଶିର ଲୋକେ ଭଗବାନ ଶିବଙ୍କୁ ପ୍ରସନ୍ନ କରିବା ପାଇଁ ଶିବଲିଙ୍ଗ ଉପରେ ଜଳ ଏବଂ ଶମି ପତ୍ର ଚଢ଼ାଇବା ଶୁଭଙ୍କର। ଏହାସହ ଶିବ ଚାଳିଶା ମଧ୍ୟ ପାଠ କରିବା ଉଚିତ।

**କୁମ୍ଭ:** ଏହି ରାଶି ଉପରେ ମଧ୍ୟ ଶିବଙ୍କ କୃପା ସଦା ବଜାୟ ରହେ ବୋଲି କୁହାଯାଏ। ଏହି ରାଶିର ସ୍ୱାମୀ ଶନି ଦେବ ହୋଇଥିବାରୁ ଏହା ଶିବଙ୍କ ପ୍ରିୟ ରାଶି। ଶ୍ରାବଣ ମାସରେ ଭଗବାନ ଶିବଙ୍କ ରୁଦ୍ରାଭିଷେକ କରିବା ସହ ଶିବଲିଙ୍ଗରେ ଆଖୁ ରସ ଚଢ଼ାଇବା ଶୁଭ।

**ମୀନ:** ମୀନ ରାଶି ଲୋକଙ୍କ ମଧ୍ୟରେ ଦିବ୍ୟ ଚେତନା ଗୁଣ ଅଛି। ଏହି କାରଣ ଯୋଗୁଁ ଉକ୍ତ ରାଶି ଲୋକଙ୍କ ଉପରେ ମହାଦେବଙ୍କ ବିଶେଷ କୃପା ପ୍ରାପ୍ତି ଥାଏ। ଶ୍ରାବଣ ମାସରେ ମୀନ ରାଶିର ବ୍ୟକ୍ତିମାନେ ଶିବଙ୍କ ବିଶେଷ ପୂଜାର୍ଚ୍ଚନା କରିବା ଉଚିତ। ଏହାଦ୍ୱାରା ଜୀବନରେ କୌଣସି ସମସ୍ୟା ସାମ୍ନା କରିବାକୁ ପଡ଼ି ନ ଥାଏ।

# ସ୍ୱସ୍ତି

## ଶ୍ରାବଣରେ ରୁଦ୍ରାଭିଷେକ



ଭଗବାନ ଶିବଙ୍କୁ ପ୍ରସନ୍ନ କରିବାର ସବୁଠୁ ପ୍ରଭାବୀ ଉପାୟ ହେଉଛି ରୁଦ୍ରାଭିଷେକ। ତେବେ ଶ୍ରାବଣ ମାସରେ ରୁଦ୍ରାଭିଷେକ କରିବାର ମାହାତ୍ମ୍ୟ ଅଧିକ। ଧାର୍ମିକ ମାନ୍ୟତାନୁସାରେ, ଜୀବନରେ କୌଣସି କଷ୍ଟ କିମ୍ବା ମନୋକାମନା ଥିଲେ, ଶ୍ରାବଣମାସରେ ରୁଦ୍ରାଭିଷେକ କରିବା ଦରକାର। ରୁଦ୍ରାଭିଷେକ ଦ୍ୱାରା ରୋଗ ମଧ୍ୟ ଦୂର ହୁଏ। କୁହାଯାଏ, ରୁଦ୍ରାଭିଷେକରେ ପ୍ରସନ୍ନ ହୋଇ ମହାଦେବ ଭକ୍ତଙ୍କ ସମସ୍ତ ମନୋବାଞ୍ଛା ପୂରଣ କରନ୍ତି। ଶ୍ରାବଣମାସର ଯେକୌଣସି ଦିନରେ ରୁଦ୍ରାଭିଷେକ କରିବା ଅତ୍ୟନ୍ତ ଶୁଭ ହୋଇଥାଏ। ତେବେ ଶ୍ରାବଣ ଶିବରାତ୍ରୀ, ଶ୍ରାବଣ ସୋମବାରରେ ରୁଦ୍ରାଭିଷେକ କଲେ ଅନେକ ପରିବର୍ତ୍ତନ ଜୀବନରେ ଦେଖିବାକୁ ମିଳିଥାଏ। ରୁଦ୍ରାଭିଷେକ ଦ୍ୱାରା ରାହୁ, କେତୁ, ଶନି ଗ୍ରହ ଶାନ୍ତ ହୋଇଥାନ୍ତି। ଏହାଦ୍ୱାରା କାଳସର୍ପ ଦୋଷରୁ ମଧ୍ୟ ମୁକ୍ତି ମିଳିଥାଏ।

## ଘରେ କଳା ରଙ୍ଗ ଟାଇଲ ଲଗାଉଥିଲେ...

ବାସ୍ତୁଶାସ୍ତ୍ର ଅନୁସାରେ, ଘରେ ଟାଇଲ ଲଗାଇବା ସମୟରେ ଏହାର ରଙ୍ଗ ଉପରେ ବିଶେଷ ଧ୍ୟାନ ଦେବା ଆବଶ୍ୟକ। ଭୁଲ୍ ରଙ୍ଗର ଟାଇଲ୍ ଜୀବନରେ ସମସ୍ୟା ସୃଷ୍ଟି କରିପାରେ। ତେଣୁ ଘରେ କେଉଁ ରଙ୍ଗ ଟାଇଲ୍ ଲଗାଇବା ଅନୁଚିତ, ସେ ସମ୍ପର୍କରେ ଜାଣିବା।



- ଘରେ କଳା ରଙ୍ଗ ଟାଇଲ୍ ଆଦୌ ବ୍ୟବହାର କରନ୍ତୁ ନାହିଁ। କଳା ରଙ୍ଗ ନକାରାତ୍ମକର ପ୍ରତୀକ। ଏହାଦ୍ୱାରା ଘରେ ନକାରାତ୍ମକ ଶକ୍ତି ଅଧିକ ରହେ।
- ଯେଉଁ ଘରେ କଳା ରଙ୍ଗ ଟାଇଲ୍ ଉପଯୋଗ କରାଯାଏ, ସେଠାରେ ରାହୁର ପ୍ରଭାବ ଅଧିକ ରହେ। ରାହୁ କ୍ରୁର ଗ୍ରହ ହୋଇଥିବାରୁ ଜୀବନରେ ବିଭିନ୍ନ ଅସୁବିଧା ସାମ୍ନା କରିବାକୁ ପଡ଼େ।
- କଳା ରଙ୍ଗ ଟାଇଲ୍ ବ୍ୟବହାର ଦ୍ୱାରା ରାହୁ ଗ୍ରହ ସକ୍ରିୟ ହୁଏ। ଫଳରେ ପରିବାର ସଦସ୍ୟଙ୍କ ଚିନ୍ତାଧାରାକୁ ପ୍ରଭାବିତ କରିଥାଏ।
- ଯେଉଁ ଘରେ ରାହୁଙ୍କ ପ୍ରଭାବ ଅଧିକ ଥାଏ, ପ୍ରେମ ଜୀବନ ସୁଖମୟ ହୋଇ ନ ଥାଏ। ଛୋଟ ଛୋଟ କଥାରେ ବିବାଦ ଦେଖା ଦିଏ।
- ଘରେ ସବୁବେଳେ ଧଳା, ଗୋଲାପି, ଆକାଶୀ ରଙ୍ଗ ଟାଇଲ ଲଗାଇବା ଉଚିତ। ଏହି ରଙ୍ଗ ଘରର ବାସ୍ତୁ ଉପରେ ସକାରାତ୍ମକ ପ୍ରଭାବ ପକାଏ। ତା'ସହ ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଏ।

## ସ୍ୱପ୍ନ ସୂଚାଏ ଧନହାନି

ସ୍ୱପ୍ନ ସମସ୍ତେ ଦେଖନ୍ତି। କିଛି ସ୍ୱପ୍ନ ଉତ୍ତମ ଭବିଷ୍ୟତକୁ ଇଙ୍ଗିତ କରୁଥିବା ବେଳେ ଆଉ କିଛି ଅସୁବିଧାକୁ ଦର୍ଶାଏ। ସେହିପରି ସ୍ୱପ୍ନ ଜ୍ୟୋତିଷ ଅନୁସାରେ କିଛି ସ୍ୱପ୍ନ ଧନ ହାନି ଦିଗକୁ ମଧ୍ୟ ସୂଚାଏ।

- ସ୍ୱପ୍ନରେ ନିଜେ ନିଜ ଆସବାବପତ୍ରକୁ ଭଙ୍ଗାଭଙ୍ଗି କରୁଥିବା ଦେଖିଲେ, ଶୀଘ୍ର ଆର୍ଥିକ ସଙ୍କଟ ଦିଗକୁ ଇଙ୍ଗିତ କରେ।
- ନିଜକୁ ଦେବାଳିଆ ଘୋଷଣା କରୁଥିବା ସ୍ୱପ୍ନ ଦେଖିଲେ ବ୍ୟବସାୟ ବାଧପ୍ରାପ୍ତ ହୁଏ।
- ସ୍ୱପ୍ନରେ ପେଚା ଦେଖିବାର ଅର୍ଥ ଧନହାନି ହେବା। ଏହାବାଦ୍ ଅନ୍ୟାନ୍ୟ କଷ୍ଟକୁ ବି ସାମ୍ନା କରିବାକୁ ପଡ଼ିଥାଏ।
- କୌଣସି ଧନୀ ବ୍ୟକ୍ତି ସ୍ୱପ୍ନରେ ପକ୍ଷୀ କ୍ରନ୍ଦନ କରୁଥିବା ଦେଖିଲେ, ଏଥିରୁ ଶୀଘ୍ର ଅର୍ଥ ସଙ୍କଟ ଦେଖାଦେବାର ସୂଚନା ମିଳେ। ଏହା ଦ୍ୱାରା ଧନ, ବୈଭବ, ଐଶ୍ୱର୍ଯ୍ୟ ଆଦି ସବୁ ନଷ୍ଟ ହୋଇଥାଏ।






ଗିଲ୍‌ଙ୍କ ରେକର୍ଡ | ଷ୍ଟୋକ୍ସ ଶ୍ରେଷ୍ଠ ଖେଳାଳି | ୩୧ରୁ ନିର୍ଣ୍ଣାୟକ ଟେଷ୍ଟ

# ଶତକ ମାରି ମ୍ୟାଚ୍ ଡ୍ର କଲେ ସୁନ୍ଦର-ଜାଡେଜା

ଓଲ୍ଡ ଟ୍ରାଫୋର୍ଡ, ୨୭।୭ (ଏଜେନ୍ସି)



ଅଧିନାୟକ ଶୁବମନ ଗିଲ୍ (୧୦୩)ଙ୍କ ୯ମ, ରବୀନ୍ଦ୍ର ଜାଡେଜା (୧୦୭*)ଙ୍କ ୫ମ, ୱାଶିଂଟନ ସୁନ୍ଦର (୧୦୧*)ଙ୍କ ଶତକ ଓ ଲୋକେଶ ରାହୁଲଙ୍କ ୯୦ ରନ୍ ସହାୟତାରେ ଇଂଲଣ୍ଡ ସହ ଏଠାରେ ଶେଷ ହୋଇଥିବା ଚତୁର୍ଥ ଟେଷ୍ଟକୁ ଭାରତ ଡ୍ର ରଖିବାରେ ସମର୍ଥ ହୋଇଛି। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ୩୧୧ ରନ୍‌ରେ ପଛୁଆ ଥିବା ଭାରତ ମ୍ୟାଚ୍‌ର ୫ମ ତଥା ଶେଷ ଦିନ ଖେଳ ଶେଷ ବେଳକୁ ୪ ୱିକେଟ ହରାଇ ୪୨୫ ରନ୍ କରିବା ଫଳରେ ଏହି ମ୍ୟାଚ୍‌ର ଫଳାଫଳ ନିର୍ଣ୍ଣିତ ହୋଇପାରି ନାହିଁ। ଏହି ମ୍ୟାଚ୍‌ରେ ୧୪୧ ରନ୍ କରିବା ସହ ୬ଟି ୱିକେଟ ନେଇଥିବା ଇଂଲଣ୍ଡର ଅଧିନାୟକ ବେନ୍ ଷ୍ଟୋକ୍ସଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଚତୁର୍ଥ ଟେଷ୍ଟ ଡ୍ର ରହିବା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ପୂର୍ବପରି ୨-୧ରେ ଅଗ୍ରଣୀ ରହିଛି। ସିରିଜ୍‌ର ୫ମ ତଥା ନିର୍ଣ୍ଣାୟକ ମ୍ୟାଚ୍ ଲଣ୍ଡନର କେନିଙ୍ଗଟନ ଓଭାଲରେ ଜୁଲାଇ ୩୧ରୁ ଆରମ୍ଭ ହେବ।


ଏହି ମ୍ୟାଚ୍‌ରେ ଭାରତ ପ୍ରଥମ ଇନିଂସରେ ୩୫୮ ରନ୍ କରିଥିଲା। ଜବାବରେ ଭାରତୀୟ ବୋଲିଂ ନିଷ୍ପ୍ରଭ ହେବା ଫଳରେ ଇଂଲଣ୍ଡ ପ୍ରଥମ ଇନିଂସରେ ୬୬୯ ରନ୍‌ର ରେକର୍ଡ ସ୍କୋର କରିଥିଲା। ଫଳରେ ୩୧୧ ରନ୍‌ରେ ପ୍ରଥମ ଇନିଂସ ପଛୁଆ ରହିଥିବା ଭାରତ ୫ଟି ସେସନରେ ମ୍ୟାଚ୍ ବଞ୍ଚାଇବା ନେଇ ଆଶଙ୍କା ପ୍ରକାଶ ପାଇଥିଲା। ଭାରତ ଦ୍ୱିତୀୟ ଇନିଂସ ଆରମ୍ଭ କରି କ୍ରିସ୍ ଓକ୍ସ ବୋଲିଂ କରିଥିବା ପ୍ରଥମ ଓଭରରେ ଦୁଇ ୱିକେଟ ହରାଇବା ଫଳରେ ଏହି ଆଶଙ୍କା ଅଧିକ ଦୃଢ଼ୀଭୂତ ହୋଇଥିଲା। କିନ୍ତୁ ଭାରତୀୟ ଖେଳାଳି ଅନ୍ୟ ଯୋଜନା ନେଇ ଖେଳିଥିଲେ। ପ୍ରଥମେ ତୃତୀୟ ୱିକେଟ ଯୋଡିରେ ଲୋକେଶ ରାହୁଲ ଓ ଶୁବମନ ଗିଲ୍ ୪୨୧ ବଲ୍‌ରେ ୧୮୮ ଏବଂ ପରେ ପଞ୍ଚମ ୱିକେଟରେ ୱାଶିଂଟନ ସୁନ୍ଦର ଓ ରବୀନ୍ଦ୍ର ଜାଡେଜା ଆଉଟ ନ ହୋଇ ୩୩୪ ବଲ୍‌ରୁ ୨୦୩ ରନ୍ କରିବା ଫଳରେ ଭାରତ ମ୍ୟାଚ୍‌କୁ ଡ୍ର କରିବାରେ ସମର୍ଥ ହୋଇଥିଲା। ଏଭଳି ଫ୍ଲାଟ୍ ପିଚ୍‌ରେ ଯଦି ଇଂଲଣ୍ଡ ୬ଶହରୁ ଅଧିକ ରନ୍ କରିପାରିଲା, ତେବେ ଆମେ ମଧ ଏହା ପାରିବୁ ବୋଲି ସାଥି ଖେଳାଳିଙ୍କୁ ଗିଲ କହିବା ଫଳରେ ମ୍ୟାଚ୍‌ରେ ରୋମାଞ୍ଚ ବଢ଼ିଥିଲା। ଭାରତୀୟ ଟିମ୍ ଏହାକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି ସଫଳ ହୋଇଥିଲା। ଭାରତ ପକ୍ଷରୁ ଗିଲ ଚଳିତ ଟେଷ୍ଟ ସିରିଜ୍‌ରେ ଚତୁର୍ଥ ଟେଷ୍ଟ ଶତକ ହାସଲ କରିଥିଲେ। ସେ ୨୩୮ ବଲ୍‌ରୁ ୧୨ ଚୌକା ସହ ୧୦୩ ଓ ରାହୁଲ ୨୩୦ ବଲ୍‌ରୁ ୮ ଚୌକା ସହ ୯୦ ରନ୍ କରିଥିଲେ। ଗିଲ୍ ଚଳିତ ସିରିଜ୍‌ରେ ୭୨୨ ରନ୍ କରିବା ସହ ଅନେକ ରେକର୍ଡ ଭାଙ୍ଗିଛନ୍ତି। ଏମାନଙ୍କ ଆଉଟ ପରେ ସୁନ୍ଦର ଓ ଜାଡେଜା ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରି ଇଂଲଣ୍ଡ ବୋଲରଙ୍କୁ ନିଷ୍ପ୍ରଭ କରିଦେଇଥିଲେ। ଜାଡେଜା ଏଠାରେ ୫ମ ଶତକ ହାସଲ କରିଥିଲେ। ନଂ-୬ରେ ବ୍ୟାଟିଂ କରି ଶତକ ହାସଲ କରିବାରେ ଜାଡେଜା ପ୍ରଥମ ଭାରତୀୟ ଖେଳାଳି ହୋଇଛନ୍ତି। ଅନ୍ୟ ପକ୍ଷରେ ସୁନ୍ଦରଙ୍କ ଟେଷ୍ଟ କ୍ରିକେଟରେ ଏହା ପ୍ରଥମ ଶତକ। ଉଭୟ ଖେଳାଳି ଶତକ ହାସଲ କରିବା ନିକଟରେ ପହଞ୍ଚିବା ପରେ ଇଂଲଣ୍ଡ ଅଧିନାୟକ ଷ୍ଟୋକ୍ସ ମ୍ୟାଚ୍‌କୁ ଡ୍ର ରଖିବା ଲାଗି ପ୍ରସ୍ତାବ ଦେଇଥିଲେ। କିନ୍ତୁ ଭାରତୀୟ ଖେଳାଳିମାନେ ଏହାକୁ ଅଗ୍ରାହ୍ୟ କରିବା ସହ ଶତକ ହାସଲ କରିଥିଲେ। ଏହା ଫଳରେ ଚଳିତ ସିରିଜ୍‌ରେ ପ୍ରଥମ ୪ଟି ଟେଷ୍ଟରୁ ଭାରତୀୟ ଖେଳାଳିମାନେ ୧୧ଟି ଶତକ ହାସଲ କରିଛନ୍ତି ଓ ୭ମଥର ୩୫୦ରୁ ଉଦ୍ଧ୍ୱର୍ ରନ୍ କରିବାରେ ସମର୍ଥ ହୋଇଛନ୍ତି।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ**: ୩୫୮ (ସୁଦର୍ଶନ-୬୧, ଜୟସ୍ୱାଲ-୫୮, ପନ୍ତ-୫୪, ଷ୍ଟୋକ୍ସ-୫/୭୨, ଆର୍ଚର-୩/୭୩)।
**ଇଂଲଣ୍ଡ ପ୍ରଥମ ଇନିଂସ**: ୬୬୯ (ଜୋ ରୁଟ୍-୧୫୦, ବେନ୍ ଷ୍ଟୋକ୍ସ-୧୪୧, ଜାଡେଜା-୪/୧୪୩, ସୁନ୍ଦର-୨/୧୦୭, ବୁମ୍‌ରା-୨/୧୧୨)।
**ଭାରତ ଦ୍ୱିତୀୟ ଇନିଂସ**: ୪୨୫/୪, ୧୪୩ ଓଭର (ୱାଶିଂଟନ ସୁନ୍ଦର-୧୦୧*, ରବୀନ୍ଦ୍ର ଜାଡେଜା-୧୦୭*, ଶୁବମନ ଗିଲ-୧୦୩, ରାହୁଲ-୯୦, କ୍ରିସ୍ ଓକ୍ସ-୨/୬୭, ବେନ୍ ଷ୍ଟୋକ୍ସ-୧/୩୩, ଆର୍ଚର-୧/୭୮)।

## ରେକର୍ଡ କଲେ ଗିଲ୍; ନେତୃତ୍ୱ ପଦାପର୍ଣରେ ସର୍ବାଧିକ ଶତକ

ଓଲ୍ଡ ଟ୍ରାଫୋର୍ଡ,୨୭।୭ (ଏଜେନ୍ସି): ଇଂଲଣ୍ଡ ବିପକ୍ଷରେ ପ୍ରଥମଥର ନେତୃତ୍ୱ ନେଇଥିବା ଭାରତୀୟ ଅଧିନାୟକ ଶୁବମନ ଗିଲ୍ ପଦାର୍ପଣ ଟେଷ୍ଟ ସିରିଜ୍‌ରେ ଚତୁର୍ଥ ଶତକ ହାସଲ କରିଛନ୍ତି। ଏହା ଫଳରେ ଟେଷ୍ଟ ନେତୃତ୍ୱ ପଦାର୍ପଣରେ ସର୍ବାଧିକ ଶତକ ହାସଲ କରିବାରେ ବିଶ୍ୱରେ ପ୍ରଥମ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ଅଷ୍ଟ୍ରେଲିଆର ୪ଜଣ ଅଧିନାୟକ ୱାରୱିକ୍ ଆର୍ମଷ୍ଟ୍ରଙ୍ଗ୍, ଡନ୍ ବ୍ରାଡ୍‌ମ୍ୟାନ୍, ଗ୍ରେଗ୍ ଚାପେଲ ଓ ଷ୍ଟିଭେନ ସ୍ମିଥ୍, ଭାରତର ବିରାଟ କୋହଲି ସେମାନଙ୍କ ନେତୃତ୍ୱ ପଦାର୍ପଣରେ ୩ଟି ଲେଖାଏଁ ଶତକ ହାସଲ କରିଥିଲେ। ଅଧିନାୟକ ଭାବେ ଗୋଟିଏ ଟେଷ୍ଟ ସିରିଜ୍‌ରେ ୪ଟି ଲେଖାଏଁ ଶତକ ହାସଲ କରିବାରେ ସେ ଅଷ୍ଟ୍ରେଲିଆର ଡନ୍ ବ୍ରାଡମ୍ୟାନ୍ (ବନାମ ଭାରତ) ଓ ଭାରତର ସୁନୀଲ ଗାଭାସ୍କର (ବନାମ ୱେଷ୍ଟଇଣ୍ଡିଜ୍)ଙ୍କ ସହ ସମକକ୍ଷ ହୋଇଛନ୍ତି। ଗୋଟିଏ ଟେଷ୍ଟ ସିରିଜ୍‌ରେ ୪ଟି ଶତକ ହାସଲ କରିବାରେ ସୁନୀଲ ଗାଭାସ୍କର (୨ଥର) ଓ ବିରାଟ କୋହଲିଙ୍କ ପରେ ତୃତୀୟ ଖେଳାଳି।



ଓଲ୍ଡ ଟ୍ରାଫୋର୍ଡରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟରେ ସେ ୧୦୩ ରନ୍ କରିବା ଫଳରେ ଏହି ସିରିଜ୍‌ରେ ଗୋଟିଏ ଟେଷ୍ଟ ବାକିଥାଇ ୭୨୨ ରନ୍‌ରେ ପହଞ୍ଚି ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହା ମଧ୍ୟରେ ଗୋଟିଏ ଦ୍ୱିଶତକ ସହ ୪ଟି ଶତକ ରହିଛି। ଅଧିନାୟକ ଭାବେ ଗୋଟିଏ ଟେଷ୍ଟ ସିରିଜ୍‌ରେ ଅଷ୍ଟ୍ରେଲିଆର ଡନ୍ ବ୍ରାଡ୍‌ମ୍ୟାନ୍ ସର୍ବାଧିକ ୮୧୦ ରନ୍ କରିଛନ୍ତି।

ଭାରତର ଦ୍ୱିତୀୟ ଇନିଂସରେ ରାହୁଲ ଓ ଗିଲ୍ ସେମାନଙ୍କ ତୃତୀୟ ୱିକେଟ ପାର୍ଟନରସିପ୍‌ରେ ୪୨୧ ବଲ୍ ଖେଳିଥିଲେ। ଏକବିଂଶ ଶତାବ୍ଦୀରେ ଇଂଲଣ୍ଡରେ ଭାରତ ଖେଳିଥିବା ଟେଷ୍ଟରେ ପାର୍ଟନରସିପ୍‌ରେ ଏହା ସର୍ବାଧିକ ବଲ୍। ପୂର୍ବରୁ ୨୦୦୨ରେ ହେଡିଂଲେରେ ଐତିହାସିକ ବିଜୟରେ ରାହୁଲ ଦ୍ରାବିଡ୍ ଓ ସଞ୍ଜୟ ବାଙ୍ଗର ପାର୍ଟନରସିପ୍‌ରେ ୪୦୫, ସଚିନ ତେନ୍ଦୁଲକର ଓ ସୌରଭ ଗାଙ୍ଗୁଲି ୩୫୭ଟି ବଲ୍ ଖେଳିଥିଲେ।

## ୩୯ ବଲ୍‌ରେ ଡି ଭିଲର୍ସଙ୍କ ଶତକ

ହେଡିଂଲୀ, ୨୭।୭ (ଏଜେନ୍ସି): ଅବସରପ୍ରାପ୍ତ କ୍ରିକେଟର୍‌ଙ୍କୁ ନେଇ ଇଂଲଣ୍ଡରେ ଚାଲିଥିବା ୱାର୍ଲ୍ଡ ଚାମ୍ପିଅନ୍ସ ଅଫ୍ ଲିଜେଣ୍ଡ ଟୁର୍ଣ୍ଣାମେଣ୍ଟରେ ଏବି ଡି ଭିଲର୍ସ ବିସ୍ଫୋରକ ଶତକୀୟ ପାଳି ଖେଳିଛନ୍ତି। ରବିବାର ଅଷ୍ଟ୍ରେଲିଆ ଚାମ୍ପିଅନ୍ସ ବିପକ୍ଷ ମ୍ୟାଚରେ ଦକ୍ଷିଣ ଆଫ୍ରିକା ଚାମ୍ପିଅନ୍ସର ଡି ଭିର୍ଲସ ୩୯ ବଲରେ ଶତକ ପୂରଣ କରିଛନ୍ତି। ଏହି ମ୍ୟାଚରେ ସେ ୪୬ ବଲ୍ ଖେଳି ୧୫ ଚୌକା ଓ ୮ ଛକା ସହ ୧୨୩ ରନରେ ଆଉଟ୍ ହୋଇଥିଲେ। ସେ ଗୁରୁବାର ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ୪୧ ବଲରେ ଶତକ ହାସଲ କରିଥିଲେ।

## ଅଷ୍ଟ୍ରେଲିଆର ରେକର୍ଡ ରନ ଚେଜ୍

ସେଣ୍ଟ କିଟ୍ସ, ୨୭।୭ (ଏଜେନ୍ସି): ଘରୋଇ ୱେଷ୍ଟଇଣ୍ଡିଜ ବିପକ୍ଷରେ ଅଷ୍ଟ୍ରେଲିଆ କ୍ରମାଗତ ୪ର୍ଥ ଟି-୨୦ ମ୍ୟାଚ୍ ଜିତିଛି। ରବିବାର ଅନୁଷ୍ଠିତ ୪ର୍ଥ ଟି-୨୦ରେ ୱେଷ୍ଟଇଣ୍ଡିଜ ବ୍ୟାଟିଂ କରି ୯ ୱିକେଟ୍‌ରେ ୨୦୫ ରନ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୪ ବଲ୍ ପୂର୍ବରୁ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଏଥିସହ ଅଷ୍ଟ୍ରେଲିଆ ୪-୦ରେ ସିରିଜ ଅଗ୍ରଣୀ ରହିଛି। ଏହି ବିଜୟ ସହ ଅଷ୍ଟ୍ରେଲିଆ ଟି-୨୦ରେ ରେକର୍ଡ ୭ମଥର ଲାଗି ୨୦୦ରୁ ଊର୍ଦ୍ଧ୍ୱ ରନକୁ ଚେଜ୍ କରିଛି।

## ଦୀପରଞ୍ଜନଙ୍କୁ କାଂସ୍ୟ ପଦକ

ଭୁବନେଶ୍ୱର, ୨୭।୭ (ସମିସ): ଓଡ଼ିଶାର ଦୀପରଞ୍ଜନ ବିଶୋଇ ୱେଲ୍ସର କାର୍ଡିଫ୍‌ଠାରେ ଅନୁଷ୍ଠିତ ବ୍ରିଟିଶ ଆଣ୍ଡ ଇରିଶ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ପୁରୁଷ ଯୁଗଳ ଏସଏଲ୩-ଏସ୍ଏଲ୍୪ କାଟାଗୋରୀରେ ଓଡ଼ିଶାର ଦୀପରଞ୍ଜନ ଓ ଉତ୍ତରାଖଣ୍ଡର ମନୋଜ ସରକାର ସେମିଫାଇନାଲରେ ପରାଜିତ ହୋଇଥିଲେ। ଫଳରେ ଉଭୟଙ୍କୁ କାଂସ୍ୟ ପଦକ ମିଳିଥିଲା। ଏହି ଲେଭେଲ-୧ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇ ସଫଳତା ହାସଲ କରିଥିବାରୁ ଦୀପରଞ୍ଜନ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ପାରା ସ୍ପୋର୍ଟ୍ସ ଆସୋସିଏସନକୁ ଧନ୍ୟବାଦ ଜଣାଇଛନ୍ତି।



ଗ୍ରୀନ୍ ବେଜ୍ କ୍ଲାସିକ୍ ସ୍ନୁକର

## ରୁମିତ ଓ ମିଶାଲ ମୁଖ୍ୟ ଡ୍ର'ରେ

ଭୁବନେଶ୍ୱର, ୨୭।୭ (ସମିସ): ଆଇଆର୍‌ସି ଭିଲେଜ୍‌ସ୍ଥିତ ଭିନଷ୍ଟେଜ କ୍ଲବ ପରିସରରେ ଚାଲିଥିବା ଗ୍ରୀନ୍ ବେଜ୍ କ୍ଲାସିକ ଅଲ୍ ଓଡ଼ିଶା ଓପନ୍ ୧୦-ରେଡ୍ ସ୍ନୁକର ଚାମ୍ପିଅନସିପର ମୁଖ୍ୟ ଡ୍ର' ସ୍ପଷ୍ଟ ହୋଇଛି। ଉଦୀୟମାନ ଖେଳାଳି ରୁମିତ ଗୁପ୍ତା ଓ ମିଶାଲ ସ୍ୱାଇଁଙ୍କ ସମେତ ୧୬ଜଣ ଖେଳାଳି ଯୋଗ୍ୟତା ପର୍ଯ୍ୟାୟ ମୁକାବିଲାରେ ଡବଲ ବିଜୟ ହାସଲ କରି ମୁଖ୍ୟ ଡ୍ର'ରେ ପ୍ରବେଶ କରିଛନ୍ତି। ଅନ୍ୟ ଖେଳାଳିମାନେ ହେଲେ ଚେତନ ଆନନ୍ଦ, ଜ୍ଞାନ ଦାସ, ନିଶି ପ୍ରକାଶ ଦାସ୍, ଅମିତ ସିଂ, ସତ୍ୟଦୀପ ଦାସ, ଜିତେନ ଷଡଙ୍ଗୀ, ଜାକିର ଅଲି ଖାନ୍, ରାହୁଲ ହାଲି, ବରୁଣ ପୂର୍ବା, ପ୍ରକାଶ ସାହୁ, ପି. ଗୋବିନ୍ଦ ରାଓ ଓ ଅଲତାଫ ଅଲି। ଆସନ୍ତାକାଲିଠାରୁ ମୁଖ୍ୟ ଡ୍ର ଖେଳ ଆରମ୍ଭ ହେବ।



## ସାହାଣୀ କପ୍ | ଫାଇନାଲରେ କଟକ-ସମ୍ବଲପୁର



କଟକ,୨୭।୭(ସମିସ): ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ଚାଲିଥିବା ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍‌ର ଫାଇନାଲରେ କଟକ ଓ ସମ୍ବଲପୁର ଦଳ ଭେଟ ହେବେ। ଦ୍ୱିତୀୟ ସେମିଫାଇନାଲରେ ରବିବାର କୋରାପୁଟକୁ ପରାସ୍ତ କରି ସମ୍ବଲପୁର ଫାଇନାଲରେ ପ୍ରବେଶ କରିଥିଲା। ସମ୍ବଲପୁର ଟାଇବ୍ରେକର୍‌ରେ ୧(୫)-୧(୪) ଗୋଲରେ ବିଜୟୀ ହୋଇଥିଲା। କଟକ ଫାଇନାଲରେ ସ୍ଥାନ ସୁରକ୍ଷିତ କରି ସାରିଛି। କଟକ ଓ ସମ୍ବଲପୁର ଭିତରେ ଦୁଇଟି ଫାଇନାଲ ମ୍ୟାଚ୍ ଖେଳାଯିବ। ୧ ତାରିଖରେ ବୌଦ୍ଧରେ ଏବଂ ୩ ତାରିଖରେ କେନ୍ଦୁଝରରେ ଫାଇନାଲ ମୁକାବିଲା ହେବ।

## ରାଜ୍ୟ ସ୍କୁଲ ଓପନ ଚେସ୍ | ଆଦ୍ୟ ଅଦ୍ୱିତ୍, ସାଇ ସ୍ୱାଗତ ଚାମ୍ପିଅନ



ଭୁବନେଶ୍ୱର, ୨୭।୭ (ସମିସ): ଓଡ଼ିଶା ରାଜ୍ୟ ଚେସ ସଂଘ ଓ ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ (ବିଜେଇଏମ୍) ସ୍କୁଲ ଆନୁକୂଲ୍ୟରେ ଦ୍ୱିତୀୟ ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତା ସ୍କୁଲର ଦ୍ୱିତୀୟ କ୍ୟାମ୍ପସରେ ଆଜି ଅନୁଷ୍ଠିତ ହୋଇଛି। ଦୁଇଟି ବିଭାଗ ଯଥା ମିନି ଓ ସବଜୁନିଅର କାଟାଗୋରୀରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହା ମଧ୍ୟରୁ ମିନିରେ ସାଇ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ଆଦ୍ୟ ଅଦ୍ୱିତ୍ ଦାସ ଚାମ୍ପିଅନ ପୋଖରୀପୁଟ ଡିଏଭି ସ୍କୁଲ୍‌ର ସାଇ ସ୍ୱାଗତ ପରିଜା ରନର୍ସ ଅପ୍ ହୋଇଥିଲେ। ଚନ୍ଦ୍ରଶେଖରପୁର ଡିଏଭିର ମୟଙ୍କ ବରାଳ ତୃତୀୟ ଓ ଖଣ୍ଡଗିରି ମଦର୍ସ ପବ୍ଲିକ୍ ସ୍କୁଲ୍‌ର ରେୟାଂଶ ମହାନ୍ତି ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ସେହିପରି କଟକ ଏସ୍‌ସିବି ମେଡିକାଲ କଲେଜ୍ ଡିଏଭି ପବ୍ଲିକ୍ ସ୍କୁଲ୍‌ର ସାଇ ସ୍ୱାଗତ ପଣ୍ଡା ଓ କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ସ୍ୱରୂପ ସାହୁ ରନର୍ସ ଅପ୍ ହୋଇଛନ୍ତି। ଭୁବନେଶ୍ୱର ଏପିଜେର ପ୍ରାଂଶୁ ଦାଶ ତୃତୀୟ ଓ ଜଟଣୀ ପୂର୍ବତଟ ରେଳବାଇ ଏମ୍‌ଏଚ୍‌ଏସ୍ ସ୍କୁଲ୍‌ର ହିମାଂଶୁ ଶେଖର ସାହୁ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାକୁ ବିଜେଇଏମ୍ ପ୍ରିନ୍ସିପାଲ ବରଦା ପ୍ରସାଦ ପାଇକରାୟ ଉଦ୍‌ଘାଟନ କରିଥିଲାବେଳେ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।






# ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତକୁ ୧୨ ପଦକ

ଭୁବନେଶ୍ୱର, ୨୭।୭ (ସମିସ):



ଜର୍ମାନୀରେ ଶେଷ ହୋଇଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୩୨ତମ ସଂସ୍କରଣ ଭାରତୀୟ ଦଳ ୧୨ ପଦକ ଜିତି ଅଭିଯାନ ଶେଷ କରିଛି। ଯେଉଁଥିରେ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳ ୨ ସ୍ୱର୍ଣ୍ଣ ଏବଂ ୫ଟି ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ରହିଛି। ପଦକ ତାଲିକାରେ ଭାରତ ୨୦ତମ ସ୍ଥାନରେ ରହିଛି। ତୀରନ୍ଦାଜୀରେ ସବୁଠୁ ସଫଳ ପ୍ରଦର୍ଶନ କରି ଭାରତ ୨ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ସହ ଗୋଟିଏ କାଂସ୍ୟ ପଦକ ଜିତିଥିଲା। ଏହାପରେ ଆଥ୍ଲେଟିକ୍ସରେ ୩ଟି ରୌପ୍ୟ ଓ ୨ଟି କାଂସ୍ୟ ପଦକ ଆସିଥିଲା। ଉଦ୍‌ଯାପନୀ ଦିବସରେ ଭାରତ ୫ଟି ପଦକ ଜିତିଥିବାବେଳେ ସମସ୍ତ କ୍ରୀଡ଼ାବିତ୍ କିଟ୍ ବିଶ୍ୱବିଦ୍ୟାଳୟର ରହିଥିଲେ। ଟ୍ରିପଲ ଜମ୍ପରେ ପ୍ରବୀଣ ଚିତ୍ରାଭେଲ୍, ୩୦୦୦ ମିଟର ବାଧାଦୌଡ଼ରେ ଅଙ୍କିତା ଓ ମହିଳା ୫୦୦୦ ମିଟରରେ ସୀମା ରୌପ୍ୟ ପଦକ ଏବଂ ୨୦ କିମି ଚାଲି ଟିମ୍ ଇଭେଣ୍ଟ ଓ ୪ ଗୁଣା ୧୦୦ ମିଟର ପୁରୁଷ ରିଲେ ଦଳ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ରିଲେ ଦଳରେ ଓଡ଼ିଶାର ଅନିମେଶ କୁଜୁର, ଲାଲୁ ପ୍ରସାଦ ଭୋଇ, ଜୟରାମ ଦଣ୍ଡପତି ସଦସ୍ୟ ରହିଥିଲେ। ପଦକ ବିଜୟୀ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। ଏହି ମେଗା ଇଭେଣ୍ଟରେ ଭାରତରୁ ୩୦୦ ଆଥ୍ଲେଟ୍ ଭାଗନେଇଥିବାବେଳେ ସେଥିରେ କିଟ୍‌ର ୪୦ଜଣ ଏବଂ ଉତ୍କଳ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜଣେ ରହିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS